

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.130, Saturday, 29 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୦, ଶନିବାର, ୨୯ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.130, Saturday, 29 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୦, ଶନିବାର, ୨୯ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org






Vol.13, Issue.130, Saturday, 29 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୦, ଶନିବାର, ୨୯ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


### ରକ୍ଷା ବନ୍ଧନରେ ବଡ଼ ଉପହାର

# ମହିଳାଙ୍କ ଖାତାକୁ ଗଲା ସୁଭଦ୍ରା ଟଙ୍କା

- ନୟାଗଡ଼ରୁ ପଞ୍ଚମ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ
- ୧ କୋଟି ୩ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ୫,୧୬୩ କୋଟି
- ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟିକରି ଓଡ଼ିଶା ଦେଶରେ ପ୍ରଥମ
- ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ନୟାଗଡ଼ ଚିନିକଳ
- ଆରମ୍ଭ ହେବ ବୃତଙ୍ଗ ଜଳସେଚନ ପ୍ରକଳ୍ପ



ଭୁବନେଶ୍ୱର(ବ୍ୟୁରୋ)

ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇ ଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ। ଓଡ଼ିଶାର ଶାସନ ମୁଖ୍ୟ ଭାବେ ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ମତେ ଏକ ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ ଠାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ଅବସରରେ କହିଛନ୍ତି । ଶୁକ୍ରବାର ନୟାଗଡ଼ ଜିଲ୍ଲା ଲାଠିପଡ଼ାଠାରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଗହଣରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି । ରାଜ୍ୟର ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ହିତାଧିକାରୀଙ୍କୁ ୫,୧୬୩ କୋଟି ର ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି । ଉପସ୍ଥିତ ସୁଭଦ୍ରା ମା ଓ ଭଉଣୀ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ "ସୁଭଦ୍ରା ଯୋଜନା କେବଳ ଟଙ୍କା ଆବଣ୍ଟନର ଅବସର ନୁହେଁ, ଏହା ହେଉଛି ନାରୀ ସଶକ୍ତିକରଣର ପ୍ରତୀକ ଏବଂ ରାଜ୍ୟର ଅଧା ଜନସଂଖ୍ୟା ପ୍ରତି ଆମ ସରକାରଙ୍କ ପ୍ରତିବଦ୍ଧତା । ନାରୀ ସଶକ୍ତିକରଣର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ସହାୟତା ପ୍ରଦାନ କରିବା ସଶକ୍ତିକରଣ ନୁହେଁ, ବରଂ ମହିଳାମାନଙ୍କୁ ସାମାଜିକ, ରାଜନୈତିକ ତଥା ଆର୍ଥିକ ସ୍ତରରେ ଆତ୍ମନିର୍ଭର କରି ନିଜ ପାଇଁ ନିଜେ ନିଷ୍ପତ୍ତି ନେବାର ଅଧିକାର ଦେବା ହିଁ ଅସଲ ସଶକ୍ତିକରଣ। ପ୍ରାୟ ୮୦ ପ୍ରତିଶତ ମହିଳା ସୁଭଦ୍ରା ସହାୟତାକୁ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନକରି, ଦୀର୍ଘମିଆଦୀ ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ୮୭.୧୯ ପ୍ରତିଶତ ହିତାଧିକାରୀ ସୁଭଦ୍ରାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି । ମହିଳାଙ୍କ ଆକାଉଣ୍ଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି । ନୟାଗଡ଼ର ରଞ୍ଜୁବାଳା ଓ ସୌଦାମିନୀ ନନ୍ଦ, ଗଞ୍ଜାମର ଗୌରୀ ସାହୁ, ସୁବର୍ଣ୍ଣପୁରର ଭାରତୀ ଜଗଦଳ, ଏବଂ କୋରାପୁଟର ଆରତୀ ଖୋସଲାଙ୍କ ଭଳି ଉଦ୍ୟମୀ ଭଉଣୀମାନଙ୍କ ସଫଳତାର କାହାଣୀ ରାଜ୍ୟର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି ବୋଲି ସେ କହିଛନ୍ତି । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗଠିତ ଓ୍ୱମେନ ଏଣ୍ଟରପ୍ରିନରଶିପ ପ୍ଲାଟଫର୍ମ' ଜରିଆରେ ମହିଳାମାନଙ୍କୁ ବିଜିନେଶ ଆରମ୍ଭ କରିବାକୁ ମାର୍ଗ ଦର୍ଶନ , ଦକ୍ଷତା ପ୍ରଶିକ୍ଷଣ, ବଜାର ସଂଯୋଗ ଏବଂ ଆର୍ଥିକ ସହାୟତା ଇତ୍ୟାଦି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ । ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ । ଏହାସହିତ ମୁଖ୍ୟମନ୍ତ୍ରୀ କନ୍ୟାବିବାହ ■ ପୃଷ୍ଠା-୧୫

### କାଳରାତିର କାହାଣୀ ବଖାଣିଲେ ଚୀନ୍ ନାବିକ

# ୭ ମିନିଟ୍‌ରେ ବୁଡ଼ି ଯାଇଥିଲା ଓସେନ୍ ଓ୍ୱିନର



ପାରାଦୀପ(ଅମୃତ ମିଡ଼ିଆ)

ଅଗଷ୍ଟ ୨୧। ସେଦିନ ଥିଲା ଶୁକ୍ରବାର। ସବୁ ଠିକଠାକ୍ ଚାଲିଥିଲା। ପାରାଦୀପରୁ ଚୀନ୍ ଅଭିମୁଖେ ଯାଉଥିଲା ଜାହାଜ। ରାତି ପ୍ରାୟ ୧୦ଟା ୩୧ ମିନିଟ୍। ହଠାତ୍ ଜାହାଜ ଗୋଟିଏ ପଟକୁ ଢଳିବା ଆରମ୍ଭ କଲା। ଜାହାଜ ବୁଡ଼ିବାକୁ ଯାଉଥିବା ଜାଣି ଡିସଟ୍ରେସ୍ ଆଲାର୍ମ ବଜାଇଥିଲେ କ୍ୟାପଟେନ। ଜାହାଜ ଉପରକୁ ଚାଲିଆସିଥିଲେ ୧୦ ନାବିକ। ଅନ୍ୟ ୧୪ ଜାହାଜ ଭିତରେ ରହିଯାଇଥିଲେ। ମାତ୍ର ୬ରୁ ୭ ମିନିଟ ମଧ୍ୟରେ ବୁଡ଼ି ଯାଇଯାଇଥିଲା ଓସନ୍ ଓ୍ୱିନର। ବାହାରେ ଥିବା ୧୦ ନାବିକ ମଧ୍ୟରୁ ୮ ଜଣ ସମୁଦ୍ରକୁ ଲମ୍ଫ ମାରିଥିଲେ। ଅନ୍ୟ ୨ ନାବିକ ଜାହାଜରେ ଥିବା ଲାଇଫ ରାଫ୍ଟରକୁ ଚଢ଼ିଯାଇଥିଲେ। ତେବେ ଭିତରେ ଥିବା କେହି ଜଣେ ବି ନାବିକ ବାହାରି ପାରିନଥିଲେ। ଜାହାଜ ସହିତ ସମସ୍ତେ ବୁଡ଼ିଯାଇଥିଲେ। ସମୁଦ୍ରକୁ ଲମ୍ଫ ମାରିଥିବା ୮ ନାବିକ ଜାହାଜ ବୁଡିବା ପରେ ସୃଷ୍ଟି ହୋଇଥିବା ଭଉଁରୀ ମଧ୍ୟରେ ପଡ଼ିଯାଇଥିଲେ। ଜାହାଜ ବୁଡ଼ିବା ପରେ ଭଉଁରୀର ତୀବ୍ର ସ୍ରୋତ ସେମାନଙ୍କୁ ଭିତରକୁ ଟାଣି ନେଇଯାଇଥିଲା। ତେବେ ଲାଇଫ୍ ରାଫ୍ଟକୁ ଉଠିଯାଇଥିବାରୁ ୨ ଚୀନ ନାବିକଙ୍କ ଜୀବନ ବଞ୍ଚି ଯାଇଥିଲ। ୨ ଚୀନ ନାବିକଙ୍କୁ ଜାହାଜ ବୁଡ଼ି ବିଷୟରେ ଗୋଟି ଗୋଟି କରି ପ୍ରଶ୍ନ ପଚାରିଥିଲା ତଦନ୍ତକାରୀ ଟିମ। ଏଥିରେ ଇମିଗ୍ରେସନ ଅଧିକାରୀ, ପୋଲିସ, ଗୁଇନ୍ଦା ବିଭାଗର ଅଧିକାରୀ ସାମିଲ ଥିଲେ। ପଚରାଉଚରାରେ ସହାୟତା କରିଥିଲେ କୋଲକାତା ସ୍ଥିତ ଚୀନ ବାଣିଜ୍ୟ ଦୂତାବାସରୁ ଆସିଥିବା ଦୁଇ ମାଣ୍ଡାରିନ ଅନୁବାଦକ। ତଦନ୍ତକାରୀ ଟିମ ଦୁଇ ନାବିକଙ୍କୁ ଏକାଧିକ ପ୍ରଶ୍ନ ପଚାରିଛନ୍ତି। ଜାହାଜରେ ବୁଡ଼ିବାବେଳେ ସେମାନେ କେଉଁଠି ଥିଲେ ? କୌଣସି ଆଲାର୍ମ ବାଜିଥିଲା କି ? ■ ପୃଷ୍ଠା-୧୫

### ଟଙ୍କା ହେରଫେର ଅଭିଯୋଗରେ ଡାଟା ଏଣ୍ଟ୍ରି ଅପରେଟର ଗିରଫ

କଟକ(ବ୍ୟୁରୋ)

କଟକ ଏସସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଆର୍ଥିକ ହେରଫେର ଅଭିଯୋଗରେ ଡାଟା ଏଣ୍ଟ୍ରି ଅପରେଟର ଦୀନେଶ ରାଉତ ଗିରଫ। ୧ କୋଟି ୪୦ ଲକ୍ଷ ଟଙ୍କାର ଆର୍ଥିକ ହେରଫେର ମାମଲାରେ ତାଙ୍କୁ ଗିରଫ କରିଛି ମଙ୍ଗଳାବାଗ ଥାନା ପୁଲିସ। ଏସସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ଦୀନେଶ ରାଉତଙ୍କ ବିରୋଧରେ ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ମେଡିକାଲ କଲେଜର କର୍ମଚାରୀମାନଙ୍କ ଦରମା ସମ୍ପର୍କିତ ତଥ୍ୟ ଓ କାର୍ଯ୍ୟ ଡାଟା ଏଣ୍ଟ୍ରି ଅପରେଟରଙ୍କ ଜରିଆରେ ପରିଚାଳିତ ହେଉଥିଲା। ଅଡିଟ୍ ରିପୋର୍ଟରେ ଦରମା ସମ୍ପର୍କିତ ତଥ୍ୟରେ ହେରଫେର କରାଯାଇଥିବା ଏବଂ ଏହା ମାଧ୍ୟମରେ ବଡ଼ ଧରଣର ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ଏହା ପରେ ଏସସିବି ଅଧୀକ୍ଷକଙ୍କ ପକ୍ଷରୁ ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଥିଲା। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଗିରଫ କରିଛି।

### ଜାଗା ଦେବାକୁ କହି ଠକେଇ ଅଭିଯୋଗ

# ପୂର୍ବତନ ମନ୍ତ୍ରୀଙ୍କ ପୁଅକୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର(ବ୍ୟୁରୋ)



ପୂର୍ବତନ ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ମନ୍ତ୍ରୀ ନୃସିଂହ ସାହୁଙ୍କ ପୁଅ ଅଜିତ କୁମାର ସାହୁଙ୍କୁ ଆଜି(ଶୁକ୍ରବାର) ଭୁବନେଶ୍ୱର-କଟକ ଯୁଗ୍ମ କମିସନରେଟ୍ ପୁଲିସ ଗିରଫ କରିଛି। ତାଙ୍କ ବିରୋଧରେ ଜମି କାରବାରରେ ଠକେଇ ନେଇ ଦିଲ୍ଲୀ ଓ ଭୁବନେଶ୍ୱରରେ ଏକାଧିକ ମାମଲା ଦାଏର ହୋଇଥିଲା। ସୂଚନାନୁସାରେ, କମିସନରେଟ୍ ପୁଲିସର ଏକ ଟିମ୍ ଆଜି ସନ୍ଧ୍ୟାରେ ଚଢ଼ାଉ କରି ଅଜିତଙ୍କୁ ନୟାପଲ୍ଲିସ୍ଥିତ ନୂଆସାହି ବାସଭବନରୁ ଗିରଫ କରିଛି। ତାଙ୍କ ବିରୋଧରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଓ ଦିଲ୍ଲୀର ପଟିଆଲା କୋର୍ଟରେ ମାମଲା ଦାୟର ହୋଇଛି। ତ୍ରିଶୁଳିଆ ଅଞ୍ଚଳରେ ଭଲ ଲୋକେସନ୍‌ରେ ଘରବାଡ଼ି ଜାଗା ଯୋଗାଇଦେବାକୁ କହି ଲକ୍ଷାଧିକ ଟଙ୍କା ନେଇଥିଲେ। ଜାଗା ଦେବାକୁ ଚାପ ପକାଇବାରୁ ବିଭିନ୍ନ ବାହାନା ଦେଖାଇ ଏହାକୁ ଏଡ଼ାଇଚାଲିଥିଲେ। ଅଜିତଙ୍କ ଠକେଇର ଶିକାର ସାଂସଦ ସୁଜିତ କୁମାର ଓ ଅନ୍ୟ ତିନିଜଣ ହୋଇଛନ୍ତି। ସେମାନେ ପୃଥକ ଭାବେ ପୁଲିସ ଥାନାରେ ମାମଲା ଦାଏର କରିଛନ୍ତି। ସାଂସଦ ସୁଜିତ, ଦିଲ୍ଲୀର ତୋଗଲକ ଥାନାରେ ୨୦୨୪ରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହି ମାମଲାରେ ଦିଲ୍ଲୀ ପଟିଆଲା କୋର୍ଟରେ ବାରମ୍ବାର ସମନ ସତ୍ତ୍ୱେ ସେ ହାଜର ହେଉନଥିଲେ। ଫଳରେ ଅଜିତଙ୍କୁ କୋର୍ଟ ପଳାତକ ଘୋଷଣା କରିଥିଲେ। ଏନେଇ କମିସନରେଟ୍ ପୁଲିସ ପକ୍ଷରୁ କୌଣସି ପ୍ରେସ୍ ସୂଚନା ଦିଆଯାଇନାହିଁ। ଏନେଇ ଅଭିଯୁକ୍ତ ଅଜିତ ନିଜ ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କ ବିରୋଧରେ ସମସ୍ତ ଅଭିଯୋଗ ମିଛ। ତାଙ୍କ ବିରୋଧରେ କୋର୍ଟରେ ମାମଲା ହୋଇଥିବା କଥା ସେ ଜାଣନ୍ତି ନାହିଁ। ସେ ଦିଲ୍ଲୀ କୋର୍ଟରୁ କୌଣସି ସମନ ଗ୍ରହଣ କରିନାହାନ୍ତି।

# ନେପାଳ ମୃତ୍ୟୁସଂଖ୍ୟା ୫୮୦ ଟପିଲା

- ଜୀବନ ସନ୍ଧାନରେ ଲାଗିଛନ୍ତି ଉଦ୍ଧାରକାରୀ
- ମୃତଦେହ ରଖିବାକୁ ନାହିଁ ପର୍ଯ୍ୟାପ୍ତ ସ୍ଥାନ
- ୧୫ ଶହ ଲୋକ ନିଖୋଜ ଥିବା ଆଶଙ୍କା
- ଖୋଜିବାରେ ୭୪୫୧ ସୁରକ୍ଷାକର୍ମୀ ନିୟୋଜିତ
- ଡ୍ରୋନ୍ ଯୋଗେ ଦୁର୍ଗମ ସ୍ଥାନ କରାଯାଉଛି ଯାଞ୍ଚ
- ୩୨୦ ଭାରତୀୟଙ୍କ ମିଳୁନି ପତ୍ତା
- ନେପାଳ ବନ୍ୟାରେ ବରଗଡ଼ର ୩ ନିଖୋଜ



କାଠମାଣ୍ଡୁ

ନେପାଳ ବନ୍ୟା ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି । ଏଯାଏଁ ୫୮୦ ଟପିଲାଣି । ଆହୁରି ବଢ଼ିବା ଆଶଂକା । ଅନେକ ଲୋକ ନିଖୋଜ ରହିଛନ୍ତି । ପ୍ରାୟ ୧୫ ଶହ ଲୋକ ନିଖୋଜ ଥିବା ଏପର୍ଯ୍ୟନ୍ତ ଆକଳନ କରାଯାଇଛି । ନେପାଳରେ ୯୦୦ରୁ ଅଧିକ ଲୋକଙ୍କ ପତ୍ତା ମିଳୁନି । ସେହିଭଳି ତିବ୍ବତର ଗିରୋଙ୍ଗ କାଉଣ୍ଟିରେ ୫୫୦ରୁ ଅଧିକ ନିଖୋଜ । ଜୀବନ ସନ୍ଧାନରେ ସମୟ ବିପକ୍ଷରେ ଦୌଡୁଛନ୍ତି ଉଦ୍ଧାରକାରୀ । ନେପାଳ-ତିବ୍ବତରେ ବିଶାଳ ସର୍ଚ୍ଚ ଅପରେସନ୍ । ସେନା ହେଲିକପ୍ଟର ପ୍ରଭାବିତ ପାହାଡ଼ିଆ ଅଞ୍ଚଳରେ ଚକ୍କର କାଟୁଛି । ଡ୍ରୋନ୍ ଯୋଗେ ଦୁର୍ଗମ ସ୍ଥାନ ଯାଞ୍ଚ କରାଯାଉଛି । ସେନା ଓ ସୁରକ୍ଷାକର୍ମୀମାନେ ସ୍ନିଫର୍ ଡଗ୍ ସହ କାଦୁଅ ଓ ଧ୍ୱଂସାବଶେଷ ଭିତରେ ତଲାସୀ କରୁଛନ୍ତି । ନେପାଳରେ ହେଲିକପ୍ଟର ଯୋଗେ ଶତାଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ରେସକ୍ୟୁ ମଧ୍ୟ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ନେପାଳରେ ପ୍ରାୟ ୪୦ କିଲୋମିଟର ରାସ୍ତା ସହ ୧୯ଟି ପୋଲ ନଷ୍ଟ ହୋଇଯାଇଛି । ନେପାଳ ଜଳପ୍ରଳୟରେ ୩୨୦ରୁ ଅଧିକ ଭାରତୀୟ ନିଖୋଜ ଅଛନ୍ତି । ସେମାନଙ୍କ ସହ ଯୋଗାଯୋଗ ହୋଇ ପାରୁନାହିଁ । ଏନେଇ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି । ଗତକାଲି ଉଦ୍ଧାର ହୋଇଥିବା ୨୧ ଭାରତୀୟ ଆଜି ଭାରତ ପହଞ୍ଚିଛନ୍ତି । ତେବେ ଚୀନ ପାର୍ଶ୍ୱରେ ଥିବା ୪୦୦ ଭାରତୀୟ ସୁରକ୍ଷିତ ଅଛନ୍ତି । ୮୫ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି । ଘଟଣାର ୩ୟ ଦିନରେ ମଧ୍ୟ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଏଥିପାଇଁ ୭୪୫୧ ସୁରକ୍ଷାକର୍ମୀ ନିୟୋଜିତ ରହିଛନ୍ତି । ଏଥିରେ ନେପାଳ ସେନାର ୨,୩୯୧ ଯବାନ ସାମିଲ ରହିଛନ୍ତି । ତେବେ ସ୍ଥିତି ଏଭଳି ହେଲାଣି ଯେ, ମୃତଦେହଗୁଡ଼ିକୁ ରଖିବାକୁ ପର୍ଯ୍ୟାପ୍ତ ସ୍ଥାନ ନାହିଁ । ମୃତଦେହଗୁଡ଼ିକୁ ନୁଓ୍ୱାକୋଟ, ଚିତଓ୍ୱାନ, ତାନାହୁନ ଓ ନବଲପରାସି ସମେତ କେନ୍ଦ୍ରୀୟ ନେପାଳର ବିସ୍ତୃତ ଅଞ୍ଚଳରେ ଉଦ୍ଧାର କରାଯାଇଛି । ସ୍ଥାନୀୟ ହସ୍ପିଟାଲଗୁଡ଼ିକରେ ସ୍ଥାନ ସରିଯିବା ପରେ ଅନେକ ଜିଲ୍ଲାର କର୍ତ୍ତୃପକ୍ଷ ମୃତଦେହଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଛନ୍ତି । ଅଧିକ ମୃତଦେହ ଉଦ୍ଧାର ହେଲେ ଏସବୁର ସଂରକ୍ଷଣ ପାଇଁ ଅସ୍ଥାୟୀ ସୁବିଧା ପ୍ରସ୍ତୁତ କରାଯାଉଛି । ଅନ୍ୟପଟରେ ଭୟଙ୍କର ବନ୍ୟାରେ ■ ପୃଷ୍ଠା-୧୫

### ସେ କହିଲେ...



୬ଟି ଐତିହାସିକ ବୁଝାମଣା ପତ୍ର ଓଡ଼ିଶା କୃଷି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଗ୍ରାମୀଣ ଡାକ ସେବକଙ୍କ ଜରିଆରେ ଆଗ୍ରିଷ୍ଟାକ୍ ପଞ୍ଜିକରଣ ଏବଂ ଇକ୍ରିସାଟ୍ ଓ ଏମଏସଏସଆରଏଫ୍ ଭଳି ସଂସ୍ଥା ସହ ମିଶି ଆମେ ଚାଷୀଙ୍କୁ ସଶକ୍ତ କରୁଛୁ। ଏହାଦ୍ୱାରା ଡାଲି ଓ ତୈଳବୀଜ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବା ସହ ସରକାରୀ ଯୋଜନାଗୁଡ଼ିକ ସିଧାସଳଖ ଚାଷୀଙ୍କ ପାଖରେ ପହଞ୍ଚିପାରିବ।' ଡାକ ବିଭାଗ ସହ ହୋଇଥିବା ଚୁକ୍ତି ଦ୍ୱାରା ଗ୍ରାମୀଣ ଡାକ ସେବକମାନେ ଗାଁ ଗାଁରେ ପହଞ୍ଚି ଚାଷୀଙ୍କ ପଞ୍ଜିକରଣ, କୃଷକ ଆଇଡି ତିଆରି, ସିଏମ୍ କିଷାନ, ପିଏମ୍ କିଷାନ ଇ-କେଓ୍ୱାଇସି ଏବଂ ଆଧାର ସଂଯୋଗୀକରଣ ଭଳି ସେବା ଯୋଗାଇଦେବେ।

**କନକ ବର୍ଦ୍ଧନ ସିଂହଦେଓ**

ଉପମୁଖ୍ୟମନ୍ତ୍ରୀ

### ଗୋଳମାଳିଆ ସୁନ୍ଦରଗଡ଼ ବିଜେପି ରାଜନୀତି

# 'ମୋ ସହ ଲାଗିଲେ ଜାଳିକି ସଫା କରିଦେବି'

**କାହିଁକି ଏତେ ରାଗ, କାହାକୁ ଏଭଳି ଆକ୍ଷେପ, କିଏ ତୁମ ସହ ଲାଗୁଛି, କାହାକୁ ଜାଳି ସଫା କରିଦେବ... ଏଭଳି ପ୍ରଶ୍ନ ଆସିବା ସ୍ୱାଭାବିକ। କାହିଁକି ନା ଯାହାହେଉ ପଛେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ମୁହଁରୁ ଏଭଳି ରାଗ ତମତମ କଥା କେବେ ଶୋଭାପାଏନା। ରାଉରକେଲା ସର୍କିଟ ହାଉସ୍‌ରୁ ଅପରାଧୀ ଗିରଫ ଓ ବନ୍ଧୁକ ଜବତ ଘଟଣାରେ ବିଜେପିର ଯୁବନେତା (ନିଲମ୍ବିତ) ପ୍ରକାଶ ପାଶଓ୍ୱାନଙ୍କ ନାମ ସାମ୍ନାକୁ ଆସିବା ପରେ ଚର୍ଚ୍ଚାର ପରିସରକୁ ଆସିଥିବା ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଶୁକ୍ରବାର ଦେଇଛନ୍ତି ଏଭଳି ବିସ୍ଫୋରକ ବୟାନ। ବିରୋଧୀ ନୁହନ୍ତି, ତାଙ୍କ ନିଜ ଦଳର କିଛି ନେତାଙ୍କ ଉପରେ ସେ କ୍ଷୁବ୍ଧ ଥିବା ତାଙ୍କ ବୟାନରୁ ସ୍ପଷ୍ଟ ହୋଇଛି। ତେବେ ସେ କାହା ନାଁ ନେଇ ନଥିଲେ ହେଁ ଦଳରେ ଗୋଷ୍ଠୀକନ୍ଦଳ ଯେ ତୀବ୍ର, ତାହା ସହଜେ ବାରିହୋଇ ପଡୁଛି।**



- କାହାକୁ ଇଙ୍ଗିତ କରି ଏଭଳି କହିଲେ ଜୁଏଲ
- ତୀବ୍ର ହେଲାଣି ବିଜେପିରେ ଗୋଷ୍ଠୀକନ୍ଦଳ
- ଅପରାଧୀ ପ୍ରକାଶ ଗିରଫ ପରେ ବଢ଼ିଲା ଅଡୁଆ

ଭୁବନେଶ୍ୱର (ବ୍ୟୁରୋ)

ଭୁବନେଶ୍ୱର ସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତିକ୍ରିୟା ଦେଇ ଜୁଏଲ ଓରାମ କହିଥିଲେ, ରାଉରକେଲାରେ ଗତ କିଛିଦିନ ହେବ କିଛିଲୋକ ପଇସାପତ୍ର ଖର୍ଚ୍ଚ କରି ମୋତେ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ଏବଂ କିଛି ଅପପ୍ରଚାରରେ ଲାଗିଛନ୍ତି। ଭାବୁଛନ୍ତି ଯେ, ଜୁଏଲ ଓରାମ ଡ୍ରପ୍ ହୋଇଗଲେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ତାଙ୍କୁ ସ୍ଥାନ ମିଳିଯିବ। କିଛି ଲୋକ ଏ ପ୍ରକାର ଚେଷ୍ଟା କରୁଛନ୍ତି। ଏ ପାର୍ଟିକୁ ମୁଁ ରକ୍ତମାଂସ ଦେଇ ବନେଇଛି। ଏ ପାର୍ଟିକୁ ମୁଁ ଚିହ୍ନିଛି। ଆଉ ପାର୍ଟି ମୋତେ ଯେତିକି ସ୍ଥାନ ଦେଇଛି, ତାହା ଯଥେଷ୍ଟ। ମୋ ରେପୁଟେସନ ବାବଦରେ ଯଦି କେହି ହାତ ଉଠାଇବେ, ତା'ହେଲେ ସେ ହାତକୁ କାଟି ଫିଙ୍ଗି ଦେବାର ତାକତ୍ ମୁଁ ରଖୁଛି। ଖୋଲା ଚ୍ୟାଲେଞ୍ଜ ଦେଇ ସେ କହିଛନ୍ତି, ମୁଁ ରାଜନୀତିକ ନିର୍ବାଚନ ଲଢ଼ିବି ନାହିଁ ବୋଲି କହିଥିଲି। କିନ୍ତୁ ମୁଁ ଆଉ ଥରେ ନିର୍ବାଚନ ଲଢ଼ିବି। ଆଉ ମୁଁ ଦେଖିବି କେଉଁ କେଉଁମାନେ ମୋ ବିରୋଧରେ କାମ କରୁଛନ୍ତି, ସେମାନଙ୍କର କ'ଣ ଅବସ୍ଥା ହେବ ଓ ସେମାନଙ୍କର ମୁଁ କ'ଣ କରିବି।

ଶ୍ରୀ ଓରାମ କହିଛନ୍ତି, ଅନ୍ୟ ପାର୍ଟିରୁ ଆସି ମୋ ପାର୍ଟିରେ ପଶି କିଛି ପଇସାପତ୍ର ଖର୍ଚ୍ଚ କରି ମୋତେ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି। ଏହାକୁ ମୁଁ ନିନ୍ଦା କରୁଛି। ମୁଁ ଏ ବିଷୟରେ ଦଳର ସାଧାରଣ ସଂପାଦକ ମାନସ ମହାନ୍ତିଙ୍କୁ ସବୁ କଥା କହିଛି। ସେମାନେ ଏ ସଂପର୍କରେ ଆଲୋଚନା କରିବେ ଓ ନ୍ୟାୟ ଦେବେ। ଆବଶ୍ୟକ ହେଲେ କେନ୍ଦ୍ରୀୟ ନେତୃତ୍ୱଙ୍କୁ ମଧ୍ୟ ମୁଁ ଏ ବିଷୟରେ ଅବଗତ କରାଇବି। ମୋତେ ଯିଏ ଅପଦସ୍ଥ କରିବା ପାଇଁ ଚେଷ୍ଟା କରିବ, ତାକୁ ଜାଳି ସଫା କରିଦେବି।

ସୂଚନାଯୋଗ୍ୟ, ପ୍ରକାଶ ପାଶଓ୍ୱାନ ହେଉଛନ୍ତି ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ରାଉରକେଲା ମହାନଗର ନିଗମ ପ୍ରତିନିଧି। କିଛି ଅପରାଧୀଙ୍କ ପାଇଁ ରାଉରକେଲା ସର୍କିଟ ହାଉସ ବୁକ୍ କରିବାରେ ପ୍ରକାଶ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ। ଅଗଷ୍ଟ ୧୪ରୁ ଫେରାର ଥିବା ପ୍ରକାଶଙ୍କୁ ୧୧ ଦିନ ପରେ ବିହାରରୁ ଗିରଫ କରାଯାଇଛି। ଏହି ଘଟଣାରେ ଏଯାବତ୍ ୧୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପ୍ରକାଶଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ସଂଖ୍ୟା ୨୦ରେ ପହଞ୍ଚିଛି। ଏହି ଘଟଣାରେ ପ୍ରକାଶଙ୍କ ସଂପୃକ୍ତି ଅଭିଯୋଗ ଆସିବା ପରେ ବିଜେପି ତାଙ୍କୁ ନିଲମ୍ବନ କରିଛି।



# ଖଣି ବିତର୍କ ଓ ଏହାର ସମାଧାନ

**ବଢୁଛି ବିବାଦ। ଦୂର ହେଉନି ଦ୍ୱନ୍ଦ୍ୱ। କେବଳ ରାଜନୈତିକ କାଦୁଅ ଫିଙ୍ଗା ଚାଲିଛି। ବିଭିନ୍ନ ଦଳରେ ଗୋଳିଆଘାଣ୍ଟ ହେଉଛି ଗୋଟିଏ ପ୍ରସଙ୍ଗ। ଗତ କିଛିଦିନ ହେଲା ଚାଲିଛି ଆଲୋଚନା ସମାଲୋଚନା। ଏମଏମଡିଆର ବିଲ୍‌ର ଲାଭ କ୍ଷତିକୁ ନେଇ ସମୀକ୍ଷା ଚାଲିଛି। ଦ୍ୱନ୍ଦ୍ୱରେ ରହିଛନ୍ତି ଓଡ଼ିଶାବାସୀ। ରତ୍ନଗର୍ଭା ଓଡ଼ିଶାରେ ସବୁଥାଇ ବି ଓଡ଼ିଆମାନେ ଆଜି ଗରିବ। କୋଟି କୋଟି ଟଙ୍କାର ଖଣିଖାଦାନ ରହିଛି। କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଲହାପଥର ସବୁ ରହିଥିବା ବେଳେ ରାଜ୍ୟରେ କିମ୍ୱା ଖଣି ଅଞ୍ଚଳରେ ବିକାଶର କାଣିଚାଏ ଚିତ୍ର ଦେଖିବାକୁ ମିଳୁନାହିଁ। ପରିଚାଳନାଗତ ତ୍ରୁଟି ଓ ବ୍ୟବସ୍ଥାରେ ଅବହେଳା ଯୋଗୁଁ ଏଭଳି ପରିସ୍ଥିତି ଦେଖିବାକୁ ମିଳୁଛି। ରାଜନୈତିକ ବାଦବିବାଦ, ସ୍ୱଚ୍ଛତାହୀନ ଗତିଶୀଳତା ଓ ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ କାଳେ କାଳେ ଓଡ଼ିଆମାନେ ଏଭଳି ସ୍ଥିତିରେ ପଡ଼ିରହିଛନ୍ତି।**

ସୁଶାନ୍ତ କୁମାର ଦାସ

ରାଜନୀତିରେ ପ୍ରସଙ୍ଗ ହେଉଛି ଏକ ବଡ଼ ଅସ୍ତ୍ର। ଏହି ଅସ୍ତ୍ର ପ୍ରୟୋଗ କରି ରାଜନୈତିକ ଦଳମାନେ ମତଦାତାମାନଙ୍କ ମଧ୍ୟରେ ସଚେତନତା ବଢ଼ାଇ ନିଜର ଭୋଟ୍ ବ୍ୟାଙ୍କ ପ୍ରସ୍ତୁତ କରିଥାନ୍ତି। ବର୍ତ୍ତମାନ ଓଡ଼ିଶା ରାଜନୀତିରେ ଯେଉଁ ପ୍ରସଙ୍ଗ ନେଇ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ - ଶାସକ ଭାରତୀୟ ଜନତା ପାର୍ଟି, ବିରୋଧୀ ବିଜୁ ଜନତା ଦଳ ଓ କଂଗ୍ରେସ ନିଜର ପତିଆରା ବୃଦ୍ଧି କରିବାକୁ ଚାହୁଁଛନ୍ତି, ତାହା ହେଲା ନିକଟରେ ପାର୍ଲାମେଣ୍ଟରେ ପାରିତ ହୋଇଥିବା ଖଣି ଓ ଖଣିଜ ସମ୍ପଦ (ବିକାଶ ଓ ନିୟନ୍ତ୍ରଣ ସଂଶୋଧନ) ବିଲ୍- ୨୦୨୬। ଏହା କେତେ ସୁବିଧା ଓ ଅସୁବିଧା ଆଣିଦେବ, ତାହା ତ ଦୂରର କଥା, ହେଲେ ରାଜନୀତି କରିବାକୁ ବିଭିନ୍ନ ଦଳକୁ ଏକ ସୁଯୋଗ ମିଳିଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ତୁମ୍ବିତୋଫାନ କରିଥିବା ବେଳେ ଶାସନ ବିଜେପି ଏହାକୁ ଏକ ଲାଭଜନକ ପଦକ୍ଷେପ ବୋଲି କହିଆସୁଛି।



## ବିଜେପିକୁ ଦୋଷଦେଲେ ବିରୋଧୀ

ଖଣି ଓ ଖଣିଜ ସମ୍ପଦ (ବିକାଶ ଓ ନିୟନ୍ତ୍ରଣ) ବିଲ୍- ୨୦୨୬କୁ ସଂକ୍ଷେପରେ ଏମ୍‌ଏମ୍‌ଡିଆର (ସଂଶୋଧନ) ବିଲ୍, ୨୦୨୬ କୁହାଯାଉଛି । ମୁଖ୍ୟ ବିରୋଧୀ ଦଳ ବିଜୁ ଜନତା ଦଳ ବା ବିଜେଡିର ମୁଖିଆ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତାରେ ଏହି ବିଲ୍ ସଂଶୋଧନ ଦ୍ୱାରା ଓଡ଼ିଶା ବ୍ୟାପକ ପରିମାଣରେ କ୍ଷତିଗ୍ରସ୍ତ ହେବ ବୋଲି କହିଛନ୍ତି। ତାଙ୍କ ହିସାବ ଅନୁସାରେ ରାଜ୍ୟ ବାର୍ଷିକ ପ୍ରାୟ ଏକଲକ୍ଷ କୋଟି ଟଙ୍କା ରାଜସ୍ୱ ହରାଇବ। ଏହି ବିଲ୍ ପାରିତ ହେବା ବେଳେ ବିଜେପିର ୨୦ ସାଂସଦ ଲୋକସଭାରେ ନୀରବ ରହିବାକୁ ସେ ସମାଲୋଚନା କରିଛନ୍ତି। ବିଭିନ୍ନ ସାମ୍ବାଦିକ ସମ୍ମିଳନୀ କରି ବିଜେପି ବିରୋଧରେ ବିଷୋଦଗାର କରିଛି। ରାଜ୍ୟସ୍ୱାର୍ଥ ଉପରେ ସାଲିସ କରାଯାଇପାରିବ ନାହିଁ ଓ ଏନେଇ ଆମେ ଲଢେଇ ଜାରି ରଖିବୁ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ଏ ନେଇ ସେ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ଦାବି ଜଣାଇଛନ୍ତି। ରାଜ୍ୟର ଅନ୍ୟତମ ବିରୋଧୀ ଦଳ କଂଗ୍ରେସ ମଧ୍ୟ ଏହି ବିଲ୍ ନେଇ ନିଜର ବିରୋଧାଭାସ ପ୍ରକାଶ କରିଛି। ଏହି ସଂଶୋଧନ ବିଲ୍‌ର ନୂତନ ବ୍ୟବସ୍ଥାକୁ ପ୍ରତ୍ୟାହାର ନକରାଗଲେ, ଦଳ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଘୋଷଣା କରିଛନ୍ତି।

## ବିନା ଚର୍ଚ୍ଚାରେ ଖଣି ବିଲ୍ ପାସ୍

ଏ କଥା ଅନସ୍ୱୀକାର୍ଯ୍ୟ ଯେ, ଖଣିଜ ସମ୍ପଦ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ। ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟରୁ ଆରମ୍ଭ କରି ବିଭିନ୍ନ ଖଣିଜ ସମ୍ପଦ ରାଜ୍ୟର ଶିଳ୍ପ, ରାଜସ୍ୱ, ନିଯୁକ୍ତି ଓ ଭିତ୍ତିଭୂମି ବିକାଶ ସହ ଗଭୀର ଭାବେ ଜଡ଼ିତ। ତେଣୁ ଖଣି ଓ ଖଣିଜ ସମ୍ପଦ ସମ୍ପର୍କିତ ଯେ କୌଣସି କେନ୍ଦ୍ରୀୟ ଆଇନର ପରିବର୍ତ୍ତନ ଓଡ଼ିଶାରେ ରାଜନୈତିକ ତର୍କର ବିଷୟ ହେବା ସ୍ୱାଭାବିକ। ଏତେବଡ଼ ଘଟଣାକୁ କେବେହେଲେ ହାଲକା ଭାବେ ଗ୍ରହଣ କରାଯାଇ ନପାରେ। ମାତ୍ର କିଛି ସମୟ ଭିତରେ ଲୋକସଭାରେ ବାଚନିକ ଭୋଟରେ ଏହି ବିଲକୁ ପାସ୍ କରାଗଲା। ସେଭଳି ଚର୍ଚ୍ଚା କି ଆଲୋଚନା ପୂର୍ବରୁ କିଛି କରାଗଲାନି। କି ଖଣିରୁ ଓଡ଼ିଶା ପାଇବାକୁ ଥିବା ପ୍ରଚୁର ଅର୍ଥ ପ୍ରଦାନ କରାଗଲା ନାହିଁ।

## ଖଣି ରାଜସ୍ୱ ଓ ରାଜ୍ୟର ଅଧିକାରକୁ ନେଇ ପ୍ରଶ୍ନ

ଏମ୍‌ଏମ୍‌ଡିଆର (ସଂଶୋଧନ) ବିଲ୍, ୨୦୨୬ କୁ ନେଇ ଏବେ ଠିକ୍ ସେହି ପରିସ୍ଥିତି ସୃଷ୍ଟି ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ବିଲ୍‌କୁ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ପ୍ରଶ୍ନ ଉଠାଇଥିବା ବେଳେ ଭାରତୀୟ ଜନତା ପାର୍ଟି ରାଜ୍ୟ ଶାଖା ଏହାର କଡ଼ା ପ୍ରତିବାଦ କରିଛନ୍ତି। ଉଭୟ ପକ୍ଷର ଯୁକ୍ତିକୁ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ଯେ, ଏହା କେବଳ ଏକ ଖଣି ଆଇନର ସଂଶୋଧନ ନୁହେଁ; ଏହା ଓଡ଼ିଶାର ଖଣିଜ ରାଜସ୍ୱ ଓ ରାଜ୍ୟର ଅଧିକାରକୁ ନେଇ ବଡ଼ ପ୍ରଶ୍ନ। ବିଜେପି ଯୁକ୍ତିର ମୁଖ୍ୟ ଆଧାର ହେଉଛି ଖଣି ରାଜସ୍ୱର ବୃଦ୍ଧି। ଦଳର କହିବା ଅନୁସାରେ, ୨୦୧୪ ପୂର୍ବରୁ ଓଡ଼ିଶାର ଖଣି ରାଜସ୍ୱ ପ୍ରାୟ ୫ ହଜାର କୋଟି ଟଙ୍କା ସୀମାରେ ଥିଲା। ପରବର୍ତ୍ତୀ ସମୟରେ ଖଣି ନିଲାମରେ ସ୍ୱଚ୍ଛତା, ରୟାଲଟି ଓ ଜିଲ୍ଲା ଖଣିଜ ପାଣ୍ଠି ବା ଡିଏମ୍‌ଫ୍ ପରି ବ୍ୟବସ୍ଥା ଆସିବା ପରେ ରାଜ୍ୟର ଖଣିଜ ଆୟ ବହୁଗୁଣିତ ହୋଇଛି। ତାଙ୍କ ଦାବି ଅନୁସାରେ ଏବେ ଏହା ପ୍ରାୟ ୫୦ହଜାର କୋଟି ଟଙ୍କା ସ୍ତରରେ ପହଞ୍ଚିଛି। ଏଠାରେ ମୂଳ ପ୍ରଶ୍ନଟି ହେଉଛି ଏହି ୫ହଜାର କୋଟି ଟଙ୍କା ରାଜସ୍ୱ ଆୟର ବୃଦ୍ଧି ୫୦ହଜାର କୋଟିରେ ପହଞ୍ଚିବାର ଶ୍ରେୟ କେବଳ କେନ୍ଦ୍ରୀୟ ଖଣି ସଂସ୍କାରକୁ ଦିଆଯିବ କି, ନା ଖଣିଜ ଉତ୍ପାଦନ ବୃଦ୍ଧି, ବଜାର ଦର, ରପ୍ତାନି, ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା ଓ ନିଲାମ ପ୍ରକ୍ରିୟା ସମେତ ଅନେକ କାରକ ଏଥିପାଇଁ ଦାୟୀ। ଏହାର ଏକ ନିରପେକ୍ଷ ମୂଲ୍ୟାୟନ ଆବଶ୍ୟକ।

## ଆର୍ଥିକ ସ୍ୱାବଲମ୍ବନର ବଡ଼ ଆଧାର

ଅନ୍ୟପକ୍ଷରେ, ବିଜେଡିର ମୁଖ୍ୟ ଚିନ୍ତା ହେଉଛି ରାଜ୍ୟର ଖଣିଜ ସମ୍ପଦ ଉପରେ ଆର୍ଥିକ ଅଧିକାର। ଏହି ଆଶଙ୍କାକୁ କେବଳ ରାଜନୈତିକ ଅପପ୍ରଚାର ବୋଲି ଅଣଦେଖା କରିଦେବା ମଧ୍ୟ ଠିକ୍ ହେବ ନାହିଁ। କାରଣ ଓଡ଼ିଶାର ଖଣିଜ ସମ୍ପଦ ଏହାର ଭୌଗୋଳିକ ସମ୍ପତ୍ତି ମାତ୍ର ନୁହେଁ, ଏହା ରାଜ୍ୟର ଆର୍ଥିକ ସ୍ୱାବଲମ୍ବନର ଏକ ବଡ଼ ଆଧାର। ତେଣୁ ନୂଆ ବିଲ୍ ରାଜ୍ୟର ରୟାଲଟି, ନିଲାମ ପ୍ରିମିୟମ୍ ଓ ଡିଏମ୍‌ଏଫ ଆଦିରୁ ଆସୁଥିବା ଅର୍ଥରେ ବାସ୍ତବରେ କେତେ ପ୍ରଭାବ ପଡ଼ିବ, ଏହା ସବୁଠାରୁ ଅଧିକ ସ୍ପଷ୍ଟ ହେବା ଦରକାର। ବିଜେପି କହିଛି ନୂତନ ବ୍ୟବସ୍ଥା ଦ୍ୱାରା ରାଜସ୍ୱ କୌଣସି ଭାବରେ ହ୍ରାସ ପାଇବ ନାହିଁ। ଯଦି ଏହି ରାଜସ୍ୱରେ କୌଣସି ହ୍ରାସ ହେଉନାହିଁ, ତେବେ ବିଲ୍‌କୁ ରାଜ୍ୟ ବିରୋଧୀ ବୋଲି କହିବାର ଯୁକ୍ତି ନିହାତି ନିରାଧାର। ଆଉ ଯଦି ଭବିଷ୍ୟତରେ ରାଜ୍ୟର ଆୟ କିମ୍ବା ନୀତି ନିର୍ଦ୍ଧାରଣ କ୍ଷମତା କମିବାର ଆଶଙ୍କା ଥାଏ, ତେବେ ରାଜ୍ୟ ସରକାର ଓ ବିରୋଧୀଙ୍କ ପକ୍ଷରୁ ସେହି ଆଶଙ୍କାକୁ ତଥ୍ୟ ସହ ପ୍ରକାଶ କରିବା ଆବଶ୍ୟକ।

## ଡିଏମ୍‌ଏଫ୍‌ର ଫାଇଦା ପାଉନି ଖଣି ଅଞ୍ଚଳ

ଏହି ବିତର୍କର ଆଉ ଏକ ଦିଗ ରହିଛି। ଓଡ଼ିଶା ଦୀର୍ଘଦିନ ଧରି ଖଣିଜ ସମ୍ପଦର ଅତ୍ୟଧିକ ଶୋଷଣ ଓ ତାହାର ଲାଭର ନ୍ୟାୟସଙ୍ଗତ ବଣ୍ଟନକୁ ନେଇ ପ୍ରଶ୍ନର ସାମ୍ନା କରିଆସୁଛି। ଖଣିଥିବା ଜିଲ୍ଲାଗୁଡ଼ିକରେ ଆଜି ମଧ୍ୟ ପୌଷ୍ଟିକତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ପରିବେଶ ସୁରକ୍ଷା ଭଳି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ। ଡିଏମ୍‌ଏଫ୍‌ରେ ହଜାର ହଜାର କୋଟି ଟଙ୍କା ଜମା ହୋଇଥିଲେ ମଧ୍ୟ ଖଣି ପ୍ରଭାବିତ ଅଞ୍ଚଳର ଲୋକେ ତାହାର ସୁଫଳ କେତେ ପାଇଛନ୍ତି, ସେ ପ୍ରଶ୍ନର ମଧ୍ୟ ଉତ୍ତର ଆବଶ୍ୟକ। ଖଣି ରାଜସ୍ୱ ବଢ଼ିବା ନିଶ୍ଚିତ ଭାବେ ଓଡ଼ିଶା ପାଇଁ ଭଲ ଖବର। କିନ୍ତୁ ରାଜସ୍ୱର ପରିମାଣ ହିଁ ସବୁକିଛି ନୁହେଁ। ଏହି ଟଙ୍କା ଖଣି ପ୍ରଭାବିତ ଲୋକଙ୍କ ଜୀବନମାନ ବଦଳାଉଛି କି, ଖଣି ଅଞ୍ଚଳର ପରିବେଶ ସୁରକ୍ଷିତ ରହୁଛି କି ଏବଂ ଖଣିଜ ସମ୍ପଦରୁ ମିଳୁଥିବା ଲାଭର ଏକ ନ୍ୟାୟସଙ୍ଗତ ଅଂଶ ସ୍ଥାନୀୟ ଲୋକଙ୍କ ପାଖକୁ ପହଞ୍ଚୁଛି କି ? ଏହି ପ୍ରଶ୍ନଗୁଡ଼ିକ ମଧ୍ୟ ସମାନ ଗୁରୁତ୍ୱ ବହନ କରୁଛି।

ନୁହେଁ, ତଥ୍ୟରେ ମିଳିବା ଦରକାର। କେନ୍ଦ୍ର ଓ ରାଜ୍ୟ ଉଭୟଙ୍କୁ ସ୍ପଷ୍ଟ ହିସାବ ଦେବାକୁ ହେବ ଯେ, ଏହାଦ୍ୱାରା ଓଡ଼ିଶା ସମେତ ଅନ୍ୟ ଖଣିଜ ସମ୍ପଦଭରା ରାଜ୍ୟମାନଙ୍କର ସ୍ୱାର୍ଥ କେତେ ପରିମାଣରେ ସାଧିତ ହୋଇପାରିବ। ଖଣିଜ ସମ୍ପଦ ଓଡ଼ିଶାର; ଏହାର ଲାଭ ଓଡ଼ିଶାର ଲୋକଙ୍କ ପାଖକୁ କେତେ ଯାଉଛି, ସେହି ମାପକାଠିରେ ହିଁ ଯେ କୌଣସି ଖଣି ସଂସ୍କାରକୁ ମୂଲ୍ୟାୟନ କରାଯିବା ଉଚିତ। ପ୍ରସଙ୍ଗ ନେଇ ରାଜନୀତି ହେବ। ସରକାର ଆସିବ ଏବଂ ଯିବ। ସେହିପରି ଓଡ଼ିଶାର ଖଣିଜ ସମ୍ପଦ ଚିରସ୍ଥାୟୀ ନୁହେଁ। ତେଣୁ ଆଜିର ବିତର୍କର ମୂଳ ପ୍ରଶ୍ନ ହେବା ଉଚିତ ଯେ, ଖଣିରୁ ଆଜି କେତେ ରାଜସ୍ୱ ଆସୁଛି ନୁହେଁ, ଏହି ସମ୍ପଦରୁ ଓଡ଼ିଶାର ଆଗାମୀ ପିଢ଼ି କ'ଣ ପାଇବେ ?

## ଭାବି ଚିନ୍ତି ଠିକ୍ ଭୁଲ୍‌ର ହିସାବ ହେଉ

ଏଭଳି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ସରକାର ଖଣି ଦ୍ୱାରା ରାଜ୍ୟରେ ନିଯୁକ୍ତି, ପୁଞ୍ଜିନିବେଶ, ଶିଳ୍ପର ଦ୍ରୁତ ଅଗ୍ରଗତି ହେବ ଓ ସମାନ୍ତରାଳ ଭାବେ ଦେଶ ବିକାଶର ସାରଥୀ ସାଜିବ ବୋଲି କହୁଛନ୍ତି। ଏଥିରେ ଓଡ଼ିଶାର କିଛି କ୍ଷତି ହେବନାହିଁ ବୋଲି ଯୁକ୍ତି ଦର୍ଶାଉଛନ୍ତି। ହେଲେ ସରକାରଙ୍କ ଏଭଳି କଥା କେତେଦୂର ଯୁକ୍ତିଯୁକ୍ତ, ତାହା ବିଚାରଯୋଗ୍ୟ। ବିରୋଧୀ ଦଳଗୁଡ଼ିକ ଏଥିରେ ରାଜିନାହାନ୍ତି। ତେଣୁ ଏନେଇ ବିତର୍କ କରାଯିବାର ଆବଶ୍ୟକତା ରହିଛି। ସର୍ବଦଳୀୟ ବୈଠକ ହେଉ କି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ହେଉ, ଏନେଇ ଆଲୋଚନା କରାଯିବା ଜରୁରୀ। ଓଡ଼ିଶା ଭଳି ଖଣିସମୃଦ୍ଧ ରାଜ୍ୟ ରାଜନୈତିକ ଷଡଯନ୍ତ୍ରର ଶିକାର ନହେଉ। ବିଭିନ୍ନ କମ୍ପାନୀ ଓଡ଼ିଶାର ଖଣି, ପାଣି ଲୁଟି ନେଉଥିବା ବେଳେ ରାଜ୍ୟ ସେଭଳି ସୁଫଳ ପାଉନାହିଁ। ଜିଲ୍ଲା ଖଣିଜ ପାଣ୍ଠିର ଦୁରୁପଯୋଗ ହେଉଛି। ଖଣିସମ୍ପଦ ଅଞ୍ଚଳଗୁଡ଼ିକର ସେଭଳି ବିକାଶ ହେବାର ଚିହ୍ନବର୍ଣ୍ଣ ନାହିଁ। ତେବେ ସାଗ ମାଛ ଦରରେ ଖଣିଗୁଡ଼ିକୁ ଦେଇଦେବାରେ ଓଡ଼ିଶାର କ'ଣ ଲାଭ ହେବ। ଏହି ବିଲ୍ ପାସ୍ ହେବା ଦ୍ୱାରା ଓଡ଼ିଶା କୋଟି କୋଟି ଟଙ୍କା ହରାଇବା ନିଶ୍ଚିତ। ଓଡ଼ିଶାରୁ ଅଳ୍ପଦିନରେ ଖଣି ଲୁଟ୍‌ହେବା ବି ସୁନିଶ୍ଚିତ। ପରେ ଭାବିଲେ ଆଉକିଛି ମିଳିବନି। ତେଣୁ ବେଳ ହୁଁ ସାବଧାନ। ନହେଲେ ଆଗାମୀ ପିଢ଼ି କେବେହେଲେ କ୍ଷମା ଦେବେନାହିଁ।



## ବିବାଦର ସମାଧାନ ତଥ୍ୟରେ ମିଳୁ

ଶାସକ ବିଜେପି ଓ ନବୀନଙ୍କ ପରସ୍ପର ଅଭିଯୋଗ-ପ୍ରତ୍ୟାରୋପ ମଧ୍ୟରେ ଓଡ଼ିଶାବାସୀଙ୍କ ଜାଣିବାର ଅଧିକାର ହେଉଛି ନୂଆ ବିଲ୍‌ର ଦୀର୍ଘମିଆଦୀ ପ୍ରଭାବ କ'ଣ ହେବ? ଏମ୍‌ଏମ୍‌ଡିଆ ବିଲ୍ ସଂଶୋଧନ ନେଇ ବିଜୁ ଜନତା ଦଳର ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଆହ୍ୱାନକୁ ରାଜ୍ୟ ସରକାର ଅଗ୍ରାହ୍ୟ କରିସାରିଛନ୍ତି। ଏବେ ଦେଖିବାର କଥା ବିରୋଧୀ ଦଳମାନେ ଏହି ଲଢ଼େଇ କେତେ ପର୍ଯ୍ୟନ୍ତ ଉଭୟ ଦଳ ଲଢ଼ିପାରୁଛନ୍ତି ଏବଂ ଓଡ଼ିଶାର ସ୍ୱାର୍ଥ ଏହାଦ୍ୱାରା କେତେ ଅଧିକ ସୁରକ୍ଷିତ ହୋଇପାରୁଛି। ବିଶେଷଜ୍ଞମାନଙ୍କ ମତରେ ଏମ୍‌ଏମ୍‌ଡ଼ିଆର ବିବାଦ ଏବଂ ଏହାକୁ ନେଇ ଉଠୁଥିବା ସମସ୍ତ ପ୍ରଶ୍ନର ଉତ୍ତର ରାଜନୈତିକ ଭାଷଣରେ










# ଦାସିଗାଁ ପଞ୍ଚାୟତରେ ବିକାଶମୂଳକ କାମରେ ଅନିୟମିତତା

## ଭିଜିଲାନ୍ସ ତଦନ୍ତ ଦାବି

**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦାସିଗାଁ ଗ୍ରାମ ପଞ୍ଚାୟତରେ ବିଭିନ୍ନ ବିକାଶ ମୂଳକ କାମକୁ ନେଇ ଅନିୟମିତତାର ଅଭିଯୋଗ ଉଠିଛି। ସରକାରୀ ପୋର୍ଟାଲରେ ଦର୍ଜା ତଥ୍ୟ ଅନୁଯାୟୀ ୨୦୨୫ – ୨୬ ଆର୍ଥିକ ବର୍ଷରେ ଦାସିଗାଁ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପାଇଁ ଲକ୍ଷାଧିକ ଟଙ୍କା ମଞ୍ଜୁର ହୋଇଛି ଓସରକାରୀ ତଥ୍ୟ ଅନୁଯାୟୀ, କେନାଲ ବ୍ରିଜ୍‌ରୁ ଭଟାପଡ଼ା–ପଦମପୁର ପର୍ଯ୍ୟନ୍ତ ରାସ୍ତା ପାଇଁ ପ୍ରାୟ ୩.୯୧ ଲକ୍ଷ ଟଙ୍କା, ସଂସ୍କୃତିକ ମଞ୍ଚ ଓ କମ୍ୟୁନିଟି ହଲ୍ ପାଇଁ ୬ ଲକ୍ଷ ଟଙ୍କା, ପଞ୍ଚାୟତ ହାଇସ୍କୁଲ୍ ନବୀକରଣ ପାଇଁ ୩.୮ ଲକ୍ଷ ଟଙ୍କା, ରୁରାଲ୍ ପାର୍କ ପାଇଁ ୯ ଲକ୍ଷ ଟଙ୍କା, ପ୍ରହରୀ ମଣ୍ଡପରୁ ଶିବ ମନ୍ଦିରପଡ଼ା ପର୍ଯ୍ୟନ୍ତ ପେଭର ବ୍ଲକ୍ ରାସ୍ତା ପାଇଁ ୩.୫ ଲକ୍ଷ ଟଙ୍କା ଏବଂ ଭେଜିପଡ଼ା – ନଟିଆପଡ଼ା ପେଭର ବ୍ଲକ୍ ରାସ୍ତା ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ତଥ୍ୟ ରହିଛି । ଏହା ବ୍ୟତୀତ ଦାସିଗାଁ ଅଞ୍ଚଳରେ ଅନ୍ୟାନ୍ୟ ବିକାଶ କାମ ମଧ୍ୟ ଅନୁ ମୋଦିତ ହୋଇଥିବା ରେକର୍ଡରୁ ଜଣାପଡ଼ିଛି। ତେବେ ଏହି କାମ ଗୁଡ଼ିକର ଅନୁମୋଦିତ ରାଶି, କାର୍ଯ୍ୟାଦେଶ, ବିଲ୍ ଓ ବାସ୍ତବ ଖର୍ଚ୍ଚ ମଧ୍ୟରେ ସମନ୍ୱୟ ରହିଛି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷ କରି ଯେଉଁ କାମ ଗୁଡ଼ିକୁ ସରକାରୀ ପୋର୍ଟାଲରେ ସମ୍ପୂର୍ଣ୍ଣ କିମ୍ବା ପ୍ରଗତିରେ ଥିବା ଦର୍ଶାଯାଇଛି, ସେଗୁଡ଼ିକର ବାସ୍ତବ ସ୍ଥିତି ମାଟିସ୍ତରରେ ଯାଞ୍ଚ କରିବା ଆବଶ୍ୟକ ଓ କାମର ମାପ ବହି, ପ୍ରକଳନ, କାର୍ଯ୍ୟାଦେଶ, ବିଲ୍ - ଭାଉଚର , ଜିଓ -ଟ୍ୟାଗ୍ ଫଟୋ ଓ ପେମେଣ୍ଟ ରେକର୍ଡ ଯାଞ୍ଚ ହେଲେ ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ। ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଦାସିଗାଁରେ ମନରେଗା ଯୋଜନାରେ ଗତ ଦୁଇ ବର୍ଷରେ କେଉଁ କେଉଁ କାମ ହୋଇଛି, କେତେ ଶ୍ରମିକ କାମ କରିଛନ୍ତି, ମାଷ୍ଟର ରୋଲରେ କେତେ ଦିନର ଶ୍ରମ ଦର୍ଶାଯାଇଛି ଏବଂ ଶ୍ରମିକଙ୍କ ଖାତାକୁ କେତେ



ଟଙ୍କା ଯାଇଛି ଏହାର ସ୍ୱତନ୍ତ୍ର ଯାଞ୍ଚ ଆବଶ୍ୟକ କାରଣ ଉପଲବ୍ଧ ପିପିଏମ୍ଏସ୍ ତଥ୍ୟରେ ଉପରୋକ୍ତ ପ୍ରକଳ୍ପଗୁଡ଼ିକ ମନରେଗା ନୁହେଁ, ଅନ୍ୟ ଯୋଜନା ଅଧୀନରେ ଦର୍ଶାଯାଇଛି । ଏହି ପରିସ୍ଥିତିରେ ଦାସିଗାଁ ଗ୍ରାମ ପଞ୍ଚାୟତର ଗତ ଦୁଇରୁ ପାଞ୍ଚ ବର୍ଷର ସମସ୍ତ ବିକାଶ କାମର ଆର୍ଥିକ ଓ ପ୍ରାଯୁକ୍ତିକ ଅଡିଟ୍ ସହ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ଉଠିଛି। ତଦନ୍ତ ସମୟରେ ସରକାରୀ ରେକର୍ଡ ସହ ମାଟି ସ୍ତରର କାମକୁ ମିଳାଇ ଯାଞ୍ଚ କରାଗଲେ ଅନିୟମିତତା ଥିଲେ ତାହା ସ୍ପଷ୍ଟ ହୋଇପାରିବ। ତେବେ ବର୍ତ୍ତମାନ ଉପଲବ୍ଧ ରେକ ର୍ଡ ଆଧାରରେ ଦାସିଗାଁରେ ଦୁର୍ନୀତି ପ୍ରମାଣିତ ହୋଇଛି ବୋଲି କହିବା ଠିକ୍ ହେବ ନାହିଁ ଓ ସମ୍ପୃକ୍ତ ବିଭାଗ ଓ ପଞ୍ଚାୟତ ପକ୍ଷର ପ୍ରତିକ୍ରିୟା ସହ ଦଲିଲ ଯାଞ୍ଚ ପରେ ହିଁ ଅଭିଯୋଗର ସତ୍ୟତା ସ୍ପଷ୍ଟ ହୋଇପାରିବ।

# ସୁଭଦ୍ରାର ପଞ୍ଚମ କିସ୍ତି ବଣ୍ଟନ

## ୩ ମହିଳା ସ୍ୱାବଲମ୍ବୀ ସମ୍ବର୍ଦ୍ଧିତ

**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲାରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ନେଇ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ଅଡିଟୋରିୟମରେ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ମହିଳା ହିତାଧିକାରୀଙ୍କ ପାଇଁ ପଞ୍ଚମ କିସ୍ତିର ଅର୍ଥ ପ୍ରଦାନ ଶୁଭାରମ୍ଭ କରିଛନ୍ତି। ଏହି ପର୍ଯ୍ୟାୟରେ ବଲାଙ୍ଗୀର ଜିଲାର ୨୫,୩୧୬ ଜଣ ମହିଳାଙ୍କୁ ପଞ୍ଚମ କିସ୍ତି ମିଳିଥିବା ବେଳେ ସର୍ବମୋଟ୍ ୪,୨୯,୬୧୧ ଜଣ ହିତାଧିକାରୀ ଏହି ଯୋଜନାରୁ ଉପକୃତ ହେବେ। ଜିଲାର ୯୦,୮୬୨ ଜଣ ମହିଳା 'ଲକ୍ଷପତି ଦିଦି' ହୋଇ ଆର୍ଥିକ ସ୍ୱାବଲମ୍ବୀ ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ





ଯୋଗଦେଇ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ନାରୀ ଶକ୍ତିର ସଶକ୍ତିକରଣ ହିଁ ସମୃଦ୍ଧ ସମାଜର ମୂଳଦୁଆ। ଏହି ଯୋଜନା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରୁଛି। ବଲାଙ୍ଗୀର ଲୋକ ସଭା ଏମ୍‌ପି ସଂଗୀତା କୁମାରୀ ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଏବଂ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଯୋଜନାର ସଫଳତା ଓ ମହିଳାଙ୍କ ସମ୍ମାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୋଜନା ସାହାଯ୍ୟରେ ସ୍ୱାବଲମ୍ବୀ ହୋଇଥିବା ଦ୍ରୌପଦୀ ସାହୁ, ଲୟାବତୀ ଭାଟି ଓ ବିଶାଖା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ ମହିଳାମାନେ ଅତିଥିମାନଙ୍କୁ ରାଖି ବାନ୍ଧି ସ୍ନେହ ଓ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବହୁ ପ୍ରଶାସନିକ ଅଧିକାରୀ, ଶତାଧିକ ମହିଳା, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

# ବୃକ୍ଷକୁ ରାକ୍ଷୀ ବାନ୍ଧି ସୁରକ୍ଷାର ଶପଥ ନେଲେ ଛାତ୍ରଛାତ୍ରୀ

**ପଦ୍ମପୁର(ଅମୃତ ମିଡିଆ):** ୨୦୨୫-୨୬ ଶିକ୍ଷାବର୍ଷରେ ମାନ୍ୟବର ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହାଙ୍କ କରକମଳରେ ଲଗାଯାଇଥିବା ବଉଳ ଚାରାର



ରକ୍ଷଣାବେକ୍ଷଣ ସହ ଡୁମ୍ବେରବାହାଲ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୃକ୍ଷକୁ ରାକ୍ଷୀ ବାନ୍ଧିବା ସହ ବୃକ୍ଷର ସୁରକ୍ଷା ଓ ସଂରକ୍ଷଣକୁ ପ୍ରାଥମିକତା ଦେବା ପାଇଁ ଶପଥ ପାଠ କରିଥିଲେ। ପରିବେଶ ସୁରକ୍ଷା ଓ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହାପରେ ଗଙ୍ଗାଧର ମେହେର ଜୟନ୍ତୀ ପାଳନ କରାଯାଇଥିଲା। ଜୟନ୍ତୀ ଅବସରରେ ବକ୍ତୃତା, ଚିତ୍ରାଙ୍କନ, ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷୀକେଶ ବାଗଙ୍କ ସମେତ ସହକାରୀ ଶିକ୍ଷକ ବାବୁଲାଲ ଧରୁଆ, ସୁଦାମ କନ୍ଧେର ଓ ଶ୍ରୀ ସୌତମ ଛତର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ଜିଲ୍ଲାପାଳ, ସିଡିଓ, ପୌରାଧକ୍ଷା ଓ ଇଓଙ୍କୁ ରାକ୍ଷୀ ବାନ୍ଧିଲେ ସଫେଇ କର୍ମଚାରୀ

**ବଲାଙ୍ଗୀର (ଅମୃତ ମିଡିଆ):** ପବିତ୍ର ରକ୍ଷା ବନ୍ଧନ ଅବସରରେ ଶୁକ୍ରବାର ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ସ୍ୱତନ୍ତ୍ର ରକ୍ଷା ବନ୍ଧନ କାର୍ଯ୍ୟକ୍ରମ



'ସୁରକ୍ଷାର ସାକ୍ଷୀ ରାଖି' ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାର, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା ଓ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଯୋଗଦାନ କରିଥିଲେ। ମ୍ୟୁନିସିପାଲିଟି ସଫେଇ କର୍ମଚାରୀମାନେ ଜିଲାପାଳ, ପୌରାଧକ୍ଷା, ସିଡିଓ, ଇଓଙ୍କ ସମେତ ଅନ୍ୟମାନଙ୍କୁ ରାଖି ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ସ୍ଥାନୀୟ ରାଜେନ୍ଦ୍ର ପାର୍କଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏହି ଅବସରରେ ମ୍ୟୁନିସିପାଲିଟିର ସମସ୍ତ ସଫେଇ କର୍ମଚାରୀ ଯୋଗଦାନ କରିଥିଲେ। ରକ୍ଷା ବନ୍ଧନ କାର୍ଯ୍ୟକ୍ରମକୁ ସଫେଇ କର୍ମଚାରୀମାନେ ସ୍ୱତନ୍ତ୍ର ଓ ମନଛୁଆଁ ବୋଲି କହିଥିଲେ। ଜିଲାପାଳଙ୍କୁ ଭାଇ ଭାବେ ରାଖି ବାନ୍ଧିବା ବହୁତ ଭଲ ଲାଗୁଛି ବୋଲି କହିବା ସହ ଠିକ୍ ସମୟରେ ଦରମା ମିଳି ନ ଥିବାରୁ ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ।

# ପକ୍ଷପାତପୂର୍ଣ୍ଣ ପିଇଏଲ୍ଆଇ ବିରୁଦ୍ଧରେ ଧାରଣା

**ବଲାଙ୍ଗୀର(ଅମୃତ ମିଡିଆ):** ୟୁନଟେଡ଼ ଫୋରମ୍ ବ୍ୟାଙ୍କ ୟୁନିଅନ ଡାକରାରେ ଷ୍ଟେଟ୍ ବ୍ୟାଙ୍କ ବଲାଙ୍ଗୀର ଶାଖା ସାମନାରେ ୫ ଦିନିଆ ବ୍ୟାଙ୍କିଙ୍ଗ୍ ଏବଂ ପକ୍ଷପାତପୂର୍ଣ୍ଣ ପିଇଏଲଆଇ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିରେ ବଲାଙ୍ଗିରର ବିଭିନ୍ନ ବ୍ୟାଙ୍କ ସଂଘ କର୍ମଚାରୀ ଏକତ୍ରିତ ହୋଇ ବଲାଙ୍ଗିର ଏସ୍‌ବିଆଇ ଶାଖା ସମ୍ମୁଖରେ ଧାରଣା ଦେଇଥିଲେ । ଏହି ଧାରଣା ରୋହିତ ଶତପଥୀ, ରୂପେଶ ଦଳେଇ, ଜିତେନ୍ଦ୍ର ନାଏକ, ସୁଜିତ ମିଶ୍ର ପରିଚାଳନା କରିଥିଲେ । ଏଥିରେ ଆଲୋକ ରଂଜନ, ସୁଚିସ୍ମିତା ନାଏକ, ନିବୃତ ବହିଦାର, ରାଜେଶ ଦାସ, ମୋନାଲିସା ସାହୁ, ଶ୍ରେତା ପାଣିଗ୍ରାହୀ, ସୁରେଶ ସେଠ, ଶିବରାମ ସାହୁ, ନିମାଇଁ ଗୁରୁ, ପ୍ରତୀକ ବଲ୍ଲଭ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।

# ଅସୁରକ୍ଷିତ ଅବସ୍ଥାରେ ପାଡେଲଗୁଡ଼ା ଅଙ୍ଗନବାଡ଼ିକେନ୍ଦ୍ର

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ଅଧୀନ ପାଡେଲଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇ ପଡ଼ି ରହିଛି । କୋମଳମତି ଶିଶୁ ଓ ଗର୍ଭବତୀ ଏହି ବିପଦପୂର୍ଣ୍ଣ କେନ୍ଦ୍ରକୁ ଆସିବାକୁ ଭୟ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ଅଙ୍ଗନବାଡ଼ି କେନ୍ଦ୍ରର ଛାତରୁ ପାଣି ଝରୁଛି, ଯାହା ଦ୍ୱାରା କୋଠରୀ ଭିତରେ ପାଣି ଜମି ରହୁଛି। ଏହାସହ କୋଠରୀର କାନ୍ଥ ଓ ଛାତ ଦୁର୍ବଳ ହୋଇପଡ଼ିଛି। କେଉଁ ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବାର ସମ୍ଭାବନା ଅଧିକ ଏବଂ ଏହା ଅତି ବିପଦପୂର୍ଣ୍ଣ ଓ ଅସୁରକ୍ଷିତ ହୋଇପଡ଼ିଛି। ବର୍ଷା ପାଇଁ ଛାତରେ ପାଣି ନ ଝରିବା ପାଇଁ ଗୋଟିଏ ହଳଦିଆ ରଙ୍ଗର ପଲିଥିନ୍ ଢାଙ୍କି ରଖିଥିବା ଦେଖିବାକୁ ମିଳିଛି। ପାଣି ଝରିବା ଯୋଗୁଁ ଶିଶୁଙ୍କ ବସିବା, ପାଠ ପଢ଼ିବା ଏବଂ ରନ୍ଧା ଖାଦ୍ୟ ନିରାପଦରେ



ରଖିବାରେ ନାହିଁ ନ ଥିବା ସମସ୍ୟା ହେଉଛି। ଅଙ୍ଗନବାଡ଼ି କର୍ମୀ ଶ୍ରୀମତି ସ୍ମୃତିରେଖା ମାଝୀ ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିବା ସତ୍ତ୍ୱେ ପ୍ରଶାସନ ଓ ବିଭାଗ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନେଇ ନ ଥିବା ସେ ଦୁଃଖ ପ୍ରକାଶ କରିଛନ୍ତି। ଗ୍ରାମବାସୀ ନିଜ ନିଜ ଛୁଆଙ୍କୁ ଅଙ୍ଗନବାଡି କେନ୍ଦ୍ରକୁ ଯିବା ପାଇଁ ବାରଣ କରିବା ସହ ଏହାକୁ ତୁରନ୍ତ ମରାମତି କିମ୍ବା ନୂତନ କୋଠରି ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ନିକଟରେ ରେ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ଅଙ୍ଗନବାଡି କେନ୍ଦ୍ର ର ଶିଶୁ କିମ୍ବା ହିତାଧିକାରୀ -କର୍ମୀ ମାନଙ୍କର କୌଣସି ଅଘଟଣ ଘଟେ ତାହାହେଲେ ପ୍ରଶାସନ ଦାୟୀ ରହିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ଏଣୁ ଅଙ୍ଗନବାଡି ଗୃହକୁ ଭାଙ୍ଗି ଦେଇ ନୂତନ ଭାବେ ନିର୍ମାଣ କରିବାକୁ ଦାବି ହେଉଛି ।

# ପୁଣି ହୀରାକୁଦର ଖୋଲିଲା ୧୬ ଗେଟ୍

## ବଢ଼ିଲା ବନ୍ୟା ଆଶଙ୍କା

**ସମ୍ବଲପୁର(ଅମୃତ ମିଡିଆ):** ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ କ୍ରମଶଃ ହ୍ରାସ ପାଇଥିଲା। ଫଳରେ ଗତକାଲି ୪ଟି ସ୍ଲୁଇସ ଗେଟକୁ ବନ୍ଦ କରି ଦିଆଯାଇଥିଲା। ହେଲେ ଆଜି ପୁଣି



୧୬ଟି ଗେଟ୍ ଖୋଲାଯାଇଛି। ଗେଟ୍ ଖୋଲାଯିବା ପରେ ବଢିଲା ବନ୍ୟା ଆଶଙ୍କା। ମୁଣ୍ଡଳୀ ନିକଟରେ ପ୍ରାୟ ୬ ଲକ୍ଷ ୫୦ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଦେବୀ ନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ଜଳସ୍ତର ବଢ଼ିବା ନେଇ ଚିନ୍ତା ବଢ଼ିଛି । ଦେବୀ ନଦୀର ବନ୍ୟା ଜଳ ବାଉରିଆକଣ ନିକଟରେ ଆଜି ସକାଳ ସୁଦ୍ଧା ବିପଦ ସଂକେତ ତଳେ ପ୍ରବାହିତ ହେଉଛି । ତେବେ ନଦୀର ଜଳସ୍ତର କ୍ରମାଗତ ଭାବେ ବଢୁଥିବାରୁ ଆଗକୁ ସ୍ଥିତି ଗମ୍ଭୀର ହେବା ଆଶଙ୍କା ରହିଛି । ସେପଟେ ପୂର୍ଣ୍ଣିମା ତିଥି ଥିବାରୁ ସମୁଦ୍ରକୁ ବନ୍ୟା ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି । ଫଳରେ ନଦୀରେ ଜଳସ୍ତର ଆହୁରି ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି । ନଦୀ ଫୁଲିବା ଯୋଗୁଁ ଅସ୍ତରଙ୍ଗ ବ୍ଲକର ଦୁଇଟି ପଞ୍ଚାୟତର ଚାଷଜମିରେ ମଧ୍ୟ ବନ୍ୟା ଜଳ ପଶିଛି । ଫଳରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ହୀରାକୁଦରୁ ଜଳ ନିଷ୍କାସନ ପରେ ମୁଣ୍ଡଳୀରେ ବଢୁଥିବା ଜଳ ପ୍ରବାହ ଏବଂ ଦେବୀ ନଦୀର ବଢୁଥିବା ଜଳସ୍ତର ଉପରେ ଏବେ ନଜର । ଆଗକୁ ବନ୍ୟା ପରିସ୍ଥିତି କେତେ ଗମ୍ଭୀର ହେଉଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର ।

## ପାନପୋଷ ସର୍କିଟ ହାଉସ୍‌ରୁ ବନ୍ଧୁକ ଜବତ ଘଟଣା

# ଜେଲ୍ ଗଲେ ପ୍ରକାଶ

**ରାଉରକେଲା(ଅମୃତ ମିଡିଆ):** ସହରରେ ବହୁ ଚର୍ଚ୍ଚିତ ପାନପୋଷ ସର୍କିଟ ହାଉସ୍‌ରୁ ବନ୍ଧୁକ ଜବତ ଓ ଅପରାଧୀ ଗିରଫ ଘଟଣାର ମାଷ୍ଟର ମାଇଣ୍ଡ ପଳାତକ ପ୍ରକାଶ ପାଶ୍ୱାନକୁ ପୁଲିସ ଓଡ଼ିଶାକୁ ଆଣିଛି। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଳମ୍ବିତ ରାତିରେ ଜେଲ ପଠାଇ ଦିଆଯାଇଛି। ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବାବେଳେ ପୁଲିସ ରିମାଣ୍ଡରେ ଆଣି ଜେରା କରିବ ବୋଲି ସୂଚନା ମିଳିଛି। ପ୍ରକାଶ ନେପାଳ ଫେରାର ହେବାକୁ ଯୋଜନା କରୁଥିବା ବେଳେ ଗତକାଲି ବିହାର ସମସ୍ତୀପୁରରୁ ବିହାର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତାକୁ ଗିରଫ କରିଥିଲା। ସେଠାକାର କୋର୍ଟରେ ହାଜର ପରେ ଗୁରୁବାର ତାକୁ ରାଉରକେଲା ଅଣାଯାଇ ବିଳମ୍ବିତ ରାତିରେ କୋର୍ଟ ଚାଲାଣ କରାଯାଇଛି। ପରେ ତାକୁ ରିମାଣ୍ଡରେ ଆଣି ସର୍କିଟ ହାଉସ୍ ପ୍ରକରଣରେ ଜେରା କରିବ। ପ୍ରକାଶ ବିରୋଧରେ ଜାତୀୟ ନିରାପତ୍ତା ଆଇନ ଲାଗୁ କରିବାକୁ ପୁଲିସ ଚିନ୍ତା କରୁଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବାରୁ ପୁଲିସ ପ୍ରକାଶ ବିରୋଧରେ ଥିବା ୨୦ରୁ ଅଧିକ ମାମଲାର କେଶ ଡାଏରୀ ଦାଖଲ



କରିଛି। ପାନପୋଷ ସର୍କିଟ ହାଉସ୍‌ରୁ ୪ଟି ବନ୍ଧୁକ ଓ ୯ ରାଉଣ୍ଡ ଗୁଳି ଜବତ ହେବା ସହରର କୁଖ୍ୟାତ ଅପରାଧୀମାନଙ୍କୁ ସଂଗଠିତ କରି ଅପରାଧ ଘଟାଇବା ଯୋଜନାରେ ପ୍ରକାଶ ମୁଖ୍ୟ କାର୍ପଟଦାର ଥିବା ଅଭିଯୋଗ ଆଧାରରେ ପୁଲିସ ତା' ବିରୋଧରେ ମାମଲା ରୁଜୁ କରିଛି। ଗତ ୧୪ ତାରିଖରେ ରଘୁନାଥପାଲି ପୁଲିସ ପାନପୋଷ ସର୍କିଟ ହାଉସ୍‌ରୁ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ସମଗ୍ର ଘଟଣା ଉପରୁ କ୍ରମଶଃ ପରଦା ହଟିବାରେ ଲାଗିଥିଲା। ପ୍ରକାଶ ଅପରାଧୀଙ୍କ ଦ୍ୱାରା 'ଟାର୍ଗେଟ କିଲିଂ' ଯୋଜନା କରୁଥିବା ସହରରେ ଚର୍ଚ୍ଚା ହୋଇଥିଲା। ବିଜେପିର ପ୍ରକାଶ ଜଣେ ସକ୍ରିୟ ସଦସ୍ୟ। ପୁଣି ସେ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମଙ୍କ ମହାନଗର ନିଗମ ପ୍ରତିନିଧି ଥିବାରୁ ଦଳରେ ରାଉରକେଲାରୁ ରାଜଧାନୀ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ହୋଇଥିଲା।

## ବରଗଡ଼ ସହରରେ ଟ୍ରାଫିକ ସମସ୍ୟା

# ଏସ୍‌ପିଙ୍କୁ ଭେଟିଲା ଅଭିଭାବକ ମହାସଂଘ

■ ଦାବିପତ୍ର ଦେଇ ତୁରନ୍ତ ପଦକ୍ଷେପ ପାଇଁ ଅନୁରୋଧ

**ବରଗଡ଼(ଅମୃତ ମିଡିଆ):** ବରଗଡ଼ ସହରରେ ଦିନକୁ ଦିନ ଜଟିଳ ହେଉଥିବା ଟ୍ରାଫିକ ସମସ୍ୟାର ସମାଧାନ ଦାବି କରି ଓଡ଼ିଶା ଅଭିଭାବକ ମହାସଂଘ, ବରଗଡ଼ ଜିଲ୍ଲାର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର ନାଥ ଶତପଥୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଅବସରରେ ସହରର ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିଲା। ମହାସଂଘ ପକ୍ଷରୁ ବରଗଡ଼ ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳରୁ ବେସରକାରୀ ବସ୍‌ଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର, ସହରର ପ୍ରମୁଖ ରାସ୍ତାଗୁଡ଼ିକରୁ ବେଆଇନ ପାର୍କିଂ ହଟାଇବା ସହ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସେହିପରି ସ୍କୁଲ ଛାତ୍ରଛାତ୍ରୀଙ୍କ ଯିବାଆସିବା ସମୟରେ ସହର ମଧ୍ୟକୁ ଭାରୀଯାନ ପ୍ରବେଶ



ଉପରେ ନିଷେଧାଦେଶ ଲାଗୁ କରିବା, ବସ୍‌ଷ୍ଟାଣ୍ଡରୁ ବସ୍ ବାହାରିବା ପରେ ସହରର ରାସ୍ତା ଉପରେ ବସ୍ ରଖି ଯାତ୍ରୀ ଉଠାଇବା କିମ୍ବା ଓହ୍ଲାଇବାକୁ ସମ୍ପୂର୍ଣ୍ଣ ନିଷେଧ କରିବା ଏବଂ ଦ୍ରୁତ ଓ ବେପରୁଆ ଗାଡ଼ି ଚାଳନା କରୁଥିବା ଚାଳକଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଦାବିପତ୍ର ଗ୍ରହଣ କରି ଏସ୍‌ପି ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବା ନେଇ ସମ୍ମତି ପ୍ରକାଶ କରିଥିବା ମହାସଂଘ ପକ୍ଷରୁ କୁହାଯାଇଛି। ପ୍ରତିନିଧି ଦଳରେ ଓଡ଼ିଶା ଅଭିଭାବକ ମହାସଂଘ, ବରଗଡ଼ ଜିଲ୍ଲା ସଭାପତି ବିମଳ କୁମାର ଦାଶଙ୍କ ସମେତ ସଦାନନ୍ଦ ମହାପାତ୍ର, ସୁରେଶ ମହାପାତ୍ର, ବାସୁଦେବ ଦାଶ, ପିଣ୍ଟୁ ଶତପଥୀ, ନରେନ୍ଦ୍ର ନାୟକ, ମାମରଜ୍ ସ୍ୱାଇଁ, କାଳୀଚରଣ ବୋଷ, ଆୟୁଷ ଯାଦବ, ସର୍ବେଶ୍ୱର ମହାପାତ୍ର, ବିଘ୍ନେଶ୍ୱର ମିଶ୍ର, ଜିତେନ୍ଦ୍ର ରାଏ, କ୍ଷୀରୋଦ୍ର ପ୍ରଧାନ, ଗୌରାଙ୍ଗ ଦୀପ, ମିନତି ଦାସ ଓ ଖେତେଶ୍ୱର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

# ବେଲଗାମ୍ ଟ୍ରାଫିକ ବ୍ୟବସ୍ଥା, ନାକେଦମ୍ ସହରବାସୀ

**ବରଗଡ଼(ଅମୃତ ମିଡିଆ):** ବରଗଡ଼ ସହରରେ ଟ୍ରାଫିକ ସମସ୍ୟା ବେଲଗାମ୍ ହୋଇପଡ଼ିଛି। ସହରସ୍ଥିତ ଯେଉଁ ରାସ୍ତା ଓ ଛକକୁ ଦେଖିଲେ ଏହି ସମସ୍ୟା ରହିଛି। ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକ-ଜୀରାବ୍ରିଜ ରାସ୍ତାଠାରୁ ଆରମ୍ଭ କରି ଭଟଲି ଛକ, ବାନ୍ଧୁଟିକ୍ରା(ଭିଏସ୍ଏସ୍ ନଗର) ଛକ, ଗାନ୍ଧୀଛକ, ଘରୋଇ ବସଷ୍ଟାଣ୍ଡ୍ ଛକ, ଗୁରୁଦ୍ୱାରା ଛକ, ଏସ୍‌ପି ଅଫିସ ଛକ, ଥାନାଛକ, କାଳୀ ମନ୍ଦିର ଛକ, ବୀରଛକ, ବିକାଶ ଛକ, ହସ୍ପିଟାଲ ରାସ୍ତା, ଜେଲ ଛକ, ଜର୍ଜ ହାଇସ୍କୁଲ ରାସ୍ତା ଆଦି ସ୍ଥାନରେ ଦୀର୍ଘବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ଏଥିପାଇଁ ଯାତାୟାତ ସମୟରେ ସହରବାସୀ ତଥା ଏଠାକୁ ଆସୁଥିବା ଲୋକଙ୍କୁ ନାକେଦମ୍ ହେବାକୁ ପଡୁଥିବାବେଳେ ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣା ଘଟି ଲୋକେ ମୃତାହତ ମଧ୍ୟ ହେଉଛନ୍ତି। ବିଭିନ୍ନ ସ୍ଥାନରେ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ସହିତ ରାସ୍ତା ପ୍ରଶସ୍ତୀକରଣ କରାଯାଉଛି। ମାତ୍ର ସହରର ଭଟଲି ଛକ, ଲେଙ୍ଗୁ ମିଶ୍ର ଛକ-ଜୀରାବ୍ରିଜ ରାସ୍ତା ଦୀର୍ଘବର୍ଷ ଧରି ଟ୍ରାଫିକ ସମସ୍ୟା ବହୁଳ ହୋଇପଡ଼ି ଥିଲେ ସୁଦ୍ଧା ଜବରଦଖଲ ଉଚ୍ଛେଦ ପାଇଁ ସେଠାକୁ ପ୍ରଶାସନର ହାତ ପହଞ୍ଚି ପାରି ନାହିଁ। ଏଭଳି ସ୍ଥିତିରେ ସହର ମଧ୍ୟରେ ରହିଥିବା ଟ୍ରାଫିକ ସମସ୍ୟା ଏବେ ମଧ୍ୟ ଅସମାହିତ ରହିଛି ଏବଂ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ତେଜି ଉଠିଛି।

ସହରରେ ଜନସଂଖ୍ୟା ବୃଦ୍ଧି ସହିତ ଯାନବାହନ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଅନ୍ୟପଟେ ସହର ରାସ୍ତା ପ୍ରଶସ୍ତୀକରଣ ଚାଲିଥିଲେ ହେଁ ଏବେ ମଧ୍ୟ ସହର ମଧ୍ୟରେ ରହିଥିବା ଭଟଲି ଛକ, ଲେଙ୍ଗୁ ମିଶ୍ର ଛକ-ଜୀରାବ୍ରିଜ ରାସ୍ତା ଭଳି ଅନେକ ରାସ୍ତା ଏପର୍ଯ୍ୟନ୍ତ ସଂକୁଚିତ ହୋଇ ରହି ଯାଇଛି। ସେହିପରି ଗାଡ଼ି ପାର୍କିଂ ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ଥାୟୀ ବ୍ୟବସ୍ଥା ହୋଇପାରି ନାହିଁ। ଫଳରେ ଲୋକେ ଏଣେତେଣେ ଗାଡ଼ିଗୁଡ଼ିକୁ ରଖିବାକୁ ବାଧ ହେଉଛନ୍ତି। କେବଳ ସେତିକି ନୁହେଁ, ସହର ମଧ୍ୟରେ ବିଭିନ୍ନ ସମୟରେ ତୀବ୍ର ବେଗରେ କେତେକ ବାଇକ୍ ଆରୋହୀମାନେ ଯାଉଥିଲେ ହେଁ ତାକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟପଟେ ସହରର ବିଭିନ୍ନ ଛକ ସ୍ଥାନରେ ପର୍ଯ୍ୟାପ୍ତଭାବେ ସ୍ୱୟଂଚାଳିତ ଟ୍ରାଫିକ୍ ସିଗନାଲ୍ ବ୍ୟବସ୍ଥାର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ପୂର୍ବରୁ ଗାନ୍ଧୀଛକ ଏବଂ ଗୁରୁଦ୍ୱାରା ଛକରେ ଲାଗିଥିବା ସ୍ୱୟଂଚାଳିତ ଟ୍ରାଫିକ୍ ସିଗନାଲ୍ ବ୍ୟବସ୍ଥା ବର୍ଷାଧିକକାଳ ଧରି ଅଚଳ ହୋଇ ପଡ଼ିଛି।

## ସମ୍ପାଦକୀୟ...

# ଅଣଛାତ୍ର ଅସାମାଜିକ

ରାଜ୍ୟର ଏକ ବହୁ ପରିଚିତ ଏବଂ ଅତି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ପୁଳାଏ ଅଣଛାତ୍ର ପ୍ରବେଶ କରି ଯେଭଳି କାଣ୍ଡ କାରମାମା ଭିଆଇଛନ୍ତି, ଯାହାକୁ ନେଇ ସମାଚାର ପାଠକ ଏବଂ ସାଧାରଣ ଜନତା ଯେତିକି ଚିନ୍ତାରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିନ୍ତୁ ନାହାଁନ୍ତି ସେତିକି ଚିନ୍ତାରେ । ସତେ ଯେମିତି ଶୋଇଛନ୍ତି ସେମାନେ ନିଘୋଡ଼ ନିଦ୍ରାରେ। ସେମାନେ କେବଳ ଜଗିଛନ୍ତି ସେମାନଙ୍କ ଚାକିରିକୁ। ସେମାନେ କେବଳ ଜଗିଛନ୍ତି ସେମାନଙ୍କର ଆତ୍ମସମ୍ମାନକୁ , ସେମାନେ କେବଳ ଜଗିଛନ୍ତି ସେମାନଙ୍କର ପରିବାରକୁ। ନିଜ ପରିବାର , ନିଜ ଚାକିରି , ନିଜ ଆତ୍ମସମ୍ମାନ.. ଇଏ ତ ସବୁ କିଛି। ଇଏ ତ ସଧାରଣ କଥା। ତେବେ ସେମାନଙ୍କର ନିଜର ସଙ୍ଗଠନ ପ୍ରତି . ଯେଉଁଠାରେ ସେମାନେ ଚଳୁଛନ୍ତି, ଯେଉଁଠାରେ ସେମାନେ ନିଜର ପ୍ରତିପୋଷଣ କରୁଛନ୍ତି, ଯେଉଁଠାରେ ସେମାନେ ନିଜର ପରିଚୟ ସୃଷ୍ଟି କରୁଛନ୍ତି, ଯେଉଁ ସଙ୍ଗଠନକୁ ନେଇ ସେମାନେ ନିଜର ସ୍ୱାଭିମାନକୁ ବଜାୟ ରଖିପାରିଛନ୍ତି .. ସେହି ସଙ୍ଗଠନ ପ୍ରତି ମଧ୍ୟ ସେମାନଙ୍କର ରହିଛି କିଛି ଦାୟିତ୍ୱବୋଧ, ସେହି ସଙ୍ଗଠନ ପ୍ରତି ମଧ୍ୟ ସେମାନଙ୍କର ରହିଛି କିଛି କର୍ତ୍ତବ୍ୟବୋଧ ଯାହା କୌଣସି ଗୁରୁଦାୟିତ୍ୱ ଠାରୁ କେବେ ବି କମ୍ ନୁହେଁ। ଅଥଚ ସେମାନେ ନୀରବ । ରାଜ୍ୟ ରାଜଧାନୀର ଛାତି ଉପରେ ଜନୈକ ସୁପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଗତ ସନ୍ଧ୍ୟାରେ ଅଣଛାତ୍ର ପ୍ରବେଶ କରି ଯେଭଳି ଭାବେ କାଣ୍ଡ କାରନାମା ସୃଷ୍ଟି କଲେ ତାହା ସମଗ୍ର ଛାତ୍ର ସମାଜ ପାଇଁ ଏକ ଅଶୁଭ ସନ୍ଦେଶ ହୋଇପାରେ, ରାଜ୍ୟର ବିଶ୍ୱବିଦ୍ୟାଳୟମାନଙ୍କ ପ୍ରତି ଏକ ଅଶୁଭ ସନ୍ଦେଶ ହୋଇପାରେ ହେଲେ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା ପ୍ରତି ଅତି ଏକ ଚରମ ଉପହାସ ଏବଂ ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରତି ମଧ୍ୟ ଏକ ଚରମ ଉପହାସ। ରାଜ୍ୟରେ ସରକାର ବି ଅଛନ୍ତି, ରାଜ୍ୟରେ ସାଧାରଣ ପ୍ରଶାସନ ବି ରହିଛି । ସେମାନେ କିନ୍ତୁ ସମସ୍ତେ ନୀରବ। ବିଶ୍ୱବିଦ୍ୟାଳୟରେ ଛାତ୍ରାବାସରେ ରୁମ୍ ବଣ୍ଟନକୁ କେନ୍ଦ୍ର କରି ଆରମ୍ଭ ହେଇଥିଲା ଝଗଡ଼ା। ବିଶ୍ୱବିଦ୍ୟାଳୟ ପରିସରରେ ଦୁଇ ଗୋଷ୍ଠୀ ମଧ୍ୟରେ ରୁମ୍ ଆବଣ୍ଟନକୁ କେନ୍ଦ୍ରକରି ଯେବେ ଦୁଇଗୋଷ୍ଠୀ ମଧ୍ୟରେ ସାଧାରଣ ଯୁକ୍ତିତର୍କରୁ ଆରମ୍ଭ ହୋଇଥିଲା କଳିଗୋଳ ଏବଂ ତାହା ପରେ ପରେ ବୁଲିଥିଲା ଖଣ୍ଡା ତରୱାଲ୍। ଗୋଟାଏ ଗୋଷ୍ଠୀ ମତରେ ଆରଗୋଷ୍ଠୀର କିଛି ଛାତ୍ର ସେମାନେ ରୁମ୍‌ରେ ନିଜେ ନ ରହି ଅନ୍ୟମାନଙ୍କୁ ଭଡ଼ାରେ ଦେଇଦେଉଛନ୍ତି ଯେଉଁମାନେ ଅଣଛାତ୍ର ଅଥଚ ବିଶ୍ୱବିଦ୍ୟାଳୟର ଆର ଗୋଟାଏ ଗୋଷ୍ଠୀର ଛାତ୍ରମାନଙ୍କ ଅଭିଯୋଗ ଅନୁଯାୟୀ ଛାତ୍ରାବାସରେ କେତେକ ଏସ୍ ସି ,ଏସ୍ ଟି ଛାତ୍ରମାନଙ୍କୁ ବିରୋଧ କରୁଛନ୍ତି ବିଶ୍ୱବିଦ୍ୟାଳୟର ଅନ୍ୟ ଗୋଟାଏ ଛାତ୍ର ଗୋଷ୍ଠୀ । ଯେଉଁମାନେ ସମ୍ଭବତଃ ଜାତିଆଣ ମନୋଭାବ ନେଇ ସେମିତି କିଛି କାଣ୍ଡ କାରନାମା ସୃଷ୍ଟି କରୁଛନ୍ତି। ଏଠାରେ ପ୍ରଥମ ସମସ୍ୟା ହେଉଛି ଶିକ୍ଷିତ ଛାତ୍ର ସମାଜ ମଧ୍ୟରେ ସମନ୍ୱୟର ଅଭାବ । ଯେଉଁଥିପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ରାଜ୍ୟ ରାଜଧାନୀର ଛାତି ଉପରେ ପ୍ରତିଷ୍ଠିତ ଏକ ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ଦୁନିଆଁ ଅଳିଆ। କେତେବେଳେ ପ୍ରଶ୍ନପତ୍ର ପ୍ରଘଟ ହେଉଛି ତ ଆଉ କେତେବେଳେ ଧୂମ ଧଡ଼ାକ୍ ବାଡ଼ିଆପିଟା। ଏଭଳି ଘଟଣା ସବୁ ଅତି ଗୁରୁତର ଅପରାଧ ଶ୍ରେଣୀଭୁକ୍ତ ଯାହାପାଇଁ କାହାକୁ ବି କ୍ଷମା ଦିଆଯାଇନପାରେ। ପ୍ରଥମ ତ୍ରୁଟି ଯାହା କ୍ୟାରିଅର ପାଇଁ ଅତି ଖରାପ୍ ଏବଂ ଦ୍ୱିତୀୟ ତ୍ରୁଟି ଯାହା ଜୀବନ ପାଇଁ ବିପଜ୍ଜନକ। ବିଶ୍ୱବିଦ୍ୟାଳୟରେ କର୍ତ୍ତୃପକ୍ଷଙ୍କ୍ ଉପସ୍ଥିତିରେ, ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ଉପସ୍ଥିତିରେ ଏବଂ ସର୍ବୋପରି ବିଶ୍ୱ ବିଶ୍ୱବିଦ୍ୟାଳୟର ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ଏତେ ସବୁ ଅଘଟଣ ଘଟିଯିବା ଯାହା ସମସ୍ତଙ୍କ ପ୍ରତି ଏକ ଗମ୍ଭୀର ପ୍ରଶ୍ନବାଚୀ ବିଶେଷ କରି ସମାଜ ବ୍ୟବସ୍ଥା ପ୍ରତି ଏକ ଚରମ ଉପହାସ ଯାହା ପ୍ରତି ଅଚିରେ ସମାଧାନ କରିବା ଦିଗରେ ଉଭୟ ରାଜ୍ୟ ପ୍ରଶାସନ ଏବଂ ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ଅତି ସତର୍କତାର ସହିତ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

## ଜ୍ଞାନାମୃତ

# ରାଜଦଣ୍ଡ

ଜଣେ ରାଜା ଥରେ ବିନା କାରଣରେ ତାଙ୍କର ଜଣେ ପାରିଷଦଙ୍କୁ ଅତି କାଠୋର ଦଣ୍ଡ ବିଧାନକଲେ। ଏପରି କି ବାରମ୍ବାର କାକୁତିମିନତି, ବାରମ୍ବାର ଗୁହାରି କଲା ପରେ ବି କେହି ବି ତାଙ୍କ କଥା ଶୁଣିନଥିଲେ କି କେହି ବି ତାଙ୍କ କଥା ଉପରେ ଧ୍ୟାନ ଦେଇନଥିଲେ। କେହି ବି କିଛି ଧ୍ୟାନ ଦେବା ଦରକାର ନ ଥିଲା। କେବଳ ରାଜାଙ୍କୁ କିନ୍ତୁ ସେ ବିଷୟରେ ଧ୍ୟାନ ଦେବାର ଥିଲା। ହେଲେ ରାଜା କିନ୍ତୁ ଥିଲେ ନିର୍ଦ୍ଦୟ ରାଜା କିନ୍ତୁ ଥିଲେ ନିଷ୍ଠୁର। ସାମାନ୍ୟ ଅପରାଧ ପାଇଁ ରାଜା ତାଙ୍କର ଜଣେ ପାରିଷଦଙ୍କୁ କଠାର ରୁ ଅତି କଠୋର ଦଣ୍ଡରେ ଦଣ୍ଡିତ କରିଥିଲେ। ରାଜା ତାଙ୍କର ସେହି ପାରିଷଦଙ୍କୁ ଅତି ଭୟଙ୍କର ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ଦିନ ବାର ଦେଖି ରାଜା ତାଙ୍କର ସେହି ପାରିଷଦଙ୍କୁ ଦଣ୍ଡ ଶୁଣାଇଦେଲେ। ଶେଷରେ ରାଜାଙ୍କ ସମ୍ମୁଖରେ ସେହି ପାରିଷଦଙ୍କ ପରିବାର ଲୋକ ମଧ୍ୟ ଗୁହାରି କଲେ। ତଥାପି ରାଜା କିନ୍ତୁ ସେ ବିଷୟରେ ତିଳେମାତ୍ର କର୍ଣ୍ଣପାତ କରିନଥିଲେ କି ସେମାନଙ୍କ ପରିବାର ସଦସ୍ୟ ଯେ କେହି ବି ରାଜାଙ୍କୁ ଯେତେ ଅନୁରୋଧ କଲାପରେ ରାଜା କିନ୍ତୁ ନଛୋଡ଼ବନ୍ଧା। ତାଙ୍କ ଜିଦ୍‌ରେ କିନ୍ତୁ ସେ ଅଟଳ। ସବୁ କଥାକୁ ପଛରେ ପକାଇ ମହାରାଜା ଶେଷରେ ତାଙ୍କର ସେହି ଅଭିଯୁକ୍ତ ଅପରାଧୀଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଦେଲେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ସଂପୃକ୍ତ ପାରିଷଦଙ୍କୁ ମୃତ୍ୟୁ ଦଣ୍ଡ ବିଧାନର ବ୍ୟବସ୍ଥା କରାଗଲା। ତେବେ ଦଣ୍ଡ ବିଧାନ ଦିନ ରାଜାଙ୍କ ସଭାରେ ଉପସ୍ଥିତ ରାଜଦରବାରର ସଦସ୍ୟମାନଙ୍କ ମଧ୍ୟରେ ସଂପୃକ୍ତ ପାରିଷଦଙ୍କ ଧର୍ମପତ୍ନୀଙ୍କ ଆଖିରୁ ଧାର ଧାର ହୋଇ ବହିଯାଉଥିବା ଲୁହ କିନ୍ତୁ ଉପସ୍ଥିତ ସଭାସଦଙ୍କୁ ବିଚଳିତ କଲେ ମଧ୍ୟ ରାଜାଙ୍କ ଉପରେ କିନ୍ତୁ ସେହି ଲୁହର କୌଣସି ବି ପ୍ରଭାବ ପଡ଼ିନଥିଲା। ତେବେ ମୃତ୍ୟୁ ପୂର୍ବରୁ କିନ୍ତୁ ସେହି ପାରିଷଦ ତାଙ୍କ୍ ପତ୍ନୀଙ୍କ ଆଖି ଲୁହରେ ବିଚଳିତ ହୋଇ ତାଙ୍କ ପୁଅଙ୍କୁ କହି ଦେଇଗଲେ ଏକ ଶେଷ ବାକ୍ୟ। ଯାହା ଥିଲା କିଛି ଏହିଭଳି । ମା' ଆଖି ଲୁହର ମୂଲ୍ୟ ବୁଝିବୁ ... ବାପାର ହତ୍ୟାର ପ୍ରତିଶୋଧ ନେବୁ। ବାସ୍ ତା' ପରେ ସବୁକିଛି ଶେଷ।. ପାରିଷଦଙ୍କ ପୁତ୍ର ମଧ୍ୟ ମନରେ ବାପାଙ୍କର ଏହି ଶେଷକଥାକୁ ମନେ ରଖିଲେ ଏବଂ ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ମନେ ମନେ ସ୍ଥିର କଲେ ଏବଂ ମନ କଥା ମନରେ ରଖି ପାରିଷଦ ପୁତ୍ର ସେ ତାଙ୍କ କାମରେ ଆଗେଇ ଚାଲିଲେ। ତେବେ ସମୟ ସମୟ ସୁବିଧା ଦେଖି କିନ୍ତୁ ସେ ସେହି ନିଷ୍ଠୁର ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବାର ଯୋଜନା ପ୍ରସ୍ତୁତ କରିଚାଲିଲେ ଧୀରେ ଧୀରେ। ସେମିତି ବି ସମୟ ଆସିଲା ଥରେ ଯେବେ ସେହି ପାରିଷଦ ପୁତ୍ର ସୁଯୋଗ ଦେଖି ରାଜାଙ୍କ୍ ଏକମାତ୍ର ଅଲୀଅଳୀ କନ୍ୟାକୁ ଫୁସୁଲେଇ ଅନ୍ଧାର ରାତିରେ ଗାୟବ କରିଦେଲେ। ରାତି ପାହିଲାରୁ ରାଜ ଦରବାରରେ ଭାଳେଣି ପଡ଼ିଗଲା। ରାଜା ବି ପଡ଼ିଗଲେ ଚିନ୍ତାରେ। କନ୍ୟା ଅପହରଣକାରୀକୁ ସେବେଠାରୁ ଦଣ୍ଡ ବିଧାନର ଯୋଜନା ପ୍ରସ୍ତୁତ ହେଲା।

# ସର୍ବସମ୍ପନ୍ନା ଭାଷା ସଂସ୍କୃତ



**ପଣ୍ଡିତ ହେମନ୍ତ କୁମାର**

ପ୍ରତ୍ୟେକ ସଭ୍ୟତା ବିକଶିତ ହୋଇଥାଏ ତା'ର ଭାଷା ଓ ସଂସ୍କୃତିକୁ ନେଇ। ଭାଷା ହେଉଛି ମାନବ ସମାଜର ଚିରସ୍ରୋତା ନିର୍ଝରଣୀ। ଯେ କି ତା'ର ଜାତିକୁ ଗଢି ତୋଳିଥାଏ। ସେ'ପରି ଏକ ଭାଷା ହେଉଛି ସଂସ୍କୃତ ଭାଷା । ଏହି ଭାଷା ପୃଥିବୀର ସବୁଠାରୁ ପ୍ରାଚୀନ, ସମୃଦ୍ଧ ଏବଂ ବୈଜ୍ଞାନିକ ଭାଷା। ଏହାକୁ ଦେବଭାଷା, ଗୀର୍ବାଣବାଣୀ ଓ ଅମୃତଭାଷା ବୋଲି ମଧ୍ୟ କୁହାଯାଏ। 'ସଂସ୍କୃତ' ଶବ୍ଦର ଅର୍ଥ ହେଉଛି ସଂସ୍କାର କରାଯାଇଥିବା ଏକ ପରିମାର୍ଜିତ ଭାଷା। ଏ ଭାଷା କେବଳ ଭାରତ ନୁହେଁ, ବରଂ ସମଗ୍ର ବିଶ୍ୱର ସାହିତ୍ୟ, ସଂସ୍କୃତି ଏବଂ ବିଜ୍ଞାନର ମୂଳଦୁଆ ଉପରେ ପ୍ରତିଷ୍ଠିତ। ତେଣୁ ଏହାକୁ ଏକ 'ବିଶ୍ୱ ଭାଷା' ଭାବରେ ଗ୍ରହଣ କରାଯାଏ। ଏହାର ପ୍ରାଚୀନତା ହଜାର ହଜାର ବର୍ଷ ପୁରୁଣା। ବିଶ୍ୱର ସର୍ବପ୍ରାଚୀନ ଗ୍ରନ୍ଥ 'ରଗ୍ ?ବେଦ' ସଂସ୍କୃତ ଭାଷାରେ ହିଁ ରଚିତ ହୋଇଥିଲା। ଏହି ଭାଷା ଭାରତବର୍ଷର ପ୍ରାକୃତିକ ବୈଭବ ଓ ସାଂସ୍କୃତିକ ସୌରଭର ସମନ୍ୱୟକୁ ରକ୍ଷାକରି ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଭାଷା ବିଜ୍ଞାନ ଦୃଷ୍ଟିରୁ ବିବେଚନା କଲେ ଜଣାଯାଏ ଯେ - ସମସ୍ତ ଭାଷାର ଜନନୀ ହେଉଛି ସଂସ୍କୃତ ଭାଷା। ଏ ଭାଷାର ଅନେକ ଶବ୍ଦ ୟୁରୋପୀୟ ଭାଷା ପରିବାରର ପ୍ରାୟ ଶବ୍ଦମାନଙ୍କ ସହ ଯଥେଷ୍ଟ ସମ୍ପର୍କ ରହିଛି। ଏହି ଭାଷାରେ ରଚନା କରାଯାଇଥିବା ସମସ୍ତ ସାହିତ୍ୟ କେବଳ ଭାରତବର୍ଷ ପାଇଁ ଉଦ୍ଦିଷ୍ଟ ନୁହେଁ ; ବରଂ ଏହା ବିଶ୍ୱର ସମସ୍ତ ଦେଶ ପାଇଁ ବରଦାନ ସ୍ୱରୂପ।ତେଣୁ ସଂସ୍କୃତ ଭାଷାର ସୁରକ୍ଷା ଓ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଦ୍ୱାରା ୧୯୬୯ ମସିହା ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ବିଶ୍ୱ ସଂସ୍କୃତ ଦିବସ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା ।ଆମ' ସଂସ୍କୃତ ଭାଷା ପ୍ରତି ସମଗ୍ର ବିଶ୍ୱବାସୀ ଆକୃଷ୍ଟ ହେବାର ଯଥାର୍ଥତା ରହିଛି। କାରଣ ଏହି ଭାଷା ହେଉଛି ବିଶୁଦ୍ଧ। ଏହାର ଦର୍ଶନ, ପଦାର୍ଥ ବିଜ୍ଞାନ, ଭେଷଜ ଶାସ୍ତ୍ର, ବୈଦିକ ଗଣିତ, ଅର୍ଥ ଶାସ୍ତ୍ର ଓ ପାଣିନୀୟ ବ୍ୟାକରଣ ଶାସ୍ତ୍ରାଦି ବିଜ୍ଞାନ ସମ୍ମତ। ସାମ୍ପ୍ରତିକ ସମୟରେ କମ୍ପ୍ୟୁଟର ପାଇଁ ଏହି ଭାଷା ପ୍ରଯୁଜ୍ୟ ହୋଇପାରିଛି । ସଂସ୍କୃତ ଭାଷାର ଚିନ୍ତାଧାରା ଅତିବ ବ୍ୟାପକ ଅଟେ। ଏହି ଭାଷା ବିଶ୍ୱକୁ ଗୋଟିଏ ପରିବାର ବୋଲି ଅଭିହିତ କରିଛି । ଯାହାର ପ୍ରମାଣ:-

ଅୟଂ ନିଜଃ ପରୋ ବେତି ଗଣନା ଲଘୁ ଚେତସାମ୍
ଉଦାର ଚରିତାନାମ୍ ତୁ ବସୁଧୈବ କୁଟୁମ୍ବକମ୍ ।।

ଏହାର ଅର୍ଥ ସଂସ୍କୃତ ଭାଷା ପାଖରେ ନିଜର ଓ ପରର ବୋଲି ସଂକୀର୍ଣ୍ଣ ଭାବନା ନାହିଁ। ସମଗ୍ର ବସୁଧା ବା ବିଶ୍ୱ ହେଉଛି ତା'ର ଗୋଟିଏ ପରିବାର ସଦୃଶ। ତତ୍ ସହିତ ଏ ଭାଷା ସଦା ସର୍ବଦା ସଂସାରର ମଙ୍ଗଳ ଚିନ୍ତନ କରିଆସିଛି । ଏହାର ପ୍ରମାଣ ବୈଦିକ ସାହିତ୍ୟରେ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ -

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍।।

ସଂସ୍କୃତ ଭାଷା ହେଉଛି ବିଶ୍ୱ ସାହିତ୍ୟ ନିମନ୍ତେ ଏକ କଳ୍ପଦ୍ରୁମ ସଦୃଶ। ଏହାର ପ୍ରତି ଛତ୍ରେ ଛତ୍ରେ ବିଶ୍ୱଚେତନା ଓ ବିଶ୍ୱଭ୍ରାତୃତ୍ୱର ମହନୀୟତା ପ୍ରସ୍ଫୁଟିତ ହୋଇଛି। ବିଶାଳ ଭାରତବର୍ଷର ଐକ୍ୟ, ସଂହତି ଏଂ ସଂସ୍କୃତିର ମୂଳସୁତ୍ର ହେଉଛି ଏହି ଭାଷା। ଏହା ଭାରତର ଆତ୍ମା ସ୍ୱରୂପ। ବେଦ, ବେଦାଙ୍ଗ, ଉପନିଷଦ, ବ୍ରାହ୍ମଣ, ଉପଜୀବ୍ୟକାବ୍ୟ ( ରାମାୟଣ, ମହାଭାରତ, ଶ୍ରୀମଦଭାଗବତ ), କାବ୍ୟ, ମହାକାବ୍ୟ ଐତିହାସିକ କାବ୍ୟ, ଗଦ୍ୟକାବ୍ୟ, ଚମ୍ପୂକାବ୍ୟ, ଗୀତିକାବ୍ୟ, ଭକ୍ତିକାବ୍ୟ, କଥା ସାହିତ୍ୟ, ନାଟକ ସାହିତ୍ୟ ଓ ଅଳଙ୍କାର ସାହିତ୍ୟ ଇତ୍ୟାଦି ବିଷୟରେ ବର୍ଣ୍ଣନା ରହିଛି। ଏହି ଭାଷା ଦ୍ୱାରା ବିଶ୍ୱସାହିତ୍ୟ ବାଙମୟ ଋଦ୍ଧିମନ୍ତ ହୋଇପାରିଛି। ପ୍ରାଚୀନ କାଳରେ ଏହା ସମଗ୍ର ଭାରତୀୟ ଉପମହାଦ୍ୱୀପର ସଂଯୋଗୀକରଣ ଭାଷା ରହିଥିଲା।

ସଂସ୍କୃତ ଭାଷା ବ୍ୟକ୍ତିର ବେ ?ଦ୍ଧିକ ଶକ୍ତିକୁ ବିକଶିତ କରିଥାଏ।ଯଦ୍ୱାରା ସାଂସ୍କୃତିକ ସମ୍ବେଦନା ସୃଷ୍ଟିହେବା ସହିତ ଏହା ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ଦିଗରେ ସହାୟ୍ୟ ମଧ୍ୟ କରିଥାଏ । କଳା, ସାହିତ୍ୟ, ସଙ୍ଗୀତ ଓ ଜ୍ୟୋତିଷ ଶାସ୍ତ୍ର ମାଧ୍ୟମରେ ସଂସ୍କୃତ ସବୁବେଳେ ଆମ ସଂସ୍କୃତିକୁ ପ୍ରଭାବିତକରି ଆସୁଅଛି । ଉପରୋକ୍ତ କାରଣ ଯୋଗୁଁ ଆମ' ଦେଶ ଦିନେ ବିଶ୍ୱ ଗୁରୁର ଆଖ୍ୟା ଅର୍ଜନ କରିଥିଲା। ଆଜି ବିଶ୍ୱର ବହୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ (ଯେପରିକି ଅକ୍ସଫୋର୍ଡ, ହାର୍ଭାର୍ଡ ଏବଂ ଜର୍ମାନୀର ବିଭିନ୍ନ ଶିକ୍ଷାନୁଷ୍ଠାନ) ରେ ସଂସ୍କୃତ ଉପରେ ଗବେଷଣା ଚାଲିଛି। ଏହାର ସ୍ପଷ୍ଟ ଉଚ୍ଚାରଣ ମାନସିକ ଏକାଗ୍ରତା ଓ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ ବୋଲି ଆଧୁନିକ ମନୋବିଜ୍ଞାନୀମାନେ ମଧ୍ୟ ମତ ଦିଅନ୍ତି।

ସଂସ୍କୃତ ଭାଷା କେବଳ ଏକ ଅମୃତ ବା ପ୍ରାଚୀନ ଭାଷା ନୁହେଁ, ଏହା ହେଉଛି ମାନବ ସଭ୍ୟତାର ଅମୂଲ୍ୟ ସମ୍ପଦ। ଯାହାଦ୍ୱାରା ବିଶ୍ୱ ଭାଷାର ସଂରକ୍ଷଣ, ପ୍ରସାର ଏବଂ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର ଦ୍ୱାରା ହିଁ ଆମେ ଆମର ଗୌରବମୟ ଅତୀତକୁ ବଞ୍ଚାଇ ରଖିବା ସହ ଏକ ସମୃଦ୍ଧ ଭବିଷ୍ୟତ ଗଠନ କରିପାରିବା। ଏହାକୁ ଦୃଷ୍ଟିରେ ରଖି ଏହି ଭାଷାକୁ ଉଚିତ ସମ୍ମାନ ମିଳିବା ଆବଶ୍ୟକ। କାରଣ ସଂସ୍କୃତ ଭାଷା ବିନା ଭାରତବର୍ଷର ପରିକଳ୍ପନା ଅସମ୍ଭବ। ଯଦି ଏ ଭାଷାର ପ୍ରଚାର ପ୍ରସାର ନ ହୁଏ ତେବେ, ଦିନ ଆସିବ ମାନବ ସଂସ୍କୃତିର ଅଧଃପତନ ଘଟିବ। ତେଣୁ ବେଳ ଥାଉ ଥାଉ ଯଦି ଆମେ ସମସ୍ତେ , ଏହାର ଦାୟାଦ ରୂପେ କାର୍ଯ୍ୟ ନିର୍ବାହ ନ କରିବା ! ତେବେ ଆଗାମୀ ଦିନରେ ଆମର ପୂର୍ବପୀଢ଼ି ସୁସଂସ୍କୃତି ସମ୍ପନ୍ନ ହେବାରୁ ବଞ୍ଚିତ ରହିବେ।

**ବରିଷ୍ଠ ଦର୍ଶନ ଅଧ୍ୟାପକ**
**ଡଃ.ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ**
**କବିସୂର୍ଯ୍ୟ ନଗର, ଗଞ୍ଜାମ।**
୯୮୬୧୩୩୪୮୬୮

# ସଂରକ୍ଷଣ, ବଂଶବାଦ ଓ ସମାନତାର ପ୍ରଶ୍ନ



**ଗୋପାଳ ମହାପାତ୍ର**

ଦେଶରେ ସଂରକ୍ଷଣକୁ ନେଇ ପୁଣି ଥରେ ବିମର୍ଷ ଆରମ୍ଭ ହୋଇଯାଇଛି। ଏହାକୁ କେତେକ ସାମାଜିକ ନ୍ୟାୟର ଆଧାର ବୋଲି କହୁଛନ୍ତି ତ ଆଉ କେତେକ ଏହାକୁ ବ୍ୟବସ୍ଥାର ମୂଳ ପର୍ଯ୍ୟନ୍ତ ଲମ୍ବିଥିବା ବଂଶବାଦୀ ଏବଂ ଜାତିବାଦୀ ସଂରଚନାର ଆଖ୍ୟା ଦେଉଛନ୍ତି। ଏହି ସଂରକ୍ଷଣ କେବଳ ସରକାରୀ ନିଯୁକ୍ତିରେ ସିମୀତ ନୁହେଁ ବରଂ ଏହା ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟପାଳିକା, ପ୍ରଶାସନ, ରାଜନୀତି ଏପରିକି ଧାର୍ମିକ ପ୍ରଶାସନିକ ଢା । ପର୍ଯ୍ୟନ୍ତ ପହ ୍ଗଲାଣି। ପ୍ରଶ୍ନ ନୁହେଁ ଯେ ସଂରକ୍ଷଣ ରହିବା ଉଚିତ୍ କି ହଟାଯିବା ଉଚିତ୍ ବରଂ ପ୍ରଶ୍ନ ହେଉଛି ଯେ କ'ଣ ଦେଶର ସବୁ କ୍ଷେତ୍ରରେ ଅବସର, ଯୋଗ୍ୟତା ଏବଂ ଭାଗିଦାରୀର ସନ୍ତୁଳନ ପ୍ରକୃତରେ ରହିଛି ? ଆଲୋଚକ ମାନଙ୍କ ମତରେ ଯଦି କିଛି ବର୍ଗଙ୍କୁ ସେମାନଙ୍କର ସାମାଜିକ ଏବଂ ଆର୍ଥୀକ ପଛୁଆପଣ ପାଇଁ ସଂରକ୍ଷଣ ଦିଆଗଲା ତେବେ ସେଇ ନ୍ୟାୟର ସିଦ୍ଧାନ୍ତରେ ଏକଥା ପଚରାଯିବା ଉଚିତ୍ ଯେ କ'ଣ ଘରୋଇ ଏବଂ ସାର୍ବଜନୀକ ଜୀବନର ସବୁ କ୍ଷେତ୍ରରେ ମଧ୍ୟ ସମାନ ଅବସର ରହିଛି ଯେଉଁଠି ବର୍ଷ ବର୍ଷ ଧରି ଗୋଟିଏ ପ୍ରକାରର ପାରିବାରିକ, ଜାତିଗତ ଏବଂ ସାମାଜିକ ବ୍ୟବସ୍ଥା ରହିଛି। ମନ୍ଦିରର ପ୍ରଶାସନ ଠାରୁ ନ୍ୟାୟାଳୟର ଉଚ୍ଚ ପୀଠ ପର୍ଯ୍ୟନ୍ତ, ବିଶ୍ୱବିଦ୍ୟାଳୟର କୂଳପତି ଠାରୁ ସବୁକ୍ଷେତ୍ରରେ ବଂଶବାଦର ଚେର ଲମ୍ବିଚାଲିଛି। ଅନେକ ପଦବୀ ଏମିତି ଯେଉଁଠି ଯୋଗ୍ୟତାଠାରୁ ଅଧିକ ନେଟୱାର୍କକୁ ଗୁରୁତ୍ୱ ଦିଆଯାଉଛି ଏବଂ ପରିଚୟ ଓ ବଂଶବାଦର ଗୁରୁତ୍ୱ ରହୁଛି। ଏହି କାରଣରୁ ସଂରକ୍ଷଣକୁ ଅନେକେ ବିରୋଧ କରୁଛନ୍ତି। ସଂରକ୍ଷଣ ବିରୋଧି ସ୍ୱର କେବଳ ଅସନ୍ତୋଷ ନୁହେଁ ବରଂ ଏକ ବଡ଼ଧରଣର ଅଶାନ୍ତିର ବାତାବରଣ ସୃଷ୍ଟି କରିବାକୁ ଯାଉଛି। ସଂରକ୍ଷଣ ବିରୋଧି ଅସନ୍ତୋଷର ଅନେକ କାରଣ ରହିଛି। ପ୍ରଥମତଃ ଯଦି ଦେଶରେ "ଯାହାର ଯେତିକି ଭାଗିଦାରୀ ତାରଅଂଶ ବା ଭାଗ ସେତିକି"ର ସିଦ୍ଧାନ୍ତ ବାସ୍ତବିକ୍ ଗଣତନ୍ତ୍ରର ଆଧାର ତେବେ ଏହା ସରକାରୀ ନିଯୁକ୍ତି ଏବଂ ଶିକ୍ଷା ସଂସ୍ଥାନରେ ସିମୀତ କାହିଁକି ? ଯଦି ୧୦ ପ୍ରତିଶତଙ୍କ ପାଇଁ ଆର୍ଥୀକ ରପରେ ଧାର୍ଯ୍ୟ ଆର୍ଥୀକ ଦୁର୍ବଳ ଶ୍ରେଣୀ (ଇଡ଼ବ୍ଲ୍ୟୁଏସ୍) ଭଳି ବ୍ୟବସ୍ଥା ସମ୍ଭବ, ଯଦି କୌଣସି କ୍ଷେତ୍ରରେ ପରୋକ୍ଷ ବା ଅପରୋକ୍ଷ ବା ଅପ୍ରତ୍ୟକ୍ଷ ବଂଶବାଦୀ କୋଟା (ସଂରକ୍ଷଣ) ଚାଲିପାରେ ତେବେ ବାକି ବଞ୍ଚିତ ସମାଜ ପାଇଁ ପାରଦର୍ଶୀ ସମାନ ଅବସର ସୃଷ୍ଟି କରାଯିବ ନାହିଁ କାହିଁକି ? ଏହି ବିମର୍ଷକୁ କେବଳ ପ୍ରତିରୋଧ ବୋଲି କୁହାନଯାଇ ସମାଧାନର ଭାଷାଭାବେ ଗ୍ରହଣ କରି ଆଗକୁ ବଢ଼ିବା ଉଚିତ୍। ସଂରକ୍ଷଣର ମୂଳ ଉଦେଶ୍ୟ ଦୀର୍ଘବର୍ଷ ଧରି ବଞ୍ଚିତ ସମୁଦାୟ ବା ସଂପ୍ରଦାୟକୁ ମୁଖ୍ୟଧାରାରେ ସାମିଲ କରିବା। ଏହା କେବଳ ଆର୍ଥୀକ ଗରୀବ ର କଥା ନୁହେଁ ସାମାଜିକ ଅପମାନ, ଛୁଆଁ, ଅଛୁଆଁ, ବହିଷ୍କାର ଏବଂ ସଂରଚନାତ୍ମକ ଭେଦଭାବର ପ୍ରଶ୍ନ ଅଟେ। ଏଣୁ ସାମାଜିକ ସମାନତା ପାଇଁ ବ୍ୟବସ୍ଥା ନକରି ସଂରକ୍ଷଣକୁ ସମାପ୍ତ କରାଗଲେ ଦେଶରେ ଭିନ୍ନ ଏକ ସ୍ଥିତି ସୃଷ୍ଟି ହେବ। କିନ୍ତୁ ଅନ୍ୟ ପକ୍ଷରେ ବଂଶବାଦ ଏବଂ କୃତ୍ରିମ ବିଶେଷାଧିକାର ବିରୁଦ୍ଧରେ ପଦକ୍ଷେପ ଗ୍ରହଣ ଜରୁରୀ। ସାମାଜିକ ନ୍ୟାୟର ଐତିହାସିକ ଆବଶ୍ୟକତାକୁ ମଧ୍ୟ ଭୁଲିଯିବା ଉଚିତ୍ ନୁହେଁ। ପ୍ରକୃତପକ୍ଷେ ଏସବୁ ବ୍ୟବସ୍ଥାର ସୁଧାର ସେତେବେଳେ ହୋଇ ପାରିବ ଯେତେବେଳେ ଶିକ୍ଷାରେ ଅସମାନତା ହଟିବ। ଏବେ ଧନୀ ଏବଂ ଗରୀବ ପିଲାକୁ ସମାନ ଶିକ୍ଷା ମିଳୁନାହିଁ। ଗୋଟିଏ ପଟେ ଶିକ୍ଷା ମହଙ୍ଗା ହୋଇଯାଇଛି। ମହଙ୍ଗା ସ୍କୁଲ, ଇଂରେଜୀ ମିଡ଼ିୟମ ଏବଂ ଘରୋଇ କୋଚିଙ୍ଗ ଏବଂ ସଂଶାଧନ ଗୋଟିଏ ପଟେ ଭରପୁର ରହିଛି। ଅନ୍ୟପଟେ ସରକାରୀ ସ୍କୁଲର ଅବ୍ୟବସ୍ଥା। ଯେତେବେଳେ ପ୍ରାଥମିକ ଶିକ୍ଷା ଅସମାନ ହେବ ସେତେବେଳେ ପ୍ରତିଯୋଗିତା କେବେ ବି ନିରପେକ୍ଷ ହୋଇପାରିବ ନାହିଁ। ଏଣୁ "ଏକ ଦେଶ ଏକ-ଶିକ୍ଷା" ଭଳି ଅବଧାରଣା ଉପରେ ଅଧିକ ବିମର୍ଷ ହେବାର ଆବଶ୍ୟକତା ରହିଛି। ପାଠ୍ୟକ୍ରମରେ ସମାନତା, ଶିକ୍ଷକଙ୍କର ନ୍ୟୁନତମ ବିଷୟଗତ ଯୋଗ୍ୟତା ଏବଂ ସ୍କୁଲ ମାନଙ୍କରେ ସମାନ ଶିକ୍ଷା ଅନିବାର୍ଯ୍ୟ ହେବା ଉଚିତ୍। ଶିକ୍ଷକଙ୍କ ନିଯୁକ୍ତି କେବଳ ଔପଚାରିକ ହେବା ଉଚିତ ନୁହେଁ ବରଂ ଯୋଗ୍ୟତା ଥିବା ଆବଶ୍ୟକ। ଯଦି ଦେଶକୁ ପ୍ରତିସ୍ପର୍ଦ୍ଧି, ଆତ୍ମନିର୍ଭର ଏବଂ ଜ୍ଞାନ ସମ୍ପନ୍ନ କରାଯିବା ଆମର ଲକ୍ଷ ତେବେ ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାର ଗୁଣବତ୍ତାକୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ସର୍ବୋପରି ଜନପ୍ରତିନିଧି ଏବଂ ପ୍ରଶାସକ ମାନଙ୍କ ଯୋଗ୍ୟତା ମଧ୍ୟ ବଡ଼ ପ୍ରଶ୍ନ। ଏ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ମତ ଉଦ୍ଧାରର ଆବଶ୍ୟକତା ରହିଛି। ମାନ୍ୟବର କୋର୍ଟଙ୍କ ମତରେ "ଉଚ୍ଚଶିକ୍ଷା ଏବଂ ଉତ୍ତମ ଆର୍ଥୀକ ସ୍ଥିତି ସହ ସାମାଜିକ ସ୍ଥିତି କ୍ଷେତ୍ରରେ ସଂରକ୍ଷଣ ପାଉଥିବା ଲୋକଙ୍କ ଅବସ୍ଥା ସୁଧୁରିଛି। ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦିଆଯିବା ଠିକ୍ କିନ୍ତୁ ଏଥିରେ ସନ୍ତୁଳନ ରହିବା ଆବଶ୍ୟକ। ସଂରକ୍ଷଣ ସେଇ ମାନଙ୍କୁ ମିଳିବା ଉଚିତ୍ ଯାହାର ପ୍ରକୃତ ଆବଶ୍ୟକତା ରହିଛି"। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ସଂରକ୍ଷଣ ପୁରା ସମୁଦାୟକୁ ମିଳିବା ଉଚିତ୍ ନା ପ୍ରକୃତ ଆବଶ୍ୟକତା ଥିବା ଲୋକଙ୍କୁ ମିଳିବା ଉଚିତ୍ ? ଏ ପ୍ରସଙ୍ଗରେ କ୍ରିମିଲେୟର ପ୍ରସଙ୍ଗ ମଧ୍ୟ ଆସିଥାଏ। କିନ୍ତୁ ଏହା ଏତେ ଜଟିଳ ଯେ ଅନେକ ସମୟରେ ଏହାକୁ ଅଣଦେଖା କରିବାକୁ ପଡିଥାଏ। ଭାରତୀୟ ସମ୍ବିଧାନ ସମାନତା କଥା କହୁଛ ଏବଂ ସାମାଜିକ ଅନ୍ୟାୟକୁ ସୁଧାରିବା କଥା ମଧ୍ୟ କହୁଛି। ସ୍ୱାଧିନତାର ୮୦ ବର୍ଷ ପରେ ଦେଶ/ ସରକାର ଏ ପ୍ରସଙ୍ଗରେ ଏକ ସ୍ପଷ୍ଟ ନିର୍ଣ୍ଣୟରେ ପହ ୍ବା ଦରକାର ଯେ ସଂରକ୍ଷଣ କାହାକୁ ଦିଆଯିବ ଏବଂ କାହିଁକି ଦିଆଯିବ ?

**ରାମଚନ୍ଦ୍ରପୁର**
**ରଣପୁର**
**ମୋ:୯୪୩୮୪୮୫୦୯୪**

# ଝୁଲଣ ଯାତ୍ରା



**ଅଲେଖ ଚନ୍ଦ୍ର ସାମଲ**

ଭାରତବର୍ଷର ଅଧିକାଂଶ ପର୍ବ ପୁରାଣ ବର୍ଣ୍ଣିତ ଓ କିମ୍ବଦନ୍ତୀ ଅନ୍ତରାଳରେ ସମ୍ବଳିତ ହୋଇଥିବା ହେତୁ ପ୍ରତ୍ୟେକ ଉତ୍ସବର କିଛି ଆଧାତ୍ମିକ ତଥା ଧାର୍ମିକ ଗୁରୁତ୍ୱ ରହିଛି। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବ୍ରଜଭୂମି ବୃନ୍ଦାବନରେ ଏହି ଝୁଲଣ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୁଏ। କୁହାଯାଏ ଆଜକୁ ପାଞ୍ଚ ହଜାର ବର୍ଷ ଧରି ବୃନ୍ଦାବନରେ ଶ୍ରୀରାଧାକୃଷ୍ଣଙ୍କର ପବିତ୍ର ଝୁଲଣ ଯାତ୍ରା ଉତ୍ସବ ଖୁବ ଜାକଜମକରେ ପାରମ୍ପରିକ ରୀତି ନୀତିରେ ପାଳିତ ହେବା ଲକ୍ଷ୍ୟ କରାଯାଏ। ବୃନ୍ଦାବନରେ ଏହି ପ୍ରସିଦ୍ଧ ଝୁଲଣ ଯାତ୍ରା ଦୀର୍ଘ ତେର ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ବୃନ୍ଦାବନ ଓ ତାହାର ଆଖପାଖ ଅଞ୍ଚଳରେ ଭାରତ ତଥା ବିଶ୍ୱର ବିଭିନ୍ନ ଦେଶରୁ ପର୍ଯ୍ୟଟକମାନେ ଏହି ଝୁଲଣ ଯାତ୍ରାକୁ ଆସି ବେଶ୍ ଉପଭୋଗ ମଧ୍ୟ କରିଥାନ୍ତି। ବୃନ୍ଦାବନରେ ଠାକୁରମାନେ ଝୁଲୁଥିବା ଦୋଳି ଗୁଡ଼ିକ କେଉଁଠାରେ ବିଭିନ୍ନ ପୁଷ୍ପ ଦ୍ୱାରା ତ କିଛି ମନ୍ଦିରରେ ଦୋଳି ଗୁଡ଼ିକ ରୂପା ଓ ସୁନାରେ ନିର୍ମିତ ହୋଇଥାଏ। ବୃନ୍ଦାବନରେ ଥିବା ପ୍ରସିଦ୍ଧ ଶ୍ରୀବାଙ୍କେବିହାରୀ ମନ୍ଦିର, ଶ୍ରୀରାଧାରମଣ ମନ୍ଦିର, ମଥୁରାର ଶ୍ରୀଦ୍ୱାରକାଧିଶୀ ମନ୍ଦିର, ଲାଡ଼ଲୀଲାଲ ଏବଂ ପୁରୀ ଶ୍ରୀମନ୍ଦିରରେ ଶ୍ରାବଣର ଏହି ପବିତ୍ର ଝୁଲଣଯାତ୍ରା ଦେଖିବାକୁ ଭକ୍ତ ମାନଙ୍କ ପ୍ରବଳ ଜନସମାଗମ ହୁଏ। ବୃନ୍ଦାବନର ଘଞ୍ଚ କୁଞ୍ଜବନର ବର୍ଷା ଭିଜା ଆକାଶ ଶ୍ରାବଣରେ ଏକ ରୋମା କର ପରିବେଶ ସୃଷ୍ଟି କରୁଥାଏ। ଭରା ଯମୁନାର କୂଳେ କୂଳେ ବର୍ଷ ଦିନିଆ ଫୁଲମାନେ ଜୁଇ, ଜାଇ, ଚମେଲୀ, ମାଧବୀ ଫୁଲ ମଧ୍ୟରେ ଛାଇ ଯାଇଥାନ୍ତି। ସମଗ୍ର ପରିବେଶ ଜୀବନ୍ତ ହୋଇଉଠେ ଯେତେବେଳେ ବୃନ୍ଦାବନର ପ୍ରତ୍ୟେକ ମଠରେ, ଘରେ, ମନ୍ଦିରରେ ଓ କୁଞ୍ଜବନରେ ରାଧାରାଣୀ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ସହିତ ଆକର୍ଷଣୀୟ ଝୁଲଣରେ ଦୋଳି ଖେଳନ୍ତି। ବୃନ୍ଦାବନର ସାରା ପରିବେଶ ରାଧେ ରାଧେ ଅମୃତ ନାମାମୃତରେ ପବିତ୍ର ହୋଇଉଠେ ଝୁଲଣ ଯାତ୍ରାର ଏହି ତେର ଦିନ।

ଶ୍ରାବଣ ମାସର ପୂର୍ଣ୍ଣିମା ହେଉଛି ଗହ୍ମା ପୂର୍ଣ୍ଣିମା। ଏହାକୁ ବଳରାମଙ୍କ ଜନ୍ମ ତିଥି ଭାବେ ଗ୍ରହଣ କରାଯାଇଛି। ସେ ଚାଷୀ କୁଳର ପ୍ରତୀକ ତଥା ଗୋ ଜାତିର ପାଳନ କର୍ତ୍ତା। ତେଣୁ ଏହି ଦିନରେ ଗାଈଗୋରୁଙ୍କୁ ମଧ୍ୟ ପୂଜା କରାଯାଏ। ଏକମତ ଅନୁଯାୟୀ, ଗୋପୂର୍ଣ୍ଣିମାର ଅପଭ୍ରଂଶ ହେଉଛି ଗହ୍ମା ପୂର୍ଣ୍ଣିମା। ପୁଣି ଏହାକୁ ରାଖୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ। କିମ୍ବଦନ୍ତୀ କହେ, କୁନ୍ତୀ ମାତା, ଏହି ଦିନରେ ପଞ୍ଚପୁତ୍ରଙ୍କୁ କୌରବଙ୍କ ବିଷ ଦୃଷ୍ଟିରୁ ରକ୍ଷା କରିବା ଉଦ୍ଦେଶ୍ୟରେ, ଶ୍ରୀକୃଷ୍ଣଙ୍କ ହାତରେ ରାଖି ବାନ୍ଧି, ତାଙ୍କ ଅନୁଗ୍ରହ ଭିକ୍ଷା କରିଥିଲେ। ଏହି ଦିନର ଅନ୍ୟ ଏକ ଆକର୍ଷଣ ହେଉଛି ଝୁଲଣ ଯାତ୍ରା। ଶ୍ରାବଣ ଶୁକ୍ଳ ପକ୍ଷ ଏକାଦଶୀରେ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମାରେ ଶେଷ ହୁଏ। ଆମ ରାଜ୍ୟର କ୍ଷତ୍ରିୟମାନେ ଏହି ଦିନରେ ଯଜ୍ଞ ଉପବୀତ ବଦଳାନ୍ତି। ଆଗ କାଳରେ ପାଇକମାନେ ଏହି ଦିନକୁ ଅତି ଶୁଭ ମନେକରି, ପିଲାଙ୍କର ଯୁଦ୍ଧବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ। ଏହି ଅବସରରେ ପାଇକ ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ। ସୁଉଚ୍ଚ ସ୍ଥାନକୁ ତଳକୁ ଡେଇଁବାକୁ ଗହ୍ମା ଡିଆଁ। ଯେଉଁମାନେ କୃତକାର୍ଯ୍ୟ ହେଉଥିଲେ, ସେମାନଙ୍କୁ ପାଇକ ହେବା ପାଇଁ ତାଲିମ ଦିଆଯାଉଥିଲା।

ଓଡ଼ିଶାର କୋଣ ଅନୁକୋଣରେ ଥିବା ପ୍ରାୟ ସମସ୍ତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଝୁଲଣ ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ। ପ୍ରତ୍ୟେକ ମନ୍ଦିର ପରିସରରେ ସୁସଜ୍ଜିତ ଦୋଳି ନିର୍ମାଣ କରାଯାଇ ଠାକୁର ମାନଙ୍କୁ ରୀତିନୀତିରେ ଭକ୍ତମାନେ ଝୁଲାଇ ଥାଆନ୍ତି। ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକ ବ୍ୟତୀତ କଣ୍ଟିଲୋର ନୀଳମାଧବ ମନ୍ଦିର, ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ପୁରୀ ନିକଟସ୍ଥ ସାକ୍ଷୀଗୋପାଳ ଜୀଉଙ୍କ ମନ୍ଦିର ଏବଂ ଭୁବନେଶ୍ୱରସ୍ଥ ଇସ୍କନ ଶ୍ରୀକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ମହାସମାରୋହରେ ସାତ ଦିନ ବ୍ୟାପୀ ଭକ୍ତମାନଙ୍କ ଦ୍ୱାରା ପାଳିତ ହୋଇଥାଏ।

ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ପର୍ଯ୍ୟନ୍ତ ସାତ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଏ। ମୁକ୍ତି ମଣ୍ଡପରେ ହୋଇଥିବା ସୁସଜ୍ଜିତ ଝୁଲଣ କୁଞ୍ଜରେ ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଦୋଳି ଉପରେ ବିଜେ କରନ୍ତି। ଏହା ଦ୍ୱାଦଶ ଯାତ୍ରା ଅନ୍ତର୍ଗତ ନ ହେଲେ ସୁଦ୍ଧା ଏ ଯାତ୍ରାର ଲୋକପ୍ରିୟତା ଖୁବ୍ ବେଶି। ଶ୍ରୀମନ୍ଦିରର କୁଞ୍ଜବନରେ ଅନୁଷ୍ଠିତ ଝୁଲଣ ଯାତ୍ରାରେ କିନ୍ତୁ ସ୍ୱକୀୟା ପ୍ରେମକୁ ପ୍ରାଧାନ୍ୟ ଦେଇ ପତି ପତ୍ନୀଙ୍କ ପ୍ରେମ ପ୍ରଣୟ ଏହି ପର୍ବରେ ପ୍ରତିଫଳିତ ହୋଇଥାଏ। ପୁରୀ ମନ୍ଦିରରେ ଝୁଲଣ ପରମ୍ପରା ଅଷ୍ଟାଦଶ ଶତକର ଶେଷ ଭାଗରୁ ଅଦ୍ୟାବଧି ଚଳି ଆସୁଥିବାର ବିଭିନ୍ନ ଲିଖିତ ବିବରଣୀରୁ ମିଳିଥାଏ। ପୁରୀର ଶୋଳ ଶିଳ୍ପୀ ମାନଙ୍କର କରାମତି ସବୁଠୁ ଅଧିକ ଫୁଟି ଉଠେ ଝୁଲଣ କୁଞ୍ଜରେ। ଶ୍ରୀମନ୍ଦିର କୁଞ୍ଜବନର ଅନ୍ୟତମ ବିଶେଷତ୍ୱ ହେଲା ଯେ, ଏହାର ଦୁଇ ପାର୍ଶ୍ୱରେ ପ୍ରକାଣ୍ଡକାୟ ଦୁଇ ଜଣ ଦ୍ୱାରପାଳ ରହନ୍ତି। ଏ ଦୁଇଟି ଦ୍ୱାରପାଳଙ୍କ ଉଚ୍ଚତା ପ୍ରାୟ ଚଉଦ ଫୁଟ। ମୂର୍ତ୍ତି ଦ୍ୱୟର ଗୋଟେ ଲେଖାଏଁ ହାତ ଉତ୍ତୋଳିତ ହୋଇଥାଏ ଏବଂ ସେଥିରେ ସେମାନେ ଧରିଥାଆନ୍ତି ଗୋଟିଏ ଗୋଟିଏ ଗଦା। ଏହି ପ୍ରକାଣ୍ଡକାୟ ମୂର୍ତ୍ତିଗୁଡ଼ିକ ଶୋଲରେ ହିଁ ତିଆରି ହୋଇଥାଏ। ସାତଦିନ ଯାଏଁ ଝୁଲଣ କୁଞ୍ଜରେ ଦେବତାମାନେ ଝୁଲନ୍ତି। ଅବଶ୍ୟ ରତ୍ନସିଂହାସନରେ ବିରାଜୁଥିବା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଏହି ଝୁଲଣରେ ଶୋଭା ନପାଇଲେ ମଧ୍ୟ ଅଷ୍ଟଧାତୁରେ ନିର୍ମିତ ହୋଇଥିବା ତାଙ୍କର ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଲକ୍ଷ୍ମୀ ସାଆନ୍ତାଣୀ ତଥା ମା'ସରସ୍ୱତୀଙ୍କ ପିତୁଳା ଦ୍ୱୟ ଝୁଲଣରେ ଝୁଲିଥାନ୍ତି। ପ୍ରତି ଝୁଲଣରେ ସୁନ୍ଦର ଭାବେ ବିଗ୍ରହ ଗୁଡ଼ିକୁ ବିଶେଷ ବେଶରେ ସଜାଇ ଦିଆଯାଏ। ଯଥାରୀତି ଭୋଗ ଅର୍ପଣ କରିବା ପରେ ସେବାୟତ ବସିରହି ଧିରେ ଧିରେ ଦଉଡି ଟାଣି ଦୋଳିକୁ ଝୁଲାନ୍ତି। ଏହି ଝୁଲଣ ଯାତ୍ରା ଯେ, କେବଳ ଶ୍ରୀମନ୍ଦିରରେ ନୁହେଁ ବରଂ ଶ୍ରୀମନ୍ଦିରକୁ ବେଢ଼ି ରହିଥିବା କୋଡିଏରୁ ଅଧିକ ମଠରେ। ମହାନନ୍ଦରେ ପାଳିତ ହେବା ଦେଖାଯାଏ। ଏମାର ମଠର ଆକର୍ଷଣୀୟ କୁଞ୍ଜବନରେ ବାଇଶି ଫୁଟର କୁଞ୍ଜ ନିର୍ମାଣ କରାଯାଇ ଶୋଲରେ ସଜ୍ଜିତ କରାଯାଇଥାଏ। ପ୍ରତିମଠରେ ଏକା ଦେବତା ଝୁଲନ୍ତି ନାହିଁ। ଏମାର ମଠରେ ଝୁଲନ୍ତି ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତା। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଝୁଲନ୍ତି ଶ୍ରୀରାଧାକୃଷ୍ଣ। ସେହିପରି ଅନ୍ୟାନ୍ୟ ମଠ ଯଥା ଓଡ଼ିଆ ମଠ, ଗୌଡ଼ିୟ ମଠ, ଶ୍ରୀଚୈତନ୍ୟ ମଠ ପ୍ରଭୃତିରେ ପୁଷ୍ପ ଓ ଶୋଲରେ ନିର୍ମିତ ଆକର୍ଷଣୀୟ କୁଞ୍ଜ ଶ୍ରୀରାଧାକୃଷ୍ଣ ଦୋଳି ଖେଳନ୍ତି। ଓଡ଼ିଆ ଆଧାତ୍ମିକ ଜୀବନ ଚେତନାରେ ଝୁଲଣ ଯାତ୍ରାର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ।

**ପୂର୍ବତନ ଡିଏଫଓ, ପଲାଇ,**
**ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩**





# ଯାଜପୁର ଜିଲ୍ଲାରେ ୪.୭୭ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ଖାତାକୁ ଗଲା ସୁଭଦ୍ରା ଟଙ୍କା

**ଯାଜପୁର (ଅମୃତ ମିଡିଆ) :** ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟ ସରକାରଙ୍କ ତରଫରୁ 'ସୁଭଦ୍ରା' ଯୋଜନାର ୫ମ କିସ୍ତି ଟଙ୍କା ପ୍ରଦାନ କରାଯାଇଛି। ନୟାଗଡ଼ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ମହିଳାଙ୍କ ବ୍ୟାଙ୍କ ଖାତାକୁ ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ସିଧାସଳଖ (ଡିବିଟି) ଜରିଆରେ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଲୋକସଭା, ଯାଜପୁର ଡ଼ା. ରବୀନ୍ଦ୍ର ନାରାୟଣ ବେହେରା କହିଲେ ସୁଭଦ୍ରା ଯୋଜନା ରେ ଆମ ସରକାର ନିଜର ପ୍ରତିଶ୍ରୁତି ପୂରଣ କରି ପ୍ରତ୍ୟେକ ଯୋଗ୍ୟ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଉଛନ୍ତି। ଯାଜପୁର ଜିଲ୍ଲାର ପ୍ରାୟ ୪.୭୭ ଲକ୍ଷ ମହିଳା ଏହି କିସ୍ତି ପାଇବା ଗୌରବର ବିଷୟ। ଏହି ଆର୍ଥିକ ସହାୟତା ମହିଳାମାନଙ୍କୁ ସମାଜରେ ଆଗକୁ ବଢ଼ିବାକୁ ଅପୂର୍ବ ଶକ୍ତି ଯୋଗାଇବ। ଯାଜପୁର ଜିଲ୍ଲାରେ ଗୋଟିଏ ବି ଯୋଗ୍ୟ ମହିଳା



ଯେପରି ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମେ ନିରନ୍ତର କାର୍ଯ୍ୟ କରୁଛୁ। ଏହି କିସ୍ତିରେ ଜିଲ୍ଲାର ଆଉ ୧୭,୯୫୮ ଜଣ ନୂତନ ମହିଳାଙ୍କୁ ସାମିଲ କରାଯିବା ଏହାର ଜ୍ୱଳନ୍ତ ପ୍ରମାଣ। ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ପର୍ଯ୍ୟାୟକ୍ରମେ ଯୋଡ଼ାଯିବ। ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ଅର୍ଥ ରାଶି ପ୍ରଦାନରେ ଯାଜପୁର ଜିଲ୍ଲାରେ ବୃହତ ସଂଖ୍ୟକ ମହିଳା ଉପକୃତ ହୋଇଛନ୍ତି। ଜିଲ୍ଲାର ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳକୁ ମିଶାଇ ମୋଟ ୪,୭୭,୪୦୦ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି କିସ୍ତିର ଟଙ୍କା ଜମା ହୋଇଛି। ବ୍ଲକ ଓ ପୌରାଞ୍ଚଳ ୱାରି ତଥ୍ୟ ଅନୁସାରେ, ବଡ଼ଚଣା ବ୍ଲକରେ ସର୍ବାଧିକ ୫୭,୭୩୩ ଜଣ ମହିଳା (୧,୫୩୦ ଜଣ ନୂତନ) ଏବଂ ଧର୍ମଶାଳା ବ୍ଲକରେ ୫୭,୯୪୨ ଜଣ (୧,୬୮୪ ଜଣ ନୂତନ) ଏହି କିସ୍ତି ପାଇଛନ୍ତି। ସେହିପରି ଦଶରଥପୁରରେ ୫୩,୯୬୭ ଜଣ (୧,୪୯୫ ଜଣ ନୂତନ) ବିଞ୍ଝାରପୁରରେ ୪୬,୬୫୪ ଜଣ (୧,୪୭୬ ଜଣ ନୂତନ) ରସୁଲପୁରରେ ୪୬,୧୭୨ ଜଣ (୧,୫୨୫ ଜଣ ନୂତନ) ଯାଜପୁର ବ୍ଲକରେ ୪୫,୧୨୪ ଜଣ (୧,୦୧୧ ଜଣ ନୂତନ), କୋରେଇରେ ୪୨,୬୪୮ ଜଣ (୧,୦୧୮ ଜଣ ନୂତନ), ବରୀରେ ୪୧,୯୩୮ ଜଣ (୧,୬୩୩ ଜଣ ନୂତନ), ସୁକିନ୍ଦାରେ ୩୫,୯୫୪ ଜଣ (୧,୫୦୩ ଜଣ ନୂତନ) ଏବଂ ଦାନଗଦି ବ୍ଲକରେ ୩୨,୧୬୨ ଜଣ (୧,୩୧୪ ଜଣ ନୂତନ) ହିତାଧିକାରୀଙ୍କ ଖାତାକୁ ଟଙ୍କା ପଠାଯାଇଛି। ପୌରାଞ୍ଚଳଗୁଡ଼ିକ ମଧ୍ୟରୁ ଯାଜପୁର ପୌରପାଳିକାର ୮,୨୫୯ ଜଣ (୧,୮୦୧ ଜଣ ନୂତନ) ଏବଂ ବ୍ୟାସନଗର ପୌରପାଳିକାର ୮,୮୪୭ ଜଣ (୧,୯୬୮ ଜଣ ନୂତନ) ମହିଳା ଏହି ୫ମ କିସ୍ତିର ଲାଭ ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ସୁରକ୍ଷା ଅଧିକାରୀ ଶ୍ରୀମତୀ ସରୋଜିନୀ ଦାସ, ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ନାରୀମାନଙ୍କୁ କେବଳ ଆର୍ଥିକ ସହାୟତା ନୁହେଁ, ବରଂ ସେମାନଙ୍କୁ ଲକ୍ଷପତି ଓ କୋଟିପତି ସ୍ତରର ସ୍ୱାବଲମ୍ବୀ ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ସରକାରଙ୍କ ପ୍ରକୃତ ଲକ୍ଷ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଯୋଗେଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀଙ୍କ ସହଯୋଗରେ ସମ୍ପାଦନ କରାଯାଇଥିଲା। ପ୍ରାରମ୍ଭରେ ମହିଳାମାନେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ ଭଉଣୀ ସମ୍ପର୍କର ଅତୁଟ ବନ୍ଧନର ବାର୍ତ୍ତା ଦେଇଥିଲେ।

# ହତ୍ୟା ଅଭିଯୋଗରେ ଦୋଷୀକୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ

**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଏକ ଫୌଜଦାରୀ ମାମଲାର ବିଚାର କରି ଘଟଣାରେ ସମ୍ପୃକ୍ତ ମୁଦାଲାଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୧୦,୦୦୦ ଟଙ୍କାର ଜୋରିମାନ ଆଦେଶ ଶୁଣାଇଛନ୍ତି । ସୂଚନା ମୁତାବକ ୨୦୨୦ ଜାନୁଆରୀ ୨୮ ତାରିଖରେ ଯାଜପୁର ଜିଲ୍ଲା ବୈରୀ ଥାନା ନୟାପାଟଣା ଗ୍ରାମର ବସନ୍ତ କୁମାର ସାହୁ ଛତିଆ ବିଟ୍ ହାଉସରେ ଲିଖିତ ଅଭିଯୋଗ କରିଥିଲେ ଯେ, ସେଦିନ ପୂର୍ବାହ୍ନ ୧୧:୩୦ ଘଟିକା ସମୟରେ ଘରେ ଅନ୍ୟ କେହି ପରିବାର ଲୋକ ନଥିବା ସମୟରେ ମୁଦାଲା ଦୀନବନ୍ଧୁ ସାହୁ ଓ ତାଙ୍କ ପୁଅ ସୌମ୍ୟରଂଜନ ସାହୁ ତାଙ୍କ ଘର ଭିତରକୁ ପ୍ରବେଶ କରି ତାଙ୍କ ମା' ସତ୍ୟଭାମା ସାହୁଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ କଲେ । ଯେତେବେଳେ ତାଙ୍କ ମା' ସତ୍ୟଭାମା ପ୍ରତିରୋଧ କଲେ ଉଭୟ ବାପା ଓ ପୁଅ ଲୁହା ରଡ୍ ରେ ତାଙ୍କ ମାଙ୍କ ମୁଣ୍ଡକୁ ଆଘାତ କରିଥିଲେ । ଯାହା ଫଳରେ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତଶ୍ରାବ ହେଲା ଓ ସେ ଅଚେତ ହୋଇପଡିଲେ । ସାହି ଲୋକଙ୍କ ଠାରୁ ଘଟଣା ବିଷୟରେ ଖବର ପାଇ ଏତଲାକାରୀ ଓ ଅନ୍ୟମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ମା'ଙ୍କୁ ଲୋକାଲ ପି.ଏଚ.ସି କେନ୍ଦ୍ରରେ ଚିକିତ୍ସା କରାଇବାକୁ ନେଲେ ଓ ଡାକ୍ତର ତାଙ୍କୁ କଟକ ବଡମେଡିକାଲକୁ ଚିକିତ୍ସା ନିମନ୍ତେ ନେବାକୁ କହିଲେ । ଚିକିତ୍ସା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହେଲା । ଉକ୍ତ ଘଟଣାଟି ବୈରୀ ଥାନା କେଶ ନଂ- ୧୭/୨୦୨୦ ରେ ମାମଲା ରୁଜୁ ହୋଇଥିଲା । ଏହି ମାମଲା ଚଣ୍ଡିଖୋଲ କୋର୍ଟରେ ସି.ଟି. ସେସନ୍ସ ନଂ- ୭୯/୨୦୨୦ ର ବିଚାର କରି ୧୮ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଆଜି ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଗୋପବନ୍ଧୁ ଗଡ଼ନାୟକ, ମୁଦାଲା ମନ୍ତ୍ରୀ ଓରଫ ଦୀନବନ୍ଧୁ ସାହୁଙ୍କୁ ଭାରତୀୟ ପିଙ୍ଗଳ କୋଡ଼ ଧାରା ୩୦୨ ଦଫାରେ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହିତ ୧୦,୦୦୦ ଟଙ୍କାର ଜୋରିମାନା ଓ ଜୋରିମାନା ଅନାଦେୟ ଆଉ ୬ ମାସର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଡିସନାଲ ପି.ପି. ନଳିନୀକାନ୍ତ ମିଶ୍ର ପରିଚାଳନା କରୁଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଖୋର୍ଦ୍ଧା (ଅମୃତ ମିଡିଆ) :** ଖୋର୍ଦ୍ଧା ବ୍ଲକ ପରିସରରେ ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀ ସିଦ୍ଧାର୍ଥ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଖୋରଧା ପଂଚାୟତ ସମିତି ଅଧୀନ ବିଭିନ୍ନ ପ୍ରାନ୍ତରୁ ବହୁ ଅଭିଭାବକ ସମେତ ବିଭିନ୍ନ ଭିନ୍ନକ୍ଷମ ମାନେ ସରକାରଙ୍କ ଯୋଜନାରେ ସାମିଲ ହେବାପାଇଁ ଯୋଗ ଦେଇଥିଲେ। ୨୩୮ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ୨୧୧ ଜଣ ଭିନ୍ନକ୍ଷମଙ୍କ ବିଶେଷଜ୍ଞ ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ଶ୍ରବଣ ସମସ୍ୟାରେ ୩୨ ଜଣ, ଅସ୍ଥି ଶଲ୍ୟ ୫୬ ଜଣ, ମାନସିକ ବିକାରଗ୍ରସ୍ତ ୨୩ ଜଣ, ଦୃଷ୍ଟି ବାଧିତ ୨୦ ଜଣ ଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ନିୟମାନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋରଧା ଶ୍ରୀ ସିଦ୍ଧାର୍ଥ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତି ରେ ପ୍ରକାଶ କରିଛନ୍ତି ।

# ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ସ୍ୱାମୀ ଗିରଫ

**ରଘୁନାଥପୁର (ଅମୃତ ମିଡିଆ) :** ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଦେବା ଅଭିଯୋଗରେ ଦୀର୍ଘଦିନ ଧରି ଫେରାର ଥିବା ସ୍ୱାମୀକୁ ରଘୁନାଥପୁର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।ଅଭିଯୁକ୍ତ ସ୍ୱାମୀ ଜଣଙ୍କ ହେଲେ ଏହି ଥାନା ଅନ୍ତର୍ଗତ କୋଟକଣା ଗ୍ରାମର ଜିତେନ୍ଦ୍ର ବାରିକ ।ସୂଚନାଯୋଗ୍ୟ କି ସ୍ୱାମୀ ଜିତେନ୍ଦ୍ର ତାଙ୍କ ସ୍ତ୍ରୀଙ୍କୁ ମାନସିକ ଓ ଶାରିରୀକ ଭାବେ ନିର୍ଯ୍ୟାତନା ଦେଉଥିବା ସମ୍ପର୍କରେ ସ୍ତ୍ରୀ ମାମୁନି ସେଠି ଥାନାରେ ଅଭିଯୋଗ କରିଥିଲେ ।ଏ ସମ୍ପର୍କରେ ପୋଲିସ କେସ ନଂ ୧୦/୨୬ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ ।ଅଭିଯୁକ୍ତ ସ୍ୱାମୀ ଫେରାର ଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ଜିତେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ପ୍ରେମଜିତ ଦାସ ପ୍ରକାଶ କରିଛନ୍ତି। ୭.୪ ଲିଟର ଦେଶୀମଦ ଜବତ ।ଅଭିଯୁକ୍ତ ଗିରଫ ରଘୁନାଥପୁର, ୨୮/୮ (ଅମୃତ ମିଡିଆ)ରଘୁନାଥପୁର ଥାନା ପୋଲିସ ପାଟ୍ରୋଲିଙ୍ଗ କରୁଥିବା ସମୟରେ ସାଦେଇପୁର ବଣିକୁନ୍ଦ ଅଞ୍ଚଳରୁ ୭.୪ ଲିଟର ଦେଶୀମଦ ଜବତ କରିବା ସହ ଅଭିଯୁକ୍ତ ପାଗଳ ଭୋଇ ୪୭ କୁ ଗିରଫ କରିଛି ।ଏ ନେଇ ଥାନାରେ କେସ ନଂ ୧୫୧/୨୬ ରେ ଅବକାରୀ ଦଫା ଲଗାଯାଇ ଅଭିଯୁକ୍ତ ପାଗଳକୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପ୍ରେମଜିତ ଦାସ ସୂଚନା ଦେଇଛନ୍ତି ।ଉକ୍ତ ଅଞ୍ଚଳରେ ଚୋରାରେ ଦେଶୀ ବିଦେଶୀ ମଦ ବିକ୍ରୟ ହେଉଥିବା ଖବର ପାଇ ରଘୁନାଥପୁର ପୋଲିସ ତୀକ୍ଷ୍ଣ ଦୃଷ୍ଟି ରଖିଥିଲା ।ଶୁକ୍ରବାର ଅଭିଯୁକ୍ତ ପାଗଳ ନିଜର ବେପାର ଚଳାଇଥିବା ବେଳେ ପୋଲିସ ତାକୁ ଧରିବାକୁ ସକ୍ଷମ ହୋଇଥିଲା।

# ଗନାଇଲୋ ତଅଁରା ରାସ୍ତା ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକର ଗନାଇଲୋ ତଅଁରା ରାସ୍ତା ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ। ସଂଜ ନଇଁଲେ ଏହି ରାସ୍ତାର ଧଳତଙ୍ଗଗଡ ଜଙ୍ଗଲ ନିକଟରେ ଅବାଧରେ ଚାଲୁଛି ଗଞ୍ଜେଇ, ମଦ ଭଳି ମାଦକ ଦ୍ରବ୍ୟ ବେପାର। ଏହି ସ୍ଥାନଟି ନିଛାଟିଆ ଯାଗା ହୋଇ ଥିବାରୁ ନିଶା ଓ ନିଶାଡିଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଫଳରେ ସଂଧ୍ୟା ହେଲେ ଏହି ବାଟ ଦେଇ ସ୍କୁଲ ଛାତ୍ରଛାତ୍ରୀ ଓ ଝିଅ ବୋହୂମାନଙ୍କ ବ୍ୟତୀତ ସାଧାରଣ ଲୋକମାନେ ମଧ୍ୟ ଯିବା ଆସିବାକୁ ଭୟ କରୁଛନ୍ତି। ଅବକାରୀ ବିଭାଗ ଏସବୁ ଜାଣି ମଧ୍ୟ ନିରବଦ୍ରଷ୍ଟା ପାଲଟିଥିବାରୁ ସାଧାରଣରେ ବିସ୍ମୟ ସୃଷ୍ଟି କରିଛି ।ଏହି ସ୍ଥାନଟି ରଘୁନାଥପୁର ବ୍ଲକ ଅଂଚଳର ହୋଇଥିଲେ ମଧ୍ୟ ତିର୍ତ୍ତୋଲ ଥାନା ଅଧୀନରେ ଆସୁଥିବା ଏବଂ ଏହି



ରାସ୍ତାରେ ଦିନେ ହେଲେ ପୋଲିସ ପେଟ୍ରୋଲିଂ ନହେବା ଏବଂ ଅବକାରୀ ବିଭାଗ ନିଷ୍କ୍ରିୟତା ଯୋଗୁଁ ଏଭଳି ଅବସ୍ଥା ଉପୁଜିଛି ବୋଲି ଜିଲ୍ଲା କୃଷକ ସଂଘର ସଂପାଦକ ଇଂ ବାବାଜୀ ଜେନା ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି ।ଏ ସଂକ୍ରାନ୍ତରେ ତିର୍ତ୍ତୋଲ ଅବକାରୀ ବିଭାଗ ଉପ ନିରିକ୍ଷକ ସ୍ମିତା ପଣ୍ଡା ଓ ପାରାଦ୍ୱୀପ ନିରିକ୍ଷକ ପ୍ରଶାନ୍ତ ମହାନ୍ତିଙ୍କ ସହିତ ଯୋଗାଯୋଗ କରା ଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇ ପାରିନଥିଲା। ତେବେ ଏହି ଅଂଚଳଟି ରଘୁନାଥପୁର ବ୍ଲକର ହୋଇଥିବାରୁ ଏହାକୁ ରଘୁନାଥପୁର ଥାନା ଅଧିନକୁ ଆସିବା ପାଇଁ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଆଠମଲ୍ଲିକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ବିଭାଗର ଆଲୋଚନାଚକ୍ର

**ଆଠମଲ୍ଲିକ (ଅମୃତ ମିଡିଆ) :** ଆଠମଲ୍ଲିକ ମହାବିଦ୍ୟାଳୟ ଶକ୍ତିଶ୍ରୀ ତରଫରୁ ନାରୀ ସଶକ୍ତି ଏବଂ ନାରୀ ଅଧିକାର ଆଇନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପୁରୁଷୋତ୍ତମ ମିଶ୍ର ସଭାପତିତ୍ୱ କରି ମା ସକଳ ଶକ୍ତିର ଆଧାର ଏବଂ ନାରୀ ସମୃଦ୍ଧି ରାଷ୍ଟ୍ରର ସମୃଦ୍ଧି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକଅତିରିକ୍ତ ଥାନା ଅଧିକାରୀ ବିକାଶ କୁମାର ସାମଲ ଯୋଗ ଦେଇ ନାରୀ ହିଁ ସମାଜ ରେ ମୁଖ୍ୟ ଭୂମିକାର ଆକର୍ଷଣ । ତେଣୁ ନାରୀ ଜାତି ସମ୍ମାନ ଜଣାଇବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବରେ ଆଇନଜୀବୀ ବନ୍ଦିତା ମିଶ୍ର ଯୋଗ ଦେଇ ନାରୀ ମାନଙ୍କର ସ୍ୱାଧୀକାର ସମ୍ପର୍କ ରେ ଉଲ୍ଲେଖ କରିଥିଲେ । ଶକ୍ତି ଶ୍ରୀ ଟ୍ରେନର ମମତା ସ୍ୱାଇଁ ଙ୍କୁ ଉକ୍ତ ସଭାରେ ସମ୍ବର୍ଦ୍ଧିତ କରା ଯାଇଥିଲା । ଅଧ୍ୟାପିକା ପୁନମ ସାହୁ ଶକ୍ତିଶ୍ରୀର ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭା କାର୍ଯ୍ୟ ପରିଚାଳନା କରିଥିଲେ ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ । ଏହି କାର୍ଯ୍ୟକ୍ରମ ରେ ଅଧ୍ୟାପକ ହୃଷିକେଶ ମହାକୁଡ଼, କ୍ଷୀରୋଦ ପ୍ରଧାନ,ଚନ୍ଦ୍ରକାନ୍ତ ମଲ୍ଲିକ,ଅଧ୍ୟାପିକା ନମିତା ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ । ଅଧ୍ୟାପିକା ଅର୍ପିତା ଅଞ୍ଜଳି ଗୁରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ନଦୀରେ ବୁଡି ଗୃହରକ୍ଷୀଙ୍କ ମୃତ୍ୟୁ

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବିରୂପା ନଦୀରେ ବୁଡି ଜଣେ ଗୃହରକ୍ଷୀଙ୍କର ପରଲୋକ ଘଟିଛି । ଅକାଳ ମୃତ୍ୟୁ ବରଣ କରିଥିବା ଏହି ଗୃହରକ୍ଷୀ ହେଉଛନ୍ତି ବଡ଼ଚଣା ବ୍ଲକ ତଥା ବାଲିଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ରୁକୁଟିପାଟ ଗ୍ରାମର କାର୍ତ୍ତିକ ଚନ୍ଦ୍ର ବେହେରା (୫୮),ଯିଏକି ଦୀର୍ଘ ବର୍ଷ ଧରି ବାଲିଚନ୍ଦ୍ରପୁର ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରି ଆସୁଥିଲେ । ସୂଚନା ମୁତାବକ ଗୃହରକ୍ଷୀ କାର୍ତ୍ତିକ ଗତ କାଲି ସକାଳେ ନିଜ ଘର ନିକଟ ବିରୂପା ନଦୀକୁ ସ୍ନାନ କରିବାକୁ ଯାଇଥିଲେ । ତେବେ ଗାଧୋଇବା ସମୟରେ ତାଙ୍କ ଗୋଡ ଖସି ଯିବାରୁ ସେ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ । ତେବେ ସେ ଏହି ନଦୀରେ ସ୍ନାନ କରୁଥିବା ଅଳ୍ପ ଦୂରରେ ଆଜି ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ଏହି ଖବର ପ୍ରଚାରିତ ହେବା



ପରେ ସେଠାରେ ଲୋକଙ୍କର ଗହଳି ଲାଗି ଯାଇଥିଲା । ଖବର ପାଇ ବାଲିଚନ୍ଦ୍ରପୁର ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀ ସେଠାରେ ପହଞ୍ଚି ମୃତ କାର୍ତ୍ତିକଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡ଼ିକାଲକୁ ପଠାଇଥିଲେ ।

# କାର୍‌ଧକ୍କାରେ ଷଣ୍ଢ ମୃତ, ପୋଲିସ ଉପସ୍ଥିତିରେ କାର୍‌ ଫେରାର

## ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ଉଠିଲା ପ୍ରଶ୍ନ ?

**ନୀଳଗିରି (ଅମୃତ ମିଡିଆ) :** ବରହମପୁର ଥାନା ଅଧୀନ ଗୋହିରା ଛକରେ ଏକ ମର୍ମନ୍ତୁତ ସଡକ ଦୁର୍ଘଟଣାରେ ଗୋଟିଏ ଷଣ୍ଢ ପ୍ରାଣ ହରାଇଥିବା ବେଳେ ଗୋଟିଏ ଗାଇ ଚିକିତ୍ସାଧୀନ ଅବସ୍ଥାରେ ରହିଛି। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ ଓଡି୦୨-ଏବି-୭୧୪୧ ନମ୍ବର ବିଶିଷ୍ଟ ଏକ କାର୍ ବାଲେଶ୍ୱରରୁ କପ୍ତିପଦା ଅଭିମୁଖେ ଯାଉଥିବା ସମୟରେ ବେପରୁଆ ଗାଡି ଚାଳନା କରି ଶେରଗଡ-ଝରଣଘାଟୀ ୧୯ ନଂ ରାଜ୍ୟ ରାଜପଥର ଗୋହିରା ଛକରେ ଦୁଇଟି ଗୋରୁଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଯେଉଁଥିରେ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ବେଳେ





ଅନ୍ୟ ଗୋରୁଟିକୁ ଗୁରୁତର ଅବସ୍ଥାରେ ବାମପଦା ଗୋଶାଳାରେ ଚିକିତ୍ସିତ କରାଯାଉଛି। ସ୍ଥାନୀୟ ଯୁବକଙ୍କ ସହାୟତାରେ ଗାଡି ଓ ଗାଡିଚାଳକଙ୍କୁ ଛତ୍ରପୁର ଛକ ନିକଟରେ କାବୁ କରାଯାଇ ବରହମପୁର ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ହେଲେ ଉକ୍ତ ଗାଡିର ଇନ୍ସୁରାନ୍ସ ଓ ପଲ୍ୟୁସନ ନଥିବା ବେଳେ ପୋଲିସ ଅଧିକାରୀ ଉକ୍ତ ଗାଡିଟିକୁ କିପରି ଛାଡିଦେଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବରହମପୁର ଏସ୍ଆଇ ମନୋରଞ୍ଜନ ପୁହାଣଙ୍କୁ ପଚାରିବାରୁ ଆପୋସି ବୁଝାମଣା ହେବାରୁ ଗାଡିଟିକୁ ଛାଡି ଦେଇଥିବା କହିଛନ୍ତି। ତେବେ ଯେତେବେଳେ ଗୋଟିଏ ଗାଡିରେ ଗୋଟେ ଜୀବର ଜୀବନ ଯାଉଛି ପୋଲିସ କିପରି କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଆପୋସି ବୁଝାମଣାରେ ଗାଡି ଛାଡୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି !

# ମାହାଲହାଟ ଜଗନ୍ନାଥ ମନ୍ଦିରରେ ଗହ୍ମାପର୍ବ ପାଳିତ



**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକ ତାରପୁର ନିକଟସ୍ଥ ମାହାଲହାଟ ମୁଗୁରିଆ ଜଗନ୍ନାଥ ମନ୍ଦିରରେ ଭବ୍ୟ ରୀତିନୀତି ଅନୁଯାୟୀ ଗାହ୍ମାପର୍ବ ପାଳନ କରାଯାଇଛି। ପ୍ରଭୁ ବଳଭଦ୍ର ଦେବଙ୍କ ଜନ୍ମୋତ୍ସବ ଉପଲକ୍ଷେ ଗୁରୁବାର ସକାଳୁ ସେବାୟତଙ୍କ ସହ ଗ୍ରାମବାସୀ ଖୋଳ ସଙ୍କୀର୍ତ୍ତନ କରି ନିକଟସ୍ଥ ମାର୍କଣ୍ଡେୟ ପୁଷ୍କରିଣୀ ନିକଟରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇ ପୁଷ୍କରିଣୀରୁ ମୃତ୍ତିକା ସଂଗ୍ରହ କରି ମୂର୍ତ୍ତି କାରିଗରଙ୍କ ଦ୍ୱାରା ବଳଭଦ୍ର ଦେବଙ୍କ ପିତୁଳା ଗଢା ଯାଇଥିଲା। ଉକ୍ତ ପିତୁଳାକୁ କର୍ତ୍ତା ବିଭୂତି ଭୂଷଣ ସ୍ୱାଇଁ ମୁଣ୍ଡରେ ରଖି ଏକ ଶୋଭାଯାତ୍ରାରେ ମନ୍ଦିରକୁ ଆଣିଥିଲେ। । ମାଟିରେ ନିର୍ମିତ ପିତୁଳାକୁ ପୂଜାର୍ଚ୍ଚନା କରାଯାଇ ମନ୍ଦିର ପ୍ରବେଶ କରାଯାଇଥିଲା। ଏହାପରେ ଗର୍ଭଗୃହ ମଣ୍ଡପକୁ ବିଜେ କରାଯାଇଥିଲା। ଶୁକ୍ରବାର ଉକ୍ତ ପିତୁଳାକୁ ବିସର୍ଜନ କରାଯିବ ବୋଲି କର୍ତ୍ତା ସ୍ୱାଇଁ ପ୍ରକାଶ କରିଥିଲେ। ଏହି ଅବସରରେ ଦିନତମାମ ମନ୍ଦିରରେ ଭଜନ କୀର୍ତ୍ତନ ଲାଗିରହିବା ସହ ପ୍ରବଳ ଜନଗହଳି ଲାଗି ରହିଥିଲା। ଶ୍ରଦ୍ଧାଳୁ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଶ୍ରୀ ଜଗନ୍ନାଥ ସେବା ସମିତି ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ତିନି ଠାକୁରଙ୍କୁ ଝୁଲଣ ବେଦୀକୁ ନିଆଯାଇ ଉପଚାର କରାଯାଇଥିଲା। ଗଗନ ବିହାରୀ ପୁହାଣ,ପବିତ୍ର ପରିଜା,ରମାକାନ୍ତ ମଲ୍ଲଙ୍କ ସହ କମିଟି ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ, ଚକ୍ଷୁଦାନ କଲେ ପରିବାର

**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ଶ୍ରୀ ଶ୍ରୀ ସତ୍ୟସାଇ ସେବା ସମିତିର ପୂର୍ବତନ ଆବାହକ ଦିଲୀପ କୁମାର ଲେଙ୍କା ଗତରାତି ତିନିଟା ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ।ସତ୍ୟସାଇ ସଂଗଠନର ପୂର୍ବ ଯୋଜନା ଅନୁସାରେ ତାଙ୍କ ଦୁଇ ଚକ୍ଷୁଦାନ କରିଛନ୍ତି ପରିବାର ଲୋକେ ।ବାଲେଶ୍ୱର ଜିଲା ନୀଳଗିରି ଶ୍ରୀ ଶ୍ରୀ ସତ୍ୟସାଇ ସେବା ସମିତିର ପୂର୍ବତନ ଆବାହକ ଦିଲ୍ଲୀପ କୁମାର ଲେଙ୍କା ୫୫ ବର୍ଷରେ ହୃଦଘାତ ଜନିତ ରୋଗରେ ପୀଡିତହୋଇ ଗତ ରାତିରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ନୀଳଗିରି ସେବା ସମିତିର ଆବାହକ ଭାବେ ବେଶ୍ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ସେ ନୀଳଗିରି ସମିତି ଅଧୀନରେ ଥିବା ବିଭିନ୍ନ ଭଜନ ମଣ୍ଡଳୀକୁ ତ୍ୱରାନ୍ୱିତ କରିବା ତାଙ୍କର ବହୁତ ଅବଦାନ ରହିଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ମଦ୍ୟପାନ କରୁଥିବା



ବ୍ୟକ୍ତିମାନଙ୍କୁ ସଙ୍ଗଠନରେ ସାମିଲ କରି ପରିବର୍ତ୍ତନ କରି ଥିଲେ ।ତାଙ୍କ ପରଲୋକ ଖବରପାଇ ନୀଳଗିରି ଅଞ୍ଚଳର ସତ୍ୟସାଇ ସେବା ସଂଗଠନର ସାଆନ୍ତା , ଖଜିରା ଅଯୋଧ୍ୟା, ମଲିକାଶୀ ,ଜୋକଲଣ୍ଡା, ପୋଡ଼ାଶୂଳ, ନୀଳଗିରି ,ବାବନ୍ଧ ଭଜନ ମଣ୍ଡଳୀର କର୍ମକର୍ତ୍ତା ମାନେ ଶେଷ ଦର୍ଶନ କରିବା ସହିତ ପାର୍ଥିବ ଶରୀରକୁ ବାଉଁଶନାଳ ଗ୍ରାମରୁ ଶୋଭାଯାତ୍ରାରେ ନୀଳଗିରି ସତ୍ୟସାଇ ମନ୍ଦିରକୁ ନିଆଯାଇ ପୋଡାଶୂଳ ବଜାର ପରିକ୍ରମାକରି ଗ୍ରାମ ମଶାଣିରେ ଶେଷକୃତ୍ୟ ସଂପନ୍ନ ହୋଇଛି ତାଙ୍କ ଦୁଇ ଚକ୍ଷୁକୁ ଦାନ କରାଯାଇଛି । ତାଙ୍କ ଆଖିରେ ଅନ୍ୟ ଦୁଇ ଲୋକ ଦେଖିପାରିବେ ସେ ମରି ଅମର ହୋଇ ରହିଲେ ଖବରପାଇ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ବରିଷ୍ଠ ଚକ୍ଷୁ ଚିକିତ୍ସା ଅଧିକାରୀ ଚକ୍ରଧର ଦାଶ ଟେକ୍ନିସିଆନ୍ ସନ୍ଧ୍ୟାରାଣୀ ନାୟକ ବାଉଁଶନାଳ ଗ୍ରାମରେ ପହଂଚି ଦିଲ୍ଲୀପ କୁମାର ଲେଙ୍କା ଙ୍କ ଦୁଇ ଚକ୍ଷୁ ସଂଗ୍ରହ କରିଛନ୍ତି ।ବର୍ତ୍ତମାନ ଚକ୍ଷୁଦାନ ପକ୍ଷ ପାଳନ ରେ ଦୁଇଟି ଆଖି ସଂଗ୍ରହ କରି ଅନ୍ୟ ଦୁଇ ଅନ୍ଧ ଙ୍କ ଆଖିରେ ପ୍ରତି ରୋପଣ କରାଯିବ ବାପା ମା ବସିଛନ୍ତି ତାଙ୍କ ଆଖିଆଗରେ ରୋଜଗାରିଆ ପୁଅ ଚାଲିଗଲା ହେଲେ ତା ଦୁଇ ଆଖିରେ ପୁଣି ଦୁଇବ୍ୟକ୍ତି ପ୍ରଭୁଙ୍କୁ ଦେଖି ପାରିବେ। ଉପସ୍ଥିତ ଜନତା ସାଇ ଆଶ୍ରିତ ଭାଇ ଭଉଣୀ ଶେଷଦର୍ଶନ କରି ଆତ୍ମାର ସଦଗତି କାମନା କରିଥିଲେ ।

# କଲେଜ ପରିସରରେ ନିଶାମୁକ୍ତି ଭାରତ ଅଭିଯାନ





**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତିଙ୍କ ମୁଖ୍ୟ ତତ୍ତ୍ୱାବଧାନରେ ସାହାସପୁର କଲେଜ ପରିସରରେ ନିଶାମୁକ୍ତି ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଆଜି ୧୨.୩୦ମିନିଟ ସମୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବାଲିଚନ୍ଦ୍ରପୁର ଥାନାରେ ସବ ଇନିସପେକ୍ଟର ପ୍ରଦୀପ୍ କୁମାର ସେଠୀ, ଥାନା ଏ. ଏସ. ଆଇ ଅଚ୍ୟୁତାନନ୍ଦ ଦାସ, ସାହାସପୁର ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ପୃଷ୍ଟି ଯୋଗଦେଇ ନିଶା ହେଉଛି ଅନ୍ଧକାର ସେଥିରୁ ନିବୃତ୍ତ ହେବାପାଇଁ ଆଲୋକ ର ସନ୍ଧାନ ରେ ଯିବାପାଇଁ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରିଥିଲେ। ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ କରିବା ଦିଗରେ ଛାତ୍ରଛାତ୍ରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ସେମାନେ ନିଜ ନିଜ ଅଞ୍ଚଳର ନିଶା ସେବନ କରୁଥିବା ବ୍ୟକ୍ତିବିଶେଷ କୁ ସଚେତନତା ର ବାର୍ତ୍ତା ପ୍ରଦାନ କରିବା ପାଇଁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଥାନାର ହାବିଲଦାର ରାଜକିଶୋର ସ୍ୱାଇଁ,ମହିଳା କନେଷ୍ଟେବଳ ହେମଲତା ଦାସ, ଅଧ୍ୟାପକ ସଂଗ୍ରାମ କେଶରୀ ପରିଡା, ସ୍ମୃତି ରଞ୍ଜନ ନାୟକ, ହେମନ୍ତ କୁମାର ବେହେରା, ଅଧ୍ୟାପକ ପ୍ରଶାନ୍ତ କୁମାର ସାମଲ, ମାନସ ବରାଳ ପ୍ରମୁଖ ବହୁ ବାଲିଚନ୍ଦ୍ରପୁର ଥାନା ପୋଲିସ କର୍ମଚାରୀଗଣ ଓ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ।

# ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ରକ୍ଷାବନ୍ଧନ

**ବାଲିଅନ୍ତା (ଅମୃତ ମିଡିଆ) :** ପବିତ୍ର ରକ୍ଷାପୂର୍ଣ୍ଣିମା ଅବସରରେ ବାଳକାଟି ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ନିର୍ମାଣ' ଏବଂ ପ୍ରଜାପିତା ବ୍ରହ୍ମକୁମାରୀ ମିଳିତ ସହଯୋଗରେ ନିର୍ମାଣ ସମ୍ମିଳନୀ କକ୍ଷରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ 'ନିର୍ମାଣ'ର ଅନୁଷ୍ଠାନର ମୁଖ୍ୟ ସିଦ୍ଧେଶ୍ୱର ମହାନ୍ତି, ଅଧ୍ୟକ୍ଷା କୌଶିକା ପଟ୍ଟନାୟକ ,ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମକୁମାରୀ ନିରୁପମା ଭଉଣୀ, ସସ୍ମିତା ଭଉଣୀ, ବ୍ରହ୍ମକୁମାର ଦିନବନ୍ଧୁ ଭାଇ ଏବଂ ସୁଶାନ୍ତ ଭାଇ ପ୍ରମୁଖ ଯୋଗଦେଇ ରକ୍ଷାବନ୍ଧନ ପର୍ବ ଉଦେଶ୍ୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ରକ୍ଷାବନ୍ଧନ ଉଦ୍ଦେଶ୍ୟରେ ନାଟକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା । ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବ୍ଲକସ୍ତରୀୟ ହ୍ୟାଣ୍ଡବଲ୍ ଖେଳାଳି ଚୟନ ଶିବିର

## ୮୦ ଖେଳାଳିଙ୍କ ମଧ୍ୟରୁ ୨୦ ଜଣ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ



**ଖପ୍ରାଖୋଲ (ଅଶୋକ କୁମାର ବାଗ) :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ହ୍ୟାଣ୍ଡବଲ୍ ଖେଳାଳି ଚୟନ ଶିବିର ଉତ୍ସାହ ଓ କ୍ରୀଡ଼ାମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି।ଯୁବ ଖେଳାଳିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ସହ ଶୃଙ୍ଖଳା, ଏକାଗ୍ରତା ଓ ପ୍ରତିଯୋଗିତା ମୂଳକ ମନୋଭାବ ସୃଷ୍ଟି କରିବା ଏହି ଚୟନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର, ବିଧାୟକ ପ୍ରତିନିଧି ପଦ୍ମନ ସିଂ ବରିହା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିନିକେତନ ବରିହା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ତହସିଲଦାର ଶ୍ରୀ ରାଉତରାୟ ନିଜ ଅଭିଭାଷଣରେ କହିଥିଲେ ଯେ, କ୍ରୀଡ଼ା କେବଳ ଶାରୀରିକ ଶକ୍ତିର ପ୍ରଦର୍ଶନ ନୁହେଁ; ଏହା ଜୀବନରେ ଶୃଙ୍ଖଳା, ଧୈର୍ଯ୍ୟ, ନେତୃତ୍ୱ ଓ ଦଳଗତ ଏକତାର ଶିକ୍ଷା ଦିଏ।ଜିତିବା ଓ ହାରିବା ଖେଳର ଅଂଶ, କିନ୍ତୁ ପ୍ରତ୍ୟେକ ପରାଜୟରୁ ଶିଖି ଆଗକୁ ବଢ଼ିବା ହିଁ ପ୍ରକୃତ ଖେଳାଳିର ପରିଚୟ। ଛାତ୍ରଛାତ୍ରୀମାନେ ପାଠପଢ଼ା ସହିତ କ୍ରୀଡ଼ାକୁ ମଧ୍ୟ ସମାନ ଗୁରୁତ୍ୱ ଦେଇ ନିଜ ପ୍ରତିଭାର ବିକାଶ କରିବାକୁ ସେ ଆହ୍ୱାନ ଦେଇଥିଲେ।ଗ୍ରାମାଞ୍ଚଳରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାକୁ ଏଭଳି ଚୟନ ଶିବିର ମାଧ୍ୟମରେ ସୁଯୋଗ ମିଳିବା ଏକ ସକାରାତ୍ମକ ପଦକ୍ଷେପ ବୋଲି ସେ ମତ ପ୍ରକାଶ କରିଥିଲେ।ପ୍ରଧାନ ଶିକ୍ଷକ ଶ୍ରୀ ଗୋପାଳ ଚନ୍ଦ୍ର ବେହେରା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆଜି ଯେଉଁମାନେ ଚୟନ ହେବେ, ସେମାନେ ଆମ ବିଦ୍ୟାଳୟ ଓ ବ୍ଲକର ପ୍ରତିନିଧି। ତେଣୁ ବିଜୟ ପାଇଁ ଶତପ୍ରତିଶତ ପ୍ରୟାସ କରିବା ସହ ଖେଳର ନିୟମ ଓ ଶୃଙ୍ଖଳାକୁ ସର୍ବଦା ସମ୍ମାନ କର। ଚୟନ ହୋଇନଥିବା ଖେଳାଳିମାନେ ନିରାଶ ନହୋଇ ନିଜ ଦୁର୍ବଳତାକୁ ଚିହ୍ନଟ କରି ଆହୁରି ପରିଶ୍ରମ କର। ଆଜିର ବିଫଳତା ଆସନ୍ତାକାଲିର ସଫଳତାର ପାହାଚ ହୋଇପାରେ। ସେ ଆହୁରି କହିଥିଲେ ଯେ, ନିୟମିତ ଅଭ୍ୟାସ, ଶୃଙ୍ଖଳିତ ଜୀବନଶୈଳୀ, ଗୁରୁଜନଙ୍କ ପରାମର୍ଶ ଓ ଦୃଢ଼ ଆତ୍ମବିଶ୍ୱାସ ହିଁ ଜଣେ ଖେଳାଳିଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇପାରେ। ଚୟନ ଶିବିରରେ ଖପ୍ରାଖୋଲ ବ୍ଲକର ଚାରୋଟି ଜୋନରୁ ମୋଟ ୮୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ନିଜ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ଖେଳାଳିମାନଙ୍କ ଦକ୍ଷତା, ଶାରୀରିକ କ୍ଷମତା, ଖେଳର କୌଶଳ ଓ ପ୍ରଦର୍ଶନକୁ ଆଧାର କରି ସେମାନଙ୍କ ମଧ୍ୟରୁ ୨୦ ଜଣ ଖେଳାଳିଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା। ଏହି ଅବସରରେ ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇଶପାଲ ସୁନା ଓ ସ୍ପୋର୍ଟ୍ସ ଆସୋସିଏସନର ସମ୍ପାଦକ ରଜତ କୁମାର ଦାସ ଖେଳାଳିମାନଙ୍କୁ ଖେଳର ନିୟମ, କୌଶଳ ଓ ଆଭିମୁଖ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଚୟନ ଶିବିରର ସୁଚାରୁ ପରିଚାଳନାରେ ଖପ୍ରାଖୋଲ ବ୍ଲକର ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍କୁଲ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଚାକିରିର ପଦୋନ୍ନତିରେ ଅନିୟମିତତା

## 'ହିରଣ୍ମୟୀ' ରାୟର ଅପବ୍ୟବହାର



**କଳାହାଣ୍ଡି (ଅମୃତ ମିଡ଼ିଆ) :** ସିଡିଏମଓ ଉଦ୍ଦେଶ୍ୟମୂଳକ ଭାବେ 'ହିରଣ୍ମୟୀ' ମାମଲାର ରାୟକୁ ଭୁଲ୍ ତର୍ଜମା କରୁଛନ୍ତି। ଏହାଦ୍ୱାରା ପଦୋନ୍ନତି ନିୟମ Rule ୩-ଇକୁ ଉଲ୍ଲଂଘନ କରାଯାଇ ବରିଷ୍ଠ SC/ST ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ସାଧାରଣବର୍ଗ ପଦୋନ୍ନତିରୁ ବେଆଇନ ଭାବେ ବାଦ୍ ଦିଆଯାଇ ରୋଷ୍ଟର ସ୍ଥାନାନ୍ତର କରାଯାଉଛି। ଖଣ୍ଡପୀଠଙ୍କ ସ୍ଥଗିତାଦେଶର ଉଲ୍ଲଂଘନ: SC/ST କର୍ମଚାରୀମାନଙ୍କ ପଦୋନ୍ନତି ସମ୍ପର୍କିତ ମୂଳ ମାମଲାଗୁଡ଼ିକ ବର୍ତ୍ତମାନ ହାଇକୋର୍ଟଙ୍କ ଡିଭିଜନ୍ ବେଞ୍ଚରେ ବିଚାରାଧୀନ ଅଛି ଏବଂ ଏହା ଉପରେ କୋର୍ଟଙ୍କ ସ୍ଥଗିତାଦେଶ ରହିଛି। ଗତ ୨୫.୦୮.୨୦୨୬ ତାରିଖରେ କଳାହାଣ୍ଡି ଜିଲ୍ଲାରେ ଏହି ମାମଲାକୁ ମଧ ମାନ୍ୟବର କୋର୍ଟ ବିଧିବଦ୍ଧ ଭାବେ ଏହି ମୂଳ ମାମଲା ସହ ଟ୍ୟାଗ୍ (ଙଲଲସମସବକ୍ଷକ୍ଷଛ ଞବଶଶରଯ) କରିସାରିଛନ୍ତି। ରାୟ ଆସିବାର ମାତ୍ର କିଛି ଦିନ ପୂର୍ବରୁ ବେଆଇନ ତତ୍ପରତା: ମାନ୍ୟବର ଖଣ୍ଡପୀଠ ଆସନ୍ତା ମଙ୍ଗଳବାର ଅର୍ଥାତ୍ ୦୧.୦୯.୨୦୨୬ ରେ ଏହି ବିବାଦ ଉପରେ ଚୂଡ଼ାନ୍ତ ରାୟ ଶୁଣାଇବେ। କୋର୍ଟଙ୍କ ରାୟକୁ ଅପେକ୍ଷା ନକରି ଆଜି ତା ୨୮.୮.୨୦୨୬ ତରବରିଆ ଭାବେ ଉଚଡ କରିବା ସିଧାସଳଖ ନ୍ୟାୟାଳୟଙ୍କ ଅବମାନନା ଅଟେ। କୋର୍ଟର ରାୟ ଆସିବା ପର୍ଯ୍ୟନ୍ତ ଉଚଡ ବୈଠକ ନ କରିବା କୁ ଆଜି ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ଏବଂ ଆଦିବାସୀ ବୁଦ୍ଧିଜୀବୀ CDMO DWO ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରାଯାଇଛି। ସାମ୍ବିଧାନିକ ପ୍ରକ୍ରିୟାରେ କୋର୍ଟର ରାୟକୁ ନମାନି ଏସ୍‌ଟିଏସ୍‌ସି ଚାକିରିଆମାନଙ୍କୁ ପଦୋନ୍ନତିରେ ଅନିୟମିତତା କରି ତରବରିଆ ଭାବରେ ଉଡଗଢ କଳାହାଣ୍ଡି ଉଚଡ ବୈଠକ କରି ପ୍ରମୋଶନ କରି ଦେବାର ବ୍ୟବସ୍ଥାକୁ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନର ରାଜ୍ଯ ସଭାପତି ଧନଞ୍ଜୟ ଦୀପ୍ ଦୃଢ଼ ବିରୋଧ କରୁଛନ୍ତି। ସାଥିରେ ଥିଲେ ଗଙ୍ଗାଧର ଜାଲ ଇଗଚ ରାଜ୍ଯ ସଭାପତି ଡମ୍ବୁରୁଧର ଜାଲ ଭଞ୍ଜଞ୍ଜ ରାଜ୍ୟ ପ୍ରଭାରୀ କଳାହାଣ୍ଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା ଶତ୍ରୁଘ୍ନ ନାଏକ ସାଧାରଣ ସମ୍ପାଦକ ବଳରାମ ଦୁର୍ଗା କଳମପୁର ସଭାପତି।

### ଅଧ୍ୟକ୍ଷାଙ୍କୁ ମିଳିଲା ନିମନ୍ତ୍ରଣ

# ବଲାଙ୍ଗୀର ପୌର ପରିଷଦକୁ ୧ କୋଟି ପୁରସ୍କାର



**ବଲାଙ୍ଗୀର (ଅମୃତ ମିଡିଆ) :** ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ଓ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ବଲାଙ୍ଗୀର ପୌର ପରିଷଦକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପ୍ରଦାନ ସମାରୋହ ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରସ୍ଥିତ କୃଷି ଭବନ ଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ବଲାଙ୍ଗୀର ପୌର ପରିଷଦର ଅଧ୍ୟକ୍ଷା ଲିକା ସାହୁଙ୍କୁ ଆଜି ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ ପହଞ୍ଚିଛି। ଏହି ସମ୍ମାନକୁ ନେଇ ଅଧ୍ୟକ୍ଷା ଲିକା ସାହୁ କହିଛନ୍ତି ଯେ, ଏହି ସଫଳତା କେବଳ ପୌର ପରିଷଦର ନୁହେଁ; ଏହା ବଲାଙ୍ଗୀର ସହରର ସମସ୍ତ ଜନସାଧାରଣଙ୍କ ଚେଷ୍ଟା, ପ୍ରଚେଷ୍ଟା ଓ ସହଯୋଗର ଫଳ। ସହରର ବିକାଶ ଓ ପୌର ପରିଷଦର କାର୍ଯ୍ୟକୁ ସଫଳ କରିବାରେ ସହରବାସୀଙ୍କ ସହଯୋଗକୁ ସେ ଭୂୟସୀ ପ୍ରଶଂସା କରିବା ସହ ବଲାଙ୍ଗୀର ଜିଲ୍ଲା ପ୍ରଶାସନ,କାର୍ଯ୍ୟନିର୍ବାହୀ ଅଧିକାରୀ,ଉପ ନଗରପାଳ, ପରିଷଡ ର ସମସ୍ତ ସଦସ୍ୟ ଓ ସଦସ୍ୟା, ପୌର ପରିଷଦର ସମସ୍ତ କର୍ମଚାରୀ ଏବଂ ରାଜ୍ୟ ସରକାରଙ୍କୁ ହୃଦୟରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଏହି ପୁରସ୍କାର ବଲାଙ୍ଗୀର ସହରର ବିକାଶ ଯାତ୍ରାକୁ ଆହୁରି ଗତିଶୀଳ କରିବା ସହ ପୌର ପରିଷଦର ଅଧିକ ଦାୟିତ୍ୱ ଓ ଉତ୍ସାହ ବଢ଼ାଇବ ବୋଲି ସେ କହିଛନ୍ତି।

# ସ୍ୱାମୀଙ୍କ ଅତ୍ୟାଚାରରେ ଅତିଷ୍ଠ ବିଷ ପିଇଦେଲେ ସ୍ତ୍ରୀ'

## ମା' ଛେଉଣ୍ଡ ହୋଇଗଲା ଛୋଟଛୁଆ



**ଲାଞ୍ଜିଗଡ (ଅମୃତ ମିଡିଆ) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ କାଣ୍ଡଗୁଡ଼ା ଗ୍ରାମରେ ଘରୋଇ କଳହରୁ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ, ଅତ୍ୟାଚାର ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ମହିଳା ଜଣକ ରାମଦେଇ ମାଝୀ (୨୬) ଏବଂ ଗିରଫ ସ୍ୱାମୀ ସନ୍ତୋଷ ମାଝୀ (୨୮)। ସୂଚନା ଅନୁଯାୟୀ, ସନ୍ତୋଷ ଓ ରାମଦେଇ ପ୍ରାୟ ୮-୯ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ ଏବଂ ତାଙ୍କର ଗୋଟିଏ ସନ୍ତାନ ଅଛି। ଗତ ୨୨ ତାରିଖ ଦିନ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହେବାରୁ ରାମଦେଇ ବିଷପାନ କରିଦେଇଥିଲେ। ପ୍ରଥମେ ତାଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟ ଏବଂ ଅବସ୍ଥା ଗୁରୁତର ହେବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଘରକୁ ଫେରାଇ ଅଣାଯାଇଥିବା ବେଳେ ବୁଧବାର ଦିନ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପାଇ ରାମଦେଇଙ୍କ ଭାଇ ରାଜୁ ମାଝୀ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଜେପୁର ଥାନାଧିକାରୀ ତୁଳସୀରାମ ଶବର ପୋଲିସ ସହ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଗୁରୁବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ସ୍ତ୍ରୀଙ୍କୁ ଅତ୍ୟାଚାର କରିବା ଅଭିଯୋଗରେ ସ୍ୱାମୀ ସନ୍ତୋଷକୁ ପୋଲିସ ଘରୁ ଆଣି ପଚରାଉଚୁରା କରିବା ପରେ ଗିରଫ କରିଥିଲା। ବିଜେପୁର ଥାନା କେସ୍ ନଂ ୩୦/୨୬, ଭାରତୀୟ ନ୍ୟାୟ ସଂହିତା (ଇଘଝ)ର ଧାରା ୧୦୮ ଅନୁଯାୟୀ ମାମଲା ରୁଜୁ କରାଯାଇ ସନ୍ତୋଷକୁ ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

# ଭଉଣୀ ଆଖିରେ ଲୁହ, ହାତରେ ରାକ୍ଷୀ

## ଧୂପ, ଦୀପ, ଅରୁଆଚାଉଳ, ଚନ୍ଦନରେ ଚାଲିଲା ଭାଇପୂଜା



### ଭାଇ ଦେଲା ଜୀବନସାରା ସାଥି ଦେବା ପ୍ରତିଶ୍ରୁତି

**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ଗୋଟିଏ ସୂତାରେ ଗୁନ୍ଥା ହେଲା ଜନ୍ମ ଜନ୍ମର ସମ୍ପର୍କ। ଏହି ସୂତା ହେଉଛି ରାକ୍ଷୀ। ଚଳିତ ବର୍ଷ ରାକ୍ଷୀ ପୂର୍ଣ୍ଣିମାର ତିଥି ଦୁଇ ଦିନ ପଡିଥିବାରୁ କଳାହାଣ୍ଡି ଜିଲ୍ଲା ଧର୍ମଗଡ ଅଞ୍ଚଳରେ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ରାକ୍ଷୀ ପର୍ବ ପାଳନ ହୋଇଛି। ଗୁରୁବାର ବି ଶହ ଶହ ଭଉଣୀ ନିଜ ଭାଇ ହାତରେ ରାକ୍ଷୀ ବାନ୍ଧିଛନ୍ତି। ସକାଳ ପାହିବା ମାତ୍ରେ ଭଉଣୀର ବ୍ୟସ୍ତତା। ଶୀଘ୍ର ସ୍ନାନ କରି ନୂଆ ଶାଢ଼ି, ନୂଆ ଚୁଡି ପିନ୍ଧି ପୂଜା ଥାଳି ସଜାଇଛି। ଥାଳିରେ ଧୂପର ବାସ୍ନା, ଦୀପର ଆଲୁଅ, ଅରୁଆ ଚାଉଳ, ଚନ୍ଦନ, ସିନ୍ଦୂର, ଅକ୍ଷତ ଓ ସବୁଠୁ ସୁନ୍ଦର ରାକ୍ଷୀ ଓ ଭାଇ ସାମ୍ନାରେ ବସିଛି, ଭଉଣୀ ପ୍ରଥମେ ଅରୁଆ ଚାଉଳ ଓ ଚନ୍ଦନ ଦେଇ ଭାଇକୁ ପୂଜା କରୁଛି। ମଥାରେ ଟିକା, ମୁଣ୍ଡରେ ଅରୁଆ ଚାଉଳ ଛିଞ୍ଚି କହୁଛି- ଭାଇ ମୋର ଶହେ ବର୍ଷ ବଞ୍ଚୁ। ପରେ ଧୂପ-ଦୀପରେ ଆରତୀ, ହାତରେ ରାକ୍ଷୀ ବନ୍ଧନ । ଏହା ପରେ ଦୃଶ୍ୟ ବଦଳି ଯାଏ। ଭାଇ ଆଖିରେ ଲୁହ, ଭଉଣୀ ଆଖିରେ ବି ଲୁହ। ଛୋଟ ବେଳର ସ୍ମୃତି ମନେ ପଡେ -ଏକାଠି ସ୍କୁଲ ଯିବା, ଝଗଡା ହେବା, ପୁଣି ମିଶିଯିବା। ଭାଇ ଭଉଣୀ ମୁଣ୍ଡରେ ହାତ ରଖି କହେ -ତୁ ଡରନା, ମୁଁ ଅଛି, ସବୁଦିନ ତୋ ପାଖରେ ଅଛି। ଏହା କେବଳ ପ୍ରତିଶ୍ରୁତି ନୁହେଁ, ଏହା ଭରସା। ଦୂରରେ ଥିବା ଭାଇ ପାଇଁ ଭଉଣୀ ମନ କାନ୍ଦେ, ଭିଡିଓ କଲରେ ରାକ୍ଷୀ ବାନ୍ଧେ। ରାକ୍ଷୀ ଦୂରତାକୁ ପାଖ କରେ। ରାକ୍ଷୀ ହେଉଛି ଭାଇ-ଭଉଣୀର ଅତୁଟ ପ୍ରେମର ପ୍ରତୀକ, ଯାହା କେବେ ଛିଣ୍ଡେ ନାହିଁ, କେବେ ପୁରୁଣା ହୁଏ ନାହିଁ।

# ଅବ୍ୟବସ୍ଥାଘେରରେ ତେରେସିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**କର୍ଲାମୁଣ୍ଡା (ଅମୃତ ମିଡିଆ) :** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଛାତରୁ ବର୍ଷା ହେଲେ ପାଣି ଝରୁଥିବାରୁ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀ ଅସୁବିଧାରେ ପଡୁଥିବା ଜଣାପଡିଛି। ଚିକିତ୍ସାକକ୍ଷରେ ପାଣି ପଡ଼ିବା ଯୋଗୁ ଚିକିତ୍ସା ବ୍ୟାହତ ହେଉଛି। ବିଦ୍ୟୁତ ସରଞ୍ଜାମ ଓ ଉପକରଣ ନଷ୍ଟ ହେବାର ଆଶଙ୍କା ମଧ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସ୍ଥାନରେ ଛାତରୁ ପାଣି ଝରି ଚଟାଣ ଓ ଘର ଭିତରେ ପଡୁଥିବାରୁ ଚିକିତ୍ସା ସେବାରେ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ବର୍ଷା ସମୟରେ ରୋଗୀଙ୍କୁ ରଖିବା ଓ ଚିକିତ୍ସା କରିବାରେ ମଧ ସମସ୍ୟା ଦେଖାଦେଉଛି। ଏପରି ସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏଠାରେ ସୂଚନାଯୋଗ୍ୟ ଯେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ସରକାରଙ୍କ ପକ୍ଷରୁ ୨୦୦୮ ମସିହାରେ ଏଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଭିତ୍ତଭୂମି ସାଙ୍ଗକୁ ଏମବିବିଏସ ଡାକ୍ତର ନିଯୁକ୍ତି ହେଇ ନ ପାରିବା ଦୁଃର୍ଭାଗ୍ୟ ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଏଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ସୁନୀଲ କୁମାର ବାଗଙ୍କୁ ପଚାରିବାରୁ ବର୍ଷା ଦିନ ମାନଙ୍କରେ ଛାତରୁ ପାଣି ଝରୁଥିବାରୁ ରୋଗୀମାନଙ୍କୁ ଚିକିତ୍ସା କରିବା ରେ ସମସ୍ୟା ହେଉଥିବା କହିଛନ୍ତି। ଏହି ଡାକ୍ତରଖାନା ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ, ଜଣେ ଆଟେଣ୍ଡେଣ୍ଟଙ୍କ ସାଙ୍ଗକୁ ଅନ୍ୟାନ୍ୟ କର୍ମଚାରୀ ଥିବା ଜଣାପଡ଼ିଛି। ଏଣୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକ ଭିତ୍ତିଭୂମି ସହ ଏଲୋପାଥିକ ଡାକ୍ତର ନିଯୁକ୍ତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଜନ ସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# ପୁରାତନ ଜଗନ୍ନାଥ ମନ୍ଦିରରେ ପାଟ ରାକ୍ଷୀ ଅର୍ପଣ




**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା ଜୁନାଗଡ ସ୍ଥିତ ସର୍ବ ପୁରାତନ ଜଗନ୍ନାଥ ମନ୍ଦିରରେ ଆଜି ଭୁବନେଶ୍ୱରୁ ପହଞ୍ଚିଲା ମହାପ୍ରଭୁଙ୍କ ପାଇଁ ପାଟ ବସ୍ତ୍ର ଓ ପାଟ ରାକ୍ଷୀ। ବିଶିଷ୍ଟ ଶିକ୍ଷାବିତ ତଥା କିଟ୍ କିସ୍ ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ତତ୍ୱାବଧାନରେ କିଟ୍ ଭୁବନେଶ୍ୱର ସ୍ଥିତ ଜଗନ୍ନାଥ ମନ୍ଦିର ପକ୍ଷରୁ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ବିଭିନ୍ନ ପୂଜା ସାମଗ୍ରୀ ସହ ପାଟ ବସ୍ତ୍ର ପାଟ ରାକ୍ଷୀ ପଠେଇଥିଲେ। ପ୍ରାରମ୍ଭରେ ଜୁନାଗଡ଼ ସ୍ଥିତ ନୂଆ ବସ ଷ୍ଟାଣ୍ଡ ଠାରୁ କଲମପୁର ରୋଡ ଛକ ସ୍ଥିତ ଜଗନ୍ନାଥ ମନ୍ଦିର ଯାଏଁ ଶୋଭା ଯାତ୍ରା କରି ପହଞ୍ଚିଲା ପରେ ଜଗନ୍ନାଥ ମନ୍ଦିର ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପୂଜକ ବିଶ୍ୱନାଥ ଦାସ ପୂଜାର୍ଚ୍ଚନା କରିଥିଲେ। ମହାପ୍ରଭୁଙ୍କ ଦୈନିକ ପୂଜାନିଥି ସହ ଗୋପାଳ ବଲ୍ଲଭ ଭୋଗ ଲାଗି ହେବା ପରେ ମହାପ୍ରଭୁଙ୍କ ପାଇଁ ପୂଜକ ପାଟ ବସ୍ତ୍ର ସହ ପାଟ ରାକ୍ଷୀ ପ୍ରଦାନ ପରେ ମହାପ୍ରଭୁଙ୍କୁ ଆରତୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ସମାଜ ସେବି ଅଶୋକ ପଟ୍ଟନାୟକ, ଶିକ୍ଷାବିତ ରାଧେଶ୍ୟାମ ପଣ୍ଡା କିସ୍ କଳାହାଣ୍ଡିର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁସ୍ମନ୍ତ କୁମାର ପଧାନ, ଉପ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ, କିସ୍ ର ଶୁଭ ଚିନ୍ତକ ପରମାନନ୍ଦ ମାଝୀ, ତ୍ରିଲୋଚନ ପାଣିଗ୍ରାହୀ, କ୍ଷୀରସିନ୍ଧୁ ସାହୁ, ରୁକ୍ମଣୀ ମାଝୀ, ସୁପ୍ରିୟା ପଣ୍ଡା, ଜ୍ୟୋତିର୍ମୟୀ ରଣା, ସୁଜିତ କୁମାର ମେହେର, ଲଳିତା ମାଝୀ, ସଙ୍ଗୀତ ଭୋଇ, ସୁରେନ୍ଦ୍ର ମାଝୀ, ସସ୍ମିତା ମାଝୀ, ପ୍ରିୟଦର୍ଶିନୀ ପୁରୋହିତ, ସୁଜାତା ଆଚାର୍ଯ୍ୟ, ଟେମେଶ୍ୱରୀ ମାଝୀ ସମେତ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁଙ୍କ କୃପା ଲାଭ କରିଥିଲେ।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ବଲାଙ୍ଗୀର (ଅମୃତ ମିଡିଆ) :** ପୁଇଁନ୍ତଲା ବ୍ଲକ ବୁବେଲ ପଂଚାୟତ ଅନ୍ତର୍ଗତ ବେଲବାହାଲି ଗ୍ରାମର ପରୋପକାରୀ, ଧର୍ମପରାୟଣ, ମେଳାପୀ ତଥା ଅମାୟୀକ ବ୍ୟକ୍ତିତ୍ୱ ସ୍ୱର୍ଗତ ବାଳକୃଷ୍ଣ ମିଶ୍ରଙ୍କ ୭୦ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ପରଲୋକ ହୋଇଯାଇଛି । ତାଙ୍କ ପରଲୋକରେ ବେଲବାହାଲି ଗ୍ରାମ ସମେତ ଆଖପାଖ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ମିଶ୍ର ବଲାଙ୍ଗିର ଜିଲ୍ଲାର ଜଣାଶୁଣା ଋଷୀନେତା ସାନନ୍ଦ ମିଶ୍ରଙ୍କ ପିତା ଅଟନ୍ତି ।

# ବର୍ଷାରେ ଭାଙ୍ଗିଲା ଛୋରିଆଗଡ଼ -ରାମସାଗର ବନ୍ଧ ପିଡବ୍ଲୁଡି ରାସ୍ତା

## ନିମ୍ନମାନର କାମ -ସ୍ଥାୟିତ୍ୱକୁ ନେଇ ବଡ଼ ପ୍ରଶ୍ନ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲା ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି)ରାସ୍ତା କାମରେ ବିଭିନ୍ନ ସମୟରେ ଦୁର୍ନୀତି ହେଉଥିବା ଅଭିଯୋଗ ଆସୁଥିଲେ ମଧ ଏଥିପ୍ରତି ଜିଲା ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀ ଦୃଷ୍ଟି ନ ଦେବା ସାଧାରଣରେ ଚର୍ଚ୍ଚାରେ ବିଷୟ ହୋଇଛି। ଗତ କିଛିମାସ ତଳେ ହାତୀନଦୀଠାରୁ ଚିଚୈଗୁଡାକୁ ପଡିଥିବା ପିଡବ୍ଲୁଡି ରାସ୍ତା ନିମ୍ନମାନର କାମ ଯୋଗୁ ଗୋଟିଏ ସ୍ଥାନରେ ଧସିଯାଇଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ ତରବରିଆ ଭାବେ ମରାମତି କରାଯାଇଥିଲା। ଏବେ ପୁଣି ଏପରି ଏକ ଦୃଶ୍ୟ ସାମ୍ନାକୁ ଆସିଛି। ଚଳିତ ସପ୍ତାହରେ ହୋଇଥିବା ଲଗାଣ ବର୍ଷା ଯୋଗୁ ଜୁନାଗଡ଼ ବ୍ଲକ ଛୋରିଆଗଡ଼ ରାମସାଗର ବନ୍ଧ ଉପରେ ନିର୍ମାଣ ହୋଇଥିବା ପିଡବ୍ଲ୍ୟୁଡି ରାସ୍ତା ପ୍ରାୟ ୫୦ ମିଟର ଧସିଯାଇଛି। ନିମ୍ନମାନର କାମ ଓ ଗାର୍ଡୱାଲ ନିର୍ମାଣ କରାଯାଇ ନ ଥିବାରୁ ଏପରି ହୋଇଥିବା ଗ୍ରାମବାସୀଙ୍କଠାରୁ ଜଣାପଡିଛି। ଫଳରେ ଏହି ରାସ୍ତା ଏବେ ବିପଦସଙ୍କୁଳ ଥିବାରୁ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିଛି। ରାମସାଗର ରାସ୍ତା ପୂର୍ବରୁ ଆର୍‌ଡି (ଗ୍ରାମ୍ୟ ଉନ୍ନୟନ ବିଭାଗ) ଅଧୀନରେ ଥିବାବେଳେ ଗତ ବର୍ଷଠାରୁ ପିଡବ୍ଲ୍ୟୁଡି ଅଧୀନକୁ ଆସିବା ପରେ ରାସ୍ତା କାମ ନିର୍ମାଣ କରାଯାଇଥିଲା। ଠିକାଦାର ନୂତନ ଗାର୍ଡୱାଲ ନିର୍ମାଣ ନ କରି ପୂର୍ବରୁ ଥିବା ଏମ୍ ?ଆଇ (କ୍ଷୁଦ୍ର ଜଳସେଚନ) ବିଭାଗ ଗାର୍ଡ ୱାଲରେ ମାଟି ପକାଇ ପିଚୁ ରାସ୍ତା କାମ କରି ଦେଇଥିଲେ।ଫଳରେ ମାଟି ହାଲୁକା ଥିବା ଗାର୍ଡୱାଲ ନ ଥିବାରୁ ବର୍ଷାରେ ରାସ୍ତା ଧସିଯାଇଛି। ଜିଲିଙ୍ଗଦରଠାରୁ ବସୁଲ ୩୦କିମି ଦୀର୍ଘ ଏହି ରାସ୍ତାଟି ପ୍ରାୟ ୪୮ କୋଟି ଟଙ୍କାରେ ନିର୍ମିତ ହୋଇଛି। ତେବେ ଶେଷ ଭାଗରେ ଛୋରିଆଗଡ଼ ରାମସାଗର ବନ୍ଧରାସ୍ତା କାମକୁ ଦେଖିଲେ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ରାମସାଗର ବନ୍ଧରାସ୍ତା ଯଦି ଧସିଯାଏ ତା'ହେଲେ ଅଞ୍ଚଳର ସମସ୍ତ ଜମି ଜଳମଗ୍ନ ହେବା ସହ ସେଠାରେ ଚାଷ ହୋଇଥିବା ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ରଶ୍ମି ରଞ୍ଜନ ଭୋଇଙ୍କୁ ପଚାରିବାରୁ ପୂର୍ବରୁ ରାସ୍ତା ଯେମିତି ଥିଲା ଆମେ ସେମିତି କରିଛୁ । ବନ୍ଧ ତଳେ ଏମ୍‌ଆଇ ବିଭାଗ ଗାର୍ଡୱାଲ ନିର୍ମାଣ କରିଥିବାରୁ ଆମେ କଲୁ ନାହିଁ। ଏମ୍ ?ଆଇ ଗାର୍ଡୱାଲ ନିର୍ମାଣ କଲା ପରେ ଆମେ ରାସ୍ତା ମରାମତି କରିବୁ ବୋଲି କହିଥିଲେ। ଦାୟିତ୍ୱରେ ଥିବା ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅନନ୍ତ ନାଏକଙ୍କୁ ପଚାରିବାରୁ ସେ ନୂଆ ଆସିଛନ୍ତି, ଘଟଣାସ୍ଥଳ ପରିଦର୍ଶନ କରି ପଦକ୍ଷେପ ନେବେ ବୋଲି କହିଥିଲେ।

## ଶିମିଳିପାଳ ସଂରକ୍ଷଣ ଓ ଗବେଷଣା କ୍ଷେତ୍ରରେ ନୂଆ ଅଧ୍ୟାୟ

# ଏମ୍‌ବିଆର ଏବଂ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



**ବାରିପଦା(ଅମୃତମିଡିଆ):** ପ୍ରାକୃତିକ ସମ୍ପଦର ସଂରକ୍ଷଣ, ପରିବେଶ ସୁରକ୍ଷା ତଥା ଶିମିଳିପାଳ ଜୈବମଣ୍ଡଳର ସାମଗ୍ରିକ ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ମୟୂରଭଞ୍ଜ ବାୟୋଲୋଜିକାଲ ରିସର୍ଚ୍ଚ ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ୫ ବର୍ଷିଆ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଫଳରେ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ଉଚ୍ଚସ୍ତରୀୟ ଗବେଷଣା ସହିତ ଏମବିଆରର କ୍ଷେତ୍ରସ୍ତରୀୟ ଜୈବ ବିବିଧତା ସଂରକ୍ଷଣ ତଥା ସାମାଜିକ କାର୍ଯ୍ୟର ଏକ ସମନ୍ୱୟ ସୃଷ୍ଟି ହେବ। ?ଏହି ସହଭାଗିତା ମାଧ୍ୟମରେ ଶିମିଳିପାଳର ପରିବେଶ ସନ୍ତୁଳନ, ବନ୍ୟପ୍ରାଣୀ ସଂରକ୍ଷଣ, ଜୈବ ବିବିଧତା ଅଧ୍ୟୟନ, ଜଳବାୟୁ ପରିବର୍ତ୍ତନ ମୁକାବିଲା, ଜଳ ଓ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଇକୋସିଷ୍ଟମର ପୁନରୁଦ୍ଧାର ଦିଗରେ ମିଳିତ କାର୍ଯ୍ୟ କରାଯିବ। ଏହା ସହିତ ସ୍ଥାୟୀ କୃଷି, ତସର ଓ ମଲବେରୀ ରେଶମ ଚାଷ, ସ୍ଥାନୀୟ ଜନଜାତିଙ୍କ ପାରମ୍ପରିକ ଜ୍ଞାନର ସଂରକ୍ଷଣ ତଥା ପ୍ରକୃତି-ଆଧାରିତ ଜୀବିକା ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ୍, ଫିଲ୍ଡ ୱାର୍କ, ସର୍ଭେ, ଗବେଷଣା ପ୍ରକଳ୍ପ, ଜିଆଇଏସ ଓ ରିମୋଟ୍ ସେନ୍ସିଂ ପ୍ରଶିକ୍ଷଣ ସହ ସରକାରୀ ଓ ସିଏସଆର ପାଣ୍ଠି ଯୋଗାଡ଼ ଏବଂ ସବୁଜ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉଭୟ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରିବେ। ?ମୟୂରଭଞ୍ଜ ତଥା ସମଗ୍ର ଶିମିଳିପାଳ କ୍ଷେତ୍ରରେ ଏକାଡେମିକ୍ ଅନୁସନ୍ଧାନ ଓ ବାସ୍ତବବାଦୀ କ୍ଷେତ୍ର କାର୍ଯ୍ୟ ମଧ୍ୟରେ ଥିବା ଦୂରତାକୁ ଦୂର କରିବାରେ ଏହି ପଦକ୍ଷେପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ?ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଏମଏସସିବି ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ, ପିଜି କାଉନସିଲ ଅଧ୍ୟକ୍ଷ, ପ୍ରଫେସର ଓ ପ୍ରଶାସନିକ ଅଧିକାରୀଙ୍କ ସମେତ ଏମବିଆରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଆର୍ଥିକ ନିର୍ଦ୍ଦେଶକ ଏବଂ କାର୍ଯ୍ୟକ୍ରମ ଟିମ୍ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏମବିଆର୍ ଏକ 'ବ୍ଲୁ କମ୍ୟୁନିଟି ନେଟ୍ ଓ ଜିଏଫ୍ ସିଏସଓ ସଦସ୍ୟ ଭାବେ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ତଥା ନୂଆଦିଲ୍ଲୀସ୍ଥିତ 'ଅଭୟ ଦାନ ଟ୍ରଷ୍ଟ'ର ଏକ ସହଯୋଗୀ ସଂସ୍ଥା ଅଟେ।

## ଚକ୍ରଧରପୁର ଶାସନରେ ବଳଭଦ୍ରଙ୍କ ଜନ୍ମୋତ୍ସବ

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ସହର, ୮ ନମ୍ବର ୱାର୍ଡ ଅନ୍ତର୍ଗତ ଚକ୍ରଧରପୁର ଶାସନ କମିଟି ଆନୁକୂଲ୍ୟରେ ଗହ୍ମା ପୂର୍ଣ୍ଣିମା ଅବସରରେ ପରମ୍ପରା ଓ ଲୋକାଚାରର ଅନନ୍ୟ ନିଦର୍ଶନ ଗହ୍ମାପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରେ ମହାପ୍ରଭୁ



ଜଗନ୍ନାଥଙ୍କ ବଡ଼ଭାଇ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ଜନ୍ମୋତ୍ସବ ପାରମ୍ପରିକ ରୀତିନୀତି ଓ ଧାର୍ମିକ ବିଧିବିଧାନ ଅନୁସାରେ ପାଳନ କରାଯାଇଥିଲା। ଚକ୍ରଧରପୁର ଶାସନରେ ଆବାହମାନ କାଳରୁ ଚାଲିଆସୁଥିବା ଏହି ପୂଜାର ରହିଛି ଏକ ସ୍ୱତନ୍ତ୍ର ଐତିହ୍ୟ। ପରମ୍ପରା ଅନୁଯାୟୀ ଗହ୍ମାପିଣ୍ଡିରେ ଦେହୁରୀଙ୍କ ଦ୍ୱାରା ମାଟିରେ ପ୍ରଭୁ ବଳଭଦ୍ରଙ୍କ ପ୍ରତିମା ନିର୍ମାଣ କରାଯାଇ ଜୀବନ୍ୟାସ ପ୍ରଦାନ ସହ ପୂଜାର୍ଚ୍ଚନା ଓ ହୋମଯଜ୍ଞ ସମ୍ପନ୍ନ ହୋଇଥାଏ। ତେବେ କିଛି ବର୍ଷ ପୂର୍ବେ ଶାସନ କମିଟି ପକ୍ଷରୁ ସ୍ଥାୟୀ ଭାବେ ଏକ ନୂତନ ପିଣ୍ଡି ନିର୍ମାଣ କରାଯାଇ ସେଠାରେ ନିୟମିତ ଭାବେ ପ୍ରଭୁ ବଳଭଦ୍ରଙ୍କ ପୂଜାର୍ଚ୍ଚନା କରାଯାଉଛି। ଚଳିତ ବର୍ଷ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ସନ୍ତୋଷ ମିଶ୍ର ଓ ଗିରିଶ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ଦେହୁରୀ ସଦା ଦେହୁରୀ ଓ ବସୁ ଦେହୁରୀ ସହଯୋଗ କରିଥିଲେ। ଐତିହ୍ୟସମ୍ପନ୍ନ ଏହି ପୂଜାରେ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ ବଳଭଦ୍ରଙ୍କ ଆଶୀର୍ବାଦ ଲାଭ କରିଥିଲେ। ପୂଜା ସମାପନ ପରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶାସନ କମିଟିର ସତ୍ୟବ୍ରତ ପଣ୍ଡା, ଜ୍ଞାନରଞ୍ଜନ ମିଶ୍ର, ରବୀନ୍ଦ୍ର ତ୍ରିପାଠୀ, ବିରେନ୍ଦ୍ର ପଣ୍ଡାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

## ବାରିପଦାର ୧ ନଂ ୱାର୍ଡରେ ଶାଢ଼ି ପ୍ରଦର୍ଶନୀ ଉଦ୍‌ଘାଟିତ

**ବାରିପଦା(ଅମୃତମିଡିଆ):** ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ବୁଢ଼ୀ ଖମାରୀର ଚାରି ଗୃହିଣୀ ମିଶି ଏକ ଶାଢ଼ି ପ୍ରଦର୍ଶନୀର ଆୟୋଜନ କରିଛନ୍ତି ଓ ଆଗାମୀ ପାର୍ବଣ ଋତୁକୁ ଆଖିଆଗରେ ରଖି ସ୍ଥାନୀୟ ଅଂଚଳର ଚାରି ଗୃହିଣୀ ଦେବଦାସୀ ମଣ୍ଡଳ, ଶ୍ୱେତା ମହାନ୍ତି, ଦିବ୍ୟାଭାରତୀ ସାହୁ ଓ ଅନୁପମା ବେହେରା ମିଶି 'ସଖୀ କଲେକ୍ସନ' ନାମରେ ଏହି ପ୍ରଦର୍ଶନୀର ଆୟୋଜନ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଆତ୍ମନିର୍ଭରଶୀଳ ହେବା ପାଇଁ ମହିଳା ମାନଙ୍କର ଏହି ଅନନ୍ୟ ପ୍ରୟାସ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛି ବୋଲି



ପ୍ରକାଶ କରିଥିଲେ ଓ ସମ୍ମାନିୟା ଅତିଥି ଭାବେ ୧ନଂ ୱାର୍ଡର କାଉନସିଲର ସୁକେଶିନୀ ସେଠି ଓ ୨ ନଂ ର କାଉନସିଲର ଅନୁପମା ମହାନ୍ତି ଉପସ୍ଥିତ ରହି ୪ ଗୃହିଣୀଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହଙ୍କ ସମେତ ଜଗଦ୍ଧାତ୍ରୀ ମେଳା କମିଟିର ସପନ ପଣ୍ଡା, ଧୀରେନ୍ଦ୍ର ନାୟକ, ଅମ୍ବିକା ମହାନ୍ତି, ଦିନେଶ ସାହୁ, ନାରାୟଣ ମଣ୍ଡଳ, ମାନସ ମହାନ୍ତି, ସତ୍ୟଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ଓ ସ୍ଥାନୀୟ ଅଂଚଳର ମହିଳା ମାନଙ୍କର ବେଶ ଭିଡ଼ ଦେଖିବାକୁ ମିଳିଥିଲା ।

## ପାଟରା ଗୋସେଇଁଙ୍କ ପକ୍ଷରୁ ମହାପ୍ରଭୁଙ୍କୁ ରାକ୍ଷୀ ଅର୍ପଣ

# ଶ୍ରୀଜିଉଙ୍କୁ ଲାଗି ହେଲା ହାତବୁଣା ପାଟରାକ୍ଷୀ, ଗୁଆମାଳ ଓ ଖଣ୍ଡୁଆ ପାଟବସ୍ତ୍ର



**ବାରିପଦା(ଅମୃତମିଡିଆ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ବାରିପଦା ଶ୍ରୀ ଜଗନ୍ନାଥ ମନ୍ଦିରରେ ନିଖିଳ ଉତ୍କଳ ପାଟରା ସେବକ (ବାରିପଦା ଅଂଶ) ପାଟରା ଗୋସେଇଁମାନଙ୍କ ପକ୍ଷରୁ ପାରମ୍ପରିକ ତଥା ଭକ୍ତିପୂର୍ଣ୍ଣ 'ରାକ୍ଷୀ ସେବା' କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଶ୍ରୀକ୍ଷେତ୍ରର ଅନାଦି ପରମ୍ପରା ଅନୁଯାୟୀ, ପାଟରା ବିଷୋୟୀ ସେବକମାନେ ନିଜ ହାତରେ ପ୍ରସ୍ତୁତ କରି ପାଟରାକ୍ଷୀ ଓ ଗୁଆମାଳ ଶ୍ରୀଜିଉଙ୍କ ଲାଗି ଉଦ୍ଦେଶ୍ୟରେ ପ୍ରଦାନ କରିଥାନ୍ତି। ସେହି ଭାବପୂର୍ଣ୍ଣ ସେବା ପରମ୍ପରାକୁ ବଜାୟ ରଖି ବାରିପଦାର ଶତାଧିକ ପାଟରା ଓ ପାଟରାଣୀ ଏକତ୍ରିତ ହୋଇ ଭବ୍ୟ ଶୋଭାଯାତ୍ରା ସହ ନାମ ସଂକୀର୍ତ୍ତନ କରି ବଡ଼ଦାଣ୍ଡ ପରିକ୍ରମା ପୂର୍ବକ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପାଟରା ସେବକମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଶ୍ରଦ୍ଧାପୂର୍ବକ ପ୍ରସ୍ତୁତ ଖଣ୍ଡୁଆ ପାଟବସ୍ତ୍ର, ପାଟରାକ୍ଷୀ ଏବଂ ଗୁଆମାଳ ପୂଜକମାନଙ୍କୁ ସମର୍ପଣ କରିଥିଲେ । ଏହା ସହିତ ସେବାରେ ନିୟୋଜିତ ପୂଜକମାନଙ୍କୁ ମଧ ନୂତନ ବସ୍ତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପାଟରା ଗୋସେଇଁମାନଙ୍କ ହରିନାମ ସଂକୀର୍ତ୍ତନ ଓ ମହିଳାମାନଙ୍କ ହୁଳହୁଳି ଧ୍ୱନିରେ ସମଗ୍ର ମନ୍ଦିର ପରିସର ଏକ ଭକ୍ତିମୟ ପରିବେଶରେ ଉଛୁଳି ପଡ଼ିଥିଲା। ପରେ ପରେ ରୀତିନୀତି ଅନୁଯାୟୀ ମହାପ୍ରଭୁଙ୍କୁ ଏହି ପାଟବସ୍ତ୍ର ଓ ରାକ୍ଷୀ ଅର୍ପଣ କରାଯାଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁମାନେ ମହାପ୍ରସାଦ ସେବନ କରିବା ସହ 'ଜୟ ଜଗନ୍ନାଥ, ଜୟ ବଳଭଦ୍ର, ଜୟ ମା' ସୁଭଦ୍ରା' ଧ୍ୱନିରେ ଆବେଗପୂର୍ଣ୍ଣ ଭାବେ ପ୍ରଣାମ ଜଣାଇଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ବାରିପଦା ଶାଖା ସଭାପତି ଅମିତାଭ ସାହୁ, ସମ୍ପାଦକ ପ୍ରକାଶ ସାହୁ, ଉପଦେଷ୍ଟା ପଦ୍ମନାଭ ପୃଷ୍ଟି, ସୁବାସ ସାହୁ, ବୀରେନ୍ଦ୍ରନାଥ ସାହୁ, ପ୍ରଭାସ ସାହୁ, ପ୍ରଦୀପ ପୃଷ୍ଟି, ଅରୁଣ ସାହୁ, ବିଜୟ ସାହୁ, ରବୀନ୍ଦ୍ର ପୃଷ୍ଟି, ରବୀନ୍ଦ୍ର ସାହୁ, ବୀରବର ମହାନ୍ତି, ଉମାଶଙ୍କର ସାହୁ, ମନୋଜ ସେଣ୍ଠ, ଗଗନ ସାହୁ, ବ୍ରହ୍ମାନନ୍ଦ ସାହୁ, ଦୁର୍ଗାଶଙ୍କର ପୃଷ୍ଟି, ରଞ୍ଜିତ ସାହୁ, ଜଗନ୍ନାଥ ପୃଷ୍ଟି ଏବଂ ଅଭିମନ୍ୟୁ ପାତ୍ର ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ୬ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ କନିଷ୍ଠ ରାଜସ୍ୱ ସହାୟକ

**ବାରିପଦା /ସାହାରପଡ଼ା (ଅମୃତମିଡିଆ):** ଜମି ନାମାନ୍ତରଣ ମାମଲାର ଫାଇଲ ପ୍ରକ୍ରିୟାକରଣ ସହ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ପଟ୍ଟା ଜାରି କରାଇଦେବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ପାଟଣା ତହସିଲ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ (ଜେଆରଏ) ବି.ଏଚ୍?. ଉମାଶଙ୍କର ଓଡ଼ିଶା ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ଲାଞ୍ଚ ବାବଦ ୬ ହଜାର ଟଙ୍କା ଜବତ କରାଯାଇଥିବା ବେଳେ ତାଙ୍କ ସହ ସମ୍ପର୍କିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ନିଜ ଓ ଅନ୍ୟ ସହଅଂଶୀଦାରଙ୍କ ନାମରେ ଜମି ନାମାନ୍ତରଣ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିୟମ ଅନୁଯାୟୀ ୩ ଜୁନ୍ ୨୦୨୬ରେ ଅନଲାଇନ୍‌ରେ ଆବେଦନ କରିଥିଲେ। ପରେ ଆବେଦନର ସ୍ଥିତି ଜାଣିବା ପାଇଁ ସେ ତହସିଲ କାର୍ଯ୍ୟାଳୟରେ ଯୋଗାଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ଏହି ସମୟରେ ଜେଆରଏ ବି.ଏଚ୍. ଉମାଶଙ୍କର ଜମି ନାମାନ୍ତରଣ ମାମଲାର ଫାଇଲ ପ୍ରକ୍ରିୟାକରଣ କରିବା ସହ ଅଭିଯୋଗକାରୀ ଓ ଅନ୍ୟ ସହଅଂଶୀଦାରଙ୍କ ନାମରେ ଆରଓଆର୍ ପଟ୍ଟା ଜାରି କରାଇଦେବା ପାଇଁ ଲାଞ୍ଚ ଦାବି କରିଥିଲେ। ଏହି ଲାଞ୍ଚ ଦାବିରେ ଅସନ୍ତୁଷ୍ଟ ହୋଇ ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସକୁ ଜଣାଇଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ପକ୍ଷରୁ ଯୋଜନାବଦ୍ଧ ଭାବେ ଜାଲ ବିଛାଯାଇଥିଲା। ଶୁକ୍ରବାର ପାଟଣା ତହସିଲ କାର୍ଯ୍ୟାଳୟର ଗ୍ୟାରେଜ୍ ନିକଟରେ ଅଭିଯୋଗକାରୀଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଜେଆରଏ ଉମାଶଙ୍କରଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ଚଢ଼ାଉରେ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ବାଲେଶ୍ୱର ଭିଜିଲାନ୍ସ ଇନ୍ସପେକ୍ଟର ଚିତ୍ରଗୁପ୍ତ ଚାମ୍ପିଆ ଓ



କେନ୍ଦୁଝର ଭିଜିଲାନ୍ସ ଇନ୍ସପେକ୍ଟର ଉଲିପି ବେହେରାଙ୍କ ସମେତ ଭିଜିଲାନ୍ସ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୧୭/୨୦୨୬ମୂଳେ ଏକ ରୁଜୁ ହୋଇଛି। ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଭିଜିଲାନ୍ସ ପକ୍ଷରୁ ଜାରି ରହିଛି।

## ବିଦ୍ୟାଳୟର ମାଟି ମାଡ଼ି ନାହାନ୍ତି ଚିଲଗି ଓ ଅଜୟ

**ବାରିପଦା /ଉଦଳା(ଅମୃତମିଡିଆ):** କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ



ଅନ୍ତର୍ଗତ ମାଙ୍କଡ଼ପଡ଼ା ଗ୍ରାମର ବାସିନ୍ଦା ଭୀମ ସିଂଙ୍କର ୮ବର୍ଷ ବୟସର କନ୍ୟା 'ଚିଲଗି' ଓ ୭ବର୍ଷ ବୟସର ପୁତ୍ର 'ଅଜୟ' ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ିନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଅନେକ ସମୟରେ ପିଲାଙ୍କ ନାମ ବିଦ୍ୟାଳୟ ଖାତାରେ ଗଡ଼ିଚାଲିଥିଲେ ମଧ୍ୟ ଏହା ଛାତ୍ର ଛାତ୍ରୀ ଓ ଅବିଭାବକ କାହାକୁ ଜଣାନଥାଏ । ଏପରି ଦୃଶ୍ୟ ସମଗ୍ର କପ୍ତିପଦା ଉପଖଣ୍ଡରେ ସରକାରୀ ବିଦ୍ୟାଳୟ ମାନଙ୍କରେ ବହୁଳ ଭାବରେ ଦେଖିବାକୁ ମିଳେ । ଏହା ଏକ ନିତି ଦିନିଆ ଘଟଣା ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଛି । ପିଲାଏ ବିଦ୍ୟାଳୟ ନଆସିଲେ ତାଙ୍କ ନାମରେ ପଡୁଥିବା ମଧ୍ୟାହ୍ନ ଭଜନ, ପୋଷାକ ଇତ୍ୟାଦି ଚଳୁ କରିବା ସରକାରୀ ବାବୁଙ୍କ ପକ୍ଷେ ସହଜ ହୋଇଥାଏ ବୋଲି ଅନେକ କହିଛନ୍ତି । ତେବେ 'ଚିଲଗି' ଓ 'ଅଜୟ'ଙ୍କ କ୍ଷେତ୍ରରେ ବାସ୍ତବ ଚିତ୍ର କଣ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି କୁହାଯାଉଛି । ଏଇ ଦୁଇ ପିଲାଙ୍କର ଆଧାର କାର୍ଡ଼ନଥିବା ଯୋଗୁଁପରିବାରକୁ ମିଳିଥିବା ରାସନକାର୍ଡ଼ରେ ତାଙ୍କର ନାମ ଯୋଡ଼ାଯାଇ ପାରୁ ନାହିଁ । ଫଳରେ ସରକାର ଯୋଗାଇ ଦେଉଥିବା ମୁଣ୍ଡ ପିଛା ୫ କିଗ୍ରା ଚାଉଳ ପାଇବାରୁ ଏହି ପିଲାମାନେ ବଂଚିତ ଅଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବୀ ଅନୁରୋଧ ଜଣାଇଛନ୍ତି ।

## ସ୍ମୃତି ଓ ସମ୍ପର୍କକୁ ନେଇ ନୂଆ ଅଧ୍ୟାୟ ସୃଷ୍ଟି କରିବ ଛାତ୍ରୀ ନିବାସ: ପ୍ରମିଳା ପଣ୍ଡା



**ବାରିପଦା /ଉଦଳା (ଅମୃତମିଡିଆ):** କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ୨ଶହ ଶଯ୍ୟା ବିଶିଷ୍ଟ ଏକ ଛାତ୍ରୀ ନିବାସ ଉଦ୍‌ଘାଟିତ ହୋଇ ଯାଇଛି । ଏଥିପାଇଁ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଅଧ୍ୟକ୍ଷତା କରି ଏହିଭଳି ଏକ ଛାତ୍ରୀ ନିବାସ ମହାବିଦ୍ୟାଳୟ ପାଇଁ ଜରୁରି ହୋଇପଡ଼ିଥିଲା ବୋଲି ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅତିଥି ଭାବରେ ଯୋଗଦେଇ ବହୁ ଦୁରଦୁରାନ୍ତରୁ ଆସି ଅଧ୍ୟୟନ କରୁଥିବା ପିଲାମାନେ ଛାତ୍ରୀ ନିବାସରେ ରହଣିକାଳ ମଧ୍ୟରେ ପରସ୍ପରର ସମ୍ପର୍କ ଅଧିକ ନିବିଡ଼ ହୋଇଥାଏ । ଏହା ସ୍ମୃତିର ମାନସପଟରୁ ଆଦୌ ଲିଭେନାହିଁ । ଯାହାକି ପରବର୍ତ୍ତି ସମୟରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥାଏ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଆଶିଷ ମହାପାତ୍ର, ମହାବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଆଇନଜୀବୀ ବସନ୍ତ କୁମାର ପରିଡ଼ା, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଜୟଶ୍ରୀ ଚୌଧୁରୀ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ, ବେଦମନ୍ତ୍ର ଉଚାରଣ ସହ ନଡ଼ିଆ ଫଟାଇ ଉଦ୍ ?ଘାଟନ କରିଥିଲେ । ପ୍ରକାଶ ଥାଉକି, ଉତମ ଶୈକ୍ଷିକ ବାତାବରଣ ପାଇଁ ସୁଦୂର କେଉଁଝର ଓ ବାଲେଶ୍ୱର ଜିଲ୍ଲାରୁ ମଧ ବହୁସଂଖ୍ୟାରେ ପିଲା ଏହି ମହାବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସିଥାନ୍ତି । ଅଧ୍ୟାପିକା କୁମ୍ ?କୁମ୍ ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଅନୁରାଧା କବାଟ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଏହି ଉତ୍ସବକୁ ସଫଳ କରିବାରେ ଅଧ୍ୟାପିକା ମଂଜୁଳା କଳିଆ, ଅମିତା ଦାସ, ମେରିନା ପଣ୍ଡା, ସୁଷମା ସାହୁ, ଅଧ୍ୟାପକ ରବିନାରାୟଣ ମହାପାତ୍ର , ଅଶ୍ୱନି ବେହେରା , ବିବେକାନନ୍ଦ ଦାସବାବୁ, ଗିରିଜା ଶଙ୍କର ପାତ୍ର, ସରୋଜ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ଆଇଆଇସିଙ୍କ ବେଆଇନ କାର୍ଯ୍ୟ ଓ କ୍ଷମତାର ଅପବ୍ୟବହାର ନେଇ ଅଭିଯୋଗ

# ମାନବାଧିକାର ଆୟୋଗରେ ଫେରାଦ ହେଲେ ଗହଣା ବ୍ୟବସାୟୀ

**ବାରିପଦା(ଅମୃତମିଡିଆ):** କରଞ୍ଜିଆ ଥାନା କେଶ ନଂ ୨୩୦/୨୬ ମୂଳେ ଅଳଙ୍କାର ଚୋରି ଘଟଣାରେ ପୁଲିସ ଯଶିପୁରର ଗହଣା ଦୋକାନୀଙ୍କୁ ଗିରଫ କରିବା ଘଟଣାକୁ ଆଳ କରି ଯଶିପୁର ଆଇଆଇସି ଦୋକାନୀଙ୍କ ଭାଇର ଦୋକାନ ଉପରେ କୌଣସି ଅଭିଯୋଗ ନଥାଇ ଚଢ଼ାଉ କରି ଦୋକାନ ଓ ଲକରର ଚାବି ନେଇଯିବା ଏବଂ ୩ଦିନ ଧରି ଥାନାରେ ସକାଳୁ ରାତି ପର୍ଯ୍ୟନ୍ତ ଅଖିଆ ଅପିଆ ବସାଇବା ପରେ ଏକ ସାଦା କାଗଜରେ ଦସ୍ତଖତ କରାଇବା ନେଇ ପିଡ଼ିତ ମାନବାଧିକାର ଆୟୋଗଙ୍କ ନିକଟରେ ଫେରାଦ ହୋଇଛନ୍ତି। ଆଇଆଇସିଙ୍କ ଏଭଳି ଦବଙ୍ଗଗିରି ଓ ବେଆଇନ କାର୍ଯ୍ୟ ବିରୋଧରେ ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇବା ପରେ ପୁଲିସ ମହାନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କରଞ୍ଜିଆ ଥାନା ଅଙ୍କୁରା ଗ୍ରାମର ମନମୋହନ ମହାନ୍ତଙ୍କ ଘରେ ପଶ୍ଚିମବଙ୍ଗ ରାଜ୍ୟ ହାୱଡ଼ା ଜିଲ୍ଲା ସାମପୁର ଥାନା ଅନ୍ତର୍ଗତ ଉଧୁପୁର ଗ୍ରାମର କାଜିମୁନ ହୁସେନ ରଙ୍ଗ ଓ ମରାମତି କାର୍ଯ୍ୟ କରୁଥିଲେ । ଗତ ଜୁନ ୧୧ ତାରିଖରେ ଶ୍ରୀ ମହାନ୍ତଙ୍କ ସ୍ତ୍ରୀ ତପସ୍ୱିନୀ ମହାନ୍ତଙ୍କ ଟଙ୍କାପର୍ସ ଓ ପିନ୍ଧିଥିବା ସୁନାହାରକୁ କାଜିମୁନ ଛିଣ୍ଡାଇ ଧରି ପକାଇଥିଲା । ୧୩ ତାରିଖରେ ତପସ୍ୱିନୀ ଥାନାରେ ଏତଲା ଦେଇଥିଲେ । ୧୨ ତାରିଖରେ କାଜିମୁନ ଉକ୍ତ ହାରକୁ ଯଶିପୁର ରରୁଆଁ ଛକରେ ଥିବା କଳ୍ପନା ଜୁଏଲାରୀର ମାଲିକ ବ୍ରହ୍ମାନନ୍ଦ ପରିଡ଼ାଙ୍କୁ ବନ୍ଧକ ରଖି ୭ ହଜାର ଟଙ୍କା ନେଇ ପଳାଇଥିଲା । କରଞ୍ଜିଆ ଆଇଆଇସି ଅନୁସନ୍ଧାନ ପରେ ହାୱଡ଼ା ଜିଲ୍ଲା ପୁଲିସ ସହାୟତାରେ କାଜିମୁନଙ୍କୁ ଗିରଫ କରି ଆଣିଥିଲେ । ତଦନ୍ତ ସମୟରେ ଚୋରି ସୁନା ଚେନ ରଖିଥିବା ଅଭିଯୋଗରେ ବ୍ରହ୍ମାନନ୍ଦ ପରିଡ଼ାଙ୍କୁ ଗିରଫ ସହ ସୁନା ଚେନକୁ ଉଦ୍ଧାର କରିଥିଲେ। ୧୬ ତାରିଖରେ କାଜିମୁନ ଓ ବ୍ରହ୍ମାନନ୍ଦଙ୍କୁ କୋର୍ଟ ଚାଲାଣ ହୋଇଥିଲା ଏବଂ ଜାମିନରେ ଶ୍ରୀ ପରିଡ଼ା ଆସିଥିଲେ । ଯଶିପୁର ବାଦାମ ଛକରେ କଳ୍ପନା ଜୁଏଲାରୀର ଆଉ ଏକ ଶାଖା ଦୋକାନରେ ବ୍ରହ୍ମାନନ୍ଦଙ୍କ ସାନଭାଇ ମକରଧ୍ୱଜ ପରିଡ଼ା ବସିଥିଲେ । ଏହି ଦୋକାନ ବିରୋଧରେ ଯଶିପୁର ଥାନାରେ କୌଣସି ଅଭିଯୋଗ ନଥିବା ବେଳେ ଆଇଆଇସି ସଂଯୁକ୍ତା ମହାଳିକ ୧୫ ତାରିଖ ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଆସି ମକରଧ୍ୱଜଙ୍କୁ ଧମକ ଚମକ ଦେବା ସହ ଦୋକାନ ଓ ଲକର ଚାବି ନେବା ସହ ତାଙ୍କୁ ଥାନାକୁ ନେଇଯାଇଥିଲେ। ସେଠାରେ ତାଙ୍କୁ କୌଣସି ଖାଦ୍ୟ ଅଥବା ପାନୀୟ ନଦେଇ ରାତି ଗୋଟେ ପର୍ଯ୍ୟନ୍ତ ରଖିବା ପରେ ୧୬ ତାରିଖରେ ହାଜରା ଦେବାପାଇଁ କହି ଛାଡିଥିଲେ। ଆଇଆଇସିଙ୍କ କହିବା ମୁତାବକ ମକରଧ୍ୱଜ ୧୬ ଓ ୧୭ ତାରିଖ ସକାଳୁ ଯାଇ ହାଜରା ଦେଇଥିଲେ। ମାତ୍ର ତାଙ୍କୁ ଭୋକ ଉପାସରେ ରଖି ରାତି ୧୧ଟାରେ ଛାଡିଥିଲେ। ୧୭ ତାରିଖ ରାତିରେ ଦୋକାନ ଓ ଲକର ଚାବି ଫେରାଇଦିଆଗଲା ବୋଲି ଲେଖାଥିବା କାଗଜରେ ଏବଂ ଦୁଇମାସ ପର୍ଯ୍ୟନ୍ତ ଦୋକାନ ବନ୍ଦ ରଖିବା ପାଇଁ ଲେଖାଥିବା ଅନ୍ୟ ଏକ କାଗଜରେ ମକରଧ୍ୱଜଙ୍କ ଦସ୍ତଖତ ନେଇଥିଲେ ମଧ ଚାବିଗୁଡିକ ଫେରାଇ ନଥିଲେ। ଲେଖାଥିବା କାଗଜର ସର୍ତ୍ତ ଖିଲାପ କଲେ ମିଥ୍ୟା ମାମଲାରେ ବାରମ୍ୱାର କେଶ କରିବି ବୋଲି ଆଇଆଇସି ସଂଯୁକ୍ତା ଧମକ ଦେଇଥିଲେ। ଏକ ପିନ୍ଧିଲା ଭଳିଆ ଦାମୀ ସୁନା ଚେନ ଦେଲେ ଦୋକାନ ଓ ଲକର ଚାବି ଦେବି, ନଚେତ ଦୁଇମାସ ବନ୍ଦ ରଖିବା ପାଇଁ ସଂଯୁକ୍ତା କହିଥିଲେ। କୋର୍ଟରୁ ଜାମିନରେ ଆସିବାପରେ ବ୍ରହ୍ମାନନ୍ଦ ସବୁ ଘଟଣା ଜାଣିବାପରେ କରାଞ୍ଜିଆସ୍ଥିତ ଉପଖଣ୍ଡ ପୁଲିସ ଅଧିକାରୀ ଏବଂ ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକଙ୍କୁ ୨୧ ତାରିଖରେ ଲିଖିତ ଜଣାଇଥିଲେ। ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ୱତା ଦେଖି ବ୍ରହ୍ମାନନ୍ଦ, ଜୁଲାଇ ୭ ତାରିଖରେ ଅଧୀକ୍ଷକଙ୍କୁ ଦେଖାକରି ଆପତ୍ତି କରିଥିଲେ। ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମମତା ସାହୁ ୧୦ତାରିଖରେ ଯଶିପୁର ଥାନାକୁ ଆସି ସିସି ଟିଭି ଏବଂ ଦୋକାନର ସିସି ଟିଭି ଫୁଟେଜକୁ ଅନୁଧ୍ୟାନ ପରେ ବ୍ରହ୍ମାନନ୍ଦଙ୍କୁ ଚାବିଗୁଡ଼ିକ ଫେରାଇଥିଲେ । ମାତ୍ର ମକରଧ୍ୱଜଙ୍କୁ ୩ ଦିନ କାଳ ଅମାନବୀୟ ଭାବେ ଭୋକ ଉପାସରେ ରାତି ପର୍ଯ୍ୟନ୍ତ ରଖିବା, ଦୀର୍ଘଦିନ ଧରି ଦୋକାନ ବନ୍ଦ ରଖି ପରିବାର ସଦସ୍ୟଙ୍କୁ ମାନସିକ ନିର୍ଯାତନା ଦେବା, ସମ୍ମାନହାନି ଓ ମାନବୀୟ ଅଧିକାରକୁ କ୍ଷୁଣ୍ଣ କରିବା ନେଇ ସଂଯୁକ୍ତା ମହାଳିକଙ୍କ ଦବଙ୍ଗଗିରି ବିରୋଧରେ ମକରଧ୍ୱଜ ମାନବାଧିକାର ଆୟୋଗ, ମୁଖ୍ୟମନ୍ତ୍ରୀ, ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଫେରାଦ କରିଛନ୍ତି। ଇତିମଧ୍ୟରେ ସଂଯୁକ୍ତା ମହାଳିକ ଯଶିପୁର ଥାନାରୁ ଅନ୍ୟତ୍ର ବଦଳି ହୋଇଥିବା ଜଣାଯାଇଛି।

## ଶାଳଗାଁ ଉଚ୍ଚ ବିଦ୍ୟାଳୟରେ ରକ୍ଷାବନ୍ଧନ ପାଳିତ

**ବାରିପଦା (ଅମୃତମିଡିଆ):** ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ତରଫରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଅଛି । ଇକୋକ୍ଲବ ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ରକ୍ଷାବନ୍ଧନରେ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବୁଢ଼ାବଳଙ୍ଗସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ବିଜୟ ଭାସ୍କର ମହାଳିକ, ମୁଖ୍ୟବକ୍ତା ଭାବେ ମାନବିର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରୀମୋହନ କର , ସମ୍ମାନନୀୟ ଅତିଥି ଭାବେ ପୂର୍ବତନ



ସରପଞ୍ଚ କାଳୀଚରଣ ସିଂ ଯୋଗ ଦେଇଥିଲେ । ଛାତ୍ର,ଛାତ୍ରୀ ମାନେ ବୃକ୍ଷକୁ ପୂଜାର୍ଚ୍ଚନା କରି ପ୍ରତ୍ୟେକ ବୃକ୍ଷ କୁ ରାକ୍ଷୀ ବାନ୍ଧିଥିଲେ । ବିଜ୍ଞାନ ଯୁଗରେ ରାସ୍ତା, ଶିଳ୍ପ ଓ ଗୃହ ନିର୍ମାଣ ପାଇଁ ଯେଉଁ ଭଳି ଭାବେ ଅବାଧରେ ଗଛ କଟା ଯାଉଅଛି ଏହା ଫଳରେ ପରିବେଶ ବିଗିଡ଼ିବା ସହିତ ଜୀବଜଗତ ପାଇଁ ବିପଦର କାରଣ ହେଉଅଛି । ପରିବେଶର ସୁରକ୍ଷା ନିମନ୍ତେ ଗଛକୁ ମା ଭାବି ଛାତ୍ର, ଛାତ୍ରୀ ମାନେ ନିଜ ପରିବାରର ଜନ୍ମ, ବିବାହ, ମୃତ୍ୟୁ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ଭବିଷ୍ୟତରେ ପରିବେଶର ଭାରସାମ୍ୟ ରକ୍ଷା ହୋଇପାରିବା ସହିତ ନିଜ ନିଜ ବାଡ଼ିରେ ଆଜି ଦିନରେ ଗୋଟିଏ ବୃକ୍ଷ ଲଗାଇବା ପାଇଁ ଅତିଥି ବୃନ୍ଦ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅନ୍ତେବାସୀ ମାନଙ୍କୁ ଛାତ୍ରୀମାନେ ରାକ୍ଷୀ ବାନ୍ଧିବା ସହିତ ଶୁଭକାମନା ଜଣାଇଥିଲେ । ସମସ୍ତେ ନିଶାମୁକ୍ତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା । ସର୍ବଶେଷରେ ମନୋଜ କୁମାର ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏପ୍ରିଲରୁ କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ

# ନର୍ମଦା ହଷ୍ଟେଲ୍‌ରେ ଅସ୍ଥାୟୀ ଭାବେ ଆରମ୍ଭ ହେବ ପାଠପଢ଼ା

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶା, କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତୁତି ଆଗେଇଛି। ସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ ଭବନ ନିର୍ମାଣ ପୂର୍ବରୁ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ନର୍ମଦା ହଷ୍ଟେଲ୍ ?କୁ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଚଳାଇବା ପାଇଁ ଚୂଡ଼ାନ୍ତ କରାଯାଇଥିବା ଜଣାପଡ଼ିଛି। କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ନର୍ମଦା ହଷ୍ଟେଲ୍‌ରେ ଅସ୍ଥାୟୀ ଭାବେ ଶିକ୍ଷାଦାନ ବ୍ୟବସ୍ଥା କରାଯିବ। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଅନ୍ୟାନ୍ୟ ପ୍ରସ୍ତୁତି ଆରମ୍ଭ କରାଯାଇଛି। ୨୦୨୭ ଏପ୍ରିଲ ମାସରୁ କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରିବା ଲକ୍ଷ୍ୟ ରଖାଯାଇଥିବା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ସୂଚନା ଦେଇଛନ୍ତି। କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ଏହା ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାର ସୁଯୋଗ ଦେବ। ବିଶେଷକରି ସରକାରୀ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନେକ ଅଭିଭାବକ ଏହାଦ୍ୱାରା ଉପକୃତ ହେବେ। ଅଙ୍କୁରା ଠାରେ ସ୍ଥାୟୀ ବିଦ୍ୟାଳୟ ଭବନ ନିର୍ମାଣ ପରେ ନିଜସ୍ୱ କ୍ୟାମ୍ପସରେ ବିଦ୍ୟାଳୟ ଚାଲିବ ବୋଲି ଆଶା ପ୍ରକାଶ ପାଇଛି।




# ରାକ୍ଷୀପୂର୍ଣ୍ଣିମାରେ ସରକାର ଦେଲେ ସୁଭଦ୍ରା ଯୋଜନାର ୫ମ କିସ୍ତି

## ଗଞ୍ଜାମର ୯ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କ ଖାତାକୁ ଗଲା ୪୬୩ କୋଟି ୩୨ ଲକ୍ଷ ଟଙ୍କା

## ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ସହ ଉଦ୍ୟୋଗିତା ଉପରେ ଗୁରୁତ୍ୱ

**ଛତ୍ରପୁର (ଅମୃତ ମିଡିଆ):** ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହିଳା ସଶକ୍ତିକରଣର ଏକ ନୂଆ ଅଧ୍ୟାୟ ଯୋଡ଼ିଛି ସୁଭଦ୍ରା ଯୋଜନା। ଓଡ଼ିଶା ସରକାର ସୁଭଦ୍ରା ଯୋଜନାର ୫ମ କିସ୍ତି ଅର୍ଥରାଶି ୧ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରିଛନ୍ତି । ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଦିଆଯାଇଥିବା ବେଳେ ଏଥିପାଇଁ ସରକାର ୫ ହଜାର ୧୬୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରିଛନ୍ତି। ନୟାଗଡ଼ ଲାଠିପଡ଼ା ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ୫ମ କିସ୍ତି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଯୋଜନାର ୫ମ କିସ୍ତି ଅର୍ଥରାଶି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରାଙ୍କ ସମେତ ସୁଭଦ୍ରା ହିତାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲାରେ ଆଜି ୫ମ କିସ୍ତିରେ ୯ ଲକ୍ଷ ୨୬ ହଜାର ୬୪୧ ଜଣ ହିତାଦିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରାୟ ୪୬୩ କୋଟି ୩୨ ଲକ୍ଷ ଟଙ୍କା ସିଧାସଳଖ ହସ୍ତାନ୍ତର କରାଯାଇଛି। ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଭଉଣୀମାନେ ଛତ୍ରପୁର ବିଧାୟକ, ଜିଲ୍ଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଫୁଲ ଓ ଚନ୍ଦନ ଦେଇ ରାକ୍ଷୀ ବାନ୍ଧିଥିଲେ। ଏହି ଅବସରରେ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଛତ୍ରପୁରର ବେବି ମହାରଣା ଓ ବୁଗୁଡ଼ାର କବିତା ମହାରଣାଙ୍କ ସହ ଆଲୋଚନା କରିଥିଲେ। ସୁଭଦ୍ରା ଯୋଜନାରୁ ସେମାନେ ପାଉଥିବା ସୁବିଧା, ଏହି ସହାୟତାର ପ୍ରଭାବ ଏବଂ ଏହା ମାଧ୍ୟମରେ ସେମାନଙ୍କ ଜୀବନରେ ଆସିଥିବା ପରିବର୍ତ୍ତନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ। ରାକ୍ଷୀ ପୂର୍ଣ୍ଣିମାର ପବିତ୍ର ଅବସରରେ ଏହି ଅର୍ଥରାଶି ପାଇ ଜିଲ୍ଲାର ଲକ୍ଷ ଲକ୍ଷ ସୁଭଦ୍ରା ଭଉଣୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସୁଭଦ୍ରା ଯୋଜନାର ପ୍ରଥମ ଚାରିଟି କିସ୍ତିରେ ରାଜ୍ୟର ଏକ କୋଟିରୁ ଅଧିକ ମହିଳାଙ୍କୁ ମୋଟ ୨୦ ହଜାର ୬୪୮ କୋଟି ୬୩ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇସାରିଛି। ଗଞ୍ଜାମ ଜିଲ୍ଲାରେ ମଧ୍ୟ ପାଖାପାଖି ୧୦ ଲକ୍ଷ ମହିଳା ଏହି ଯୋଜନାର ଲାଭ ପାଇ ଆସୁଛନ୍ତି ।

## ସାଇବର ଠକେଇ ଓ ଡିଜିଟାଲ ଗିରଫ ସଚେତନତା କାର୍ଯ୍ୟକ୍ରମ



**ପୋଲସରା (ଅମୃତ ମିଡିଆ):** ଗଞ୍ଜାମ ପୋଲିସ ଜିଲ୍ଲା ଅନ୍ତର୍ଗତ ବୁଗୁଡ଼ା ପୋଲିସ ଥାନା ଅଧିନସ୍ଥ ବାଲିପଦର ଫାଣ୍ଡି ପରିସରରେ ୨୭/୮/୨୬ ତାରିଖ ଦିନ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ 'ସାଇବର ଠକେଇ ଏବଂ ଡିଜିଟାଲ ଗିରଫ ସଚେତନତା କାର୍ଯ୍ୟକ୍ରମ' ଆୟୋଜନ କରାଯାଇଥିଲା। ପ୍ରାୟ ୫୦ ଜଣ ବରିଷ୍ଠ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଚେତନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। କମ୍ପ୍ୟୁଟର ଶିକ୍ଷକ ମହେନ୍ଦ୍ର ପ୍ରସାଦ ପଣ୍ଡା, ଭଞ୍ଜନଗର ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ର, ବୁଗୁଡ଼ା ପୋଲିସ ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ଓ ବାଲିପଦର ଫାଣ୍ଡି ଓଆଇସି କେ. ନୀଳାଦ୍ରୀ ରେଡ୍ଡୀ କାର୍ଯ୍ୟକ୍ରମରେ ଯୋଗଦେଇ ଅଂଶଗ୍ରହଣ କରିଥିବା ବରିଷ୍ଠ ନାଗରିକଙ୍କୁ 'ଡିଜିଟାଲ ଗିରଫ' ଠକେଇ ସମେତ ବିଭିନ୍ନ ପ୍ରକାରର ସାଇବର ଠକେଇ ବିଷୟରେ ସଚେତନ କରିଥିଲେ। ଅଂଶଗ୍ରହଣକାରୀ ମାନଙ୍କୁ ସାଇବର ଠକେଇ ଏବଂ ଡିଜିଟାଲ ଗିରଫ ସହିତ ଜଡିତ ବିପଦ, କାର୍ଯ୍ୟପ୍ରଣାଳୀ, ପ୍ରତିରୋଧକ ପଦକ୍ଷେପ ଏବଂ କ'ଣ କରିବା ଉଚିତ ଓ କ'ଣ କରିବା ଅନୁଚିତ ସେହି ବିଷୟରେ ପ୍ରାଞ୍ଜଳ ଭାବେ ଅବଗତ କରାଯାଇଥିଲା। ଶେଷରେ ବାଲିପଦର ପାଣ୍ଡି ଓଆଇସି ଶ୍ରୀ ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ୱଶୁର ଘର ଗାଁର କାଜୁ ଜଙ୍ଗଲରୁ ଜ୍ୱାଇଁର ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର



**ହିନ୍ଦୋଳ (ଅମୃତ ମିଡିଆ):** ଜଣେ ବ୍ୟକ୍ତି ତାଙ୍କ ଶ୍ୱଶୁର ଘରକୁ ଆସିଥିବା ବେଳେ ଶ୍ୱଶୁର ଘର ଗାଁର କାଜୁ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ଏମିତି ଏକ ଅଭାବନୀୟ ଘଟଣା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ମୋଟଙ୍ଗା ଥାନା ନିମିଧା ଜଗନ୍ନାଥପୁର ଗ୍ରାମର ପିଙ୍କୁ ସାହୁ (୩୫) ନିଜର ଶ୍ୱଶୁର ଘର ରାସୋଳ ଥାନା ଅନ୍ତର୍ଗତ ବ୍ରହ୍ମପୁରକୁ ଆସିଥିବାବେଳେ କାଜୁ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ଏ ସଂପର୍କରେ ରାସୋଳ ଥାନା ପୁଲିସ୍ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଉପଖଣ୍ଡ ମେଡିକାଲ୍ ପଠାଇବା ସହ ତଦନ୍ତ ଜାରି ରଖିଛି। ତାହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହୋଇନଥିବାବେଳେ ଶ୍ୱଶୁର ଘର ଲୋକେ ମାରି ଟାଙ୍ଗୀ ଦେଇଥିବାର ମୃତକଙ୍କ ପରିବାରଲୋକେ ଅଭିଯୋଗ ଆଣିଛନ୍ତି।

ଦୁଇ ବର୍ଷର ଶିଶୁ ମୁଣ୍ଡରେ ଚାପି ହୋଇ ରହିଯାଇଥିବା ଆଲୁମିନିୟମ ହାଣ୍ଡିକୁ କଟରରେ କାଟି ବାହାର କଲେ ଅଗ୍ନିଶମ ବିଭାଗର କର୍ମଚାରୀ । ରମ୍ଭା ଥାନା ଅଞ୍ଚଳର ବିଦ୍ୟାଧର ପ୍ରଧାନଙ୍କ ଦୁଇ ବର୍ଷର ପୁଅ ତ୍ରିଲୋଚନ ପ୍ରଧାନ ଘରେ ଖେଳିଥିବା ବେଳେ ଅସାବଧାନତା ଯୋଗୁଁ ଏକ ଆଲୁମିନିୟମ ହାଣ୍ଡିଟି ତାର ମୁଣ୍ଡରେ ପଶି ଯାଇଥିଲା । ଏହାକୁ ଦେଖିବା ପରେ ତ୍ରିଲୋଚନଙ୍କ ପରିବାର ଲୋକେ ମୁଣ୍ଡରୁ ହାଣ୍ଡିକୁ ବାହାର କରିବାକୁ ଦୀର୍ଘ ସମୟ ଧରି ଚେଷ୍ଟା କରିବା ପରେ କିଛି ସୁଫଳ ମିଳିନଥିଲା । ବିଳମ୍ବିତ ରାତି ଯୋଗୁଁ ମେଡିକାଲ ବନ୍ଦ ହୋଇଥିବା ଯୋଗୁଁ ରମ୍ଭାର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟକୁ ତ୍ରିଲୋଚନକୁ ସେଭଳି ଅବସ୍ଥାରେ ତାଙ୍କ ପରିବାର ଲୋକେ ନେଇଥିଲେ । ତ୍ରିଲୋଚନଙ୍କ ମୁଣ୍ଡ ଭିତରେ ଆଲୁମିନିୟମ ହାଣ୍ଡିଟି ରହି ଯାଇଥିବା ଯୋଗୁଁ ତାକୁ ବାହାର କରିବା କଷ୍ଟସାଧ ଥିଲା । ତଥାପି ମଧ୍ୟ ରମ୍ଭାର ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଏକ କଟର୍ ଯୋଗେ ଧିରେ ଧିରେ ଆଲୁମିନିୟମ ହାଣ୍ଡିଟିକୁ କାଟିଥିଲେ । କିଛି ସମୟ ମଧ୍ୟରେ ହାଣ୍ଡିଟି ତ୍ରିଲୋଚନଙ୍କ ମୁଣ୍ଡରୁ ବାହାରି ଯାଇଥିଲା । ତେବେ ତ୍ରିଲୋଚନଙ୍କ ମୁଣ୍ଡରେ ଦୀର୍ଘ ସମୟ ଧରି ହାଣ୍ଡିଟି ଫସି ରହିଥିବା ବେଳେ ତାହାକୁ କଟର୍ ଯୋଗେ କାଟିବା ବି ବିପଦଜନକ ଥିଲା । ଅତ୍ୟନ୍ତ ସାବଧାନତାର ସହ ରମ୍ଭା ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ତ୍ରିଲୋଚନଙ୍କ ମୁଣ୍ଡରୁ ହାଣ୍ଡିଟି କାଟି ବାହାର କରିଥିଲେ । ରମ୍ଭା ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ଏଭଳି କାର୍ଯ୍ୟ ଯୋଗୁଁ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ତ୍ରିଲୋଚନଙ୍କ ପରିବାର ଓ ତାଙ୍କ ଗାଁ ଲୋକେ ।

## ପବିତ୍ର ରାକ୍ଷୀପୂର୍ଣ୍ଣିମା ଅବସରରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି



**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମୁନିନ୍ଦ୍ର ହୋନନାଗ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା,ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡାଲସା)ର ସଚିବ ଶ୍ରୀ ବିମଳ ରାଉଳ,ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ ,ଶ୍ରୀମତୀ କେ.ସୁନିତା ଓ ଅତିରିକ୍ତ ତହସିଲଦାର ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ।

ରାକ୍ଷୀପୂର୍ଣ୍ଣିମାର ପବିତ୍ର ଅବସରରେ 'ସୁଭଦ୍ରା' ଯୋଜନାର ଯୋଗ୍ୟ ହିତାଧିକାରୀମାନଙ୍କୁ ପଞ୍ଚମ କିସ୍ତିର ଆର୍ଥିକ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଗଜପତି ଜିଲ୍ଲାର ଏକ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଏହି ଆର୍ଥିକ ସହାୟତାରେ ଉପକୃତ ହୋଇଛନ୍ତି।

ଏହି ଅବସରରେ ସମସ୍ତ ଅତିଥି ଗଣ ସୁଭଦ୍ରା ଭଉଣୀମାନଙ୍କୁ 'ସୁଭଦ୍ରା' ଯୋଜନାର ଉଦ୍ଦେଶ୍ୟ ଓ ସୁବିଧା ସମ୍ପର୍କରେ ଅନ୍ୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଯୋଜନାରୁ ମିଳୁଥିବା ଆର୍ଥିକ ସହାୟତାର ସୁବିନିଯୋଗ କରି ନିଜ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ସ୍ୱାଭିମାନ, ସ୍ୱାବଲମ୍ବନ ଓ ସମ୍ମାନର ସୁଯୋଗ ମହିଳାମାନଙ୍କୁ ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଅଧିକ ସଶକ୍ତ ଓ ସକ୍ରିୟ କରିବା ସହ ସେମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନ ତଥା ମିଶନ ଶକ୍ତିର ଶ୍ରୀ ଟିମନ ବାରା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀମତୀ ସାରଳା ପାତ୍ର , ଶ୍ରୀମତୀ ସ୍ନିଗଧାରାଣୀ ଭୁଁୟା ,ଶ୍ରୀ ମନୋଜ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ବହୁ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସୁଭଦ୍ରା ଭଉଣୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ପରିସମାପ୍ତି ପରେ ରାଜ୍ୟସ୍ତରୀୟ 'ସୁଭଦ୍ରା' କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ କରାଯାଇଥିଲା।

## ଇଣ୍ଡିଆନ ବ୍ୟାଙ୍କ ଭଞ୍ଜନଗର ଶାଖା ଉଦ୍‌ଘାଟିତ




**ଭଞ୍ଜନଗର (ଅମୃତ ମିଡିଆ):** ସ୍ଥାନୀୟ ବାଉଁଶଲୁଣ୍ଡି ବାଇପାସ୍ ଛକ ରେ ଇଣ୍ଡିଆନ ବ୍ୟାଙ୍କ ର ୬୦୦୪ ତମ ଶାଖା ଉଦଘାଟିତ ହୋଇଯାଇଛି। ଉପଜିଲ୍ଲାପାଳ ଉମାଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ରହ୍ମପୁର ଆଞ୍ଚଳିକ ପ୍ରବନ୍ଧକ ଧର୍ମେନ୍ଦ୍ର ପ୍ରତାପ ପରମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭଞ୍ଜନଗର ସହର ଏକ ଐତିହାସିକ ସହର। ଏହା ଅନେକ ଗୌରବଶାଳୀ ବିଭବ ରେ ବିମଣ୍ଡିତ। ଏଭଳି ଏକ ସହରରେ ଇଣ୍ଡିଆନ ବ୍ୟାଙ୍କ ତାର ୬୦୦୪ ତମ ଶାଖା ଖୋଲିଥିବାରୁ ସେ ବେଶ ଗର୍ବିତ ବୋଲି ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକ ପରମାର ଉଲ୍ଲେଖ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଶାଖା କାର୍ଯ୍ୟାଳୟ ଉଦଘାଟିତ ହୋଇଥିଲା। ଦେଶରେ ଏହା ଇଣ୍ଡିଆନ ବ୍ୟାଙ୍କ ର ୬୦୦୪ ତମ ଶାଖା। ବ୍ରହ୍ମପୁର ଜୋନ୍ ର ୪୪ତମ ଶାଖା ବୋଲି ଆଞ୍ଚଳିକ ପ୍ରବନ୍ଧକ ପରମାର ଉଲ୍ଲେଖ କରିଥିଲେ। ଗ୍ରାହକମାନଙ୍କୁ ଉଲ୍ଲେଖନୀୟ ସେବା ଯୋଗାଇବାରେ ଅନ୍ୟ ସମସ୍ତ ରାଷ୍ଟ୍ରାୟତ ବ୍ୟାଙ୍କ ଠାରୁ ଇଣ୍ଡିଆନ ବ୍ୟାଙ୍କ ଢେର ଆଗରେ ବୋଲି ସେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପ୍ରବନ୍ଧକ ପ୍ରିୟଦର୍ଶନ ମିଶ୍ର, ହରିହର ମଲ୍ଲିକ, ଆଇନ ପରାମର୍ଶଦାତା ଅରୁଣ କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଭଞ୍ଜନଗର ଶାଖା ପରିଚାଳକ ଶୁଭାଶିଷ ଲେଙ୍କା ଓ ତାଙ୍କ ଟିମ୍ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## କୌଳିକ ବୃତ୍ତିକୁ ଏ ବେବି ବଞ୍ଚାଇ ରଖିଛନ୍ତି ୮୬ ବର୍ଷୀୟ ବୃଦ୍ଧ ମୁରଲୀଧର

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ନିଜର କୌଳିକ ବୃତ୍ତିକୁ ଏଯାଏଁ ବଞ୍ଚାଇ ରଖିଛନ୍ତି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ପଞ୍ଚାୟତ ଓଥକା ଗ୍ରାମର ୮୬ବର୍ଷୀୟ ବୃଦ୍ଧ ମୁରଲୀଧର ବେହେରା । କୁମ୍ଭକାରଙ୍କ କୌଳିକ ବୃତ୍ତି ହେଉଛି କଞ୍ଚା ମାଟିରୁ ବିଭିନ୍ନ ପ୍ରକାର ଗୃହ ଉପକରଣ ସାମଗ୍ରୀ, ମାଟି କଣ୍ଢେଇ ଓ ମାଟିରେ ନିର୍ମିତ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ତିଆରି କରି ଆବଶ୍ୟକ କ୍ଷେତ୍ରରେ ସେଗୁଡ଼ିକୁ ରଙ୍ଗ ଦେଇ ଜୀବନ୍ତ କରି ବିକ୍ରି କରିବା । ମାଟି କିଣା ସାଙ୍ଗକୁ ରଙ୍ଗର ଦର ବୃଦ୍ଧି ପାଇଁ କୁମ୍ଭକାର ମାନେ ନିଜର କୌଳିକ ବୃ  ିକୁ ଛାଡ଼ିବାକୁ ବସିଲେଣି ଏତେ ସବୁ ବାଧା ବିଘ୍ନ ସତ୍ତ୍ୱେ ମଧ୍ୟ ନିଜର କୌଳିକ ବୃତ୍ତି(କୁମ୍ଭକାର)କୁ ଏବେବି କିଛି କୁମ୍ଭକାର ଭାଇମାନେ ବଞ୍ଚାଇ ରଖିଛନ୍ତି । ବୃଦ୍ଧ ମୁରଲୀଧର ବାର୍ଦ୍ଧକ୍ୟ ଅବସ୍ଥାରେ ମୂର୍ତ୍ତିଗୁଡ଼ିକୁ ଆଣି ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ଓ ବଜାରରେ ବିକ୍ରି କରୁଛନ୍ତି । ଏହି ଓଥକା ଗ୍ରାମରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ କୁମ୍ଭକାର ପରିବାର କୌଳିକ ବୃତ୍ତିକୁ ଏବେବି ବଞ୍ଚାଇ ରଖି କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହିସବୁ କୁମ୍ଭକାର ପରିବାରକୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ସାମିଲ କରାଇ ସରକାରଙ୍କ ପ୍ରଦ    ସହାୟତା ଓ ସହଯୋଗ ଯୋଗାଇ ଦିଆଗଲେ ସେମାନେ ବୃତ୍ତିକୁ ବଞ୍ଚାଇ ରଖିବା ସହିତ ସ୍ୱାବଲମ୍ବୀ ହୋଇ ପରିବାର ପ୍ରତିପୋଷ କରିପାରିବେ ବୋଲି ମୁରଲୀଧର ଓ ସ୍ଥାନୀୟ କୁମ୍ଭକାର ଭାଇମାନେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ।

## ୨ବର୍ଷର ଶିଶୁ ମୁଣ୍ଡରେ ପଶିଥିବା ଆଲୁମିନିୟମ ହାଣ୍ଡିକୁ କଟରରେ କାଟି ବାହାର କଲେ ଅଗ୍ନିଶମ କର୍ମଚାରୀ



**ଛତ୍ରପୁର (ଅମୃତ ମିଡିଆ):** ଦୁଇ ବର୍ଷର ଶିଶୁ ମୁଣ୍ଡରେ ଚାପି ହୋଇ ରହିଯାଇଥିବା ଆଲୁମିନିୟମ ହାଣ୍ଡିକୁ କଟରରେ କାଟି ବାହାର କଲେ ଅଗ୍ନିଶମ ବିଭାଗର କର୍ମଚାରୀ । ରମ୍ଭା ଥାନା ଅଞ୍ଚଳର ବିଦ୍ୟାଧର ପ୍ରଧାନଙ୍କ ଦୁଇ ବର୍ଷର ପୁଅ ତ୍ରିଲୋଚନ ପ୍ରଧାନ ଘରେ ଖେଳିଥିବା ବେଳେ ଅସାବଧାନତା ଯୋଗୁଁ ଏକ ଆଲୁମିନିୟମ ହାଣ୍ଡିଟି ତାର ମୁଣ୍ଡରେ ପଶି ଯାଇଥିଲା । ଏହାକୁ ଦେଖିବା ପରେ ତ୍ରିଲୋଚନଙ୍କ ପରିବାର ଲୋକେ ମୁଣ୍ଡରୁ ହାଣ୍ଡିକୁ ବାହାର କରିବାକୁ ଦୀର୍ଘ ସମୟ ଧରି ଚେଷ୍ଟା କରିବା ପରେ କିଛି ସୁଫଳ ମିଳିନଥିଲା । ବିଳମ୍ବିତ ରାତି ଯୋଗୁଁ ମେଡିକାଲ ବନ୍ଦ ହୋଇଥିବା ଯୋଗୁଁ ରମ୍ଭାର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟକୁ ତ୍ରିଲୋଚନକୁ ସେଭଳି ଅବସ୍ଥାରେ ତାଙ୍କ ପରିବାର ଲୋକେ ନେଇଥିଲେ । ତ୍ରିଲୋଚନଙ୍କ ମୁଣ୍ଡ ଭିତରେ ଆଲୁମିନିୟମ ହାଣ୍ଡିଟି ରହି ଯାଇଥିବା ଯୋଗୁଁ ତାକୁ ବାହାର କରିବା କଷ୍ଟସାଧ ଥିଲା । ତଥାପି ମଧ୍ୟ ରମ୍ଭାର ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଏକ କଟର୍ ଯୋଗେ ଧିରେ ଧିରେ ଆଲୁମିନିୟମ ହାଣ୍ଡିଟିକୁ କାଟିଥିଲେ । କିଛି ସମୟ ମଧ୍ୟରେ ହାଣ୍ଡିଟି ତ୍ରିଲୋଚନଙ୍କ ମୁଣ୍ଡରୁ ବାହାରି ଯାଇଥିଲା । ତେବେ ତ୍ରିଲୋଚନଙ୍କ ମୁଣ୍ଡରେ ଦୀର୍ଘ ସମୟ ଧରି ହାଣ୍ଡିଟି ଫସି ରହିଥିବା ବେଳେ ତାହାକୁ କଟର୍ ଯୋଗେ କାଟିବା ବି ବିପଦଜନକ ଥିଲା । ଅତ୍ୟନ୍ତ ସାବଧାନତାର ସହ ରମ୍ଭା ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ତ୍ରିଲୋଚନଙ୍କ ମୁଣ୍ଡରୁ ହାଣ୍ଡିଟି କାଟି ବାହାର କରିଥିଲେ । ରମ୍ଭା ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ଏଭଳି କାର୍ଯ୍ୟ ଯୋଗୁଁ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ତ୍ରିଲୋଚନଙ୍କ ପରିବାର ଓ ତାଙ୍କ ଗାଁ ଲୋକେ ।

## ବିଜ୍ଞାନ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସେଲ୍ ପକ୍ଷରୁ ଆଇନ ସଚେତନତା କର୍ମଶାଳା




**ପୋଲସରା (ଅମୃତ ମିଡିଆ):** ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ ପକ୍ଷରୁ ଏକ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ଭଗବାନ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲସରା କୋର୍ଟର ବରିଷ୍ଠ ଆଇନଜ୍ଞୀ ତଥା ମହାବିଦ୍ୟାଳୟର ଆଇନ ପରାମର୍ଶଦାତା ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ ପୋଲସରା ଥାନା ପକ୍ଷରୁ ଏଏସଆଇ କଳ୍ପନା ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଛାତ୍ରୀମାନଙ୍କୁ ଆଇନ ସଚେତନତା, ସୋସିଆଲ ମିଡ଼ିଆର କୁପ୍ରଭାବ, ସୁରକ୍ଷା ସମ୍ପର୍କିତ ବକ୍ତବ୍ୟ ଜରିଆରେ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ପ୍ରଧାନ ପୋଲିସର ଦାୟିତ୍ୱ କର୍ତ୍ତବ୍ୟ, ଛାତ୍ରୀଙ୍କ ସୁରକ୍ଷା ଉପରେ ପ୍ରାଥମିକତା ଦେଇଥିଲେ ।ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯିବାସହ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ସୁରକ୍ଷାରେ ବ୍ରତୀ ଥିବା ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ସମ୍ବର୍ଦ୍ଧିତ ସାମ୍ବାଦିକ ଅନୁଷ୍ଠାନ ତରଫରୁ ଗଣମାଧ୍ୟମ ପ୍ରତିନିଧି ହିସାବରେ ସମ୍ବର୍ଦ୍ଧନା ଦିଆଯାଇଥିବାକୁ ନେଇ ଅନୁଷ୍ଠାନ ଉତ୍ତରୋତ୍ତର ଏବଂ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଉଜ୍ଜଳ ଶୁଭକାମନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଅଧ୍ୟାପକ ଡ଼ଃ ବିରଞ୍ଚି ନାରାୟଣ ରଥ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଛାତ୍ରୀମାନଙ୍କ ମଧ୍ୟରୁ ରଚିତା କୁମାରୀ ସାହୁ, ସ୍ମୃତି ମହାପାତ୍ର ନିଜର ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶକ୍ତିଶ୍ରୀ ସେଲର ଲେଫ୍ଟନାଣ୍ଟ ବିନତା କୁମାରୀ ଦାଶ ପରିଚାଳନା କରିଥିବାବେଳେ ସହ ସଂଯୋଜିକା ଅଧ୍ୟାପିକା ସୋନାଲି ସାହୁ ମଞ୍ଚାସୀନ ଥିଲେ ।ଏଥିରେ ଅଧ୍ୟାପିକା ଡ଼ଃ ରୋଜିତା ମିଶ୍ର, ପିଙ୍କି ପ୍ରଧାନ, ସୁମିତା ରାଉତ, ମମତା ରାଣୀ ପ୍ରଧାନ, ଡେମୋନଷ୍ଟ୍ରେଟର ସୁଜ୍ଞାନୀ କୁମାରୀ ସାହୁ ଅଧ୍ୟାପକ ଉଷା ରଞ୍ଜନ ଦାଶ,ଡ଼ଃ ସୁଦାମ ସେଠୀ, ଅମିତ କୁମାର ସାହୁ, ଆକାଶ କୁମାର ଜେନା, ଶ୍ରୀକାନ୍ତ ପ୍ରଧାନ,ପିଇଟି ଦୀପକ କୁମାର ସ୍ୱାଇଁ, ଅଣଶିକ୍ଷକ କର୍ମଚାରୀ ନିକୁଞ୍ଜ କୁମାର ସାହୁ, ଗୀତାଞ୍ଜଳି ପତି, ମନାସ ବେହେରା ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ଶେଷରେ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ସାମୂହିକ ଭାବେ ଜାତୀୟ ସଙ୍ଗୀତ ଜନ ଗଣ ମନ ସଙ୍ଗୀତ ଗାନ କରାଯାଇଥିଲା।

# ଜାତୀୟ କ୍ରୀଡା ଦିବସ

**କ୍ରୀଡା ଦିବସର ଇତିହାସ କୁ ଅନୁଧ୍ୟାନ କଲେ ଜଣାପଡ଼େ ଏହି ଦିନଟି ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ। ଏହି ଶବ୍ଦଟି ଇଂରାଜୀ ଶବ୍ଦ ରୁ ଆସିଛି ବୋଲି ଅନୁମାନ କରାଯାଏ। ଅନେକଙ୍କ ମତରେ ୟୁରୋପ ମହାଦେଶରେ ଏହି ଖେଳର ଜନ୍ମ ତ୍ରୟୋଦଶ ଶତାବ୍ଦୀରେ।**



ଉମାଶଙ୍କର ପ୍ରସାଦ

ସୁସ୍ଥ ଶରୀରରେ ହିଁ ସୁସ୍ଥ ମନ ବାସ କରେ' - ଏହି ଉକ୍ତିକୁ ସାର୍ଥକ କରୁଛି କ୍ରୀଡା। କ୍ରୀଡା ସହ ମାନବର ସମ୍ପର୍କ ନିବିଡ଼। ଭାରତ ଭଳି ଏକ ବିଶାଳ ଦେଶରେ ଯୁବଶକ୍ତିକୁ ସଠିକ୍ ମାର୍ଗରେ ନେବା ପାଇଁ କ୍ରୀଡାର ଭୂମିକା ଅତୁଳନୀୟ। ଏହି ମହତ୍ତ୍ୱକୁ ବୁଝି ପ୍ରତି ବର୍ଷ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରାଯାଏ। କ୍ରୀଡା ଦିବସର ଇତିହାସ କୁ ଅନୁଧ୍ୟାନ କଲେ ଜଣାପଡ଼େ ଏହି ଦିନଟି ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ। ଏହି ଶବ୍ଦଟି ଇଂରାଜୀ ଶବ୍ଦ ରୁ ଆସିଛି ବୋଲି ଅନୁମାନ କରାଯାଏ। ଅନେକଙ୍କ ମତରେ ୟୁରୋପ ମହାଦେଶରେ ଏହି ଖେଳର ଜନ୍ମ ତ୍ରୟୋଦଶ ଶତାବ୍ଦୀରେ। ଏହି ଖେଳର ସମ୍ରାଟ ଧ୍ୟାନଚାନ୍ଦ ୧୯୦୫ ମସିହା ଅଗଷ୍ଟ ୨୯ ରେ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ହକି ଷ୍ଟିକରେ ଏପରି ଯାଦୁ ଥିଲା ଯେ ବଲଟି ତାଙ୍କ ଷ୍ଟିକରେ ଲାଖି ରହୁଥିବା ପରି ଲାଗୁଥିଲା। ସେ ଭାରତକୁ ୧୯୨୮, ୧୯୩୨ ଓ ୧୯୩୬ ଅଲିମ୍ପିକରେ ସ୍ୱର୍ଣ ପଦକ ଜିତାଇଥିଲେ। ହିଟଲର ମଧ୍ୟ ତାଙ୍କ ଖେଳ ଦେଖି ତାଙ୍କୁ ଜର୍ମାନୀ ସେନାରେ ଯୋଗ ଦେବାକୁ ପ୍ରସ୍ତାବ ଦେଇଥିଲେ, କିନ୍ତୁ ଧ୍ୟାନଚାନ୍ଦ ତାହା ପ୍ରତ୍ୟାଖ୍ୟାନ କରିଥିଲେ। ତାଙ୍କ ସମ୍ମାନରେ ଭାରତ ସରକାର ୨୦୧୨ ରୁ ଏହି ଦିନକୁ ଜାତୀୟ କ୍ରୀଡା ଦିବସ ଭାବେ ଘୋଷଣା କରିଛନ୍ତି।ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଲା, ସାଧାରଣ ଲୋକଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା- ଶିଶୁ ଓ ଯୁବକମାନଙ୍କୁ ମୋବାଇଲ ଓ ନିଶା ଠାରୁ ଦୂରେଇ ଖେଳ ପଡିଆକୁ ଆଡ଼କୁ ଆକର୍ସିତ କରି ଆଣିବା ଓ ଖେଳାଳିମାନଙ୍କୁ ସମ୍ମାନ ଦେବା। ଓଡ଼ିଶାରେ କ୍ରୀଡାର ବିକାଶ କୁ ନେଇ ପର୍ଯ୍ୟାଲୋଚନା କଲେ ଜଣାପଡ଼େ। ଆଜି ଓଡ଼ିଶା କ୍ରୀଡା କ୍ଷେତ୍ରରେ ଏକ ମଡେଲ ରାଜ୍ୟ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ବିଶ୍ୱର ସର୍ବଶ୍ରେଷ୍ଠ ହକି ଷ୍ଟାଡିୟମ କୁହାଯାଏ। ୨୦୧୮ ଓ ୨୦୨୩ ହକି ବିଶ୍ୱକପ୍ ଏଠାରେ ଅନୁଷ୍ଠିତ ହୋଇଛି। ରାଉରକେଲାରେ ବିଶ୍ୱର ସବୁଠୁ ବଡ଼ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ ହୋଇଛି। ଆମ ରାଜ୍ୟ ଅନେକ ପ୍ରତିଭାଧରଙ୍କୁ ବିଭିନ୍ନ କ୍ରୀଡା କ୍ଷତ୍ରରେ ସ୍ୱୀକୃତି ଦେଇଛି ଯଥା --ଦୂତୀ ଚାନ୍ଦ (ଦୌଡ), ଅମିତ ରୋହିଦାସ (ହକି), କିଶୋର ଜେନା (ଜାଭେଲିନ), ଅନୁରାଧା ବିଶ୍ୱାଳ ଆହୁରି ଅନେକ । ରାଜ୍ୟ ସରକାର ଏବେ ସ୍କୁଲ ସ୍ତରରୁ ଖେଳାଳି ଚିହ୍ନଟ କରି ମାଗଣା ତାଲିମ ଦେଉଛନ୍ତି। ଆନ୍ତର୍ଜାତିକ ସ୍ତରରେ 'ହକି କ୍ରୀଡା' ସମିତି ଗଠନ କରାଯାଇ ଉକ୍ତ କ୍ରୀଡା ନିମନ୍ତେ ନିୟମ ପ୍ରଣୀତ ହୋଇଛି।

**ଏହି ଖେଳର ସମ୍ରାଟ ଧ୍ୟାନଚାନ୍ଦ ୧୯୦୫ ମସିହା ଅଗଷ୍ଟ ୨୯ ରେ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଜନ୍ମ ଗ୍ରହଣ କରିଥିଲେ।**

୧୯୨୫ ରେ ସର୍ବ ଭାରତୀୟ ହକି ମହାସଙ୍ଘର ଉତ୍ପତି। କ୍ରୀଡା ଦିବସରେ ରାଷ୍ଟ୍ରପତି ଭବନରେ ଦେଶର ଶ୍ରେଷ୍ଠ ଖେଳାଳିଙ୍କୁ ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ପୁରସ୍କାର, ଅର୍ଜୁନ ପୁରସ୍କାର ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଏ। ସମଗ୍ର ଦେଶରେ ଊit India Movement ଅଧୀନରେ ଦୌଡ, ଫୁଟବଲ, କବାଡି ପ୍ରତିଯୋଗିତା ହୁଏ। ଏହି ଦିନରେ ବିଭିନ୍ନ କୃତି ଖେଳାଳି ମାନଙ୍କ ନାମରେ ଟ୍ରଫି ପ୍ରଦାନ କରାଯାଏ ଯଥା ଧ୍ୟାନଚାନ୍ଦ ଟ୍ରଫି, ନେହେରୁ ଟ୍ରଫି, ରଙ୍ଗସ୍ୱାମୀ କପ, ସିନ୍ଧିଆ ଗୋଲଡ଼ କପ, ସାହାଣୀ ଟ୍ରଫି, ଆଗା ଖାଁ କପ, ମହାରାଜା ରଂଜିତ ସିଂ ଟ୍ରଫି ପ୍ରଭୃତି ପାଇଁ ହକି ପ୍ରତିଯୋଗିତା ଆୟୋଜିତ ହେଉଛି ଜାତୀୟ ସ୍ତରରେ ଭାରତର ବିଭିନ୍ନ ସ୍ଥାନରେ। ହକି ଖେଳରେ ଭାରତର ସଫଳତା କୁ ଦେଖିଲେ ଜଣାପଡ଼େ ୧୯୨୮ ମସିହାରେ ଅଲମ୍ପିକ କ୍ରୀଡା ଅନୁଷ୍ଠିତ ହୋଇଥିଲା ହଲାଣ୍ଡର ଆମଷ୍ଟର ଡ୍ୟାମରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ ଜୟପାଲ ସିଂହ। ଅଧିନାୟକ ଜୟପାଲ ଏବଂ ତାଙ୍କ ଦଳ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରି ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଆଣିଥିଲେ। ବିଶ୍ୱ ଅଲମ୍ପିକ କ୍ରୀଡା ଆୟୋଜିତ ହୋଇଥିଲା ଲସ ଇଞ୍ଜେଲସ, ବର୍ଲିନ, ଲଣ୍ଡନ, ହାଲସିଙ୍କି ଓ ମେଲବର୍ନରେ ଯଥାକ୍ରମେ ୧୯୩୨, ୧୯୩୬, ୧୯୪୮, ୧୯୫୨, ଓ ୧୯୫୬ ମସିହାରେ। ୧୯୮୦ ର ମାସ୍କୋ ଅଲମ୍ପିକ ପରେ ଭାରତର ଆଶାନୁରୂପ କ୍ରୀଡା ନୈପୁଣ୍ୟ ଦେଖିବାକୁ ମିଳୁନି। ଶରୀରକୁ ସୁସ୍ଥ ସ୍ୱଳ ରଖିବା ପାଇଁ କ୍ରୀଡାର ଆବଶ୍ୟକତା ରହିଛି। ଆଜିର ଛାତ୍ରଛାତ୍ରୀ କେବଳ ବହି ପଢିଲେ ହେବ ନାହିଁ। ଖେଳ ମଧ୍ୟ ଶିକ୍ଷାର ଏକ ଅଂଶ। ଖେଳ ଆମକୁ ଜିତିବା ଓ ହାରିବା ଶିଖାଏ, ଦଳଗତ ଭାବନା ଶିଖାଏ, ଅନୁଶାସନ ଶିଖାଏ। ତେଣୁ ଆସନ୍ତୁ, ଏହି କ୍ରୀଡା ଦିବସରେ ଆମେ ସମସ୍ତେ ପ୍ରତିଜ୍ଞା କରିବା - ଦିନକୁ ଅତି କମରେ ୧ ଘଣ୍ଟା ଖେଳିବା ଓ ଅନ୍ୟକୁ ଖେଳିବାକୁ ଉତ୍ସାହିତ କରିବା।

*ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା*
*ମୋ-୬୩୭୦୬୭୫୫୬୨*



# ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ କ୍ରୀଡ଼ାର ଭୂମିକା



ତନୁଜ କୁମାର ମଲଣା

ଜୀବନରେ ଶୃଙ୍ଖଳା, ଏକାଗ୍ରତା ଓ ସୁସ୍ଥତା ଆଣିବାରେ କ୍ରୀଡ଼ାର ଭୂମିକା ଅନନ୍ୟ। ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ସାରା ଦେଶରେ 'ଜାତୀୟ କ୍ରୀଡ଼ା ଦିବସ' ଭାବେ ବେଶ୍ ଉତ୍ସାହର ସହ ପାଳନ କରାଯାଏ। ହକିର ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ସମ୍ମାନ ଜଣାଇ ଏହି ଦିବସ ଉତ୍ସର୍ଗୀକୃତ। ଏହି ଦିନଟି କେବଳ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ମାନିତ କରିବାର ଦିନ ନୁହେଁ, ବରଂ ସାଧାରଣ ଜୀବନରେ ଶାରୀରିକ ଚଳପ୍ରଚଳ ଓ ଖେଳକୁଦର ଗୁରୁତ୍ୱକୁ ବୁଝାଇବାର ଏକ ମଧ୍ୟମାଭରତୀୟ



କ୍ରୀଡ଼ା ଇତିହାସରେ ମେଜର ଧ୍ୟାନଚାନ୍ଦ ଏକ ଅମର ନାମ। ୧୯୦୫ ମସିହା ଅଗଷ୍ଟ ୨୯ରେ ଜନ୍ମଗ୍ରହଣ କରିଥିବା ଏହି ମହାନ ଖେଳାଳି ନିଜ ଯାଦୁକରୀ ହକି ଖେଳ ଦ୍ୱାରା ଭାରତକୁ ୧୯୨୮, ୧୯୩୨ ଓ ୧୯୩୬ ମସିହା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଦେଇ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିଥିଲେ। ତାଙ୍କର ଏହି ଅତୁଳନୀୟ ଅବଦାନକୁ ମନେ ପକାଇବା ପାଇଁ ୨୦୧୨ ମସିହାରୁ ଭାରତ ସରକାର ଅଗଷ୍ଟ ୨୯କୁ ଜାତୀୟ କ୍ରୀଡ଼ା ଦିବସ ଭାବେ ଘୋଷଣା କରିଥିଲେ। ଏହି ଦିନ ରାଷ୍ଟ୍ରପତି ଭବନରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ଖେଳରତ୍ନ', ଅର୍ଜୁନ ପୁରସ୍କାର ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ ।ଆଜିର ବ୍ୟସ୍ତବହୁଳ ଓ ଯାନ୍ତ୍ରିକ ଜୀବନଶୈଳୀରେ ମଣିଷ ଶାରୀରିକ ଶ୍ରମଠାରୁ ଦୂରେଇ ଯାଉଛି। ବିଶେଷ କରି ଶିଶୁ ଓ ଯୁବପିଢ଼ି ମୋବାଇଲ୍ ଏବଂ କମ୍ପ୍ୟୁଟର ପରଦା ମଧ୍ୟରେ ସୀମିତ ହୋଇ ରହୁଛନ୍ତି। ଏଭଳି ସ୍ଥିତିରେ କ୍ରୀଡ଼ା ଦିବସର ଆଭିମୁଖ୍ୟ ଅଧିକ ପ୍ରାସଙ୍ଗିକ ହୋଇପଡ଼ିଛି। ଖେଳକୁଦ କେବଳ ଶରୀରକୁ ସୁସ୍ଥ ରଖେ ନାହିଁ, ବରଂ ମାନସିକ ଚାପ ଦୂର କରିବାରେ ସାହାଯ୍ୟ କରେ। ଏହା ଦଳଗତ ମନୋଭାବ, ନେତୃତ୍ୱ ନେବାର କ୍ଷମତା ଏବଂ ପରାଜୟକୁ ସ୍ୱୀକାର କରି ଆଗକୁ ବଢ଼ିବାର ଧୈର୍ଯ୍ୟ ଶିଖାଇଥାଏ ।ବର୍ତ୍ତମାନ ସମୟରେ କ୍ରୀଡ଼ା ଜଗତରେ ଓଡ଼ିଶା ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। 'କ୍ରୀଡ଼ା ରାଜଧାନୀ' ଭାବେ ପରିଚିତ ଭୁବନେଶ୍ୱରରେ ଅନ୍ତର୍ଜାତୀୟ ସ୍ତରର ହକି ମେଗା ଇଭେଣ୍ଟ ସଫଳତାର ସହ ଆୟୋଜିତ ହୋଇସାରିଛି। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଏବଂ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗୁଁ ଗ୍ରାମାଞ୍ଚଳର ପ୍ରତିଭାମାନେ ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦେଶ ପାଇଁ ଗୌରବ ଆଣିପାରୁଛନ୍ତି ।ଜାତୀୟ କ୍ରୀଡ଼ା ଦିବସ କେବଳ ଏକ ଔପଚାରିକତା ନୁହେଁ, ଏହା ଏକ ସଂକଳ୍ପର ଦିନ। 'ଫିଟ୍ ଇଣ୍ଡିଆ' ବା ସୁସ୍ଥ ଭାରତ ଗଠନ କରିବାକୁ ହେଲେ ପ୍ରତ୍ୟେକ ନାଗରିକ ନିଜ ଦୈନନ୍ଦିନ ଜୀବନରେ କିଛି ସମୟ ଖେଳକୁଦ କିମ୍ବା ଶାରୀରିକ ବ୍ୟାୟାମ ପାଇଁ ଦେବା ଆବଶ୍ୟକ। ଆସନ୍ତୁ, ଏହି କ୍ରୀଡ଼ା ଦିବସରେ ଆମେ ସମସ୍ତେ କ୍ରୀଡ଼ାକୁ ଆମ ଜୀବନଶୈଳୀର ଏକ ଅଂଶ ଭାବେ ଗ୍ରହଣ କରିବା ଏବଂ ଏକ ସୁସ୍ଥ, ସବଳ ଓ ପ୍ରଗତିଶୀଳ ସମାଜ ଗଠନରେ ସହଯୋଗୀ ହେବା।

ସିଆଇଏସ୍ଏଫ୍ , ପାରାଦୀପ
ମୋ-୯୦୬୪୮୨୦୯୧୧



# ଶ୍ରୀକ୍ଷେତ୍ରରେ ଝୁଲଣଯାତ୍ରା





**ପ୍ରତିଭା ଦାଶ**

ବାରମାସରେ ତେରପର୍ବର ଭୂମି ଓଡିଶା। ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ପୁରୀ ଭାରତୀୟ ଧର୍ମ, ସଂସ୍କୃତି, ପରମ୍ପରା ଓ ଭକ୍ତି ଚେତନାର ଏକ ଅନନ୍ୟ ତୀର୍ଥସ୍ଥଳ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଏଠାରେ ବର୍ଷସାରା ବିଭିନ୍ନ ପର୍ବ, ଯାତ୍ରା, ବେଶ ଓ ନୀତି ଅନୁଷ୍ଠିତ ହୋଇଥାଏ। ପୁରୀ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରୀ ମଧ୍ୟରେ ଏହି ଝୁଲଣ ଯାତ୍ରା ଅନ୍ତର୍ଭୁକ୍ତ ନ ହେଲେ ମଧ୍ୟ ଉପଯାତ୍ରାମାନଙ୍କ ମଧ୍ୟରେ ଏହା ପ୍ରଧାନ ଯାତ୍ରା ଅଟେ। ରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମ ଓ ଭକ୍ତିଭାବ ସହିତ ଜଡିତ ଏହି ପର୍ବ ଶ୍ରୀକ୍ଷେତ୍ରର ଧାର୍ମିକ ଜୀବନରେ ଏକ ମନୋହର ଅଧ୍ୟାୟ ସୃଷ୍ଟି କରେ। ବୈଷ୍ଣବ ପରମ୍ପରାରେ ଶ୍ରାବଣ ମାସର ବର୍ଷାଭିଜା ପରିବେଶରେ ରାଧା ଓ କୃଷ୍ଣଙ୍କ ଝୁଲାଖେଳର ଭାବନାକୁ ଆଧାର କରି ଏହି ଉତ୍ସବ ପାଳିତ ହୁଏ। ରାଧା କୃଷ୍ଣଙ୍କ ଦିବ୍ୟ ପ୍ରେମ, ପ୍ରକୃତିର ସୌନ୍ଦର୍ଯ୍ୟ ଓ ଭକ୍ତିର ମାଧୁର୍ଯ୍ୟ - ଏହି ତିନୋଟିର ସମନ୍ୱୟ ହେଉଛି ଝୁଲଣଯାତ୍ରା। ଶ୍ରୀକ୍ଷେତ୍ର ରେ ଏହା ଶ୍ରୀମନ୍ଦିରର ସ୍ୱତନ୍ତ୍ର ନୀତି ପରମ୍ପରା ସହିତ ପାଳିତ ହୋଇଥାଏ। ଏହି ସମୟରେ ଶ୍ରାବଣର ବର୍ଷା, ସବୁଜିମା ଓ ଶୀତଳ ପରିବେଶ ଝୁଲଣ ଯାତ୍ରାର ଆଧ୍ୟାତ୍ମିକ ଭାବକୁ ଆହୁରି ମନୋରମ କରିଥାଏ। ଭାରତୀୟ ସାହିତ୍ୟ ଓ ବୈଷ୍ଣବ ପଦାବଳୀରେ ବର୍ଷା ଋତୁରେ ରାଧାକୃଷ୍ଣ ଭାବନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ତେଣୁ ପ୍ରକୃତିର ନବ ସବୁଜ ରୂପ ଓ ଝୁଲଣର ମାଧୁର୍ଯ୍ୟ ପରସ୍ପରର ପରିପୂରକ। ଝୁଲଣଯାତ୍ରାର ମୂଳ ଭାବଧାରା ରାଧାକୃଷ୍ଣଙ୍କ ମଧୁର ଭକ୍ତିରେ ନିହିତ। ରାଧା ହେଉଛନ୍ତି ଭକ୍ତିର ପରାକାଷ୍ଠା ଏବଂ କୃଷ୍ଣ ପରମାତ୍ମାଙ୍କ ପ୍ରତୀକ। ବୈଷ୍ଣବ ଧର୍ମରେ ଏହି ଭାବନା ବିଶେଷ ଗୁରୁତ୍ୱ ପାଇଛି। ଝୁଲଣର ଦୋଳି ଯେପରି ଆଗ ପଛ ଦୋଳାୟମାନ ହୁଏ, ଭକ୍ତର ମନ ମଧ୍ୟ ସେପରି ସଂସାରର ମାୟା ଓ ଭଗବାନଙ୍କ ପ୍ରେମ ମଧ୍ୟରେ ଦୋଳାୟ ମାନ ହୁଏ। ଶେଷରେ ଭକ୍ତି ତାକୁ ଭଗବାନଙ୍କ ନିକଟକୁ ନେଇଯାଏ। ଝୁଲଣ ଯାତ୍ରାର ଦୋଳି ଆମକୁ ଜୀବନର ଏକ ଗଭୀର ସତ୍ୟ ମନେ ପକାଇଦିଏ। ଜୀବନର ସୁଖ ଓ ଦୁଃଖ, ଲାଭ ଓ କ୍ଷତି, ମିଳନ ଓ ବିରହ, ଆଶା ଓ ନିରାଶା ସବୁକିଛି ଦୋଳିର ଭଳି ଆଗପଛ ହୋଇ ଚାଲିଥାଏ। କିନ୍ତୁ ଭକ୍ତି ମନୁଷ୍ୟକୁ ଏହି ଦୋଳାୟମାନ ଜୀବନ ମଧ୍ୟରେ ଆତ୍ମିକ ସ୍ଥିରତା ପ୍ରଦାନ କରେ। ରାଧାକୃଷ୍ଣଙ୍କ ଝୁଲଣ ଏହି ଅର୍ଥରେ ଭକ୍ତ ଓ ଭଗବାନଙ୍କ ଅନନ୍ତ ସମ୍ପର୍କର ପ୍ରତୀକ। ଦୋଳିର ଦୁଇ ପାର୍ଶ୍ୱ ପରି ଜୀବନର ଦୁଇ ବିପରୀତ ଅନୁଭବକୁ ସନ୍ତୁଳିତ କରିବାର ଶିକ୍ଷା ମଧ୍ୟ ଏହି ପର୍ବ ଦେଇଥାଏ। ପ୍ରତିବର୍ଷ ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ଠାରୁ ପ୍ରତିପଦା ଯାଏ ଏହି ଝୁଲଣ ଯାତ୍ରା ମହାସମାରୋହରେ ପାଳିତ ହୋଇଥାଏ। ଏହାକୁ ପ୍ରାବୃଟ ରାସ ମଧ୍ୟ କୁହାଯାଇଥାଏ।

ଶ୍ରୀମନ୍ଦିରର ମୁକ୍ତିମଣ୍ଡପ ଉପରେ ଏହି ଝୁଲଣ ସଜା ଯାଇଥାଏ। ସନ୍ଧ୍ୟା ଆଳତି ସରିବା ପରେ ମହାପ୍ରଭୁଙ୍କର ଦକ୍ଷିଣ ଭୁଜର ଆଜ୍ଞାମାଳ ମଦନମୋହନଙ୍କୁ ଓ ଉତ୍ତର ଭୁଜର ଆଜ୍ଞାମାଳ ଭୂଦେବୀ ଓ ଶ୍ରୀଦେବୀଙ୍କୁ ଦିଅନ୍ତି। ମହାଜନମାନେ ତିନି ମୂର୍ତ୍ତିଙ୍କୁ ହାତରେ ବିଜେ କରାଇ, ଜଗମୋହନ ବଟଦ୍ୱାର ଦେଇ ଝୁଲଣ ମଣ୍ଡପ ଦୋଳି ଉପରେ ବିଜେ କରାନ୍ତି। ଶ୍ରୀ ମନ୍ଦିରରେ ନୃତ୍ୟସେବା ସମର୍ପଣ ଝୁଲଣ ମହୋତ୍ସବର ଏକ ବିଶିଷ୍ଟ ଅଙ୍ଗ।

ଏହି ଉତ୍ସବରେ ଠାକୁର ମାନଙ୍କ ସମ୍ମୁଖରେ ଗୋଟିପୁଅ ନୃତ୍ୟ, ଶାସ୍ତ୍ରୀୟ ସଂଗୀତ ଓ ପାରମ୍ପରିକ ସଂଗୀତ ପରିବେଷଣ କରାଯାଇଥାଏ। ଠାକୁରମାନେ ଦୋଳି ଉପରେ ବିଜେ କରି ସାରିବାପରେ ବିଡିଆ ମଣୋହି ହୁଏ। ତାପରେ ଟେରାବାନ୍ଧି ଶୀତଳ ଭୋଗ ଓ ସରପୂଜା ଠା’ କରିବା ପରେ ପୂଜାପଣ୍ଡା ପଞ୍ଚଉପଚାରରେ ପୂଜା କରନ୍ତି। ଭୋଗ ସରିବା ପରେ ମୁଦିରସ୍ତ ବନ୍ଦାପନା କରନ୍ତି।



ମନ୍ଦିର ଭିତରେ ଚନ୍ଦନ ଲାଗି ସରିବା ପରେ ଝୁଲଣ କୁଞ୍ଜରେ ମହାଜନମାନେ ମଇଲମ କରି ମଦନମୋହନଙ୍କୁ ଦକ୍ଷିଣି ଘର ଓ ଭୂଦେବୀ, ଶ୍ରୀଦେବୀଙ୍କୁ ରତ୍ନ ସିଂହାସନକୁ ବିଜେ କରାନ୍ତି। ଶ୍ରୀମନ୍ଦିର ଝୁଲଣକୁଞ୍ଜର ଡାହାଣ ପାର୍ଶ୍ୱରେ ଶ୍ରୀକୃଷ୍ଣ ଜନ୍ମଲୀଳା, ଗୋପଲୀଳା, ଭକ୍ତ ଧ୍ରୁବ ଇତ୍ୟାଦି ମୂର୍ତ୍ତି ମାନ ରଖାଯିବା ସଙ୍ଗେ ସଙ୍ଗେ ବିଭିନ୍ନ ଉଜ୍ଜଳ ବିଦ୍ୟୁତ ଆଲୋକରେ ଏହି କୁଞ୍ଜ ସଜ୍ଜିତ ହୋଇ ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ। ଏତଦ୍ ବ୍ୟତୀତ ଝୁଲଣକୁଞ୍ଜର ଦୁଇପାର୍ଶ୍ୱରେ ଭୀମ ଓ ଦୁଃଶା ନାମରେ ଦୁଇଟି ବିରାଟ କାୟ ଶୋଲ ନିର୍ମିତ ମୂର୍ତ୍ତି ଦଣ୍ଡାୟମାନ କରି ରଖାଯାଇଥାଏ। ଶ୍ରୀମନ୍ଦିର ବ୍ୟତୀତ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠ,ଆଶ୍ରମ ମାନଙ୍କରେ ବହୁ ଆଡମ୍ବରପୂର୍ଣ୍ଣ ଭାବରେ ଏହି ଯାତ୍ରା ପାଳିତ ହୋଇଥାଏ।ଶ୍ରୀକ୍ଷେତ୍ରରେ ପାଳିତ ହେଉ ଥିବା ବିଭିନ୍ନ ମଠଗୁଡିକ ହେଲା -ଏମାର ମଠ, ଜଗନ୍ନାଥ ବଲ୍ଲଭ ମଠ, ବଡ ଓଡ଼ିଆ ମଠ, ରାଧା ବଲ୍ଲଭ ମଠ, ନୃସିଂହ ଆଚାରୀ ମଠ, ଗିରିସବାଇ ମଠ, ଝାଞ୍ଜପିଟା ମଠ, ପଞ୍ଜାବୀ ମଠ, ମଣିରାମ ମଠ, ପଣ୍ଡିତ ମଠ, ଦକ୍ଷିଣପାର୍ଶ୍ୱ ମଠ, ନେବଳଦାସ ମଠ, ସାନ ମଠ, ପାପୁଡିଆ ମଠ, ଚିକିଟି ମଠ, ସିଦ୍ଧବକୁଳ ମଠ, ବଡଛତା ମଠ, ରାଧାକାନ୍ତ ମଠ, ବଡସନ୍ଥ ମଠ, ନାଗାମଠ, ଖଜୁରିଆ ମଠ, ନୂଆ ମଠ,ଉତ୍ତରପାର୍ଶ୍ୱ ମଠ, ଦେଉଳ ଘର, ରାଧାଶ୍ୟାମ ମଠ, କୁଞ୍ଜ ମଠ, ସାନତରଳା ମଠ, କୌଶଲ୍ୟାଦାସ ମଠ, ଶ୍ରୀ ନାଥଜୀ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ତୋଟା ଗୋପୀନାଥ ମନ୍ଦିର, ରାଧା ମୋହନ ମନ୍ଦିର, ରାଧା ଗୋବିନ୍ଦଜୀଉ ମନ୍ଦିର, ରାଣୀଘର, ହରିଦାସଠାକୁର ସମାଧି ମଠ, ରାସ ବିହାରୀ ମଠ, କୃଷ୍ଣ ବଳରାମ ମଠ, ଶ୍ୟାମ ସୁନ୍ଦର ମଠ, ସାରସ୍ୱତ ଗୌଡୀୟ ମଠ, ଗିରିଧାରୀ ମଠ, ଚୈତନ୍ୟ ଗୌଡୀୟ ମଠ, ଚୈତନ୍ୟ ଚନ୍ଦ୍ରାଶ୍ରମ, ରାଧାଦାମୋଦର ମଠ, ଗୋପୀନାଥ ଗୌଡୀୟ ମଠ, ସରୋଜିନୀ ମଠ, ପୁରୁଷୋତ୍ତମ ଗୌଡୀୟ ମଠ,ଓମ୍ କାରନାଥ ଠାକୁର ଆଶ୍ରମ, ଇସ୍କନ ମନ୍ଦିର, ବିଶାଖା ମଠ, ରାମଦାସ ମଠ ଓ ବିଭିନ୍ନ ସାହିରେ ଘରୋଇ ଝୁଲଣା, ପଥୁରିଆ ସାହିରେ - ୬ଟି,ହରଚଣ୍ଡି ସାହିରେ - ୫ଟି, ବିମାନବଡୁ ସାହି-୪ଟି, ମରିଚିକୋଟ ଗଳି-୪ଟି, ବାଲିସାହି - ୩ଟି, ମଣିକର୍ଣ୍ଣିକା ସାହି, ଦୋଳମଣ୍ଡପ ସାହି, ଶୀତଳପିଣ୍ଡା ସାହି ଓ କୁଣ୍ଢେଇ ବେଣ୍ଟ ସାହି - ଗୋଟିଏ ଲେଖାଏଁ ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଅଛି। ଉତ୍କଳୀୟ ବୈଷ୍ଣବମାନେ ଝୁଲଣକୁ ମଠର ମୁଖ୍ୟ ଉତ୍ସବ ରୂପେ ଗ୍ରହଣ କରିଛନ୍ତି।

ଏହି ଉତ୍ସବରେ ମଠ ତଥା ଆଶ୍ରମ ମାନଙ୍କର ପୂଜିତ ବିଗ୍ରହ ମଧ୍ୟରେ ମୁଖ୍ୟତଃ ରାଧାକୃଷ୍ଣ ଓ ନୃସିଂହ ବିଗ୍ରହମାନେ ଝୁଲଣ କୁଞ୍ଜରେ ବିଜେ କରିଥାନ୍ତି। କାଳକ୍ରମେ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ବହୁ ମଠର ଆର୍ଥିକ ସ୍ୱଚ୍ଛଳତା ନଥିବାରୁ ଏହି ଆକର୍ଷଣୀୟ ଝୁଲଣ ମହୋତ୍ସବ ବନ୍ଦ ହୋଇଗଲାଣି। ଅପରପକ୍ଷରେ କେତେକ ମଠର ସମ୍ପତ୍ତି ବିକ୍ରୟ ତଥା ହସ୍ତାନ୍ତର ହେବା ଫଳରେ ଦିନକୁ ଦିନ ମଠଗୁଡିକର ଆର୍ଥିକ ସ୍ୱଚ୍ଛଳତା ଅତ୍ୟନ୍ତ ନୈରାଶ୍ୟଜନକ ଅବସ୍ଥାରେ ପହଞ୍ଚିଛି। ଏପରିକି ଅର୍ଥ ଅଭାବରୁ କେତେକ ମଠାଧୀଶ ସେମାନଙ୍କ ମଠରେ ପାଳିତ ବିଭିନ୍ନ ପର୍ବପର୍ବାଣୀ, ନୀତି, ଯାତ୍ରା ଆଦି ସୁଚାରୁରୂପେ ପାଳନ କରିପାରୁ ନାହାନ୍ତି। ଶ୍ରୀକ୍ଷେତ୍ରର ଝୁଲଣଯାତ୍ରା ହେଉଛି ଭକ୍ତି, ପ୍ରକୃତି, ସଂଗୀତ, ସାହିତ୍ୟ ଓ ଲୋକସଂସ୍କୃତିର ଏକ ଅପୂର୍ବ ସମନ୍ୱୟ। ଏହି ପର୍ବ ଆମକୁ କେବଳ ରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମର ସ୍ମରଣ କରାଏ ନାହିଁ, ଏହା ଶ୍ରୀଜଗନ୍ନାଥ ସଂସ୍କୃତିର ମହନୀୟତା, ଅନ୍ତରଙ୍ଗତା ଓ ସମନ୍ୱୟବାଦୀ ଚେତନାକୁ ମଧ୍ୟ ପ୍ରକାଶ କରେ। ଶ୍ରୀକ୍ଷେତ୍ରର ଏହି ଅନନ୍ୟ ପରମ୍ପରା ଓଡିଆ ଜାତିର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟର ଏକ ମୂଲ୍ୟବାନ ଅଧ୍ୟାୟ।

ଗୁଣ୍ଡିଚା ବିହାର, ପୁରୀ
ମୋ: ୯୪୩୭୨୮୦୫୯୯.



# ହାତଟିଏ



**ଜୟଶ୍ରୀ ମୁଦ୍ରା**

କେବେ କେବେ ଗୋଟେ ଛୋଟ ହାତ, ହଜାର ପୁରୁଣା ଶାସ୍ତ୍ରଠୁ ବଡ ହୋଇଯାଏ। ମା’ ସହ ଚାଲି କରି ସ୍କୁଲରୁ ଫେରୁଥିଲା ପିଲାଟି। ବ୍ୟାଗ ପିଠିରେ, ହାତରେ ଅଧା ବିସ୍କୁଟ। ଗଳି ମୁଣ୍ଡରେ, ଲାଇବ୍ରେରୀ କାନ୍ଥକୁ ଲାଗି ସେ ବୁଢା କନ୍ଥା ଘୋଡେଇ ହୋଇ ବସିଥାଏ। ତା ନାଁ କେହି ପଚାରେନା। ଲୋକେ ଆସନ୍ତି ଯାଆନ୍ତି, ନାକ ଘୁଞ୍ଚାଇ ଚାଲିଯାଆନ୍ତି, କେହି ଫଟୋ ବି ଉଠାନ୍ତି। କିଏ କହେ ସେ ହିନ୍ଦୁ, କେହି କହେ ମୁସଲମାନ - କିନ୍ତୁ କେହି କୁହେନା ସେ ଜଣେ ମଣିଷ। ପିଲାଟି ମା’ ହାତ ଛାଡି ଅଟକିଗଲା ସେଇ ବୁଢା ପାଖରେ। ପକେଟରୁ ତାର ଛୋଟ ପାଣି ବୋତଲ ବାହାର କରି ବୁଢା ଆଡକୁ ବଢାଇ ଦେଲା।ବୁଢା ହାତ ଯୋଡି ମନା କଲା। ପାଣି ପାଇଁ ନୁହେଁ, ତାକୁ ଛୁଇଁବାକୁ ମନା କଲା। ପିଲା ଶୁଣିଲାନି। ବୋତଲ ଖୋଲି ତା ଓଠରେ ଲଗାଇ ଦେଲା, ଆଉ ନିଜର ଅଧା ବିସ୍କୁଟ ତା ହାତରେ ଦେଲା।ମା’ ପାଖକୁ ଆସି କହିଲା - ’ତୁ ଏମିତି କାହିଁକି କଲୁ ?’ପିଲା କହିଲା - ‘ମା’, ତୁ ତ କହିଥିଲୁ ଭଗବାନ ସବୁଠି ଅଛନ୍ତି। ମୁଁ ତାଙ୍କୁ ପାଣି ଦେଲି।’ବୁଢା ଆଉ ସହି ପାରିଲାନି। ଏ ଲୁହ ଭୋକର ନଥିଲା, ବର୍ଷ ବର୍ଷ ପରେ କେହି ତାକୁ ଅଛୁଆଁ ନ ଭାବି ଛୁଇଁଥିଲା। ସେ ଧୀରେ ସେ ଛୋଟ ହାତଟିକୁ ନେଇ ନିଜ ମୁଣ୍ଡରେ, ଆଖିରେ ଲଗାଇ ଚୁମିଦେଲା। ପାଖରେ ଠିଆ ହୋଇଥିବା ଭିଡର ମୁଣ୍ଡ ତଳକୁ ନଇଁଗଲା। ସେମାନେ ବୁଝିଗଲେ, ହଜାର ବହି ପଢି ଯାହା ଶିଖି ହୁଏନି, ଏଇ ପିଲାଟି ଗୋଟେ ହାତ ବଢାଇ ଶିଖାଇ ଦେଲା - ଆମେ ଧର୍ମ ଖୋଜୁ ଖୋଜୁ ମଣିଷ ହେବାକୁ ଭୁଲିଯାଇଛୁ।

(ଉପସ୍ଥାପିକା) ଆକାଶବାଣୀ, ପୁରୀ
ମୋ-୯୮୬୧୦୧୭୦୭୮



# ଅପୂର୍ବ ପ୍ରିୟତମା ?



**ସୁଶାନ୍ତ କୁମାର ନାୟକ**

ମୁଁ ବାହାରିଥିଲି ଆଜି ମୋ ପ୍ରିୟର ପ୍ରିୟତମାକୁ ଖୋଜିବାକୁ, ଯାହା କଥା ଶୁଣି ମନ ଈର୍ଷାରେ ଭରିଯାଇଥିଲା, ମୋ ପ୍ରିୟତମଙ୍କ ଆଖିରେ ତା’ ପାଇଁ ଯେଉଁ ଚମକ ଥିଲା, ତାକୁ ଦେଖି ମୋ ଛାତି ଜଳିଯାଉଥିଲା।

ସେ କିଛି କହୁନଥିଲା, ବାସ୍ ଚୁପ୍‌ଚାପ୍ ଶୋଇଥିଲା, ହେଲେ ତା’ ନୀରବତାରେ ଥିଲା ଏକ ଅଦ୍ଭୁତ ଯାଦୁ, ପାଖକୁ ଯାଇ ଦେଖିଲି ତା’ ଦେହରେ ସୁନେଲି ଚାଦର, ଯେମିତି ସକାଳର ପ୍ରଥମ ସୂର୍ଯ୍ୟକିରଣ ନିଜର ସବୁ ସୁନା ତା’ ଉପରେ ଢାଳି ଦେଇଛି।

ତା’ ନୀଳ ଆଖିରେ ଛୋଟ ତାରାମାନେ ହସୁଥିଲେ,ଯେମିତି ତା’ ଆଖିପାତାରେ କେବେ ସ୍ୱପ୍ନ ଆସେ ଜାଣନ୍ତିନି,ସେ କେବେ ଶାନ୍ତ, ତ କେବେ ଢେଉର ଶାଢ଼ୀଟି ପିନ୍ଧି ଛଟପଟ ହୁଏ, ଯେମିତି ଜଣେ ଅଭିମାନୀ ପ୍ରେମିକା ନିଜ ପ୍ରେମିକକୁ ଭୁଲାଉଛି।

ରୂପେଲି ମାଛମାନେ ତା’ ବୁକୁରେ ନାଚି ନାଚି ବିଚ ?ଣ କରନ୍ତି,ଆଉ କାଠର ସୁନ୍ଦର ଡଙ୍ଗା ସବୁ ତା’ ଶାନ୍ତ ଜଳରେ ଧୀରେ ଧୀରେ ଭାସିଯାଆନ୍ତି,ଥଣ୍ଡା ପବନର ଛୁଆଁ ତା’ ଦେହରୁ ବାଜି, ଯେବେ ମୋ ମୁହଁକୁ ଛୁଇଁଗଲା, ମୋ ରାଗ ପାଣି ହୋଇଗଲା।

ସେ ଏତେ ପବିତ୍ର, ଏତେ ସୁନ୍ଦର, ଈଶ୍ୱରଙ୍କ ଏକ କଳାକୃତି,କି ପ୍ରିୟ ମୁହୂର୍ତ୍ତରେ ମୋର ସବୁ ଅଭିମାନ ତା’ ଦେହରେ ଭାସିଗଲା, ମୁଁ ଶୁଣୁଛି, ଆକାଶର ପକ୍ଷୀମାନଙ୍କ ମଧୁର କଣ୍ଠସ୍ୱର ଓ କାକଳି ତା’ରି କୋଳରେ ଗୁଞ୍ଜରିତ ହେଉଛି,ଆଉ କୂଳର ସବୁଜ ଗଛମାନେ ନଇଁପଡ଼ି ତାକୁ ଚୁମ୍ବନ ଦେବାକୁ ଚାହାନ୍ତି।

ସେତେବେଳେ ବୁଝିଲି ମୋ ପ୍ରିୟତମ କାହିଁକି ତା’ ଉପରେ ପାଗଳ, କାରଣ ତା’ ସୌନ୍ଦର୍ଯ୍ୟରେ ତ ସ୍ୱୟଂ ବିଧାତାଙ୍କ ହାତ ରହିଛି,ସେ କୌଣସି ଝିଅ ନୁହେଁ, ସେ ଥିଲା ଚିଲିକାର ଶାନ୍ତ ‘ରାମ୍ଭା ହ୍ରଦ’, ପକୃତିର ସେହି ଅପୂର୍ବ ମାୟା, ଯାହାର ମୋହରେ ଏବେ ମୁଁ ବି ଅଛି !

ହଜିଯାଇଛି ମୁଁ ତା’ର ସେହି ଆତ୍ମିକ ସୌନ୍ଦର୍ଯ୍ୟ ଆଗରେ,ଏବେ ଈର୍ଷା ନୁହେଁ, ବାସ୍ ଏକ ଶାନ୍ତି ଅଛି...କି ମୋ ପ୍ରିୟତମ ସଠିକ୍ ଥିଲେ ?

*ଗୁଆଲି, କୋଠପାଟଣା, କଟକ*
*ମୋ: ୭୦୦୮୬୨୭୯୭୨*



# ରକ୍ଷାବନ୍ଧନ



**ପ୍ରତିଭା ଦାଶ**

ଶ୍ରାବଣ ମାସର ପୂର୍ଣ୍ଣିମା ତିଥି
ଆଣେ ସ୍ନେହର ମଧୁର ସ୍ମୃତି
ରକ୍ଷା ସୂତ୍ରରେ ବନ୍ଧା ହ ?ଦୟ
ଭାଇ ଭଉଣୀ ପ୍ରେମ ଅକ୍ଷୟ ।
ପ୍ରାଚୀନ କାଳ ପରମ୍ପରା ଧରି
ଖୁସିର ପର୍ବ ଆସିଛି ଫେରି
ସ୍ନେହ, ସୁରକ୍ଷା ଶୁଭକାମନାର
ପ୍ରତୀକ ପବିତ୍ର ରକ୍ଷା ବନ୍ଧନର।
‘ରକ୍ଷା’ର ଅର୍ଥ ସୁରକ୍ଷା ଦେବା
‘ବନ୍ଧନ’ ଅର୍ଥ ସମ୍ପର୍କେ ବାନ୍ଧିବା
ଦୁଇ ଶବ୍ଦ ମିଶି ଗଢେ ଯେ ନାମ
ଲୁଚି ରହିଥାଏ ସ୍ନେହର ଧାମ ।
ଶ୍ରାବଣ ପୂର୍ଣ୍ଣିମା ଶୁଭ ବେଳାରେ
ରାକ୍ଷୀ ବନ୍ଧାଯାଏ ଭାଇ ହାତରେ
ଚନ୍ଦନ, ଅକ୍ଷତ, ଦୀପ ଜଳାଇ
ଭଉଣୀ ଭାଇର ଶୁଭ ମନାସଇ ।
ପୁରାଣର ପ ?ଷ୍ଠା କରେ ସ୍ମରଣ
କ ?ଷ୍ଣ ଦ୍ରୌପଦୀଙ୍କ ପ୍ରସଙ୍ଗ ପୁଣ
ସ୍ନେହର ମୂଲ୍ୟ ଲେଉଟାଇ ଥାଏ
ବିପଦେ ଆପଦେ ସଖା ସାହା ହୁଏ।
ବିଷ୍ଣୁ ଯେବେ ଥିଲେ ବଳିଙ୍କ ଘରେ
ବଳିରାଜାଙ୍କ ପାତାଳ ପୁରୀରେ
ଲକ୍ଷ୍ମୀ ଦେବୀ ନିଜସ୍ନେହ ବନ୍ଧନରେ
ବଳିଙ୍କୁ ରାକ୍ଷୀ ବାନ୍ଧିଲେ ହରଷରେ।
ବଳିଙ୍କୁ ଭାଇ ରୂପେ କରି ସ୍ୱୀକାର
ଖୋଲିଲେ ବିଷ୍ଣୁଙ୍କ ଫେରିବାର ଦ୍ୱାର
ଆଜିବି ଆମକୁ ଏହି କଥା କହେ
ସ୍ନେହର ବନ୍ଧନ ହ ?ଦୟକୁ ମୋହେ।
ରୋହିଣୀ ଗର୍ଭେ ଜନ୍ମିଲେ ଆଜ
ହଳଧର, ବଳଭଦ୍ର ମହାରାଜ
ଶେଷନାଗଙ୍କ ଅଂଶ ଅବତାର
ଧର୍ମରକ୍ଷା ଦୁଷ୍ଟଦମନ ସାର ।
ଶ୍ରୀକ୍ଷେତ୍ରରେ ଆଜି ତାଙ୍କରି ବାସ
ଭାଇ ଭଉଣୀ ସହ ଦିବ୍ୟ ପ୍ରକାଶ
ହଳଧରଙ୍କ ପାଦେ ଶ୍ରଦ୍ଧା ଅର୍ପଣ
ଭକ୍ତଙ୍କ ମନେଭରି ଭକ୍ତି ସ୍ପନ୍ଦନ।
କାଳ ବଦଳିଛି ବଦଳେ ରୀତି
ଅମଳିନ ଭାଇ ଭଉଣୀ ପ୍ରୀତି
ଭଉଣୀ ଆଜି ଥାଇ ଦୂର ଦେଶେ
ରାକ୍ଷୀ ପଠାଏ ଶୁଭେଚ୍ଛା ବେଶେ ।
ଭଉଣୀ ହାତରେ ସ୍ନେହର ଡ଼ୋରି
ଭାଇ ହ ?ଦୟରେ ମମତା ଭରି
ସୁସ୍ଥ ସମାଜର ଶୁଭ ଆହ୍ୱାନ
ରକ୍ଷାବନ୍ଧନର ସ୍ନେହ, ସମ୍ମାନ ।

*ଗୁଣ୍ଡିଚା ବିହାର, ପୁରୀ*
*ମୋ:୯୪୩୭୨୮୦୫୯୯.*

## ନେପାଳ ପ୍ରଳୟଙ୍କରୀ ବନ୍ୟା

# ମାଟିତଳେ ପୋତିହୋଇଗଲା ତିମୁରେ ଓ ବେତ୍ରାବତୀ

**ନୂଆଦିଲ୍ଲୀ,୨୮।୮:** ନେପାଳରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଯୋଗୁ ନିଶ୍ଚିହ୍ନ ହୋଇଯାଇଛି ରସୁଓ୍ୱା ଜିଲ୍ଲାର ତିମୁରେ ଓ ବେତ୍ରାବତୀ ସହର । ଏଠାରେ ଘରଦ୍ୱାର, ରାସ୍ତାଘାଟ, ବ୍ରିଜ୍ ଓ ମାର୍କେଟ ସବୁକିଛି ବନ୍ୟା ପୋଛି ଦେଇଛି । ଦୁଇଟି ଯାକ ସହର ମାଟି ଓ କାଦୁଅଗଦା ଭିତରେ ପୋତି ହୋଇପଡିଛି । ତିମୁରେ ହେଉଛି ଚୀନ୍ ସୀମାକୁ ଲାଗିଥିବା ରସୁଓ୍ୱାଗଡି ଠାରୁ ମାତ୍ର ଅଳ୍ପ କିଛି ଦୂରରେ ଅବସ୍ଥିତ ସହର । ତିବ୍ବତ କିମ୍ବା କୈଳାସ ମାନସରୋବର ଯାତ୍ରା କରୁଥିବା ତୀର୍ଥଯାତ୍ରୀ କିମ୍ବା ବ୍ୟବସାୟୀମାନେ ଏହି ସହରକୁ ବ୍ୟବହାର କରିଥାନ୍ତି । ସେମାନେ ପ୍ରଥମେ ଏହି ଠାରେ ରହିଥାନ୍ତି ଓ ରାତ୍ରୀଯାପନ କରିଥାନ୍ତି । ସେହି କାରଣରୁ ଏଠାକୁ ସର୍ବଦା ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ଆସିଥାନ୍ତି । ବନ୍ୟା ପରେ ଏହିଠାରୁ ହିଁ ବିଦେଶୀ ପର୍ଯ୍ୟଟକମାନେ ନିଖୋଜ ଅଛନ୍ତି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ସକାଳ ୮ଟା ୩୦ରେ ପ୍ରଥମେ ମାଟି ଥରିବାକୁ ଲାଗିଲା । ସେମାନେ ଭୂକମ୍ପ ବୋଲି ଭାବିଲେ । କିନ୍ତୁ ମାତ୍ର କିଛି ମିନିଟ୍ ଭିତରେ ପ୍ରଚଣ୍ଡ ଗର୍ଜନ ଶୁଣିବାକୁ ମିଳିଲା। କ'ଣ ହେଉଛି କେହି କିଛି ବୁଝିବା ପୂର୍ବରୁ ପ୍ରାୟ ୧୦୦ ମିଟର ଉଚ୍ଚତାରେ ବାଦଲ ଭଳି କାଦୁଅ ପାଣି ମାଡ଼ି ଆସିଥଲା । କିଏ କୁଆଡେ ଯିବାକୁ ଭାବିବା ପୂର୍ବରୁ ସେମାନଙ୍କ ଉପରେ କାଦୁଅ ପାଣି ମାଡିଗଲା । ଲୋକମାନେ ଦୌଡୁଥିବା ବେଳେ ସେମାନଙ୍କ ଉପରେ କାଦୁଅ ପାଣି ମାଡି ଯାଇଥିଲା । ସମଗ୍ର ସହର ଏପରିକି ବଡବଡ ଅଟ୍ଟାଳିକା ମଧ୍ୟ କାଦୁଅ ପାଣି ଭିତରେ ପୋତିହୋଇ ଯାଇଥିଲା । ମାତ୍ର କିଛି ମୁହୂର୍ତ୍ତରେ ସମଗ୍ର ସହର ମାଟି ଓ କାଦୁଅରେ ପୋତି ହୋଇପଡିଥିଲା । ଏଭଳି ବିପର୍ଯ୍ୟୟ ଘଟିବ ବୋଲି କୌଣସି ପ୍ରାକ-ସୂଚନା ମିଳି ନଥିଲା । ତେଣୁ ଲୋକେ ନିଜକୁ ବଞ୍ଚାଇପାରିଲେ ନାହିଁ। ସେହିଭଳି ବେତ୍ରାବତୀ ହେଉଛି ଏକ ଐତିହାସିକ ସହର । ଏହାର ଅନ୍ୟ ଏକ ନାମ ହେଉଛି ଉତ୍ତରଗୟା । ନେପାଳ-ତିବ୍ବତ ଯୁଦ୍ଧ ପରେ ୧୭୯୨ରେ ଏଠାରେ ଉଭୟ ଦେଶ ମଧ୍ୟରେ ଚୁକ୍ତି ହୋଇଥିଲା । ଯାହାର ନାମ ଥିଲା ବେତ୍ରାବତୀ ଚୁକ୍ତି । ରସୁଓ୍ୱା ଓ ଚୀନ ସୀମାର ଗେଟୱେ ବୋଲି ଏହାକୁ କହିଥାନ୍ତି । ନୁଓ୍ୱାକୋଟ ଓ ରସୁଓ୍ୱା ଜିଲ୍ଲା ମଝିରେ ତ୍ରିଶୁଳି ଓ ଫଲଙ୍ଘୁ ନଦୀ ତଟବର୍ତ୍ତୀ ଅଞ୍ଚଳରେ ଏହି ସହର ରହିଛି । ଏଠାରେ ରାମ ମନ୍ଦିର, କୃଷ୍ଣ ମନ୍ଦିର, ଗଣେଶ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ସୀତାଦେବୀ ମନ୍ଦିର, ସରସ୍ୱତୀ ମନ୍ଦିର ଏବଂ ସୁଗତ ମୁନି ପୀଠ ରହିଛି। ଏହାକୁ ନେପାଳର ପ୍ରମୁଖ ଧାର୍ମିକ ସହର ମଧ୍ୟରୁ ଅନ୍ୟତମ ଭାବେ ବିବେଚନା କରାଯାଏ । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ପ୍ରଚଣ୍ଡ ଗର୍ଜନ କରି ପ୍ରାଚୀର ଭଳି ମାଡିଆସିଥିବା ବନ୍ୟା । କଣ ଘଟୁଛି କେହି କିଛି ବୁଝିପାରି ନଥିଲେ । କିନ୍ତୁ ବୁଝିଲା ବେଳକୁ ଆଉ କିଛି ନଥିଲା । ସବୁକିଛି ଛାରଖାର ହୋଇଯାଇଥିଲା । ସମଗ୍ର ସହର କାଦୁଅରେ ପୋତି ହୋଇପଡିଥିଲା ।



## ଆମେରିକା ଘୋଷଣା କଲା ୫ ଲକ୍ଷ ଡଲାରର ସହାୟତା

ଚୀନ୍ ଏବଂ ନେପାଳ ସୀମାବର୍ତ୍ତୀ ଅଞ୍ଚଳରେ ଆସିଥିବା ଭୟଙ୍କର ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ସ୍ଥିତି ସଙ୍ଗୀନ ହୋଇପଡ଼ିଛି । ଗୁରୁବାର ସୁଦ୍ଧା ମୃତ୍ୟୁସଂଖ୍ୟା ୪୭୨ରେ ପହଞ୍ଚିଥିବା ବେଳେ ୧୬୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି । ନିଖୋଜଙ୍କ ମଧ୍ୟରେ ଏକ ବିଶାଳ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ, ଟ୍ରେକର ଏବଂ ତୀର୍ଥଯାତ୍ରୀ ରହିଛନ୍ତି । ଏହି ମହାବିପତ୍ତି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନେପାଳକୁ ସମସ୍ତ ପ୍ରକାରର ସାହାଯ୍ୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସାମ୍ବାଦିକମାନଙ୍କ ସହ ଆଲୋଚନାରେ ଟ୍ରମ୍ପ କହିଛନ୍ତି ଯେ, 'ଆମେ ନେପାଳ ସରକାରଙ୍କ ସହ ଆଲୋଚନା କରିଛୁ ଏବଂ ସମସ୍ତ ପ୍ରକାର ସହଯୋଗର ଭରସା ଦେଇଛୁ । ମଜବୁତ୍ କୋଠାବାଡ଼ିଗୁଡ଼ିକ ତାସ ଘର ପରି ଭାଙ୍ଗି ପଡ଼ିଛି, ଏଭଳି ଭୟଙ୍କର ଦୃଶ୍ୟ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା ।' ଅନ୍ୟପଟେ ଆମେରିକା ବୈଦେଶିକ ବିଭାଗ ନେପାଳର ଜରୁରୀ ଉଦ୍ଧାର କାର୍ଯ୍ୟ ପାଇଁ ୫,୦୦,୦୦୦ ଡଲାର ଯାହା ଭାରତୀୟ ମୂଲ୍ୟରେ ପ୍ରାୟ ୪.୧୫ କୋଟି ଟଙ୍କାର ସହାୟତା ରାଶି ତୁରନ୍ତ ମଞ୍ଜୁର କରିଛି ।

ଏହି ଜଳପ୍ରଳୟର ପ୍ରଭାବ କେବଳ ନେପାଳରେ ସୀମିତ ନାହିଁ, ବରଂ ବିଶ୍ୱର ଅନେକ ଦେଶର ନାଗରିକ ଏଥିରେ ପ୍ରଭାବିତ ହୋଇଛନ୍ତି । ନେପାଳରେ ମୋଟ ୪୭୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୧୭ ଜଣ ବିଦେଶୀଙ୍କ ସମେତ ୧୬୦୦ରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି । ନିଖୋଜଙ୍କ ମଧ୍ୟରେ ୧୧୩ ଜଣ ନେପାଳୀ ପର୍ଯ୍ୟଟକ, ୮୫ ଜଣ ସୁରକ୍ଷାକର୍ମୀ ଏବଂ ସ୍ଥାନୀୟ ବାସିନ୍ଦା ସାମିଲ ଅଛନ୍ତି ।

# ବନ୍ୟାରେ ଜୀବନ ରକ୍ଷା କଲା ହାଇଡ୍ରୋପାଓ୍ୱାର ସୁଡ଼ଙ୍ଗ, ବଞ୍ଚିଗଲେ ୩୫୦

ନେପାଳରେ ବିନାଶକାରୀ ବନ୍ୟା ମଧ୍ୟରେ ଅପର ତ୍ରିଶୂଳୀ ହାଇଡ୍ରୋପାଓ୍ୱାର ପ୍ରକଳ୍ପର ଏକ ସୁଡ଼ଙ୍ଗ ଶତାଧିକ ଲୋକଙ୍କ ପାଇଁ ଜୀବନରକ୍ଷକ ପାଲଟିଛି। ବନ୍ୟାଜଳ ସହ ମାଟି, ପଥର ଓ ଆବର୍ଜନା ତଳ ଅଞ୍ଚଳରେ ତାଣ୍ଡବ ରଚୁଥିବା ବେଳେ ପ୍ରାୟ ୩୫୦ ଜଣ ଏହି ସୁଡ଼ଙ୍ଗ ଭିତରେ ଆଶ୍ରୟ ନେଇ ନିଜ ଜୀବନ ବଞ୍ଚାଇଥିଲେ । ନେପାଳୀ ସେନା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ପରିସ୍ଥିତିରେ ଅଭିଯାନ ଚଳାଇ ସେମାନଙ୍କୁ ସୁରକ୍ଷିତ ଭାବେ ବାହାର କରିଛି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରେ ଅନେକ ଭାରତୀୟ ନାଗରିକ ମଧ୍ୟ ଥିବା ସୂଚନା ମିଳିଛି। ତେବେ ସୁଡ଼ଙ୍ଗ ଭିତରେ ଏବଂ ଏହାର ଆଖପାଖରେ ଆହୁରି କିଛି ଲୋକ ଫସିଥିବା ଆଶଙ୍କା ରହିଛି। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଉଦ୍ଧାର ଅଭିଯାନ ଜାରି ରହିଛି। ରସୁଓ୍ୱା ଜିଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ହୋଇପଡ଼ିଥିଲା। ତୀବ୍ର ବେଗରେ ପାଣି ସହ ବଡ଼ ବଡ଼ ପଥର ଓ ଆବର୍ଜନା ଆସିବାରୁ ଖୋଲା ସ୍ଥାନରେ ରହିବା ବିପଦପୂର୍ଣ୍ଣ ହୋଇଥିଲା। ଏହି ସମୟରେ ଅପର ତ୍ରିଶୂଳୀ ହାଇଡ୍ରୋପାଓ୍ୱାର ପ୍ରକଳ୍ପର ସୁଡ଼ଙ୍ଗ ଲୋକଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ପାଲଟିଥିଲା।ସୁଡ଼ଙ୍ଗ ଭିତରେ ରହିବା ଯୋଗୁଁ ଶତାଧିକ ଶ୍ରମିକ ଓ ଅନ୍ୟ ଲୋକ ବନ୍ୟାର ସିଧାସଳଖ ପ୍ରଭାବରୁ ବଞ୍ଚିପାରିଥିଲେ। କଠିନ ଭୌଗୋଳିକ ପରିସ୍ଥିତି, ପାଣି ଓ ଆବର୍ଜନା ମଧ୍ୟରେ ପ୍ରଶିକ୍ଷିତ ଯବାନମାନେ ଆଧୁନିକ ଉପକରଣର ସହାୟତାରେ ଅଭିଯାନ ଚଳାଇଥିଲେ । ଏପର୍ଯ୍ୟନ୍ତ ପ୍ରାୟ ୩୫୦ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଉଦ୍ଧାର ଅଭିଯାନ ସତ୍ତ୍ୱେ ସୁଡ଼ଙ୍ଗ ଭିତରେ ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି କିଛି ଲୋକ ଫସିଥିବା ଆଶଙ୍କା କରାଯାଉଛି। ତେଣୁ ନେପାଳୀ ସେନାର ଟିମ୍‌ଗୁଡ଼ିକ ସୁଡ଼ଙ୍ଗର ପ୍ରତ୍ୟେକ ଅଂଶ ଓ ଆଖପାଖ ଅଞ୍ଚଳରେ ତଲାସୀ ଜାରି ରଖିଛନ୍ତି।



## ଆମେରିକୀୟ ରାଷ୍ଟ୍ରଦୂତଙ୍କ ଘୋଷଣା

# ଭାରତ କିଣିବ ଜାଭେଲିନ ଆଣ୍ଟି-ଟ୍ୟାଙ୍କ୍ ସିଷ୍ଟମ

**ନୂଆଦିଲ୍ଲୀ,୨୮।୮:** ଭାରତ ଓ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ନେଇ ଶୁକ୍ରବାର ଏକ ବଡ଼ ଘୋଷଣା ସାମ୍ନାକୁ ଆସିଛି। ଭାରତ ଆମେରିକୀୟ ଜାଭେଲିନ ଆଣ୍ଟି-ଟ୍ୟାଙ୍କ୍ ମିସାଇଲ ସିଷ୍ଟମ କ୍ରୟ କରିବାକୁ ଯୋଜନା କରୁଛି। ଭାରତରେ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର ସୋସିଆଲ ମିଡିଆରେ ଏହାକୁ ବଡ଼ ଖବର ଦର୍ଶାଇ କହିଛନ୍ତି, ଏହି ପଦକ୍ଷେପ ଦୁଇ ଦେଶର ପ୍ରତିରକ୍ଷା ସମ୍ପର୍କକୁ ଆହୁରି ମଜବୁତ କରିବ ଏବଂ ଆଗକୁ ଜାଭେଲିନର ସହ-ଉତ୍ପାଦନର ରାସ୍ତା ମଧ୍ୟ ଖୋଲି ପାରେ। ସର୍ଜିଓ ଗୋର ଲେଖିଛନ୍ତି , ବଡ଼ ଖବର ... ଭାରତ ଯୁଦ୍ଧ ପ୍ରମାଣିତ ହୋଇଥିବା ଜାଭେଲିନ ଆଣ୍ଟି-ଟ୍ୟାଙ୍କ ସିଷ୍ଟମ କ୍ରୟ କରିବାକୁ ଯୋଜନା କରୁଛି। ଯେମିତି ମେ ମାସ ୨୦୨୬ ମସିହାରେ ଶାଙ୍ଗରୀ – ଲା ଡାୟଲଗରେ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ କହିଥିଲେ , ଏହା ଆମେରିକା-ଭାରତ ପ୍ରତିରକ୍ଷା ସମ୍ବନ୍ଧରେ ଏକ ବଡ଼ ପଦକ୍ଷେପ ଏବଂ ଏଥିରେ ଏକାଠି ଉତ୍ପାଦନ(କୋ-ପ୍ରଡକ୍ସନ)ର ସମ୍ଭାବନା ଗୁଡ଼ିକର ରାସ୍ତା ଖୋଲିଥାଏ। ଆମର ଦୁଇ ଦେଶ ମଧ୍ୟରେ ସହଯୋଗ ଏବେ ସୁଦ୍ଧା ସବୁଠୁ ଉଚ୍ଚସ୍ତରରେ ରହିଛି। ଜାଭେଲିନ ଆମେରିକାର ମ୍ୟାନ-ପୋର୍ଟେବଲ , ଫାୟର-ଆଣ୍ଡ –ଫରଗେଟ୍ ଆଣ୍ଟି –ଟ୍ୟାଙ୍କ ଅସ୍ତ୍ର। ଏହାକୁ ଜଣେ ସୈନିକ ମଧ୍ୟ ଲଞ୍ଚ କରି ପାରିବ। ଏହାର ନିର୍ମାଣ Lockheed Martin ଓ Raytheonର ମିଳିତ ଭେଞ୍ଚର ଦ୍ୱାରା କରାଯାଏ। ମିସାଇଲର ସବୁଠୁ ବଡ଼ ଫାଇଦା ଏହା ଯେ, ଏହାକୁ ଉତକ୍ଷେପଣ ପରେ ଅପରେଟରକୁ ଲକ୍ଷ୍ୟ ସ୍ଥଳକୁ ଲଗାତାର ଟାର୍ଗେଟ୍ କରିବାର ଆବଶ୍ୟକ ହୋଇ ନଥାଏ। ମିସାଇଲ ନିଜେ ଲକ୍ଷ୍ୟ ସ୍ଥଳକୁ ଟ୍ରାକ୍ କରିଥାଏ, ଯେଉଁଥିରେ ସୈନିକ ତୁରନ୍ତ ନିଜର ପୋଜିସନ ବଦଳାଇ ପାରେ। ଏହାର ଏକ ବିଶେଷ କ୍ଷମତା ମଧ୍ୟରୁ ଗୋଟିଏ ହେଉଛି ଏହାର ଟପ୍-ଆଟାକ୍ ମୋଡ୍। ଟ୍ୟାଙ୍କର ସବୁଠାରୁ ଶକ୍ତିଶାଳୀ ସମ୍ମୁଖ ଭାଗକୁ ସିଧାସଳଖ ଆକ୍ରମଣ କରିବା ପରିବର୍ତ୍ତେ, କ୍ଷେପଣାସ୍ତ୍ରଟି ଉପରକୁ ଯାତ୍ରା କରେ ଏବଂ ଟ୍ୟାଙ୍କର ଅପେକ୍ଷାକୃତ ଦୁର୍ବଳ ଉପର ଅଂଶକୁ ଟାର୍ଗେଟ କରେ। ଏହା ବ୍ୟତୀତ, ଆବଶ୍ୟକ ହେଲେ ଏହାକୁ ସିଧାସଳଖ-ଆକ୍ରମଣ ମୋଡରେ ମଧ୍ୟ ବ୍ୟବହାର କରାଯାଇପାରିବ।

ଜାଭେଲିନର ପ୍ରଭାବର ଅନ୍ଦାଜା ଏହି କଥାରୁ କରାଯାଇ ପାରେ ଯେ, ଆମେରିକା ଓ ଏହାର ସହଯୋଗୀ ଏହାକୁ ଅନେକ ଯୁଦ୍ଧକ୍ଷେତ୍ରରେ ବ୍ୟବହାର କରି ସାରିଛନ୍ତି। ନିର୍ମାତାଙ୍କ ମୁତାବିକ, ୟୁକ୍ରେନ ସଂଘର୍ଷ ପୂର୍ବରୁ ଜାଭେଲିନକୁ ୫୦୦୦ରୁ ଅଧିକ ଥର ଯୁଦ୍ଧରେ ଫାୟର କରାଯାଇ ଥିଲା। ଏହାର ସାଧାରଣ ପରିଚାଳନା ପରିସର ପ୍ରାୟ ୬୫ ମିଟରରୁ ୪ କିଲୋମିଟର ଯାଏ ରହିଛି। ଏହା ଦିନ ରାତି ଓ ଅଲଗା ଅଲଗା ପାଣିପାଗର ସ୍ଥିତିରେ ବ୍ୟବହାର କରାଯାଇ ପାରେ।

# ବିଧାନସଭାରେ ଆସନ ଛାଡ଼ି ମନ୍ତ୍ରୀଙ୍କ ଗହଣରେ ବସିଲେ ମୁଖ୍ୟମନ୍ତ୍ରୀ



**ତାମିଲନାଡୁ,୨୮।୮:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଯୋସେଫ୍ ବିଜୟ ଗୁରୁବାର ବିଧାନସଭାରେ ନିଜ ଆସନ ଛାଡ଼ି ମନ୍ତ୍ରୀମାନଙ୍କ ଗହଣରେ ବସିଥିଲେ। ଏହା ଗୃହର ସମସ୍ତ ସଦସ୍ୟଙ୍କୁ ଆଶ୍ଚର୍ଯ୍ୟ କରିଥିଲା । କାରଣ ତାମିଲନାଡୁ ବିଧାନସଭାରେ ଦୀର୍ଘ ଦିନରୁ ଚାଲିଆସୁଥିବା ପରମ୍ପରାରେ ଏହା ଏକ ବଡ଼ ବ୍ୟତିକ୍ରମ ଥିଲା। ପୂର୍ବରୁ କେବେ ଏମିତି ଘଟିନଥିଲା। ପ୍ରଥମ ଥର ପାଇଁ ତାମିଲନାଡୁ ବିଧାନସଭାରେ ଜଣେ ମୁଖ୍ୟମନ୍ତ୍ରୀ ତାଙ୍କ ପାଇଁ ଉଦ୍ଦିଷ୍ଟ ଆସନ ଛାଡ଼ି ମନ୍ତ୍ରୀଙ୍କ ଗହଣରେ ବସିଥିଲେ। ସାଧାରଣତଃ ବାଚସ୍ପତିଙ୍କ ଆସନ ନିକଟରେ ଏକ ସ୍ୱତନ୍ତ୍ର ଓ ପ୍ରଶସ୍ତ ଆସନରେ ବସନ୍ତି ମୁଖ୍ୟମନ୍ତ୍ରୀ। ମନ୍ତ୍ରୀମାନେ ନିଜ ନିଜ ବରିଷ୍ଠତା ଅନୁସାରେ ଆଗ ଧାଡ଼ିରେ ତାଙ୍କ ପାଖକୁ ଲାଗି ଅଲଗା ଅଲଗା ବସିଥାନ୍ତି। ୨୩୪ ଜଣିଆ ସଦସ୍ୟ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ସଂଖ୍ୟା ଆଧାରରେ ବିରୋଧୀ ଦଳ ନେତା ଏବଂ ବିଭିନ୍ନ ବିଧାୟକ ଦଳର ନେତାମାନେ ସାମ୍ନା ଧାଡ଼ିରେ ବସନ୍ତି, ଏବଂ ସେମାନଙ୍କ ପଛରେ ତାଙ୍କ ନିଜ ନିଜ ଦଳର ସଦସ୍ୟମାନେ ବସିଥା'ନ୍ତି। ଗୁରୁବାର ଅପରାହ୍ନ ଅଧିବେଶନରେ ମୁଖ୍ୟମନ୍ତ୍ରୀ ବିଜୟ ବାଚସ୍ପତି ଜେ. ସି. ଡି. ପ୍ରଭାକରଙ୍କ ଡାହାଣ ପାଖରେ ଥିବା ନିଜ ଆସନରୁ ଉଠି ଯାଇ ମନ୍ତ୍ରୀ କେ. ଏ. ସେଙ୍ଗୋଟ୍ଟୈୟନ୍ ଏବଂ ଆଧବ ଅର୍ଜୁନଙ୍କ ମଝିରେ ବସିଥିଲେ। ଅତୀତରେ କୌଣସି ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସି ନ ଥିଲେ। ସାଧାରଣତଃ, ମନ୍ତ୍ରୀ କିମ୍ବା ବିଧାୟକମାନେ ନିଜ ସହକର୍ମୀମାନଙ୍କ ସହ କଥା ହେବା ପାଇଁ ଅଳ୍ପ ସମୟ ପାଇଁ ନିଜ ସ୍ଥାନ ବଦଳାଇଥାନ୍ତି। କିନ୍ତୁ ବୋଧହୁଏ ଏହା ପ୍ରଥମ ଥର ଘଟିଛି ଯେତେବେଳେ ଜଣେ ମୁଖ୍ୟମନ୍ତ୍ରୀ ନିଜ ସହକର୍ମୀଙ୍କ ସହ ଆଲୋଚନା କରିବା ପାଇଁ ନିଜ ସରକାରୀ ଆସନରୁ ଉଠି ଅନ୍ୟତ୍ର ବସିଛନ୍ତି।

## ଚୁଟ୍‌କୀରେ...

### ୩୦ ଫୁଟ ତଳକୁ ଖସିଲା ଯାତ୍ରୀବାହୀ ବସ୍, ୫ ମୃତ

**ମଧ୍ୟପ୍ରଦେଶ,୨୮।୮:** ମଧ୍ୟପ୍ରଦେଶର ରାଜଗଡ଼ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବ୍ୟାବରା ସହରର ଭୋପାଳ ବାଇପାସରେ ଏକ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ବ୍ୟାବରା ସିଭିଲ୍ ହସ୍ପିଟାଲକୁ ପଠାଇଥିଲା । ଗୁରୁତର ଆହତଙ୍କୁ ପରେ ଭୋପାଳକୁ ରେଫର୍ କରାଯାଇଛି । ଖବର ମୁତାବକ, ସକାଳ ପ୍ରାୟ ୭ଟା ସମୟରେ ଭୋପାଳ ବାଇପାସ୍ ପୋଲ ଉପରେ ବସ୍ ଟି ଉତ୍ତରପ୍ରଦେଶର କାନପୁରରୁ ଇନ୍ଦୋର ଯାଉଥିଲା । ପୋଲ ଉପରେ ମୋଡ଼ ନେବା ସମୟରେ ବସଟି ନିୟନ୍ତ୍ରଣ ହରାଇ କଡ଼ରେ ଥିବା ବାଡ଼ରେ ଧକ୍କା ହୋଇଥିଲା । ଫଳରେ ପ୍ରାୟ ୩୦ ଫୁଟ୍ ଉଚ୍ଚ ପୋଲରୁ ପ୍ରାୟ ୪ ଜଣ ଯାତ୍ରୀ ତଳେ ଥିବା ସର୍ଭିସ୍ ରୋଡକୁ ଖସି ପଡ଼ିଥିଲେ। ଏହି ଦୁର୍ଘଟଣାରେ ଇନ୍ସପେକ୍ଟର ରବି କେଭି, ବସ୍ ଚାଳକ ବିକାଶ ଶୁକ୍ଲା, ବେଲାଲ୍ ଅଲୀ ଏବଂ ଜ୍ୟୋତିରାଦିତ୍ୟ ସିଂହ ଗୋଦଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

### ଚୀନରେ ୫.୧ ତୀବ୍ରତାର ଭୂମିକମ୍ପ

**ନୂଆଦିଲ୍ଲୀ,୨୮।୮:** ନେପାଳ ବନ୍ୟା ବିଭୀଷିକା ମଧ୍ୟରେ ଚୀନରେ ଭୂମିକମ୍ପ । ଚୀନର ସିଚୁଆନରେ ୫.୧ ତୀବ୍ରତାର ଭୂମିକମ୍ପ ଝଟକା ଲାଗିଛି। ଏହାର କେନ୍ଦ୍ରସ୍ଥଳ ଲଙ୍ଗଟାଙ୍ଗ ସହର ହୋଇଥିବା ସୂଚନା ମିଳିଛି। ତେବେ ଭୂକମ୍ପରେ କୌଣସି କ୍ଷୟକ୍ଷତି ଘଟିଥିବା ନେଇ ସୂଚନା ନାହିଁ । ସେପଟେ ଚୀନରେ ଭୂମିକମ୍ପ ଆସିବା ଫଳରେ ବନ୍ୟା ଦୁର୍ଦ୍ଦଶାରେ ଯୁଝୁଥିବା ନେପାଳ ଉପରେ ପୁଣି ବିପଦ ଘନେଉଛି । ହିମାଳୟ ଆଖପାଖରେ ହେଉଥିବା ହଲଚଲକୁ ନେଇ ଭୂବିଜ୍ଞାନୀଙ୍କ ଚିନ୍ତା ବଢିଛି। ଏହା ପୂର୍ବରୁ ଗୁରୁବାର ବିଳମ୍ବିତ ରାତିରେ ନେପାଳରେ ୩.୨ ତୀବ୍ରତାର ଭୂକମ୍ପ ହୋଇଥିଲା । ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିଲା । ଏବେ ଚୀନରେ ଭୂମିକମ୍ପ ଅନୁଭୂତ ହେବାରୁ ନେପାଳରେ ଆଉ ଏକ ବନ୍ୟା ଆଲର୍ଟ ଜାରି ହୋଇଛି । ନେପାଳ ପୁଲିସ ଲୋକମାନଙ୍କୁ ସତର୍କ ରହିବାକୁ ଚେତାବନୀ ଦେଇଛି । ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସୂଚନା ଥାଉକି, ତିବ୍ବତରେ ହୋଇଥିବା ଭୂସ୍ଖଳନ ଏବଂ ଭୋଟେକୋଶୀ ନଦୀରେ ଆସିଥିବା ବନ୍ୟା ପରେ ନେପାଳ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ବିପଦର ସାମ୍ନା କରୁଛି। ବନ୍ୟା ବିଭୀଷିକାରେ ୪୭୨ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୬୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି । ଏବେ ନେପାଳ ପାଇଁ ଆଉ ଏକ ବଡ଼ ବିପଦ ଘନଉଥିବା ନେଇ ଚୀନ୍ ସତର୍କ କରାଇଛି ।

### ଲ୍ୟାଣ୍ଡିଂ ସମୟରେ ଫାଟିଲା ବିମାନର ଟାୟାର, ଅଳ୍ପକେ ବର୍ତ୍ତିଲେ ୪୧ ଯାତ୍ରୀ

**ନୂଆଦିଲ୍ଲୀ,୨୮।୮:** ଦିଲ୍ଲୀରୁ ଛତିଶଗଡ଼ର ବିଳାସପୁର ଯାଉଥିବା ଆଲାଏନ୍ସ ଏୟାରର ଏକ ବିମାନ ବିଳାସପୁର ବିମାନବନ୍ଦରରେ ଅବତରଣ କରିବା ସମୟରେ ଟାୟାର ଫାଟି ଯାଇଥିଲା। ବିମାନଟିରେ ୩୭ ଜଣ ଯାତ୍ରୀ ଏବଂ ୪ ଜଣ କ୍ରୁ ସଦସ୍ୟ ଥିଲେ, ଅର୍ଥାତ ମୋଟ ୪୧ ଜଣ। ଅବତରଣ କରିବା ପରେ, ସମସ୍ତଙ୍କୁ ସୁରକ୍ଷିତ ଭାବରେ ରନଓ୍ୱେକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପରେ ଟର୍ମିନାଲ କୋଠାକୁ ନିଆଯାଇଥିଲା। ସମ୍ବାଦ ସରବରାହ ସଂସ୍ଥା ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଅଧିକାରୀ ମାନେ କହିଛନ୍ତି ଯେ ଆଜି (ଶୁକ୍ରବାର) ସକାଳ ପ୍ରାୟ ୧୧ଟାରେ ୪୧ ଜଣ ଲୋକଙ୍କୁ ନେଇ ଯାଉଥିବା ଫ୍ଲାଇଟ୍ ୯ ଆଇ ୬୧୩ ରେ ଏହି ଘଟଣା ଘଟିଥିଲା। ସେମାନେ କହିଛନ୍ତି ଯେ ବିଳାସପୁର ବିମାନବନ୍ଦର ରନଓ୍ୱେରେ ବିମାନଟି ଅବତରଣ କରୁଥିବା ସମୟରେ, ଏହାର ବାମ ପାର୍ଶ୍ୱ ଟାୟାର ପଙ୍କଚର ହୋଇ ଫାଟି ଯାଇଥିଲା। ସେମାନେ କହିଛନ୍ତି ଯେ ଏହି ଘଟଣାରେ କୌଣସି ଯାତ୍ରୀ କିମ୍ବା କ୍ରୁ ସଦସ୍ୟ ଆହତ ହୋଇ ନାହାଁନ୍ତି। ସେମାନେ କହିଛନ୍ତି ଯେ ସମସ୍ତଙ୍କୁ ସୁରକ୍ଷିତ ଭାବରେ ବିମାନରୁ ବାହାର କରାଯାଇ ଟର୍ମିନାଲ କୋଠାକୁ ନିଆଯାଇଛି।

ଘଟଣା ପରେ, ଅଧିକାରୀ ମାନେ ଏହା ମଧ୍ୟ ରିପୋର୍ଟ କରିଛନ୍ତି ଯେ ଆଲାଏନ୍ସ ଏୟାର ଏୟାରଲାଇନ୍ସ ପରବର୍ତ୍ତୀ ସମୟରେ ଛତିଶଗଡ଼ର ବିଳାସପୁରକୁ ଏହାର ପରବର୍ତ୍ତୀ ଉଡ଼ାଣ ବାତିଲ କରିଛି।

# ବାପାଙ୍କୁ ମାରିବାକୁ ଚାହୁଁଛି ଶେହବାଜ ସରକାର

## ଇମ୍ରାନଙ୍କ ପୁଅଙ୍କ ସାଂଘାତିକ ଅଭିଯୋଗ

**ନୂଆଦିଲ୍ଲୀ,୨୮।୮:** ଜେଲରେ ବାପାଙ୍କ ମାରିଦେବାକୁ ଚାହୁଁଛନ୍ତି ଶାହବାଜ ସରକାର । ଏଭଳି ଅଭିଯୋଗ ଆଣିଲେ ଇମ୍ରାନଙ୍କ ପୁଅ । ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ୧୯୯୨ ବିଶ୍ୱକପ ବିଜେତା କ୍ରିକେଟ ଦଳର ଅଧିନାୟକ ଇମ୍ରାନ ଖାନଙ୍କୁ ନେଇ ପୁଣି ଥରେ ଆନ୍ତର୍ଜାତୀୟ ସ୍ତରରେ ବଡ଼ ଚର୍ଚ୍ଚା ସୃଷ୍ଟି ହୋଇଛି । କାରାଗାରରେ ବନ୍ଦୀ ଥିବା ୭୩ ବର୍ଷୀୟ ଇମ୍ରାନ ଖାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟବସ୍ଥାକୁ ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି ତାଙ୍କ ଦୁଇ ପୁଅ କାସିମ ଖାନ ଓ ସୁଲେମାନ ଖାନ । ପାକିସ୍ତାନର ସାମ୍ପ୍ରତିକ ଶାହବାଜ ଶରୀଫ ସରକାର ସେମାନଙ୍କ ବାପାଙ୍କୁ ଜେଲ ଭିତରେ ମାରିଦେବାକୁ ଚେଷ୍ଟା କରୁଥିବା ନେଇ ଦୁଇ ଭାଇ ଅନ୍ତର୍ଜାତୀୟ ଗଣମାଧ୍ୟମ 'ଦି ଟେଲିଗ୍ରାଫ' ଏବଂ ଆନ୍ତର୍ଜାତୀୟ ସାକ୍ଷାତକାରରେ ଏହି ଦାବି କରିଛନ୍ତି । ଇମ୍ରାନ ଖାନଙ୍କ ପ୍ରଥମ ପତ୍ନୀ ଜେମିମା ଗୋଲ୍ଡସ୍ମିଥଙ୍କ ପୁଅ କାସିମ ଓ ସୁଲେମାନ ବର୍ତ୍ତମାନ ଲଣ୍ଡନରେ ରହୁଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ, ଇମ୍ରାନ ଖାନଙ୍କୁ ଦିନକୁ ୨୩ ଘଣ୍ଟାରୁ ଅଧିକ ସମୟ ଏକ ଛୋଟ କୋଠରୀରେ ଅଲଗା ରଖାଯାଉଛି । ବାପାଙ୍କର ଗୋଟିଏ ଆଖିର ଦୃଷ୍ଟିଶକ୍ତି ପାଖାପାଖି ୮୦ ପ୍ରତିଶତ ନଷ୍ଟ ହୋଇଯାଇଛି ଏବଂ ସେ ଆଖିରେ ପଟି ଲଗାଇବାକୁ ବାଧ୍ୟ ହେଉଛନ୍ତି । ତାଙ୍କୁ ଉପଯୁକ୍ତ ବ୍ୟକ୍ତିଗତ ବା ସ୍ୱାଧୀନ ଡାକ୍ତରୀ ଚିକିତ୍ସା ଯୋଗାଇ ଦିଆଯାଉନାହିଁ । ବାପାଙ୍କୁ ଦେଖା କରିବା ପାଇଁ ପାକିସ୍ତାନ ଯିବାକୁ ଚାହୁଁଥିଲେ ବି ସରକାର ବୈଷୟିକ କାରଣ ଦର୍ଶାଇ ସେମାନଙ୍କ ଭିସା ଆବେଦନକୁ ବାରମ୍ବାର ବ୍ଲକ୍ କରୁଛନ୍ତି ।

## ବଢ଼ିବ ଭାରତୀୟ ସେନାର ଶକ୍ତି

# ସାମିଲ ହେବ ରାଇଫଲ ଶେର୍ ଏକେ-୨୦୩

**ନୂଆଦିଲ୍ଲୀ,୨୮।୮:** ବଢ଼ିବ ଭାରତୀୟ ସେନାର ଶକ୍ତି । ଖୁବଶୀଘ୍ର ଯୋଡ଼ି ହେବ ଏକ ନୂଆ ଅସ୍ତ୍ର । ସେପ୍ଟେମ୍ବରରେ ହେବ ସେନାଟ୍ରାଏଲ୍ । ପ୍ରତି ମିନିଟ୍‌ରେ ୭୦୦ରାଉଣ୍ଡ ଫାୟାର କରିବାର କ୍ଷମତା । ପ୍ରଭାବଶାଳୀ ରେଞ୍ଜ୍ ୮୦୦ମିଟର । ନାଁ 'ଏକେ-୨୦୩ ଶେର'। 'ଶେର ହେବ ଯବାନଙ୍କ ନୂଆ ସାଥୀ। ପ୍ରଥମେ ଶତ୍ରୁଙ୍କୁ ମାତ୍ ଦେବାକୁ ବ୍ରହ୍ମୋସ ମିସାଇଲ୍ ର ପ୍ରଡକ୍ସନ, ପରେ ଦିବ୍ୟାସ୍ତ୍ର ଏମକେ -୩ ଡ୍ରୋନ୍‌ର ଉତ୍ପାଦନ ଆଉ ଏବେ 'ଏକେ-୨୦୩ ଶେର' ଆସଲ୍ଟ ରାଇଫଲ୍‌ର ମ୍ୟାନୁଫ୍ୟାକ୍ଚରିଂ । ଏବେ ଦେଶର ଶତ୍ରୁଙ୍କ ପାଇଁ ନୂଆ କାରଖାନା ଉତ୍ତରପ୍ରଦେଶ । ଭାରତର ପ୍ରଥମ ୧୦୦% ସ୍ୱଦେଶୀ 'ଏକେ-୨୦୩' ରାଇଫଲ୍ ଏବେ ପ୍ରସ୍ତୁତ ହୋଇସାରିଛି । ଆମେଠି ଫ୍ୟାକ୍ଟ୍ରିରେ ଏହାର ସଫଳ ପରୀକ୍ଷଣ ସରିଛି । 'ଏକେ-୨୦୩' ରାଇଫଲ୍ ଏକ ଆଧୁନିକ ଗ୍ୟାସ୍ ଅପରେଟର ଅଲଟ୍ରା ରାଇଫଲ୍। ଏହି ଅସ୍ତ୍ର ଭାରତ ଓ ରୁଷର ମିଳିତ ସହଯୋଗରେ ଇଣ୍ଡୋ ରଷିଆନ୍ ରାଇଫଲ୍ସ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ପ୍ରସ୍ତୁତ ହୋଇଛି। ଭାରତୀୟସେନାକୁ ପାଖାପାଖି ୬ ଲକ୍ଷ ରାଇଫଲ୍ ସପ୍ଲାଏ କରିବ ଏହି କମ୍ପାନୀ । ବର୍ଷକ ଭିତରେ ଏହି ଲକ୍ଷ୍ୟ ହାସଲ କରିବାକୁ ଚାଲିଛି ବଡ଼ ପ୍ରସ୍ତୁତି । ଏହି ରାଇଫଲ୍‌ର ସ୍ପେଶାଲ ସେଟ୍ ସେପ୍ଟେମ୍ବର ସୁଦ୍ଧା ପ୍ରସ୍ତୁତ କରି ସେନାକୁ ଅନ୍ତିମ ପରୀକ୍ଷଣ ପାଇଁ ହସ୍ତାନ୍ତର କରାଯିବ । ଏକେ-୨୦୩ ରାଇଫଲ୍‌ର 'ମେକ୍ଇନ୍ଇଣ୍ଡିଆ' ଏବଂ 'ଆତ୍ମନିର୍ଭରଭାରତ' ଅଭିଯାନର ଏକ ବଡ଼ ସଫଳତା । ଭାରତ ଏ ପର୍ଯ୍ୟନ୍ତ ଯେଉଁ ବିଦେଶୀ ଟେକନିକ୍ ଉପରେ ନିର୍ଭରଶୀଳ ଥିଲା ବର୍ତ୍ତମାନ ଦେଶ ନିଜ ଶକ୍ତି ବଳରେ ବିଶ୍ୱର ସବୁଠୁ ଉନ୍ନତ ଅସ୍ତ୍ରଭିତରୁ ଗୋଟିଏକୁ ୧୦୦% ସ୍ୱଦେଶୀ ପ୍ରଣାଳୀରେ ପ୍ରସ୍ତୁତ କରୁଛି ।

## ଇରାନୀ ବନ୍ଦରରେ ଆମେରିକାର ବଡ଼ ଦାବି

# ବିନା ଅନୁମତିରେ ପଶିଥିବା ୭୫ ଜାହାଜକୁ ଫେରାଇଲା

**ନୂଆଦିଲ୍ଲୀ, ୨୮।୮:** ଇରାନ ସହିତ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ମଧ୍ୟପ୍ରାଚ୍ୟ ଓ ଖାଡି ଅଞ୍ଚଳରେ ନିଜର ସାମରିକ ଉପସ୍ଥିତିକୁ ନେଇ ଆମେରିକା ଏକ ବଡ଼ ଦାବି କରିଛି । ଆମେରିକା ସେଣ୍ଟ୍ରାଲ କମାଣ୍ଡ (CENTCOM)ର କମାଣ୍ଡର ଆଡମିରାଲ ବ୍ରାଡ୍ କୁପର ସୂଚନା ଦେଇଛନ୍ତି ଯେ, ସମୁଦ୍ର ଘେରାବନ୍ଦୀ କଡ଼ାକଡ଼ି ହେବା ପରଠାରୁ ଆମେରିକାର ବିନା ଅନୁମତିରେ କୌଣସି ଜାହାଜ ଇରାନର କୌଣସି ବନ୍ଦରକୁ ପ୍ରବେଶ କରିନାହାନ୍ତି କିମ୍ବା ସେଠାରୁ ବାହାରି ନାହାନ୍ତି । ସାମ୍ବାଦିକ ସମ୍ମିଳନୀରେ ଆଡମିରାଲ କୁପର ପ୍ରକାଶ କରିଛନ୍ତି ଯେ, ବିଗତ କିଛି ମାସ ମଧ୍ୟରେ ଆମେରିକୀୟ ନୌସେନା ପ୍ରାୟ ୧,୫୦୦ ବ୍ୟବସାୟିକ ଜାହାଜକୁ 'ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍' ଦେଇ ସୁରକ୍ଷିତ ଭାବେ ଅତିକ୍ରମ କରିବାରେ ସାହାଯ୍ୟ କରିଛି । ଏହି ଜାହାଜଗୁଡ଼ିକରେ ପ୍ରାୟ ୭୫ କୋଟି ବ୍ୟାରେଲ କଞ୍ଚା ତେଲ ବିଶ୍ୱ ଶକ୍ତି ବଜାରକୁ ପରିବହନ କରାଯାଇଥିଲା । ସମୁଦ୍ର ପଥରେ ଜାହାଜଗୁଡ଼ିକର ଯାତାୟାତକୁ ସୁରକ୍ଷିତ ରଖିବା ପାଇଁ ଅନ୍ତର୍ଜାତୀୟ ନୌପରିବହନ ମାର୍ଗଗୁଡ଼ିକୁ ଦୁଇଟି ଭିନ୍ନ ଦିଗରେ ବିଭାଜିତ କରାଯାଇଛି ।

ସମଗ୍ର ଖାଡି ଅଞ୍ଚଳରେ ଇରାନ ବିରୋଧରେ ସାମୁଦ୍ରିକ ଘେରାବନ୍ଦୀକୁ ସଫଳ କରିବା ପାଇଁ ପ୍ରାୟ ୫୦,୦୦୦ ଆମେରିକୀୟ ସୈନ୍ୟ ମୁତୟନ ହୋଇଛନ୍ତି। ଏହି ବୃହତ୍ ଅପରେସନରେ ୨୦ରୁ ଅଧିକ ସାମରିକ ଯୁଦ୍ଧପୋତ ଏବଂ ଶତାଧିକ ବିମାନ ସାମିଲ ଅଛନ୍ତି । ଘେରାବନ୍ଦୀ ନିୟମ ଭଙ୍ଗ କରିବାକୁ ଚେଷ୍ଟା କରୁଥିବା ୭୫ଟି ବ୍ୟବସାୟିକ ଜାହାଜକୁ ଆମେରିକୀୟ ସେନା ବାଟରୁ ହିଁ ଫେରାଇ ଦେଇଛି । ଚେତାବନୀ ଏବଂ ନିର୍ଦ୍ଦେଶ ଅବମାନନା କରିଥିବା ୩ଟି ଜାହାଜ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେଗୁଡ଼ିକୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ କରାଯାଇଛି । ଆମେରିକୀୟ ସେନା ଅନ୍ତର୍ଜାତୀୟ ଜଳପଥରେ ଇରାନର 'ଇସଲାମିକ ରିଭୋଲ୍ୟୁସନରୀ ଗାର୍ଡ କୋର' (IRGC) ଦ୍ୱାରା ବିଛାଯାଇଥିବା ବିପଜ୍ଜନକ ସାମୁଦ୍ରିକ ବାରୁଦି ସୁଡ଼ଙ୍ଗଗୁଡ଼ିକୁ ସଫଳତାର ସହ ହଟାଇ ଦେଇଛି । କୁପରଙ୍କ ଅନୁଯାୟୀ, ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍‌ର ଅନ୍ତର୍ଜାତୀୟ ଜଳପଥ ଏବେ ସମ୍ପୂର୍ଣ୍ଣ ଭାବେ ଇରାନୀୟ ମାଇନ୍ସମୁକ୍ତ ଏବଂ ସୁରକ୍ଷିତ । ଆମେରିକା ନିଜର ସାମରିକ ଶକ୍ତି ବଳରେ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥରେ ବାଣିଜ୍ୟିକ ଯାତାୟାତ ସ୍ୱାଭାବିକ ରଖିବାରେ ସଫଳ ହୋଇଛି ବୋଲି CENTCOM ପକ୍ଷରୁ ଦାବି କରାଯାଇଛି ।







# ପର୍ଯ୍ୟଟକଙ୍କୁ ଖାଇବା ଓ ରହିବା ପାଇଁ ପ୍ରଲୋଭନ ଅଭିଯୋଗ

## ପୋଲିସର ଦ୍ୱାରସ୍ଥ ହେଲା କୋଣାର୍କ ହୋଟେଲ୍ ଆସୋସିଏସନ୍



**କୋଣାର୍କ(ଅମୃତ ମିଡିଆ):** ପର୍ଯ୍ୟଟନ ସହର କୋଣାର୍କରେ ରାସ୍ତାରେ ଯାଉଥିବା ପର୍ଯ୍ୟଟକମାନଙ୍କୁ ଅଟକାଇ ହୋଟେଲ୍ ଓ ରେଷ୍ଟୁରାଣ୍ଟ ରେ ରହିବା ଏବଂ ଖାଦ୍ୟ ଖାଇବା ପାଇଁ ଡାକିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି କୋଣାର୍କ ହୋଟେଲ୍ ଆସୋସିଏସନ୍। ଏଭଳି କାର୍ଯ୍ୟ କଳାପକୁ ତୁରନ୍ତ ବନ୍ଦ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ସ୍ଥାନୀୟ ପୋଲିସ ପ୍ରଶାସନଙ୍କ ନିକଟରେ ଅଭିଯୋଗ କରିଛି ଆସୋସିଏସନ୍। କୋଣାର୍କ ରେ ହୋଟେଲ ବ୍ୟବସାୟ ପ୍ରତିଷ୍ଠାନ କରିଥିବା କିଛି ବ୍ୟକ୍ତି ରାସ୍ତାରେ ଯାଉଥିବା ପର୍ଯ୍ୟଟକଙ୍କୁ ଅଟକାଇବା ସହ ଡାକି ନିର୍ଦ୍ଦିଷ୍ଟ ହୋଟେଲ୍ କିମ୍ବା ରେଷ୍ଟୁରାଣ୍ଟକୁ ନେବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଅଛି । କେତେକ କ୍ଷେତ୍ରରେ ପର୍ଯ୍ୟଟକଙ୍କୁ ଖାଦ୍ୟ ଓ ରହିବା ପାଇଁ ପ୍ରଲୋଭିତ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି ।ଏଭଳି ଘଟଣା ଯୋଗୁଁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେବା ସହ ଅସହଜ ଓ ଭୟଭୀତ ଅନୁଭବ କରୁଥିବା ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ଏହା କୋଣାର୍କର ଶାନ୍ତିପୂର୍ଣ୍ଣ ପର୍ଯ୍ୟଟନ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇବା ସହ ପର୍ଯ୍ୟଟନ ସହର ଭାବେ କୋଣାର୍କର ସୁନାମକୁ ମଧ୍ୟ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି। ପର୍ଯ୍ୟଟକମାନେ ନିଜ ପସନ୍ଦ ଅନୁଯାୟୀ ହୋଟେଲ୍ କିମ୍ବା ରେଷ୍ଟୁରାଣ୍ଟ ଚୟନ କରିବାର ସ୍ୱାଧୀନତା ପାଇବା ଆବଶ୍ୟକ। ରାସ୍ତାରୁ ଡାକିବା, ଅଟକାଇବା କିମ୍ବା ଜୋର ଜବରଦସ୍ତି ନିର୍ଦ୍ଦିଷ୍ଟ ହୋଟେଲ୍‌କୁ ନେବା ଭଳି କାର୍ଯ୍ୟକୁ ପ୍ରଶାସନ ଗୁରୁତ୍ୱର ସହ ନେବା ଦରକାର ବୋଲି ଆସୋସିଏସନ୍ ପକ୍ଷରୁ ଦାବି କରାଯାଇଛି । ଏଥିସହ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା, ପର୍ଯ୍ୟଟକଙ୍କୁ ହଇରାଣ କରାଯିବା ଉପରେ ରୋକ୍ ଲଗାଇବା ଏବଂ କୋଣାର୍କର ପର୍ଯ୍ୟଟନ ପରିବେଶକୁ ସୁସ୍ଥ ଓ ଶୃଙ୍ଖଳିତ ରଖିବା ପାଇଁ ପୋଲିସ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ କୋଣାର୍କ ହୋଟେଲ୍ ଆସୋସିଏସନ୍ ପକ୍ଷରୁ କୋଣାର୍କ ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ପ୍ରଶାନ୍ତ ପଡ଼ିଆରୀଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି । ପର୍ଯ୍ୟଟକଙ୍କ ସୁରକ୍ଷା, ସ୍ୱାଧୀନତା ଓ ସ୍ୱଚ୍ଛ ସହ କୋଣାର୍କର ପର୍ଯ୍ୟଟନ ସୁନାମ ରକ୍ଷା ପାଇଁ ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ ବୋଲି ଆସୋସିଏସନ୍ ସଭାପତି ସୁବାସ ନାୟକ, ସୁରେନ୍ଦ୍ରନାଥ ନାୟକ, ସ୍ୱାଧୀନ ନାୟକ, ପ୍ରତାପ ସ୍ୱାଇଁ, ସୁଶାନ୍ତ ମାହାନ୍ତି, ସୁଦର୍ଶନ ସେନାପତି ପ୍ରମୁଖ ମତ ପ୍ରକାଶ କରିଛନ୍ତି ।

# ନିର୍ମାଣ ଅବଧି ଶେଷ, ସରିପାରୁନି ବହୁତଳ ପାର୍କିଂସ୍ଥଳ

## ବଡ଼ଦାଣ୍ଡରେ ଯାନବାହନ ପାର୍କିଂ, ରାସ୍ତାସଂକୁଚିତ



**ପୁରୀ (ବ୍ୟୁରୋ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତିଦିନ ୫୦ହଜାରରୁ ଅଧିକ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି। ପର୍ବପର୍ବାଣୀ ଏବଂ ବିଶେଷ ଦିନ ମାନଙ୍କରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଲକ୍ଷାଧିକ ହୋଇଥାଏ। ଫଳରେ ପ୍ରତ୍ୟେକ ଦିନ ହଜାର ହଜାର କାର ଏବଂ ବାଇକ ବଡ଼ଦାଣ୍ଡରେ ପହଞ୍ଚିଥାଏ। ଏତେ ସଂଖ୍ୟକ ଗାଡ଼ି ବଡ଼ଦାଣ୍ଡରେ ପାର୍କିଂ ଯୋଗୁ ରାସ୍ତା ସଙ୍କୁଚିତ ହେବା ସହ ପ୍ରବଳ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ସହର ମଧ୍ୟରେ ଏହି ଟ୍ରାଫିକ ସମସ୍ୟାକୁ ଦୂର କରି ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ତତ୍‌କାଳୀନ ରାଜ୍ୟ ସରକାର ଜଗନ୍ନାଥବଲ୍ଲଭରେ ୨୦୨୦ରେ ଏକ ବହୁତଳ ପାର୍କିଂ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ପ୍ରକଳ୍ପ କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କିନ୍ତୁ ନିର୍ମାଣ କାର୍ଯ୍ୟ ଶେଷନ ହୋଇ ବି ୩ବର୍ଷ ହେଲା ଏଠାରେ ଗାଡ଼ି ପାର୍କ କରାଯାଉଛି। ଯାହାର ଫଳ ସ୍ୱରୂପ ଗତ ବର୍ଷ ଅଗଷ୍ଟ ମାସ ୨୪ରେ ଏକ ବୋଲେରୋ ଭାରସାମ୍ୟ ହରାଇ ପ୍ରଥମ ମହଲାରୁ ଖସି ପଡ଼ିଥିଲା। ଏଥିରେ କେବଳ ଚାଳକ ଥିବାରୁ ସେ ଗୁରୁତର ଆହତ ହୋଇଥିଲେ। ଅନ୍ୟ ୯ ଜଣ ଜଗନ୍ନାଥ ଦର୍ଶନ ପାଇଁ ବାହାରି ଯାଇଥିବାରୁ ସେମାନେ ବଡ଼ ଦୁର୍ଘଟଣାରୁ ବର୍ଷି ଯାଇଥିଲେ। ୨୦୨୦ରେ ଆରମ୍ଭକରାଯାଇଥିବା ଏହି ଜଗନ୍ନାଥ ବଲ୍ଲଭବହୁତଳ ପାର୍ଟି କାର୍ଯ୍ୟ ୨୦୨୩ ଶେଷ ସୁଦ୍ଧା ସରିବାର ଅବଧି ଥିଲା। ଏହି ୫ମହଲା ବିଶିଷ୍ଟ ବହୁତଳ ପାର୍କି ସ୍ଥଳ ପାଇଁ ୨୩୦କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ଏହାର ନିର୍ମାଣ ଦାୟିତ୍ୱ ଓଡ଼ିଶା ସେତୁ ନିର୍ମାଣ ନିଗମ ନେଇଥିଲା। ଏହି ବହୁତଳ ପାର୍କ ସ୍ଥଳରେ ପ୍ରାୟ ୧୫ଶହ କାର ଏବଂ ୫ଶହ ବାଇକ ଏକକାଳୀନ ପାର୍କ କରିହେବ । କିନ୍ତୁ ନିର୍ମାଣ କାର୍ଯ୍ୟ ଶେଷ ନହୋଇବି ୩ବର୍ଷ ହେଲା ଗାଡ଼ି ପାର୍କିଂସ୍ଥଳ ଭାବେ ବ୍ୟବହାର ହୋଇ ଆସୁଛି। ପ୍ରକାଶ ଥାଉକି, ଭକ୍ତମାନେ ବୀରହରେକୃଷ୍ଣପୁର ଠାରୁ ବିନା ବାଧାରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପାଇଁ ଶ୍ରୀସେତୁର ପରିକଳ୍ପନା କରାଯାଇଥିଲା । ଶ୍ରୀସେତୁର ନିର୍ମାଣ ଶେଷହେବା ପରେ ପୁରୀ ସହର ମଧ୍ୟରେ ଟ୍ରାଫିକ ସମସ୍ୟାର ଅନ୍ତ ହେବ ବୋଲି ଅଶା ରହିଥିଲା। ଭକ୍ତ ସୁରୁଖୁରୁରେ ଶ୍ରୀମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରି ଗନ୍ତବ୍ୟ ସ୍ଥଳକୁ ଫେରି ପାରିବେ। କିନ୍ତୁ ଏହି ବହୁତଳ ପାର୍କିଂ ସ୍ଥଳର ନିର୍ମାଣ ଅବଧି ଶେଷ ହେବା ପରେ ମଧ କାର୍ଯ୍ୟ ଶେଷ ହୋଇନାହିଁ । କିନ୍ତୁ ଚଳିତ ବର୍ଷ ଶେଷ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ଶ୍ରୀମନ୍ଦିର ପ୍ରଶାସନକୁ ସମ୍ପୂର୍ଣ୍ଣ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଏନେଇ ଓଡ଼ିଶା ସେତୁ ନିର୍ମାଣ ନିଗମ ଦାୟିତ୍ୱରେ ଥିବା ଯନ୍ତ୍ରୀ ଇଂ. ଗିରିଜା ନାୟକ କହନ୍ତି, ଜଗନ୍ନାଥବଲ୍ଲଭ ବହୁତଳ ପାର୍କ ସ୍ଥଳର ମୁଖ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ବିଭିନ୍ନ ବିଭାଗର ପରୀକ୍ଷା ଜାରି ରହିଛି। ଚଳିତବର୍ଷ ଶେଷ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହୋଇ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ।

# ଡାକ୍ତର କବିପ୍ରସାଦ ମିଶ୍ରଙ୍କ ଜୟନ୍ତୀ ପାଳିତ



**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ଡାକ୍ତର କବିପ୍ରସାଦ ମିଶ୍ରଙ୍କ ୮୮ତମ ଜୟନ୍ତୀ ଲେଖକ ସମବାୟ ସମିତି ପରିସରରେ ଆଶୀଷ କୁମାର କରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଅତିଥିମାନେ ଡା ମିଶ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଇଂ ପ୍ରଭାତ କୁମାର ପାଢୀ, ମୁଖ୍ୟ ବକ୍ତାଭାବେ ପ୍ରମୋଦ ଚନ୍ଦ୍ର ମିଶ୍ର, ବକ୍ତା ଓ ଆଲୋଚକ ଭାବେ ସୁରେଶ ଚନ୍ଦ୍ର ମହାନ୍ତି, ମନୋଜ କୁମାର ଜେନା, ଜିତେନ୍ଦ୍ର କୁମାର କର, ଇଂ ସୁବାସ ଚନ୍ଦ୍ର ସାହୁ, ଡାକ୍ତର ସୁଶୀଲ କୁମାର ମହାନ୍ତି, ସୁନୀଲ କୁମାର ମହାପାତ୍ର ଆଦି ଯୋଗଦାନ କରି ଡାକ୍ତର ମିଶ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରି କହିଲେ ଯେ, ଡାକ୍ତର ମିଶ୍ର ଏକାଧାରରେ ଜଣେ ପ୍ରାଚୀନ ସାହିତ୍ୟରେ ବାଗ୍ମୀ , ସୁଚିକିତ୍ସକ, ସୁବକ୍ତା , ସୁଲେଖକ, ସୁସାହିତ୍ୟିକ, ବରିଷ୍ଠ ସ୍ତମ୍ଭକାର, ବିଶିଷ୍ଟ ସମାଜସେବୀ, ସର୍ବୋପରି ଜଣେ ଭଲ ମଣିଷ ଥିଲେ ।ତାଙ୍କ ଆଦର୍ଶରେ ଯୁବଗୋଷ୍ଠୀ ଅନୁପ୍ରାଣିତ ହେବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା । ପ୍ରାରମ୍ଭରେ ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ସଭା ପରିଚାଳନା କରି ଥିଲେ । ଇଂ ଲଡୁକିଶୋର ପଡିଆରୀ ଦାସ କାଠିଆ ମାଧ୍ୟମରେ ପ୍ରାଚୀନ ସଂଗୀତ ପରିବେଷଣ କରିଥିଲେ । ସତ୍ୟନାରାୟଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ସାହିଭାଇ’ ସ୍ୱେଚ୍ଛାସେବୀ ଅନୁଷ୍ଠାନର ବୃକ୍ଷ ସୁରକ୍ଷା ପାଇଁ ରକ୍ଷାବନ୍ଧନ



**ପୁରୀ (ବ୍ୟୁରୋ):** ବୃକ୍ଷ ଯଦି ଆମ ପରି ହୋଇଥାନ୍ତା ତେବେ ସେ ଆମ ହାତରେ ରାକ୍ଷୀ ବାନ୍ଧି ନିଜକୁ ରକ୍ଷା କରିବାର ପ୍ରତିଶ୍ରୁତି ମାଗିଥାନ୍ତା ।ତେଣୁ ତାକୁ ଆଜି ରକ୍ଷା କରିବାକୁ କେହି ଆଗକୁ ଆଶୁ ନାହାନ୍ତି ।ତେଣୁ ବୃକ୍ଷ ଅଛି ତ ଆମେ ଅଛୁ। ଆଜିର ଏହି ପବିତ୍ର ଦିନ ରେ ପୁରୀ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସାହିଭାଇ’ପକ୍ଷରୁ ବୃକ୍ଷ କୁ ରକ୍ଷା କରିବା ସୂତ୍ରରେ ରାକ୍ଷୀ ବାନ୍ଧି ତା’ର ରକ୍ଷା କରିବା ପାଇଁ ପ୍ରତିବଦ୍ଧ ହୋଇଛନ୍ତି କର୍ମୀ ମାନେ ।ଏହି ଉତ୍ସବରେ ଅନୁଷ୍ଠାନ ର କାର୍ଯ୍ୟକାରୀ ସଭାପତି ଶ୍ରୀ ବ୍ରଜବନ୍ଧୁ ମହାରଣା,ସମ୍ପାଦକ ଶ୍ରୀ ଚନ୍ଦ୍ରଶେଖର ମିଶ୍ର ଙ୍କ ସହିତ ଦୀପକ ଜେନା, ଅଜୟ ପ୍ରଧାନ, ହିତେଶ ପ୍ରଧାନ, ମହେନ୍ଦ୍ର ବେହେରା, ବିଶ୍ୱଶାନ୍ତି ତ୍ରିପାଠୀ, ଦୁର୍ଗାପ୍ରସାଦ, ଲିନୁ ନାୟକ, ବିଶ୍ୱଜୀତ ମହାନ୍ତି, ସୂର୍ଯ୍ୟ ନାରାୟଣ, ଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ତନ୍ମୟ ଚାଟାର୍ଜୀ ପରିଚାଳନା କରିଥିଲେ ।

# ଅଫିସ ଆସୁନାହାନ୍ତି, ଦରମା ପୂରା ନେଉଛନ୍ତି !

## ବାୟୋମେଟ୍ରିକ ଫାଙ୍କି ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମନମାନୀ



**କାକଟପୁର/ଅସ୍ତରଙ୍ଗ (ଅମୃତ ମିଡିଆ):** ସରକାରୀ ନିର୍ଦ୍ଦେଶନାମାକୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ସ୍ୱାସ୍ଥ୍ୟ କର୍ମଚାରୀ । କାକଟପୁର ନିର୍ବାଚନ ମଣ୍ଡଳୀ ଅଧୀନ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ୩୧ଟି ପଞ୍ଚାୟତର ସ୍ୱାସ୍ଥ୍ୟ ସେବା ଏବେ ଭଗବାନ ଭରସାରେ । କାରଣ ଡାକ୍ତର ଓ କର୍ମଚାରୀ ବାୟୋମେଟ୍ରିକ ଉପସ୍ଥାନ ପକାଉ ନାହାନ୍ତି, ହେଲେ ମାସକୁ ପୁରା ଦରମା ହଡପ କରୁଛନ୍ତି। ଅସ୍ତରଙ୍ଗ ସିଏଚସି , ବାଙ୍ଗୁରିଗାଁ ସିଏଚସି ସମେତ କାକଟପୁର, ଫକୀରସାହି, ଖଣ୍ଡାସାହି, ରତନପୁର ପିଏଚସି ରେ ଏହି ଅବ୍ୟବସ୍ଥା ଚରମରେ । ଅଧିକାଂଶ କର୍ମଚାରୀ ନିର୍ଦ୍ଧାରିତ ସମୟରେ ମେଡିକାଲକୁ ଆସୁନାହାନ୍ତି। ଇନ-ଆଉଟ ସିଷ୍ଟମକୁ ଏଡାଇ ଦେଉଛନ୍ତି, ଯାହାଫଳରେ ସେମାନେ କେତେବେଳେ ଆସୁଛନ୍ତି ଓ ଯାଉଛନ୍ତି ତାର ହିସାବ ରହୁନାହିଁ। ରୋଗୀମାନେ ସକାଳୁ ଆସି ଡାକ୍ତରଙ୍କୁ ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି । ସବୁଠୁ ବଡ ପ୍ରଶ୍ନ, ଗୋଟିଏ ସ୍ଥାନରେ ଦୀର୍ଘ ୧୦ ବର୍ଷରୁ ରହିଥିବା ଅଧିକାରୀଙ୍କ ମନମାନୀ । ଅଭିଯୋଗ ଅନୁସାରେ ଅସ୍ତରଙ୍ଗରେ ଅଫିସ ରୁମ ୧୧ଟା ପରେ ଖୋଲୁଛି। ଦରମା ବିଲ ପାଇଁ ବାୟୋମେଟ୍ରିକ ରିପୋର୍ଟ ଦେଖାଯାଉ ନାହିଁ। ଫଳରେ ସରକାରୀ ଟ୍ରେଜେରିରୁ ବିନା କାମରେ ଲକ୍ଷ ଲକ୍ଷ ଟଙ୍କା ଲୁଟ ହେଉଛି। ଏହି ବିଷୟରେ ଜୁନ ୧୨, ୨୦୨୫ରେ ରାଜ୍ୟ ସରକାର କଡା ନିର୍ଦ୍ଦେଶ ଦେଇଥିଲେ । ପୂର୍ବତନ ସିଡିଏମଓ ମଧ୍ୟ ଚେତାବନୀ ଦେଇଥିଲେ। କିନ୍ତୁ କେହି ଖାତିର କରୁନାହାନ୍ତି। ଏ ନେଇ ପୁରୀ ସିଡ଼ିଏମଓ ଡା. ସୁକାନ୍ତ ରଥ କହିଛନ୍ତି, ଅଭିଯୋଗ ଗୁରୁତର। ବାୟୋମେଟ୍ରିକ ବାଧ୍ୟତାମୂଳକ କରାଯିବ, ଶୀଘ୍ର ଉଭୟ ବ୍ଲକ ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସାତ ଆସନ ଗିରିଧାରୀ ମଠ ଝୁଲଣ ଆରମ୍ଭ

**ପୁରୀ (ବ୍ୟୁରୋ):** ଶ୍ରାବଣ ଶୁକ୍ଳ ଦଶମୀ ତିଥି ଅର୍ଥାତ୍ ଶନିବାରଠାରୁ ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଐତିହାସିକ ମଠ ସାତ ଆସନ ଗିରିଧାରୀ ମଠରେ ଆରମ୍ଭ ହୋଇଛି ପବିତ୍ର ଝୁଲଣ ଯାତ୍ରା। ୭ ଦିନ ବ୍ୟାପୀ ଏହି ଝୁଲଣ ଉତ୍ସବରେ ଦୋଳି ଖେଳୁଛନ୍ତି ରସରାଜ ଶ୍ରୀକୃଷ୍ଣ ଓ ରାସେଶ୍ୱରୀ ଶ୍ରୀ ରାଧାରାଣୀ। ଝୁଲଣ ଉତ୍ସବ ର ଅନନ୍ୟ ପର୍ବ ପାଳିତ ହେଉଛି ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଏହି ଐତିହାସିକ ଧାର୍ମିକ ପୀଠରେ। ଶରତ ରାସର ପୂର୍ବାଭାସ ଏହି ଝୁଲଣ ଯାତ୍ରା ହେଉଛି ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣଙ୍କ ବିଳାସମୟ ଦୋଳିଖେଳ। ଭଜନ, କୀର୍ତ୍ତନରେ ଗୁଞ୍ଜରିତ ହେଉଛି ମଠ ପରିସର। ସାତ ଆସନ ଗିରିଧାରୀ ମଠ ଓଡ଼ିଶାର ପୁରୀ ସହରରେ ଅବସ୍ଥିତ ଏକ ପ୍ରାଚୀନ ଓ ଐତିହାସିକ ବୈଷ୍ଣବ ମଠ। ଏହା ପୁରୀ ସହରର ଶଙ୍କରାଚାର୍ଯ୍ୟ ମଠ ନିକଟ ସାତ ଆସନ ଲେନ୍ ନିକଟରେ ଅବସ୍ଥିତ। ଧାର୍ମିକ ଓ ଐତିହାସିକ ପୃଷ୍ଠଭୂମିକୁ ଦେଖିଲେ ଏହି ମଠ ଏବଂ ଏହାର ଅନ୍ତର୍ଗତ ଗିରିଧାରୀ ଆସନ, ପୁରୀରେ ହରିକଥା ପ୍ରଚାର, ଭକ୍ତି ସାଧନା ଏବଂ ବୈଷ୍ଣବ ଧର୍ମଧାରା ସହିତ ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ଆସିଛି। ମଠ ପରମ୍ପରାରେ ‘ଆସନ’ କହିଲେ କ୍ଷୁଦ୍ର ମଠ ବା ସାଧୁସନ୍ନ୍ୟାସୀଙ୍କର ଆଶ୍ରମକୁ ବୁଝାଏ, ଯେଉଁଠାରେ ଇଷ୍ଟଦେବଙ୍କ ସେବାପୂଜା କରାଯାଇଥାଏ। ଯାହା ଭକ୍ତମାନଙ୍କ ପାଇଁ ଏକ ପ୍ରମୁଖ ଆଧ୍ୟାତ୍ମିକ ତୀର୍ଥକ୍ଷେତ୍ର। ପଞ୍ଚଦଶ ଶତାବ୍ଦୀରେ ଶ୍ରୀ ଚୈତନ୍ୟ ମହାପ୍ରଭୁ ଏହି ସ୍ଥାନରେ ପଣ୍ଡିତ ଜଗଦାନନ୍ଦଙ୍କ ଦ୍ୱାରା ତୈଳ ହାଣ୍ଡି ଭଙ୍ଗ କରିଥଲେ। ଆଜିବି ମଠରେ ଶ୍ରୀ ଚୈତନ୍ୟ ମହାପ୍ରଭୁ ସେବିତ ବିଗ୍ରହ ଶ୍ରୀ ଗିରିଧାରୀ ପୂଜା ପାଉଛନ୍ତି। ଯାହାଙ୍କ ଝୁଲଣ ଉତ୍ସବ ଦେଖିବାକୁ ବିଶେଷ ଭାବରେ ବଙ୍ଗବାସୀ ଆସିଥାନ୍ତି। ମଠ ସଂସ୍କୃତିକୁ ନେଇ ସମୃଦ୍ଧ ଶ୍ରୀକ୍ଷେତ୍ର, ଝୁଲଣ ଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡିଛି। ଝୁଲଣ କୁଞ୍ଜ ପରିସରକୁ ଜରି ଜମ୍ଭୁରାରେ ଆକର୍ଷଣୀୟ ଭାବେ ସଜେଇ ଦିଆଯାଇଛି। ଏଥିସହ ବିଭିନ୍ନ ପ୍ରକାର ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି ଝୁଲଣ କୁଞ୍ଜ । ଏହି ସୁସଜ୍ଜିତ କୁଞ୍ଜରେ ଗୋପୀମାନଙ୍କ ଗହଣରେ ଶ୍ରୀରାଧାକୃଷ୍ଣ ଦୋଳିରେ ବିରାଜମାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ସନ୍ଧ୍ୟାରେ ଝୁଲଣ ମଣ୍ଡପରେ ଆୟୋଜିତ ହେଉଛି ସାଂସ୍କୃତିକ ସନ୍ଧ୍ୟା। ଅଧ୍ୟାତ୍ମିକ ଭାବ ସମ୍ବଳିତ ରାସ ନୃତ୍ୟରେ ମୁଖରିତ ହେଉଛି ମଠ ପରିସର। ରଙ୍ଗବେରଙ୍ଗର ଆଲୋକମାଳାରେ ସଜେଇ ହୋଇଛି ଝୁଲଣ କୁଞ୍ଜ। ଶ୍ରୀ ରାଧାଗିରିଧାରୀଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଅନେକ ଭକ୍ତ ରୁଣ୍ଡ ହେଉଛନ୍ତି ଏହି ପୀଠରେ। ସୁନ୍ଦର ପାରମ୍ପାରିକ ସାଜ ସଜ୍ଜାରେ ସଜେଇ ହୋଇଛି ଝୁଲଣ ମଣ୍ଡପ। ଯାହା ଭକ୍ତ ମାନଙ୍କୁ ଆକର୍ଷିତ କରୁଛି।



# ଅସ୍ତରଙ୍ଗ ବ୍ଲକରେ ବିକାଶ ବୈଠକ | ଅଧିକାରୀଙ୍କୁ ବିଧାୟକଙ୍କ କଡ଼ା ତାଗିଦ୍



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସଭାଗୃହରେ ଶୁକ୍ରବାର ସପ୍ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ଆରତୀ ନାଏକଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗର କାମର ସମୀକ୍ଷା କରିଥିଲେ। ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ, ଏକ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ବିଡିଓ ଓ ସହକାରୀ ଯନ୍ତ୍ରୀ ସନ୍ତୋଷ ସେଠୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଅଧିକାରିଣୀ ଉପସ୍ଥିତ ଥିଲେ। ବୈଠକରେ ପୂର୍ବ ବୈଠକର ବିବରଣୀ ପାଠ ପରେ ବିକାଶ କାର୍ଯ୍ୟ ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ଉଦ୍ୟାନ ବିଭାଗରେ ଚଳିତ ବର୍ଷ ଗୋଟିଏ ବି ମନରେଗା କାମ ହୋଇନଥିବା ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭାଗ ପକ୍ଷରୁ କୁହାଯାଇଥିଲା ଗୋ-ସୁଗମରେ ଚାଷୀ ଆବେଦନ କଲେ ୬୦% ରିହାତି ମିଳିବ। ମତ୍ସ୍ୟ ବିଭାଗ ପକ୍ଷରୁ ମଧୁର ଜଳ ମାଛ ଚାଷରେ ମହିଳାଙ୍କୁ ସ୍ୱତନ୍ତ୍ର ରିହାତି ଓ ପଞ୍ଚାୟତ ପୋଖରୀ ମହିଳା ଗୋଷ୍ଠୀଙ୍କୁ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ସବୁଠୁ ଅଧିକ ଚର୍ଚ୍ଚା ହୋଇଥିଲା ଶିକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ। ଅନେକ ସ୍କୁଲରେ ଶିକ୍ଷକ ଅଭାବ ଥିବା ବେଳେ କେତେକ ସ୍ଥାନରେ ହିନ୍ଦୀ ଛାତ୍ର ନଥିଲେ ବି ହିନ୍ଦୀ ଶିକ୍ଷକ ରହିଛନ୍ତି। ତେଣୁ ତାଙ୍କୁ ଛାତ୍ର ଥିବା ସ୍କୁଲକୁ ପଠାଇବାକୁ ଦାବି ଉଠିଥିଲା। ସ୍ୱାସ୍ଥ୍ୟ ପ୍ରସଙ୍ଗରେ ସାଂସଦ ପ୍ରତିନିଧି ଶ୍ରୀ ଦିବାକର ଛାଟୋଇ କଡା ଆଭିମୁଖ୍ୟ ନେଇଥିଲେ। ସେ କହିଥିଲେ ଡାକ୍ତରମାନେ ଗରିବ ରୋଗୀଙ୍କ ସହ ଭଲ ବ୍ୟବହାର କରନ୍ତୁ ଏବଂ ନିରାମୟରେ ମିଳୁଥିବା ମାଗଣା ଔଷଧ ଲେଖନ୍ତୁ, ବାହାର ଦୋକାନର ଦାମୀ ଔଷଧ ଲେଖନ୍ତୁ ନାହିଁ। ୧୫୦୦ରୁ ଅଧିକ ବାର୍ଦ୍ଧକ୍ୟ ଭତ୍ତା ଆବେଦନ ବ୍ଲକରେ ଗଦା ହୋଇ ପଡିଥିବା ନେଇ ସରପଞ୍ଚମାନେ କ୍ଷୋଭ ପ୍ରକାଶ କରିଥିଲେ। ବିଧାୟକ ଶ୍ରୀ ବେହେରା ଯନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ, ବର୍ଷା ପୂର୍ବରୁ ମେଗା କାମ କାହିଁକି ସରୁନି ? ମନ୍ଥର ଗତି କାହିଁକି ? ଉତ୍ତରରେ ଯନ୍ତ୍ରୀ କହିଥିଲେ ୨୩ଟି ସ୍କିମରେ ମେଗା ପାନୀୟ ଜଳ କାମ ଚାଲିଛି, ୧୧ଟି ଟାଙ୍କି ମଧ୍ୟରୁ ୨ଟି ସରିଛି, ଗାଁ ରାସ୍ତା କାଦୁଅ ହେଉଥିବାରୁ ଲୋକେ ବିରୋଧ କରୁଛନ୍ତି।

# ପାହାଡ଼ ଉପରେ ରହି ମା’ ଖମ୍ବେଶ୍ୱରୀ ଜୀବନ ବଞ୍ଚେଇଦେଲେ



**ପୁରୀ (ବ୍ୟୁରୋ):** ନେପାଳ-ତିବ୍ବତ ସୀମାରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ଏବେ ସୁଦ୍ଧା ୧୭୫ ଜଣଙ୍କର ମୃତ୍ୟୁହୋଇଛି ।୩୦୦ ଭାରତୀୟଙ୍କ ସମେତ ହଜାରେରୁ ଅଧିକ ଏବେ ବି ନିଖୋଜ ଅଛନ୍ତି । ୮୫ରୁ ଅଧିକ ସୁରକ୍ଷାକର୍ମୀ ବି ନିଖୋଜ ଅଛନ୍ତି । ଆଗକୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ଆଜି ୨୧ ଭାରତୀୟଙ୍କୁ ଉଦ୍ଧାର କରାଯାଇଥିବ ସୂଚନା ରହିଛି ।ତେବେ ଏହି ପ୍ରଳୟଙ୍କରୀ ବନ୍ୟାରେ ଓଡ଼ିଆ ମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି । ପୁରୀ ଜମି ଖୁଣ୍ଟିଆ ଜାଗା ଅଞ୍ଚଳର ରାକେଶ ରଞ୍ଜନ ପଣ୍ଡା ଏବଂ ତାଙ୍କର ଦୁଇ ଜଣ ସାଥୀ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ପ୍ରଳୟଙ୍କରୀ ବନ୍ୟା ଆସିବା ସମୟରେ ରାକେଶ ଏବଂ ତାଙ୍କର ଦୁଇ ଜଣ ସାଥୀ ପାହାଡ ଉପରେ ରହିଯାଇଥିବାରୁ ନିଜ ଜୀବନ ବଞ୍ଚାଇ ପାରିଛନ୍ତି । ପରବର୍ତ୍ତୀ ସମୟରେ ହେଲିକପ୍ଟର ଯୋଗେ ତାଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ଅଣାଯାଇଛି । ପରେ ସେମାନେ ଭାରତରେ ଆସି ପହଞ୍ଚିଛନ୍ତି । ଏହି ଘଟଣାକୁ ନେଇ ରାକେଶଙ୍କ ପରିବାର ଲୋକେ ଚିନ୍ତାରେ ରହିଥିଲେ । ତାଙ୍କ ବାପା ପ୍ରଭାତ ପଣ୍ଡା କହିଛନ୍ତି, ମୋ ପୁଅକୁ ବଞ୍ଚେଇ ଦେଲେ ମା’ ଖମ୍ବେଶ୍ୱରୀ । ମୋ ପୁଅ ସହିତ ତା’ର ଦୁଇ ଜଣ ସାଙ୍ଗଙ୍କୁ ମଧ୍ୟ ବଞ୍ଚେଇ ଦେଇଛନ୍ତି ମା’ ଖମ୍ବେଶ୍ୱରୀ । ସେହିଭଳି ଅଷ୍ଟ୍ରେଲିଆରେ ରହୁଥିବା ପ୍ରବାସୀ ଓଡ଼ିଆ ସନ୍ଦୀପ ମହାପାତ୍ର ଓ ପତ୍ନୀ ସିଦ୍ଧାର୍ଥୀ କୁମାରୀ ସାହୁ ମଧ୍ୟ ନିଖୋଜ ଅଛନ୍ତି । ସେମାନଙ୍କ ସହ ଯୋଗାଯୋଗ ହୋଇପାରୁ ନାହିଁ । ସନ୍ଦୀପ ମହାପାତ୍ର ଓ ସିଦ୍ଧାର୍ଥୀ କୁମାରୀ ସାହୁ ୨୨ ଅଗଷ୍ଟ ୨୦୨୬ରେ ନେପାଳରେ ପହଞ୍ଚିଥିଲେ । ସେମାନେ ଖୋର୍ଦ୍ଧା ଜିଲ୍ଲାର ବାସିନ୍ଦା । କିନ୍ତୁ ୨୦୧୮ ମସିହାରୁ ଅଷ୍ଟ୍ରେଲିଆରେ ରହୁଛନ୍ତି । ବର୍ତ୍ତମାନ ସେମାନଙ୍କ ମୋବାଇଲ୍ ଫୋନ୍ ବନ୍ଦ ରହିଛି । ସେମାନଙ୍କ ସହ ଯୋଗାଯୋଗ ହୋଇପାରୁନାହିଁ । ତାଙ୍କ ଭଉଣୀଙ୍କ ଠାରୁ ସମସ୍ତ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଗରଇ)କୁ ପ୍ରଦାନ କରାଯାଇଛି । ସେମାନେ ଏପର୍ଯ୍ୟନ୍ତ ନିଖୋଜ ଥିବା ଜଣାପଡିଛି । ଭୁବନେଶ୍ୱରରୁ ୬ ଜଣ ଫୁଟବଲ ଖେଳିବାକୁ ନେପାଳ ପୋଖରା ଯାଇଥିଲେ । ତେବେ ସେମାନେ ସୁରକ୍ଷିତ ଥିବା ନୋଡାଲ ଅଫିସର ପ୍ରୀତିଶ ପଣ୍ଡା ସୂଚନା ଦେଇଛନ୍ତି । ଓଡ଼ିଶାର ୬ ଜଣ ଫୁଟବଲ୍ ଖେଳାଳି, କୋଚ୍ ହଲିମ୍‌ଙ୍କ ସହ ନେପାଳର ପୋଖରା ଠାରେ ଏକ ଫୁଟବଲ୍ ମ୍ୟାଚ୍ ଖେଳିବା ପାଇଁ ଯାଇଥିଲେ । କୋଚ୍‌ଙ୍କ ସୂଚନା ଅନୁଯାୟୀ, ସମସ୍ତେ ସୁରକ୍ଷିତ ଅଛନ୍ତି । ସେପଟେ ନେପାଳରେ ଫସିଥିବା ଓଡ଼ିଆଙ୍କୁ ଫେରାଇ ଆଣିବା ପାଇଁ ଓଡ଼ିଶା ସରକାର ନେପାଳ ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି । ଖୁବ୍‌ଶୀଘ୍ର ସେମାନଙ୍କୁ ଫେରାଇ ଅଣାଯିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଏହି ସଙ୍କଟଜନକ ପରିସ୍ଥିତିରେ ବିପଦରେ ଥିବା ଓଡ଼ିଶାର ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ଭବନରେ ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ଯେକୌଣସି ବ୍ୟକ୍ତି ସହାୟତା ପାଇଁ ଦିଆଯାଇଥିବା ନମ୍ବର ଗୁଡ଼ିକରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ଓଡ଼ିଶା ନିବାସ କଣ୍ଟ୍ରୋଲ ରୁମ୍ ନମ୍ବର ହେଲା ୭୪୨୮୧୩୫୦୪୪ ଓ ୮୫୨୭୫୮୦୨୪୫ । ସେହିପରି ଲ୍ୟାଣ୍ଡଲାଇନ୍ ନମ୍ବର ହେଲା ୦୧୧-୨୩୦୧୨୮୦୭ । ଏହା ବ୍ୟତୀତ, ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ହେଲ୍ପଲାଇନ୍ ନମ୍ବର ହେଲା +୯୭୭ ୯୮୫୧୩୧୬୮୦୭ ଓ +୯୭୭ ୯୭୦୯୧୦୭୫୦୦ ।



# ଆନ୍ଧ୍ରର 'ନେରେଡି' ପ୍ରକଳ୍ପ ପାଇଁ ଗଜପତିର ୨ ହଜାର ଚାଷୀ ହରାଇବେ ଜମି ଓ ବାସଗୃହ

**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ଆନ୍ଧ୍ରର 'ନେରେଡି' ପ୍ରକଳ୍ପ ପାଇଁ ଗଜପତିର ୨ ହଜାର ଚାଷୀ ୧୦୬ରୁ ଊର୍ଦ୍ଧ୍ୱ ଏକର ଚାଷ ଜମି ଓ ବାସଗୃହ ହରାଇବେ । ଏଥିନେଇ ଚାଷୀ ଓ ଅଞ୍ଚଳବାସୀଙ୍କ ଠାରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇବା ସହ ସର୍ବସାଧାରଣରେ ଏହାକୁ ଦୃଢ ବିରୋଧ କରାଯାଉଛି। ଏନେଇ ସାଧାରଣଙ୍କ ବଂଶଧାରା ନଦୀ ଉପରେ ଆନ୍ଧ୍ରପ୍ରଦେଶର ପ୍ରସ୍ତାବିତ ନେରେଡ଼ି ବ୍ୟାରେଜ୍ ପାଇଁ ଗଜପତି ଜିଲ୍ଲାରୁ ୧୦୬ ଏକର ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ନେଇ କାଶୀନଗର ତହସିଲ ଅଞ୍ଚଳରେ ଜମି ଚିହ୍ନଟ ଓ ଯାଞ୍ଚ ପାଇଁ ପ୍ରଶାସନିକ ତତ୍ପରତା ଆରମ୍ଭ ହୋଇଥିବା ସହ ଓଡ଼ିଶା ଓ ଆନ୍ଧ୍ରର ସମ୍ପୃକ୍ତ ଅଧିକାରୀ



ଯୁଗ୍ମ ଯାଞ୍ଚ ମଧ୍ୟ ଆରମ୍ଭ ହୋଇଛି । ସେପଟେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଖବର ପ୍ରଚାର ହେବା କ୍ଷଣି ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ପ୍ରକଳ୍ପ ଯୋଗୁଁ ପ୍ରାୟ ୫ଟି ଗାଁର ୨୦୦୦ ପରିବାର ବାସଗୃହ ଓ ଚାଷଜମି ହରାଇବା ନିଶ୍ଚିତ ହୋଇପଡିଛି । ଅଧିଗ୍ରହଣ ପୂର୍ବରୁ ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରାଯାଇ ନଥିବା ଅଭିଯୋଗ ହୋଇଛି. ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ପ୍ରସ୍ତାବିତ ବ୍ୟାରେଜ୍‌ର ଉଚ୍ଚତା ପ୍ରାୟ ୧୮ ଫୁଟ ହେବ ନଦୀଠାରୁ ପ୍ରାୟ ୧୦ ଫୁଟ ତଳେ କିଛି ଗାଁ ରହିଥିବାରୁ ବ୍ୟାରେଜ୍ ନିର୍ମାଣ ପରେ ଜଳସ୍ତର ବୃଦ୍ଧି ଓ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଶହ ଶହ ଏକରଚାଷଜମି ଜଳମଗ୍ନ ହେବା ସହ ବଂଶଧାରା ଉପରେ ନିର୍ଭରଶୀଳ ଉଠାଜଳସେଚନ ପ୍ରକଳ୍ପ ପ୍ରଭାବିତ ହେବ ସେହିପରି ଏହି ବ୍ୟାରେଜ୍ ?ର ସୁଫଳ କେବଳ ଆନ୍ଧ୍ର ଚାଷୀ ପାଇବେ। 'ଓଡ଼ିଶା ଚାଷୀ ଜମି ହରାଇବେ, ଆନ୍ଧ୍ର ଚାଷୀ ସୁନାର ଫସଲ ଉତ୍ପାଦନ କରିବେ. ଏହାର ଦୃଢ଼ ପ୍ରତିବାଦ କରି ଗଜପତି ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ, ସମିତିସଭ୍ୟ ଜଗନ୍ନାଥ ଦୋରା, ବଂଶଧାରା ସୁରକ୍ଷା ମଞ୍ଚର ସଭାପତି ବ୍ରଜମୋହନ ନାୟକ ଓ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଭଙ୍ଗାଘର ନିର୍ମାଣ ପାଇଁ ବନ୍ୟା ବିପନ୍ନଙ୍କୁ ଆର୍ଥିକ ସହାୟତା

# ସହାୟତାର ହାତ ବଢ଼ାଇଲେ ଯୁବନେତା ଅମୂଲ୍ୟ ବିଶ୍ୱାଳ





**ଚାନ୍ଦବାଲି (ଅମୃତ ମିଡିଆ):** ଚାନ୍ଦବାଲି ବ୍ଲକ ଭୂଇଁବୃତି ପଞ୍ଚାୟତରେ ବନ୍ୟା ବିପନ୍ନଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି ଯୁବନେତା ଅମୁଲ୍ୟ ବିଶ୍ୱାଳ। ନିକଟରେ ହୋଇଥିବା ବନ୍ୟାର ପ୍ରଳୟରେ ପଞ୍ଚାୟତର ଅନେକ ପରିବାରଙ୍କ କଚାଘର ଭାଙ୍ଗିଯାଇଥିବା ବେଳେ ଏବେ ନୂଆ ଘର ନିର୍ମାଣ ନେଇ ଚିନ୍ତାରେ ରହିଛନ୍ତି ବିପନ୍ନ ପରିବାର।

ଏପରି ସମୟରେ ନୂଆଗାଁ, ବହଡ଼ିଆ, ଧାନଖଣିଆ, ଗରିପୁର ଓ ଭୂଇଁବୃତି ଗାଁରେ ପହଞ୍ଚି ଶତାଧିକ ବନ୍ୟା ବିପନ୍ନ ପରିବାରଙ୍କୁ ଭେଟିଛନ୍ତି ଯୁବନେତା ଅମୁଲ୍ୟ ବିଶ୍ୱାଳ। ବନ୍ୟାରେ ଭାଙ୍ଗିଯାଇଥିବା କଚାଘରଗୁଡ଼ିକର ପୁନଃନିର୍ମାଣ ପାଇଁ ସେ ବିପନ୍ନ ପରିବାରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବନ୍ୟା ପରେ ସର୍ବସ୍ୱ ହରାଇଥିବା ପରିବାରଙ୍କ ପାଇଁ ଏହି ସହାୟତା ଏକ ଆଶାର କିରଣ ସାଜିଛି। ବିପଦ ସମୟରେ ଯୁବନେତା ଅମୁଲ୍ୟ ବିଶ୍ୱାଳଙ୍କ ଏହି ମାନବିକ ପଦକ୍ଷେପକୁ ବିପନ୍ନମାନେ ସ୍ୱାଗତ କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ବଳଦେବଜୀଉଙ୍କ ଜନ୍ମଦିବସରେ ଚଷା ସଙ୍ଗଠନର ଷଷ୍ଠ ବାର୍ଷିକ ଉତ୍ସବ



**ମହାକାଳପଡ଼ା (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବନ୍ଧପଡ଼ା ଗ୍ରାମ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଗୁରୁବାର ବଳଦେବଜୀଉଙ୍କ ଜନ୍ମଦିବସ ଅବସରରେ ଚଷା ସଙ୍ଗଠନର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ସରକାର ଚାଷୀମାନଙ୍କ ପାଇଁ ଏହି ବଜେଟରେ ୪୨ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଆଖଡ଼ାଶାଳୀ ସ୍ଲୁଇସ୍ କ୍ରିକ୍‌କୁ ନେଇ ଜମି ଅଧିଗ୍ରହଣ ପାଇଁ ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ଦୁଇ ସପ୍ତାହ ମଧ୍ୟରେ ଆଖଡ଼ାଶାଳୀଠାରେ ଉଚ୍ଚପଦସ୍ଥ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବେ। ପାଣି ନିକାଶ ପାଇଁ ଖୁବ୍ ?ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ। ବର୍ଷା ଯୋଗୁ ଫସଲ ନଷ୍ଟ ହେବା ନେଇ ବିଧାୟକ ଏହି ଅବସରରେ ଦୁଃଖ ପ୍ରକାଶ କରିଥିଲେ। ଏହାସହ ବିଧାୟକ ନାୟକ କହିଥିଲେ, ଛେଡାକଣୀ ଗ୍ରାମ ନାରାୟଣୀ ପୀଠ ସଂଲଗ୍ନ ବିଶାଳ ପଡ଼ିଆରେ ୧୭କୋଟି ଟଙ୍କା ବ୍ୟୟରେ ବ୍ଲକସ୍ତରୀୟ ଅତ୍ୟାଧୁନିକ କ୍ରୀଡ଼ା ଷ୍ଟାଡିୟମ୍ ନିର୍ମାଣ ହେବ। ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ବିଧାୟକ ନାୟକ ତାଙ୍କ ବାପା ଚାଷ କରୁଥିବା ବେଳେ ପିଲାଦିନେ କିଭଳି ବିଲକୁ ଯାଇ ସହଯୋଗ କରିଥିଲେ ତାହା କହି ଭାବବିହ୍ୱଳ ହୋଇଥିଲେ। ସମାବେଶରେ ଯୋଗଦେଇଥିବା ଚାଷୀମାନେ କହିଥିଲେ, ୨୦୦୨ ମସିହାରେ ମହାନଦୀ ସଂଲଗ୍ନ ଆଖଡ଼ାଶାଳୀଠାରେ ସ୍ଲୁଇସ୍ କ୍ରିକ ଭୁଶୁଡ଼ି ପଡିଥିଲା। ଏହାପରେ ୨୦୧୯ ମସିହାରେ ଅନ୍ୟ ଏକ ସ୍ଥାନରେ ନୂଆ ସ୍ଲୁଇସ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ହେଲେ କ୍ରିକ ଆଖପାଖରେ ଥିବା ଜମି ଅଧିଗ୍ରହଣଜନିତ ସମସ୍ୟା ଯୋଗୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଫଳରେ ଭଙ୍ଗା ସ୍ଲୁଇସ ଦେଇ ଅଞ୍ଚଳର ୧୦ହଜାର ହେକ୍ଟର ଜମିରେ ୬ ପଞ୍ଚାୟତର ବନ୍ୟା ଜଳ ପ୍ରବେଶ କରି ଖରିଫ ଫସଲ ନଷ୍ଟ ହେଉଛି। ଏଦିଗରେ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ଓ ବିଧାୟକ ଏଥିପ୍ରତି ଉଦ୍ୟମ କରନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀ ସଙ୍ଗଠନ ସଭାପତି ଅଭୟ ପରିଡ଼ା, ସମ୍ପାଦକ ନରୋତ୍ତମ ପାର୍ଥ ସାରଥି, ସମିତି ସଭ୍ୟ ରଞ୍ଜନ ଚୌଧୁରୀ, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ସରୋଜକାନ୍ତ ସାହୁ, ବରିଷ୍ଠ ଚାଷୀ ତଥା ମୁରବି କୁଳମଣି ଚୌଧୁରୀ, ଅଶୋକ କୁମାର ମହାପାତ୍ର, ବିଚିତ୍ର ରାଉତ, ଜୋନ ସଭାପତି ତ୍ରିଲୋଚନ ରାଉତ, ପ୍ରଶାନ୍ତ ସେଠୀଙ୍କ ସହ ବହୁ ସଂଖ୍ୟାରେ ଚାଷୀ, ମୁରବି, ମହିଳା ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ

**ଭଞ୍ଜନଗର (ଅମୃତ ମିଡିଆ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଡିହପଡାଳ ଠାରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ଼.କମ୍ଭୁ ପାଣି ସାମନ୍ତ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସହ ସମ୍ପାଦକ ଶ୍ରୀଯୁକ୍ତ ଗଙ୍ଗାଧର ଦାସ ଯୋଗ ଦେଇଥିଲେ । ପ୍ରଥମେ ଗୋପୂଜନ ସହ ବୃକ୍ଷକୁ ରାକ୍ଷୀ ବନ୍ଧା ଯାଇଥିଲା । ସମସ୍ତ ଅତିଥି, ଗୁରୁଜୀ ଗୁରୁମା ଏବଂ ଶିଶୁ ମାନକୁ ରାକ୍ଷୀ ବନ୍ଧା ଯାଇଥିଲା । ପରେ ଗ୍ରାମ୍ୟ ପରିକ୍ରମା କରି ଡିହପଡାଳ, ତୁଳସୀପଲ୍ଲୀ, ସାହାଣ ପଲ୍ଲୀ, ଜାମପଲ୍ଲୀ ଅଞ୍ଚଳର ଜନ ସାଧାରଣଙ୍କୁ ରାକ୍ଷୀ ବନ୍ଧା ଯାଇଥିଲା । ଏହି



କାର୍ଯ୍ୟକ୍ରମ କୁ ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ସହ ପ୍ରଧାନ ଆଚାର୍ଯ୍ୟ ଉତ୍ତମ କୁମାର ମହାରଣା ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

# ଗଛ ବାନ୍ଧିଲା, ଭାଇ ହାତରେ ରାକ୍ଷୀ

**ଭଞ୍ଜନଗର (ଅମୃତ ମିଡିଆ):** ରାକ୍ଷୀ ପୂର୍ଣ୍ଣିମାରେ ଗାଁ କୁ ସହର ସବୁଠି ଭାଇ ହାତରେ ରାକ୍ଷୀ ବାନ୍ଧିଲେ ଭଉଣୀ । ଭାଇ - ଭଉଣୀଙ୍କ ସ୍ନେହ ଯେମିତି ଅତୁଟ ରହିବ ଏବଂ ଭଉଣୀର ବିପଦ ସମୟରେ, ଭାଇ ଟି ତାର ସୁରକ୍ଷା କବଚ ହୋଇ ଠିଆହେବ, ଏହାର ଉଦାହରଣ ସବୁଠି ଦେଖିବାକୁ ମିଳିଲା । ତେବେ କ୍ଷତ୍ରିୟବରପୁର ନିକଟସ୍ଥ ପଳାସପଲ୍ଲୀ ଗାଁ ରେ କିଛି, ନିଆରା ଢଙ୍ଗରେ ରକ୍ଷା ବନ୍ଧନ ପର୍ବ ଆୟୋଜିତ ହୋଇଯାଇଛି । ଯାହାକି ଭାଇ-ଭଉଣୀ ଙ୍କ ଅତୁଟ ସ୍ନେହ ଏବଂ ସମାଜକୁ ଏକ ମହତ୍ ବାର୍ତ୍ତା ଦେଲାଭଳି ରକ୍ଷାବନ୍ଧନ ଉତ୍ସବ ଆୟୋଜିତ ହୋଇଥିଲା । ଗାଁର ଭଉଣୀ ମାନେ, ନିଜକୁ ପ୍ରତୀକାତ୍ମକ ଗଛ ଭାବେ ସଜେଇ ହୋଇ, ଭାଇ ହାତରେ ରାକ୍ଷୀ ବାନ୍ଧିଥିଲେ । ସେମାନଙ୍କ ମତରେ, ଗଛ ସବୁବେଳେ ଜୀବଜଗତକୁ ସବୁକିଛି ଦେଇଥାଏ । ତା' ବଦଳରେ ନିଜପାଇଁ କିଛି ମାଗେ ନାହିଁ । ଏଣୁ ରକ୍ଷା ବନ୍ଧନ ଅବସରରେ ଗଛ ଭଉଣୀ ହୋଇ, ଭାଇ ହାତରେ ରାକ୍ଷୀ ବାନ୍ଧି ସୁରକ୍ଷା ମାଗିଥିଲା । ଗଛ ର ସୁରକ୍ଷା ପାଇଁ, ଗାଁର ଝିଅ ମାନଙ୍କର ଏହାଥିଲା ଅଭିନବ ପ୍ରୟାସ । ଯାହାକି ରକ୍ଷାବନ୍ଧନ ମାଧ୍ୟମରେ, ସମାଜକୁ ଏକ ମହତ୍ ବାର୍ତ୍ତା ଦେଇଥିଲେ ।

# ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଆନନ୍ଦପୁର (ଅମୃତ ମିଡିଆ):** ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଆନନ୍ଦପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ସାହାନନ୍ଦପୁର ଗ୍ରାମର ୩୪ ବର୍ଷୀୟ ରାଜକିଶୋର ଦେହୁରୀ।

ପୋଲିସ ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୫ ତାରିଖ ରାତିରେ ରାଜକିଶୋର ଦେହୁରୀ ଅଭିଯୋଗକାରିଣୀ କୁନମୁନ ଦଳେଇଙ୍କ ଘରେ ଅନୁଚିତ ଉଦ୍ଦେଶ୍ୟରେ ପ୍ରବେଶ କରିଥିଲେ। ସେଠାରେ ସେ ମହିଳାଙ୍କ ସହ ଜୋରଜବରଦସ୍ତି କରି ଅସଦାଚରଣ ଏବଂ ଅପମାନଜନକ ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

କୁନମୁନ ଦଳେଇଙ୍କ ଅଭିଯୋଗ ଆଧାରରେ ଆନନ୍ଦପୁର ଥାନାରେ ଗତ ୨୬।୦୮।୨୦୨୬ ରେ କେସ୍ ନମ୍ବର ୨୩୪ ଏବଂ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୬(୨)/୩୩୧(୪)/୩୦୩(୨)/୭୪/୩୫୧(୨) ଅନୁଯାୟୀ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ପରେ ପୋଲିସ ଅଭିଯୁକ୍ତ ରାଜକିଶୋରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ନେଇ ଆନନ୍ଦପୁର ଏସ୍ ?ଡିପିଓ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଜଙ୍ଗଲରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ



**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ଗଜପତି ଜିଲ୍ଲା ଆର.ଉଦୟଗିରି ପୁଲିସ ପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ କାଦମୁଳି ଗ୍ରାମ ପଛପଟ ପାହାଡ଼ିଆ ଜଙ୍ଗଲରୁ ୯ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ କରିଥିବା ସୂଚନା ମିଳିଛି । ଜବତ ହୋଇଥିବା ଗଞ୍ଜେଇର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡିଛି । ଗଜପତି ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଜିଲ୍ଲାରୁ ବେଆଇନ ଗଞ୍ଜେଇ କାରବାରକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବା ପାଇଁ ନିର୍ଦ୍ଦେଶକ୍ରମେ ଆର. ଉଦୟଗିରି ଥାନା ଆଇଆଇସି କଳ୍ପଲତା ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଛେଲିଗଡ଼, ମହେନ୍ଦ୍ରଗଡ଼, ସିଆଳିଲଟି, କଣକଟା ଓ ପୁରୁଣାପାଣି ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ ଓ ୱାରେଣ୍ଟ ଧରପଗଡ଼ରେ ନିୟୋଜିତ ଥିଲେ। ଏହି ସମୟରେ କାଦମୁଳି ଗ୍ରାମ ପଛପଟ ପାହାଡ଼ିଆ ଜଙ୍ଗଲରେ ରାଜ୍ୟ ବାହାରକୁ ଚୋରାଚାଲାଣ ଉଦ୍ଦେଶ୍ୟରେ ଗଞ୍ଜେଇ ଲୁଚାଇ ରଖାଯାଇଥିବା ସୂଚନା ପାଇଥିଲେ। ଆର. ଉଦୟଗିରି ପୋଲିସର ଏକ ଟିମ ପହଞ୍ଚି ଯାଞ୍ଚ କରିବା ପରେ ବିଭିନ୍ନ ସ୍ଥାନରୁ ୩୦ ଗୋଟି ଗଞ୍ଜେଇ ଭର୍ତ୍ତି ଜରି ବ୍ୟାଗ୍ ମିଳିଥିଲା। ଏନେଇ ଆର.ଉଦୟଗିରି ଥାନାରେ କେସ୍ ନମ୍ବର ୧୫୩ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଘଟଣା ନେଇ କାହାକୁ ଗିରଫ କରାଯାଇନାହିଁ। ପୋଲିସ ଚଢାଉକୁ ଆସୁଥିବା ଜାଣି ଗଞ୍ଜେଇ ମାଫିଆମାନେ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରିଥିବା ସୂଚନା ମିଳିଛି. ପୋଲିସ ସେମାନଙ୍କୁ ଗିରଫ ପାଇଁ ତଦନ୍ତ ଜାରି ରଖିଛନ୍ତି ।

## ଗଜପତି ପୋଲିସର ସଫଳତା

## ଚାକିରିର ପ୍ରଲୋଭନ ଦେଖାଇ ହାଇଦ୍ରାବାଦକୁ ଚାଲାଣ, ୫ ନାବାଳିକା ଉଦ୍ଧାର

# ଦଲାଲ ଗିରଫ



**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ଗଜପତି ଜିଲ୍ଲାରୁ ୫ ଜଣ ନାବାଳିକାଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଚାଲାଣ ଅଭିଯୋଗ ଘଟଣାରେ ଜିଲ୍ଲା ପୋଲିସକୁ ବଡ଼ ସଫଳତା ମିଳିଛି। ତେଲେଙ୍ଗାନାର ହାଇଦ୍ରାବାଦରୁ ୫ ଜଣ ନାବାଳିକାଙ୍କୁ ଅଡ଼ବା ପୁଲିସ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ବେଳେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଦଲାଲ ରାଜକୁମାର ବାସ୍ତେଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି. ଘଟଣାରୁ ପ୍ରକାଶ, ରାୟଗଡ଼ା-କନ୍ଧମାଳ-ଗଜପତି ସୀମାବର୍ତ୍ତୀ ଅଞ୍ଚଳର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଆଦିବାସୀ ପରିବାରର ନାବାଳିକାଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ହାଇଦ୍ରାବାଦ ଚାଲାଣ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଉଦ୍ଧାର ନାବାଳିକାଙ୍କ ମଧ୍ୟରେ କନ୍ଧ ଓ ସଉରା ସମ୍ପ୍ରଦାୟର ଝିଅ ଥିବା ଜଣାପଡ଼ିଛି। ଏନେଇ ଅଡ଼ବା ଅଞ୍ଚଳର ଜଣେ ମହିଳା ସରପଞ୍ଚଙ୍କ ଅଭିଯୋଗ କ୍ରମେ ଅଡ଼ବା ଥାନାରେ ଚଳିତମାସ ୧୭ ତାରିଖରେ କେସ୍ ନଂ. ୧୮୦/୨୦୨୬ରେ ଏକ ମକଦ୍ଦମା ରୁଜୁ ହୋଇଥିଲା। ଆର. ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ନାବାଳିକାମାନଙ୍କୁ ହାଇଦ୍ରାବାଦ ନିଆଯାଇଥିବା ସୂଚନା ମିଳିବା ପରେ ଗଜପତି ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ହାଇଦ୍ରାବାଦ ପଠାଯାଇଥିଲା । ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଓ ଯାଞ୍ଚ କରିବା ପରେ ୫ ନାବାଳିକାଙ୍କୁ ଠାବ କରି ସୁରକ୍ଷିତ ଭାବେ ଉଦ୍ଧାର କରରାଯାଇଥିଲା।

# ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ପାଟଣା (ଅମୃତ ମିଡିଆ):** ପାଟଣା ଥାନା ଡାଳପକା ପଞ୍ଚାୟତର ବନବୀର ଗ୍ରାମର ଆମ୍ବଗଛରୁ ଜଣେ ଯୁବତୀଙ୍କ ମୃତଦେହ ଗୁରୁବାର ଉଦ୍ଧାର ହୋଇଛି । ମୃତ ଯୁବତୀ ଜଣକ ବନବୀର ଗ୍ରାମର ସୁଶିଲ ଚନ୍ଦ୍ର ନାଏକଙ୍କ ଝିଅ ପୁଷ୍ପାଞ୍ଜଳୀ ନାଏକ (୨୦) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ପୁଷ୍ପାଞ୍ଜଳି ବୁଧବାର ଦିନ ପ୍ରାୟ ୨ଟା ସମୟରେ ଘରୁ ବାହାରି ଯାଇଥିଲେ। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏକ ଆମ୍ବଗଛରେ ତାଙ୍କର ଝୁଲନ୍ତା ମୃତ ଦେହ ଦେଖି ପରିବାରଲୋକ ଓ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପାଟଣା ଥାନା ଏ ଏସସ୍‌ଆଇ ଧନେଶ୍ୱର ପାତ୍ର ଓ ୧୧୨ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଯୁବତୀଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଯୁବତୀଙ୍କ ଗୋଡ଼ ହାତ ରେ ଅନେକ କ୍ଷତ ଥିବା ଦେଖିବାକୁ ମିଳିଛି । ବ୍ୟବଚ୍ଛେଦ ରିପୋର୍ଟ୍ ଅସିଲେ କାରଣ ସ୍ପଷ୍ଟ ହେବ ବୋଲି ଥାନା ଏଏସଆଇ କହିଛନ୍ତି ।

# କଣ୍ଠଶିଳ୍ପୀ ମୁନାଭାଇଙ୍କ ପରଲୋକ




**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ସହରର ଜଣେ ସରଳ ବ୍ୟକ୍ତିତ୍ୱ, ନିର୍ଭିକ ସାମ୍ବାଦିକ ଓ ପ୍ରତିଭାଦୀପ୍ତ କଣ୍ଠଶିଳ୍ପୀ ନବ କିଶୋର ମହାପାତ୍ର ମାତ୍ର ୪୯ ବର୍ଷ ବୟଃକ୍ରମରେ ଗୋଦାବରୀଶ ନଗର ସ୍ଥିତ ସ୍ୱ ବାସଭବନରେ ହୃଦଘାତ ଜନିତ ପରଲୋକ ଗମନ କରିଛନ୍ତି। ସେ ସ୍ଥାନୀୟ କଳା ସଂସ୍କୃତି ଜଗତରେ ମୁନା ଭାଇ ଭାବରେ ସୁପରିଚିତ। କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ' ପକ୍ଷରୁ ସ୍ଥାନୀୟ ପାଣିଟାଙ୍କି ଛକ ସ୍ଥିତ ଉତ୍କଳ ଆଶ୍ରମ ପରିସରରେ ଏକ ଶୋକସଭା ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ଜିଲ୍ଲା ନିର୍ଦ୍ଦେଶକ ସଂଘ ସଭାପତି ରାଜଗୋପାଳ ପାଢ଼ୀ, ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟ ସଂଘ ସଭାପତି ରାମଚନ୍ଦ୍ର ସାସମଲ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ମୁନା ବାବୁଙ୍କ ଭଳି ଜଣେ ମିଷ୍ଟଭାଷୀ, ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ସାଙ୍ଗଠନିକ ସହଯୋଗୀଙ୍କ ବିୟୋଗରେ କଳାକ୍ଷେତ୍ରରେ ଏକ ଶୋକର ଛାୟା ଖେଳିଯାଇଥିବା ମନ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରଥମେ ତାଙ୍କରି ଅମର ଆତ୍ମାର ସଦ୍ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ନାଟ୍ୟକାର କୃଷ୍ଣ ଚନ୍ଦ୍ର ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଟୁଟୁ ପାଢ଼ୀ, ଇଂ. ମନୋଜ କୁମାର ଦଣ୍ଡପାଟ, ସତ୍ୟବ୍ରତ ଦାସ, ନଳିନୀକାନ୍ତ ଗୌଡ଼, ବରିଷ୍ଠ ଉଦଘୋଷକ କାର୍ତ୍ତିକ ପାଣିଗ୍ରାହୀ, ବରିଷ୍ଠ କଳାକାର ଗିରିଜା ଶଙ୍କର ଦାଶ, ମହେନ୍ଦ୍ର କୁମାର ସାହୁ, ବିଘ୍ନେଶ୍ୱର ପଣ୍ଡା, ସୁନୀଲ ସ୍ୱାଇଁ, ବାବୁଲା ମହାପାତ୍ର, ନାରାୟଣ ମହାରଣା, ହୃଦୟାନନ୍ଦ ପଟ୍ଟନାୟକ, କୃପାସିନ୍ଧୁ ପାଳ, ଶରତ ଦାସ, ରାଧାକାନ୍ତ ନାୟକ, ତ୍ରିପତି ବାଲାଜୀ ପ୍ରମୁଖ ବହୁ କଳାକାର ଦିବଂଗତ ଆତ୍ମା ପ୍ରତି ବାକ-ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ କ୍ରମରେ ନବକିଶୋର ଓରଫ ମୁନା ଭାଇଙ୍କ କୃତି ସମ୍ପର୍କରେ ସିଂହାବଲୋକନ କରିଥିଲେ। ସଂଘ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାଟଣାରେ ବ୍ଲକ ପଞ୍ଚାୟତ ବିକାଶ ଯୋଜନା ବୈଠକ

**ସାହାରପଡା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ପଞ୍ଚାୟତ ବିକାଶ ଯୋଜନା (ବିପିଡିପି) ସମ୍ପର୍କିତ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇ ବିଭିନ୍ନ ପଞ୍ଚାୟତର ଆବଶ୍ୟକତା, ଉନ୍ନୟନମୂଳକ କାର୍ଯ୍ୟ ଏବଂ ଆଗାମୀ ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ପଞ୍ଚାୟତସ୍ତରରେ ଆବଶ୍ୟକ ଥିବା ମୌଳିକ ସୁବିଧା, ଭିତ୍ତିଭୂମି ବିକାଶ



ଓ ଲୋକାଭିମୁଖୀ ଯୋଜନାକୁ ପ୍ରାଥମିକତା ଦେବା ନେଇ ମତାମତ ରଖିଥିଲେ। ବୈଠକରେ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ସମେତ ବ୍ଲକ ପ୍ରଶାସନର ଅଧିକାରୀ, ଜନପ୍ରତିନିଧି ଓ ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।





# ବର୍ଷା ଅଭାବରୁ ବିଶ୍ୱାସ ସହ ପରମ୍ପରା ଅନୁଯାୟୀ ଭୀମ ଯାତ୍ରା



**ରାଇଘର (ଅମୃତ ମିଡିଆ) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ବର୍ଷା ଅଭାବରେ ଗ୍ରାମବାସୀଙ୍କ ସାମୂହିକ ପ୍ରାର୍ଥନା। ପାଣି ପାଇଁ ତିନି ଦିନ ଧରି ଚାଲିଲା ଭୀମା ଯାତ୍ରା। ପୂର୍ବପୁରୁଷଙ୍କ ସମୟରୁ ଚାଲିଆସୁଥିବା ଏହି ପରମ୍ପରାକୁ ଆଜି ବି ଜୀବନ୍ତ ରଖିଛନ୍ତି ଧନରା ଗ୍ରାମବାସୀ। ଚଳିତ ବର୍ଷ ବର୍ଷାର ପରିମାଣ କମିଯିବାରୁ ଗ୍ରାମରେ ପାଣି ସମସ୍ୟାକୁ ନେଇ ଗ୍ରାମବାସୀ ଏକତ୍ରିତ ହୋଇ ଏକ ବୈଠକ କରିଥିଲେ। ଏହାପରେ ପୂର୍ବପୁରୁଷଙ୍କ ପରମ୍ପରା ଅନୁଯାୟୀ ବର୍ଷା ପାଇଁ ଭୀମା ଦେବତାଙ୍କ ପୂଜା ଓ ଯାତ୍ରା ଆୟୋଜନ କରାଯାଇଥିଲା। ରାଇଘର ବ୍ଲକ ଧନରା ଗ୍ରାମରେ ଭୀମା ଦେବତାଙ୍କ ପାଇଁ ନିର୍ଦ୍ଦିଷ୍ଟ ପୂଜାରୀ ନଥିବାରୁ ଗ୍ରାମବାସୀ ନିଜେ ଏହି ପୂଜାରେ ସାମିଲ ହୋଇଥିଲେ। ତିନି ଦିନ ଧରି ଦିନରାତି ଚାଲିଥିଲା ପୂଜା, ନାଚଗୀତ ଓ ବାଦ୍ୟବାଜନା। ଜଙ୍ଗଲ କମିଟି ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା।ଗ୍ରାମବାସୀଙ୍କ ବିଶ୍ୱାସ ଅନୁସାରେ, ଭୀମା ଦେବତା ହେଉଛନ୍ତି ଇନ୍ଦ୍ର ଦେବତାଙ୍କର ଏକ ରୂପ। ବାଦ୍ୟର ତାଳେ ତାଳେ ନାଚି, ଗୀତ ଗାଇ ଏବଂ ଭକ୍ତିର ସହ ଭୀମା ଦେବତାଙ୍କୁ ପ୍ରସନ୍ନ କରିବାକୁ ଚେଷ୍ଟା କରିଥିଲେ ଗ୍ରାମବାସୀ। ତାଙ୍କର ବିଶ୍ୱାସ ଦେବତା ପ୍ରସନ୍ନ ହେଲେ ବର୍ଷା ହେବ ଓ ଗ୍ରାମରେ ପାଣିର ସଙ୍କଟ ଦୂର ହେବ। ଏହି ତିନି ଦିନିଆ ଯାତ୍ରା ଶେଷ ହେବା ପରେ ସେହି ରାତିରୁ ବର୍ଷା ହୋଇଥିବାରୁ ଗ୍ରାମବାସୀଙ୍କ ଆସ୍ଥା ଆହୁରି ଦୃଢ଼ ହୋଇଛି। ଗ୍ରାମବାସୀ କହିଛନ୍ତି, ଯେଉଁ ବର୍ଷ ବର୍ଷାର ପରିମାଣ କମିଯାଏ, ସେହି ବର୍ଷ ଏହି ପୂଜା କରାଯାଏ।ଏହି ପରମ୍ପରା କେବଳ ଏକ ପୂଜା ନୁହେଁ, ବରଂ ଗ୍ରାମବାସୀଙ୍କ ମଧ୍ୟରେ ଏକତା, ସାମୂହିକ ବିଶ୍ୱାସ ଓ ପୂର୍ବପୁରୁଷଙ୍କ ପରମ୍ପରାକୁ ଜୀବନ୍ତ ରଖିବାର ଏକ ମାଧ୍ୟମ ପାଲଟିଛି। ତିନି ଦିନ ଧରି ଖୋଲା ଆକାଶ ତଳେ ରହି ଭକ୍ତିର ସହ ପୂଜା କରିବା ମଧ୍ୟ ଏହି ପରମ୍ପରାର ଏକ ବିଶେଷ ଦିଗ ବୋଲି ଗ୍ରାମବାସୀ କହିଛନ୍ତି। ବଦଳୁଥିବା ସମୟରେ ଆଧୁନିକତାର ପ୍ରଭାବ ବଢୁଥିଲେ ମଧ୍ୟ ଧନରା ଗ୍ରାମର ଲୋକେ ନିଜ ପୂର୍ବପୁରୁଷଙ୍କ ଏହି ଐତିହ୍ୟ ଓ ପରମ୍ପରାକୁ ଆଜି ବି ଆସ୍ଥାର ସହ ପାଳନ କରୁଛନ୍ତି।

# ଅନ୍ୱେଷଣ ଥିଏଟର ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଅନୁଷ୍ଠାନର କାର୍ଯ୍ୟାଳୟ ସପନପୁରଠାରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଅନୁଷ୍ଠାନର ସଦସ୍ୟା ମାନେ ଏକତ୍ରିତ ହୋଇ ସେଇ ସ୍ନେହର ସୂତାରେ ବନ୍ଧା, ଭାଇ ଓ ଭଉଣୀର ପବିତ୍ର ସମ୍ପର୍କ କୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନ ର ସମସ୍ତ ଭାଇ ମାନଙ୍କୁ ରକ୍ଷାବନ୍ଧନ କରି ସମସ୍ତଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରକାଶଥାଉ କି ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପ୍ରତ୍ୟେକ ବର୍ଷ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥାଏ। ଏହି ମହାନ ପରମ୍ପରା କାର୍ଯ୍ୟକ୍ରମରେ ଅନୁଷ୍ଠାନର କୋର୍ କମିଟିର ସଦସ୍ୟା ଲକ୍ଷ୍ମୀପ୍ରିୟା ରାଉତରାୟ, ସହ ସମ୍ପାଦିକା ଶକୁନ୍ତଳା ବେହେରା, ସଦସ୍ୟା ଟୁନି ବେହେରା, ବ୍ରଜମାଧୁରି ଦାସ, ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, କୋର୍ କମିଟିର ସଦସ୍ୟ ରବିନାରାୟଣ ରାଉତ, ସୁରଜ୍ କୁମାର ପଣ୍ଡା, ଅଶୋକ କୁମାର ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ଶିଶିର କୁମାର ମହାପାତ୍ର, କିଶୋର ଦାଶ, ଜୟପ୍ରକାଶ ନାୟକ, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ୭ ମିନିଟରେ...

ଜାହାଜଟି ବାମପଟ ନା ଡାହାଣପଟକୁ ଢଳିଥିଲା ? ଜାହାଜରେ ଢଳିବା ପରେ କେତେ ସମୟରେ ବୁଡ଼ିଗଲା ? ଧୀରେ ଧୀରେ ଢଳିଥିଲା ନା ହଠାତ୍ ଢଳିଗଲା ? ଜାହାଜଟି ସମ୍ପୂର୍ଣ୍ଣ ବୁଡ଼ିବାକୁ ପ୍ରାୟ କେତେ ସମୟ ଲାଗିଲା ? ଜାହାଜରେ ଲୁହାପଥର ଗୁଣ୍ଡ ପରିମାଣ କେତେ ଥିଲା ? ସେହି ସମୟରେ ପାଣିପାଗର ସ୍ଥିତି କେମିତି ଥିଲା ? ଅତ୍ୟଧିକ ବର୍ଷା ହେଉଥିଲା କି ? ପବନ କେଉଁ ଦିଗରୁ ବହୁଥିଲା ? ସମୁଦ୍ରରେ ଆସୁଥିବା ଢେଉ ଗୁଡିକର ଉଚ୍ଚତା ପ୍ରାୟ କେତେ ଥିଲା ? ଦୁର୍ଘଟଣା ପୂର୍ବରୁ ଜାହାଜ ଦୋହଲିବା ଆରମ୍ଭ କରିଥିଲା କି ? ଏଭଳି ଅନେକ ପ୍ରଶ୍ନର ଜବାବ ରଖିଥିଲେ ଦୁଇ ଚୀନ ନାବିକ। ପଚରାଉଚରା ପରେ ଦୁଇ ଚୀନ ନାବିକଙ୍କୁ ନିଜ ଦେଶକୁ ପଠାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ପାରାଦୀପରୁ କୋଲକାତା ସ୍ଥିତ ଚୀନ ବାଣିଜ୍ୟ ଦୂତାବାସକୁ ନିଆଯାଇଛି। ସେଠାରେ ଆନୁସଙ୍ଗିକ ଦସ୍ତାବିଜ ପ୍ରସ୍ତୁତି ପରେ ସେମାନଙ୍କୁ ଚୀନ ପଠାଇ ଦିଆଯିବ। ସେପଟେ ଆଜି ସପ୍ତମ ଦିନ ପାଇଁ ଗଭୀର ସମୁଦ୍ରରେ ରେସକ୍ୟୁ ଅପରେସନ ଜାରି ରହିଛି।

### ନେପାଳ...

ନେପାଳରେ ଫସିଛନ୍ତି ବରଗଡ଼ ସରଲା ଜାମପାଲି ଅଞ୍ଚଳର ଏକ ପରିବାର। ନିଖୋଜଙ୍କ ମଧ୍ୟରେ ରହିଛନ୍ତି ଦମ୍ପତି ଗୁନ୍ନମ ଜୟକ୍ରିଷ୍ଣା, ଗୁନ୍ନମ ସାଇ ବିନ୍ଦୁ କୁମାରୀ ଏବଂ ସେମାନଙ୍କ ୨ ବର୍ଷର ଝିଅ । ସୂଚନା ଅନୁସାରେ, ଗୁନ୍ନମ ଜୟକ୍ରିଷ୍ଣା ନେପାଳରେ ଏକ ହାଇଡ୍ରୋ ପ୍ରୋଜେକ୍ଟରେ କାମ କରୁଥିଲେ। ତେବେ ନେପାଳରେ ବନ୍ୟା ପରିସ୍ଥିତି ଭୟଙ୍କର ହେବା ପରେ ପରିବାର ସହ ତାଙ୍କର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ପରିବାର ଲୋକେ ବାରମ୍ବାର ଯୋଗାଯୋଗ ପାଇଁ ଚେଷ୍ଟା କରୁଥିଲେ ମଧ୍ୟ କୌଣସି ପ୍ରକାର ସମ୍ପର୍କ ସ୍ଥାପନ ହୋଇପାରୁନାହିଁ । ଏହାକୁ ନେଇ ଏବେ ଚିନ୍ତାରେ ପରିବାର ଓ ଆତ୍ମୀୟସ୍ୱଜନ ।

### ମହିଳାଙ୍କ...

ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଏବଂ ରାଜ୍ୟ ବଜେଟ୍‌ରେ ମହିଳାଙ୍କ ପାଇଁ ୧ ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ଐତିହାସିକ ବ୍ୟୟବରାଦ ବିଷୟରେ ସେ ଆଲୋକପାତ କରିଥିଲେ। ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ଦେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିବା ସହ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସମସ୍ତଙ୍କୁ ଦୀପଟିଏ ଜାଳି ଆଶୀର୍ବାଦ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ଖୁବ୍ ଶୀଘ୍ର ନୟାଗଡ଼ ଚିନି କଳ ପ୍ରତିଷ୍ଠା ସହିତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆରମ୍ଭ ହେବ । ଏହି ଅବସରରେ ବାଚସ୍ପତି ସୁରମା ପାଢୀ କହିଥିଲେ ଯେ ଆମ ସରକାର ଦାୟିତ୍ୱ ନେବା ସମୟରେ ସଠିକ୍ ନିଷ୍ପତ୍ତି ନେଇ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ଏହି ସୁଭଦ୍ରା ଯୋଜନା ରାଜ୍ୟର ଏକ କୋଟିରୁ ଊର୍ଦ୍ଧ୍ୱ ମା ଓ ଭଉଣୀଙ୍କ ସାମାଜିକ ଓ ଆର୍ଥିକ ଜୀବନରେ ପରିବର୍ତ୍ତନ ଆଣିଛି । ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସାଢ଼େ ଚାରି କୋଟି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ମୁଖ୍ୟମନ୍ତ୍ରୀ ଦିନ ରାତି କଠିନ ପରିଶ୍ରମ କରୁଛନ୍ତି । ନୟାଗଡ଼ର ଇଂରାଜୀ ବନାନକୁ ସଂଶୋଧନ କରି ନୟାଗଡ଼ ଜିଲ୍ଲାର ସ୍ୱାଭିମାନ ଓ ଅସ୍ମିତାକୁ ମୁଖ୍ୟମନ୍ତ୍ରୀ ସୁରକ୍ଷିତ କରିଛନ୍ତି ବୋଲି ସେ କହିଥିଲେ । ଏହି ଅବସରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ସୁଭଦ୍ରା ହେଉଛି ମା ଓ ଭଉଣୀ ମାନଙ୍କ ସ୍ୱପ୍ନ, ସମ୍ମାନ ଓ ସ୍ୱାବଲମ୍ବନର ପ୍ରତୀକ । ରାକ୍ଷୀ ପୂର୍ଣ୍ଣିମା ଅବସରରେ ଆମ ବସ୍ ରେ ମା ଓ ଭଉଣୀ ମାନଙ୍କ ପାଇଁ ମାଗଣା ଯାତ୍ରା ସୁବିଧା କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ ସୁଭଦ୍ରା ଆଜି ମହିଳାମାନଙ୍କୁ ନିଜେ ନିଷ୍ପତ୍ତି ନେବାର ଓ ଉଦ୍ୟୋଗୀ ବନିବାର ସୁଯୋଗ ପ୍ରଦାନ କରିଛି ।

### ବାରହା ...

ତନାଘନା ଚାଲିଥିଲା। ଶେଷରେ ଘଟଣାସ୍ଥଳଠାରୁ ପ୍ରାୟ ୪ କିମି ଦୂର ଏକ ପାହାଡ଼ ମଧ୍ୟରେ ଥିବା ପଥର ଖୋଲରୁ କ୍ଷେତ୍ରଙ୍କ ଶବ ଉଦ୍ଧାର କରାଯାଇଥିଲା। ଏ ନେଇ ଲରମ୍ବା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ରାକ୍ଷୀ ପୂର୍ଣ୍ଣିମା ପାଳିତ

**ବାଲୁଗାଁ (ଅମୃତ ମିଡିଆ) :** ଗାଁ ଗହଳି ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପ୍ୱିତ୍ର ଗହ୍ମା ପୂର୍ଣ୍ଣିମା ତଥା ରାକ୍ଷୀ ପୂର୍ଣ୍ଣିମା ପାଳିତ ହୋଇଥିବା ବେଳେ ବାଲୁଗାଁ ତଥା ଆଖପାଖ ଅଞ୍ଚଳରେ ବହୁ ଧୁମଧାମରେ ପାଳିତ ହୋଇଯାଇଛି। ଭାଇ ପ୍ରତି ଭଉଣୀର ସ୍ନେହ, ଶ୍ରଦ୍ଧା ଏବଂ ଅତୁଟ ସମ୍ପର୍କକୁ ବଜାୟ ରଖିବା ପାଇଁ ଅତି ଆନନ୍ଦ ଉଲ୍ଲାସର ସହିତ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ଚନ୍ଦନ, ସିନ୍ଦୁର ଲଗାଇ ବନ୍ଦାପନା କରିବା ସହ ମିଠା ଖୁଆଇ ଥିବା ଦେଖିବାକୁ ମିଳିଥିଲା। ଏଥିସହିତ ଭାଇ ସୁଖଦୁଃଖରେ ସଦାସର୍ବଦା ଭଉଣୀ ପାଖରେ ରକ୍ଷା କବଚ ହୋଇ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ନିଜର ସହପାଠୀ ଏବଂ ବିଦ୍ୟାଳୟର ଛାତ୍ରମାନଙ୍କୁ ରାଖୀ ବାନ୍ଧିଥିବା ବେଳେ ଥାନା, ସ୍ୱାସ୍ଥ୍ୟ କେନ୍ଦ୍ର, ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ରାଖୀ ବାନ୍ଧିଥିଲେ। ଏହି ପରମ୍ପରା ଅନୁଯାୟୀ ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମ ଓ କିନ୍ନର ସଙ୍ଘ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ଅନୁରୂପ ଭାବେ ଆଜି ଶ୍ରୀ ବଳଭଦ୍ରଙ୍କ ଜନ୍ମଦିବସ ଅବସରରେ ବିଭିନ୍ନ ସ୍ଥାନରେ ସକାଳୁ ସକାଳୁ ଗୋମାତାଙ୍କୁ ପୂଜାର୍ଚ୍ଚନା କରିବା ସହ ପିଠାପଣା, ଫଳ ଆଦି ଖାଇବାକୁ ଦିଆଯାଉଥିବା ଦେଖିବାକୁ ମିଳିଛି। ହେଲେ ପବିତ୍ର ଗହ୍ମା ପୂର୍ଣ୍ଣିମାରେ ପାରମ୍ପରିକ ଗହ୍ମା ଡ଼ିଆଁ ଖେଳ ଆଖପାଖ ଅଞ୍ଚଳରେ ବହୁ ଧୂମଧାମରେ ପାଳିତ ହେଉଥିବା ବେଳେ ବର୍ତ୍ତମାନ ସମୟରେ ଏହି ପରମ୍ପରା ଖେଳ ବିଲୁପ୍ତ ହୋଇଯାଇଛି। ଫଳରେ ନାଁ ଗାଁ ଗଣ୍ଡା ନାଁ ସହର ମଧ୍ୟରେ କୌଣସି ସ୍ଥାନରେ ଏଭଳି ଖେଳ ଦେଖିବାକୁ ମିଳୁନି।

# ମର୍ମନ୍ତୁଦ ସଡକ ଦୁର୍ଘଟଣା ଜଣେ ମୃତ

**ବାଲୁଗାଁ (ଅମୃତ ମିଡିଆ) :** ଗୁରୁବାର ପୂର୍ବାହ୍ନରେ ବାଲୁଗାଁ ଥାନା ଅନ୍ତର୍ଗତ ଗୋପୀନାଥପୁର ଛକ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ବାଣପୁର ଥାନା ଅନ୍ତର୍ଗତ ସାନହନୁଆଡ ଗ୍ରାମର ରାଜନ ପତିଙ୍କ ପୁଅ ବାସୁଦେବ ପତି (୩୫) ବୋଲି ଜଣାପଡ଼ିଛି। ଖବର ମୁତାବକ ବାସୁଦେବ କୌଣସି କାମ ନେଇ ଏକ ସ୍କୁଟି ଯୋଗେ ଗ୍ରାମରୁ ବାଲୁଗାଁ ଅଭିମୁଖେ ଯାଉଥିବା ବେଳେ ଗୋପୀନାଥ ପୁର ଛକ ନିକଟରେ ଏକ ମାଛ ବୋଝେଇ ଟ୍ରକ ପଛ ପାର୍ଶ୍ୱକୁ ଧକ୍କା ଦେଇଥିଲା। ଫଳରେ ବାସୁଦେବ ଟ୍ରକ ଚକା ତଳେ ଚାପି ହୋଇ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବାସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଦୁର୍ଘଟଣା ଖବର ପାଇ ପରିବାର ବର୍ଗଙ୍କ ସମେତ ଗାଁ ଲୋକେ ଦୁର୍ଘଟଣା ସ୍ଥଳ ବାଲୁଗାଁ - ବାଣପୁର ମୁଖ୍ୟ ରାସ୍ତାରେ ଶବ ରଖି କ୍ଷତି ପୂରଣ ଦାବିରେ ଉଭୟ ପାର୍ଶ୍ୱ ଅବରୋଧ କରିଛନ୍ତି।ଖବର ଲେଖା ହେବା ବେଳକୁ ଦିବା ୧୦ ଘଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ନ ବହାରିବାରୁ ଅଦ୍ୟାବଧି ଶବ ପଡିରହିଥିବା ଜଣାପଡିଛି। ସ୍ୱର୍ଗତ ବାସୁଦେବଙ୍କ ପତ୍ନୀ, ଛୋଟ ଛୋଟ ଦୁଇଟି ଝିଅ ଓ ଗୋଟିଏ ପୁଅ ରହିଥିବା ବେଳେ ତାଙ୍କର ମୃତ୍ୟୁରେ ପରିବାର ଭାଙ୍ଗି ପଡ଼ିଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଦ୍ୱାରା ରକ୍ଷାବନ୍ଧନ ପାଳନ

**ଖୋର୍ଦ୍ଧା (ଅମୃତ ମିଡିଆ) :** ଗୋଡ଼ିପୋଖରୀ ଠାରେ ଅବସ୍ଥିତ ବ୍ରହ୍ମା କୁମାରୀ ସେବାକେନ୍ଦ୍ର ପରିସର ରେ ପବିତ୍ର ରକ୍ଷାବନ୍ଧନ ପର୍ବ ମହାସମାରୋହରେ ପାଳନ କରାଯାଇଥିଲା। ଉପସ୍ଥିତ ଶତାଧିକ ଭାଇ ଓ ଭଉଣୀ ଙ୍କୁ ଏହାର ସଂଚାଳିକା ବ୍ରହ୍ମା କୁମାରୀ ଅନୁରାଧା ଭଉଣୀ ପବିତ୍ର ରାକ୍ଷୀ ବାନ୍ଧିଥିଲେ। ସହ - ସଂଚାଳିକା ବ୍ରହ୍ମା କୁମାରୀ କଳ୍ପନା ଭଉଣୀ ଓ ପୂଜା ଭଉଣୀ ସମସ୍ତଙ୍କୁ ବିଜୟ ତିଳକ ଲଗାଇ ମିଠା ଖୁଆଇଥିଲେ। ଏହାପରେ ଜିଲ୍ଲା କାରାଗାର,ଖୋର୍ଦ୍ଧାରେ ୩୫୦ ଜଣ କଏଦୀ ଭାଇ ଓ ଭଉଣୀ ମାନଙ୍କୁ ,ସାମନ୍ତରା ପୁର ଠାରେ ଅବସ୍ଥିତ ଶକ୍ତି ସଦନରେ ନିଜର ଗୃହ ତ୍ୟାଗ କରି ବସବାସ କରୁଥିବା ୧୭ ଜଣ ମହିଳାଙ୍କୁ , ବିଡ଼ିଏ କଲୋନୀରେ ମୁକ୍ତି ସଦନରେ ରହିଥିବା ବିଭିନ୍ନ ରାଜ୍ୟର ୮ ଜଣ ବାଳକ ବାଳିକାଙ୍କୁ, ବୁଢ଼ୀ ବଗିଚାରେ ଥିବା ବରିଷ୍ଠ ନାଗରିକ ଆବାସ ରେ ୨୨ ଜଣ ବୃଦ୍ଧ ଓ ବୃଦ୍ଧାଙ୍କୁ, ଅର୍ଜୁନ ପୁର ଠାରେ ଅବସ୍ଥିତ ୬ଷ୍ଠ ଭାରତ ରିଜର୍ଭ ବାଟାଲିୟନର ଅଧିକାରୀ ମାନଙ୍କ ସହିତ ୮୦ ଜଣ ପୋଲିସ ଭାଇମାନଙ୍କୁ, ତରତୁଆ ଠାରେ ଭାରତ ତିବ୍ବତ ସୀମା ପୋଲିସ୍‌ର ଅଧିକାରୀମାନଙ୍କ ସହିତ ୧୫୦ ଜଣ ଯବାନ ଭାଇ ଓ ଭଉଣୀମାନଙ୍କୁ ତଥା ବିଭିନ୍ନ ଅନୁଷ୍ଠାନ, କାର୍ଯ୍ୟାଳୟ, ବିଦ୍ୟାଳୟ, କ୍ଲବ ଓ ଗ୍ରାମବାସୀମାନଙ୍କୁ ଶାନ୍ତି, ମୈତ୍ରୀ, ଏକତା ଓ ସଦ୍ଭାବନାର ପବିତ୍ର ରାକ୍ଷୀ ବ୍ରହ୍ମା କୁମାରୀ ଭଉଣୀମାନେ ବାନ୍ଧି ତିଳକ ପ୍ରଦାନ କରି ମିଠା ଖୁଆଇ ଆମର ପ୍ରାଚୀନ ସଂସ୍କୃତି ଓ ପରମ୍ପରା କୁ ବଜାୟ ରଖିଥିଲେ।

# ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁରୁଣା ଇଟାକାନ୍ଥରେ ଚାଲିଛି ନିର୍ମାଣ କାର୍ଯ୍ୟ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଔଷଧ କେନ୍ଦ୍ର ଗୋଦାମ ଗୃହର ଘର ନିର୍ମାଣ କାର୍ଯ୍ୟ ଚାଲିଛି । କେଉଁ ବିଭାଗର କେଉଁ ଯୋଜନାରେ ଏବଂ କେତେ ଅର୍ଥରାଶି ବ୍ୟୟ ଅଟକଳରେ ଏହି ନିର୍ମାଣ କାର୍ଯ୍ୟ ହେଉଛି ତାହାର କୌଣସି ସବିଶେଷ ସୂଚନା ସୂଚନାଫଳକରେ ପ୍ରଦର୍ଶିତ କରାଯାଇନାହିଁ । ଉକ୍ତ ଗୋଦାମ ଗୃହର ଛାତ ଉପରେ ଥିବା ପୁରୁଣା କାନ୍ଥ ଉପରେ ଏବେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି । ନିର୍ମାଣ କାର୍ଯ୍ୟ ସମୟରେ ତଦାରଖ କରିବାକୁ କୌଣସି ବିଭାଗୀୟ ଅଧିକାରୀ ରହୁନଥିବାରୁ ଠିକାଦାର ତା ମନଇଚ୍ଛା ନିର୍ମାଣ କାର୍ଯ୍ୟ କରୁଛି । ନିର୍ମାଣ କାର୍ଯ୍ୟରେ ନିର୍ମାଣ ସାମଗ୍ରୀର ଭାଗମାପ ସଠିକ୍ ରହୁନଥିବା ନେଇ ଅଭିଯୋଗ ହେଉଛି । କେଉଁ ଯୋଜନାରେ, କେଉଁ ଠିକା ସଂସ୍ଥା, କେତେ ଅର୍ଥରାଶି ବ୍ୟୟ ଅଟକଳରେ ଏହି ନିର୍ମାଣ କାର୍ଯ୍ୟ କରୁଛନ୍ତି ଏବଂ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱ କିଏ ଅଛନ୍ତି ଏଥିପ୍ରତି କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ କଟକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି ।

# ଏସସିବି ମେଡିକାଲରେ ବଡ଼ ହେରଫେର ୧୦ ବର୍ଷରେ ୧.୪୦ କୋଟି ଟଙ୍କା ଗାଏବ

**କଟକ (ବ୍ୟୁରୋ) :** ଏସସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବଡ଼ ଆର୍ଥିକ ହେରଫେର ଅଭିଯୋଗ। ୧୦ବର୍ଷ ଭିତରେ କର୍ମଚାରୀଙ୍କ ପ୍ରାପ୍ୟ ପ୍ରାୟ ୧ କୋଟି ୪୦ ଲକ୍ଷ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଟିଏ, ଡିଏ, ଏରିଅର, ଷ୍ଟଡି ଟୁର୍ ଏବଂ ମାଟର୍ନିଟି ଲିଭ୍ ବାବଦରେ ମିଳିବାକୁ ଥିବା ଟଙ୍କାରେ ହେରଫେର ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଏହି ଟଙ୍କା ସମ୍ପୃକ୍ତ କର୍ମଚାରୀଙ୍କ ବ୍ୟାଙ୍କ ଖାତାକୁ ଯିବା ବଦଳରେ ଅନ୍ୟତ୍ର ହଡ଼ପ କରାଯାଇଛି। ସବୁଠାରୁ ବଡ଼ କଥା ହେଉଛି, ଯେଉଁ କର୍ମଚାରୀଙ୍କ ଟଙ୍କା ହେରଫେର ହୋଇଛି, ସେମାନେ ମଧ୍ୟ ଦୀର୍ଘ ସମୟ ଧରି ଏହାର ଟେର୍ ପାଇନଥିଲେ। ତେବେ ଆକାଉଣ୍ଟାଣ୍ଟ ଜେନେରାଲ୍‌ଙ୍କ ଅଡିଟ୍ ସମୟରେ ଏହି ଆର୍ଥିକ ହେରଫେର ଧରାପଡ଼ିଥିବା ସୂଚନା ମିଳିଛି। ଏନେଇ ଗତ ସପ୍ତାହରେ ଏସସିବି ମେଡିକାଲ ଅଧୀକ୍ଷକଙ୍କୁ ଚିଠି ଲେଖାଯାଇଛି। ଘଟଣା ସାମ୍ନାକୁ ଆସିବା ପରେ ଏସସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଏତେ ବଡ଼ ଅର୍ଥରାଶି କିପରି ହେରଫେର ହେଲା ଏବଂ ଏଥିରେ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହା ଏବେ ତଦନ୍ତର ପ୍ରମୁଖ ପ୍ରସଙ୍ଗ ପାଲଟିଛି। ସାଧାରଣତଃ ଏସସିବି କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ଟଙ୍କା ପ୍ରଦାନ ପାଇଁ ଏକାଧିକ ସ୍ତରରେ ଯାଞ୍ଚ ହୋଇଥାଏ। ପ୍ରଥମେ ଡାଟା ଏଣ୍ଟ୍ରି ଅପରେଟର ତଥ୍ୟ କମ୍ପ୍ୟୁଟରରେ ଏଣ୍ଟ୍ରି କରିଥାନ୍ତି। ଏହାପରେ ଡିଲିଂ ଆସିଷ୍ଟାଣ୍ଟ ତଥ୍ୟ ଯାଞ୍ଚ କରନ୍ତି। ପରେ ଆକାଉଣ୍ଟାଣ୍ଟ ଓ କ୍ୟାସିୟରଙ୍କ ମାଧ୍ୟମରେ ଏହା DDOଙ୍କ ନିକଟକୁ ଯାଇଥାଏ। DDOଙ୍କ ଅନୁମୋଦନ ପରେ ବିଲ୍ ଟ୍ରେଜେରିକୁ ଯାଇଥାଏ । ଟ୍ରେଜେରି ପକ୍ଷରୁ ଯାଞ୍ଚ ପରେ Public Financial Management System ବା PFMS ମାଧ୍ୟମରେ ସମ୍ପୃକ୍ତ କର୍ମଚାରୀଙ୍କ ବ୍ୟାଙ୍କ ଖାତାକୁ ଦରମା ସହ ଅନ୍ୟାନ୍ୟ ପ୍ରାପ୍ୟ ଟଙ୍କା ପଠାଯାଇଥାଏ । ତେବେ ଏତେଗୁଡ଼ିଏ ଯାଞ୍ଚ ବ୍ୟବସ୍ଥା ଥିବା ସତ୍ତ୍ୱେ ୧୦ ବର୍ଷ ଧରି ପ୍ରାୟ ୧ କୋଟି ୪୦ ଲକ୍ଷ ଟଙ୍କାର ହେରଫେର କିପରି ଚାଲିଥିଲା, ତାହା ଏବେ ବଡ଼ ପ୍ରଶ୍ନ । ଅଡିଟ୍‌ରେ ଧରାପଡ଼ିବା ପରେ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ହେବ, ତା'ଉପରେ ଏବେ ନଜର।

# ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ଜରୁରୀ ବୈଠକ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଗରାପୁରସ୍ଥିତ ପ୍ରାଥମିକ ଶିକ୍ଷକ ଭବନରେ ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ପଦୋନ୍ନତି ସମ୍ପର୍କିତ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତା ୧୩/୫/୨୦୨୬ ରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ପତ୍ର ଓ ତା ୧୮/୦୫/୨୦୨୬ ରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ପ୍ରେରଣ ପରେ ବହୁବାର ସଂଘ ପକ୍ଷରୁ ଭେଟିବା ପରେ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ ତା ୧୨/୬/୨୦୨୬ ରେ ମଣ୍ଡଳ ଶିକ୍ଷାଧିକାରୀ ମାନଙ୍କୁ ଏକ ସ୍ୱତନ୍ତ୍ର ଫର୍ମାଟ ସହିତ ଶିକ୍ଷକ ମାନଙ୍କର ତଥ୍ୟ ପ୍ରଦାନ କରିବାକୁ ପତ୍ର ପ୍ରେରଣ କଲେ। ପରେ ପ୍ରୋଭିଜନାଲ ଗ୍ରେଡ଼େସନ ତାଲିକା ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଶୀଘ୍ର ବାହାର କରିବାକୁ କହିବା ସତ୍ତ୍ୱେ ଦୀର୍ଘ ଦୁଇମାସରୁ ଉର୍ଦ୍ଧ୍ୱ ସମୟ ପରେ ଗତ ୨୧/୮/୨୦୨୬ ତାରିଖ ପଡି ୨୪/୮/୨୦୨୬ ରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ କେବଳ ଲେଭେଲ -୪ରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପ୍ରୋଭିଜନାଲ ଗ୍ରେଡ଼େସନ ତାଲିକା ପ୍ରକାଶ ପାଇଛି ଯାହାକି ବରିଷ୍ଠତା ଚୟନରେ ଗଣଶିକ୍ଷା ସଚିବ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ଓ ୧୯୯୭ କ୍ୟାଡର ନିୟମ ଓ ୨୦୧୯ କ୍ୟାଡର ନିୟମକୁ ଅନୁସରଣ କରାଯାଇନାହିଁ।ଓଟିଇଟି ପାସର ତାରିଖକୁ ଆଧାର କରି ବରିଷ୍ଠତା ଚୟନ କରାଯାଇ ପ୍ରୋଭିଜନାଲ ଗ୍ରେଡ଼େସନ ତାଲିକା ପ୍ରସ୍ତୁତ କରାଯାଇଛି ଯାହାକି ଓଡିଶାରେ ଅନ୍ୟ କୌଣସି ଜିଲ୍ଲାର ଗ୍ରେଡ଼େସନ ତାଲିକାରେ ପରିଲକ୍ଷିତ ହୋଇନାହିଁ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅନୁମୋଦନ ଲାଭ କରିଛି। ମାତ୍ର ସଂଘ ପକ୍ଷରୁ ଅନେକ ଥର ଭେଟି ଏହିଭଳି ତାଲିକା ଓଡ଼ିଶାର କୌଣସି ଜିଲ୍ଲାରେ ପ୍ରକାଶ ପାଇନାହିଁ କହିବା ସତ୍ତ୍ୱେ ଜିଲ୍ଲା ଶିକ୍ଷାଧିକାରୀ ଏହିଭଳି ତାଲିକା ପ୍ରକାଶ କରି ଆମକୁ ହତୋତ୍ସାହିତ କରିଛନ୍ତି କାରଣ ଏହି ତାଲିକା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅନୁମୋଦନ ଲାଭ କରିବ ନାହିଁ ବୋଲି ଶିକ୍ଷକ ମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏହି ତାଲିକାକୁ ସଂଶୋଧନ କରି ଉପଯୁକ୍ତ କ୍ୟାଡର ନିୟମ ପାଳନ କରି ସଂଶୋଧିତ ତାଲିକା ପ୍ରକାଶ କରିବାକୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସମସ୍ତ ବ୍ଲକର ସଭାପତି, ସମ୍ପାଦକ, ଜିଲ୍ଲା ସମ୍ପାଦକ ଅଶ୍ୱିନୀ କୁମାର ରାଉତ ଓ ଜିଲ୍ଲାର ଅନ୍ୟାନ୍ୟ ନେତୃବୃନ୍ଦ ଯଥା ଅନୀଲ କୁମାର ଦାଶ, ଦିବାକର ଦାଶ, ରତିକାନ୍ତ ପାତ୍ର, ହରେକୃଷ୍ଣ ସାହୁ, ପ୍ରେମାନନ୍ଦ ଜୀବନ ଦାସ, ବିଶ୍ୱରଞ୍ଜନ ଦାଶ, ଦୀପକ ମହାନ୍ତି, ଚିତ୍ତରଞ୍ଜନ ରାଉଳ, ଲକ୍ଷ୍ମୀଧର ଲେଙ୍କା, ଅଦ୍ୱୈତ ବିଶ୍ୱାଳ, ଅମୀୟ ଚୌଧୁରୀ, ଶିଶିର କୁମାର ଦାସ, ରାଜକିଶୋର ପ୍ରଧାନ, ଭକ୍ତରଂଜନ ସ୍ୱାଇଁ, ଦେବେନ୍ଦ୍ର ନାୟକ, ସେକ ବରକତୁଲ୍ଲା, ସମୀର ନାୟକ, ବିପିନ ପ୍ରଧାନ, କିଶୋର ସେନାପତି, ସେକ ଏମ୍‌ଡି ଫୟାଜୁଦ୍ଦିନ, ଖଗେଶ୍ୱର ସାମଲ ପ୍ରମୁଖ ବହୁ ଶିକ୍ଷକ ନେତା ମତପ୍ରକାଶ କରିଥିଲେ। ଆବଶ୍ୟକ ସ୍ଥଳେ ଜିଲ୍ଲାପାଳ ମହୋଦୟଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଆବଶ୍ୟକ ପଡିଲେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆନ୍ଦୋଳନ କରିବେ ବୋଲି ନେତୃମଣ୍ଡଳୀ ମତବ୍ୟକ୍ତ କରିଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ବ୍ଲକର ସଭାପତି ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ପୌରଉପାଧ୍ୟକ୍ଷଙ୍କ ପରଲୋକ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ପୂର୍ବତନ ପୌରଉପାଧ୍ୟକ୍ଷ, ବଳଦେବଜୀଉ ଦେବୋତ୍ତର ନ୍ୟାସର ପ୍ରାକ୍ତନ ସଦସ୍ୟ ମୀରପାଟଣା ଗ୍ରାମର କୁଞ୍ଜବିହାରୀ ପୃଷ୍ଟିଙ୍କର ୯୩ବର୍ଷ ବୟସରେ ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସୌମେନ୍ଦ୍ର ଓ ସୌରେନ୍ଦ୍ର, ଝିଅ, ଜ୍ୱାଇଁଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ଭୁବନେଶ୍ୱରରେ ବରିଷ୍ଠ ବିଜେପି ନେତା ଡ. ଗନ୍ଧର୍ବ ନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, କଂଗ୍ରେସ ନେତା ସଞ୍ଜୟ ରାଉତ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।ତାଙ୍କ ମରଶରୀର ଆଜି ସକାଳେ କେନ୍ଦ୍ରାପଡା ସହରର ମୀରପାଟଣାସ୍ଥିତ ବାସଭବନରେ ପହଞ୍ଚିବା ପରେ ସେଠାରେ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ରଞ୍ଜିତ ସାହୁ, ମନୋଜ କୁମାର ସାହୁ, ରାଜେଶ ପଣ୍ଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ତିନିଥର କାଉନସିଲର ଥିବା ସହିତ ଥରେ ପୌରଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସେ ବିଭିନ୍ନ ସମବାୟ ସମିତିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିବା ବେଳେ କେନ୍ଦ୍ରାପଡାରେ ଅରୋବିନ୍ଦ ଇଣ୍ଟେଗ୍ରାଲ ସ୍କୁଲର ପ୍ରତିଷ୍ଠାତା ଥିଲେ। ସେ ପୂର୍ବତନ ବିଧାୟକ ଇନ୍ଦ୍ରମଣୀ ରାଉତ ଓ ସାଂସଦ ଲୋକନାଥ ଚୌଧୁରୀଙ୍କ ସହକର୍ମୀ ଥିଲେ।

# ଅନାଥ ଆଶ୍ରମରେ ରାକ୍ଷୀପୂର୍ଣ୍ଣିମା ପାଳିଲେ ଗଣଶିକ୍ଷା ମନ୍ତ୍ରୀ



**ରାଇଘର (ଅମୃତ ମିଡିଆ) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସରଗୁଲିଠାରେ ଥିବା ରାଇ ରାମ ଦାସ ଅନାଥ ଆଶ୍ରମ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପହଞ୍ଚି ଅନାଥ ଶିଶୁ ଙ୍କ ଗ୍ରହଣ ରେ ଅନାଥ ଶିଶୁଙ୍କ ଗ୍ରହଣ ରାକ୍ଷୀ ପୂର୍ଣ୍ଣିମା ପାଳନ କରିଥିଲେ। ଅନାଥ ଆଶ୍ରମ ବିଦ୍ୟାଳୟ ର ଶିଶୁ ମାନେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ତାସହ ଅନାଥ ଶିଶୁ ମାନଙ୍କ ସହ କିଛି ସମୟ ବିତାଇ ଶହ ଖୁସି ଅନାଥ ଆଶ୍ରମର ଶିଶୁମାନଙ୍କ ସହ ଖୁସି ବାଣ୍ଟିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କମିଟି, ରାଇଘର ବ୍ଲକ ଭାରପ୍ରାପ୍ତ ଶିକ୍ଷାଧିକାରୀ ନେପାଳ ଚନ୍ଦ୍ର ଦେ, ଆଦି ଉପସ୍ଥିତ ଥିଲେ।

# ଓସିଏ ନିର୍ବାଚନ ମାମଲାରେ ଶୁଣାଣି

## ଆବେଦନକାରୀଙ୍କ ଅଧିକାର ନେଇ ଯୁକ୍ତି

**କଟକ (ବ୍ୟୁରୋ) :** ଓଡ଼ିଶା କ୍ରିକେଟ ଆସୋସିଏସନ୍ ବା ଓସିଏ କର୍ମକର୍ତ୍ତା ନିର୍ବାଚନ ମାମଲାରେ ଆଜି ବି ହୋଇପାରିଲା ନାହିଁ ପୂର୍ଣ୍ଣାଙ୍ଗ ଶୁଣାଣି। ଆବେଦନକାରୀ ତଥା ଭେଟେରାନ୍ ରଣଜୀ ଖେଳାଳି ଲଳାଟେନ୍ଦୁ ବିଦ୍ୟାଧର ମହାପାତ୍ର ହାଇକୋର୍ଟରେ ଦାୟର କରିଥିବା ରିଟ୍ ଆବେଦନର ଗ୍ରହଣୀୟତାକୁ ନେଇ ପ୍ରତିପକ୍ଷ ପ୍ରଶ୍ନ ଉଠାଇଛନ୍ତି। ପ୍ରତିପକ୍ଷଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି ଯେ, ଲଳାଟେନ୍ଦୁ ବିଦ୍ୟାଧର ମହାପାତ୍ର ଓସିଏ ସାଧାରଣ ପରିଷଦର ସଦସ୍ୟ ନୁହନ୍ତି । ଏହାସହ ସେ ଯେଉଁ କ୍ରିକେଟ୍ କ୍ଲବ୍‌ର ପ୍ରତିନିଧିତ୍ୱ କରୁଛନ୍ତି, ସେହି କ୍ଲବ୍‌ରେ ପ୍ରାୟ ୧୦ ବର୍ଷ ହେଲା କର୍ମକର୍ତ୍ତା ନିର୍ବାଚନ ହୋଇନଥିବା ଯୁକ୍ତି ମଧ୍ୟ ରଖାଯାଇଛି। ଓସିଏ ଭଳି ଏକ କ୍ରୀଡ଼ା ସଂଗଠନ ବିରୋଧରେ ହାଇକୋର୍ଟରେ ରିଟ୍ ଆବେଦନ କରାଯାଇପାରିବ ନାହିଁ ବୋଲି ପ୍ରତିପକ୍ଷ ଯୁକ୍ତି ରଖିଛନ୍ତି। ଏହାସହ ଆବେଦନକାରୀଙ୍କ ଆବେଦନ କରିବାର ଅଧିକାର ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଛି। ଗତବର୍ଷ ସେପ୍ଟେମ୍ବର ମାସରେ ଓସିଏର କର୍ମକର୍ତ୍ତା ନିର୍ବାଚନ ହେବାର ଥିଲା। କିନ୍ତୁ ବିଭିନ୍ନ କାରଣରୁ ନିର୍ବାଚନ ହୋଇପାରିନାହିଁ। ଏହାକୁ ଚ୍ୟାଲେଞ୍ଜ କରି ଲଳାଟେନ୍ଦୁ ବିଦ୍ୟାଧର ମହାପାତ୍ର ହାଇକୋର୍ଟରେ ରିଟ୍ ଆବେଦନ ଦାୟର କରିଛନ୍ତି। ଆଜି ମାମଲାରେ ପୂର୍ଣ୍ଣାଙ୍ଗ ଶୁଣାଣି ହୋଇପାରିନଥିବା ବେଳେ, ଆସନ୍ତା ମଙ୍ଗଳବାର ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।

# ୩୧ତମ ସବ୍-ଜୁନିଅର ଓ ୩୪ତମ ସିନିଅର ରାଜ୍ୟସ୍ତରୀୟ ବଲ୍ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ





**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟ ବଲ୍ ବ୍ୟାଡମିଣ୍ଟନ ଆସୋସିଏସନ ପକ୍ଷରୁ ୩୧ତମ ସବ୍-ଜୁନିଅର ଏବଂ ୩୪ତମ ସିନିଅର ରାଜ୍ୟସ୍ତରୀୟ ବଲ୍ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଅନୁଷ୍ଠିତ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରତିଭାବାନ ଖେଳାଳି ଅଂଶଗ୍ରହଣ କରି ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବେ। ଉକ୍ତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, କ୍ରୀଡ଼ାବିତ୍ ତଥା ପଦାଧିକାରୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବେ। ଉଦୀୟମାନ କ୍ରୀଡ଼ା ପ୍ରତିଭାମାନଙ୍କୁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଏବଂ ରାଜ୍ୟରେ ବଲ୍ ବ୍ୟାଡମିଣ୍ଟନ ଖେଳର ପ୍ରସାର ଓ ବିକାଶ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ। ଚାମ୍ପିଅନସିପ୍‌କୁ ସଫଳ କରିବା ପାଇଁ ଆୟୋଜକ କମିଟି ପକ୍ଷରୁ ସମସ୍ତ କ୍ରୀଡ଼ାପ୍ରେମୀ ତଥା ଜନସାଧାରଣଙ୍କୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଅନୁରୋଧ କରାଯାଇଛି।

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରସ୍ତୁତିର ସମୀକ୍ଷା କଲେ ଗୃହମନ୍ତ୍ରୀ



**ନୂଆଦିଲ୍ଲୀ:** ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ହେବ। ଏହାର ପ୍ରସ୍ତୁତିର ସମୀକ୍ଷା ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର କରିଛନ୍ତି। ଏଥିସହ ଏହି ବୈଠକରେ ୨୦୩୬ ଅଲିମ୍ପିକ୍ସ ବିଡ୍ ଉପରେ ମଧ ଆଲୋଚନା କରିଛନ୍ତି। ଏହି ସମୀକ୍ଷା ବୈଠକରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଓ ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭୀଙ୍କ ସହ କ୍ରୀଡ଼ା ଓ ଗୃହମନ୍ତ୍ରାଳୟରେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ନେଇ ଶାହ ସାମଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି ଯେ ମୋଦୀ ସରକାର ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ସ୍ଥଳରେ ପରିଣତ କରିବାକୁ ଦୃଢ଼ ପ୍ରତିବଦ୍ଧ। ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତର ବିଡ୍, ୨୦୨୯ ବିଶ୍ୱ ପୁଲିସ ଓ ଫାୟାର କ୍ରୀଡ଼ା ଏବଂ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପ୍ରସ୍ତୁତି ପାଇଁ ଅହମଦାବାଦରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲି। କ୍ରୀଡ଼ା ପ୍ରତିଯୋଗିତା ବେଳେ ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଲଜିଷ୍ଟିକ୍ସର ତଦାରଖ କରିବାରେ ଗୃହ ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଦୁଇ ଦଶନ୍ଧି ପରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତକୁ ଫେରିବ। ଏହା ଅହମଦାବାଦରେ ଆୟୋଜିତ ହେବ। ୨୦୧୦ରେ, ଦିଲ୍ଲୀ ପ୍ରଥମ ଥର ପାଇଁ ଏହି ବହୁଦେଶୀୟ କ୍ରୀଡ଼ା ଆୟୋଜନ କରିଥିଲା। ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ ଦୌଡ଼ରେ ଅହମଦାବାଦ ମଧ ରହିଛି। ଭାରତ ସଂପ୍ରତି ଆୟୋଜକ ଦୌଡ଼ରେ ଅଗାରେ ରହିଛି। କିନ୍ତୁ ନିଷ୍ପତ୍ତି ୨୦୨୯ ପୂର୍ବରୁ ହେବା ସମ୍ଭାବନା ନାହିଁ। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ଅହମଦାବାଦରେ ବିଶ୍ୱ ପୁଲିସ ଓ ଫାୟାର କ୍ରୀଡ଼ା ଆୟୋଜନ ହେବ। ଏଥିରେ ୭୦ ଦେଶରୁ ପ୍ରାୟ ୧୦ହଜାର ଖେଳାଳି ଅଂଶଗ୍ରହଣ କରିବେ।

## ଇତିହାସ ରଚିଲେ ଆର୍. ପ୍ରଜ୍ଞାନାନନ୍ଦ

# ଗ୍ରାଣ୍ଡ ଚେସ୍ ଟୁର୍ ଜିତିଥିବା ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ :** ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନାନନ୍ଦ ଚେସ୍ ଦୁନିଆରେ ନୂଆ ଇତିହାସ ରଚିଛନ୍ତି । ଗ୍ରାଣ୍ଡ ଚେସ୍ ଟୁର୍ ଜିତି ପ୍ରଥମ ଭାରତୀୟ ହୋଇଛନ୍ତି ଆଁ. ପ୍ରଜ୍ଞାନନ୍ଦା । ଡିଫେଣ୍ଡିଂ ଚାମ୍ପିଅନ୍ ଫାବିଆନୋ କାରୁଆନାଙ୍କ ବିପକ୍ଷରେ ଜିତିଛନ୍ତି ଚେନ୍ନାଇର ଏହି ଗ୍ରାଣ୍ଡମାଷ୍ଟର । ଫାଇନାଲର ଶେଷ ଦିନ ପୂର୍ବରୁ ପ୍ରଜ୍ଞାନାନନ୍ଦ ୬ ପଏଣ୍ଟ ପଛରେ ଥିଲେ । କ୍ଲାସିକାଲ୍ ଗେମ୍ ପରେ ସ୍କୋର୍ ଥିଲା କାରୁଆନାଙ୍କ ସପକ୍ଷରେ ୯-୩ । କିନ୍ତୁ ସବୁକିଛିକୁ ପଛରେ ପକାଇ ଫାଇନାଲରେ ୧୫-୧୩ରେ ଜିତିଛନ୍ତି । ଏହି ଐତିହାସିକ ବିଜୟ ସହିତ ୨ ଲକ୍ଷ ଆମେରକୀୟ ଡଲାର ମଧ ପାଇଛନ୍ତି । କ୍ଲାସିକାଲ୍ ମୁକାବିଲା ପରେ ପ୍ରଜ୍ଞାନନ୍ଦ ୩-୯ରେ ପଛୁଆ ରହିଥିବା ବେଳେ ଫାଇନାଲ ଆଶା ପ୍ରାୟ ଶେଷ ହୋଇଯାଇଥିଲା । କିନ୍ତୁ ଏହାପରେ ସେ ଚମତ୍କାର ପ୍ରଦର୍ଶନ କରି ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ । ପ୍ରଜ୍ଞାନାନନ୍ଦ ଲଗାତାର ଦୁଇଟି ରାପିଡ୍ ଗେମ୍ ଜିତି ସ୍କୋରକୁ ୧୧-୯ରେ ପହଞ୍ଚାଇଥିଲେ । ଏହାପରେ ଦ୍ୱିତୀୟ ମୁକାବିଲାରେ ଫାବିଆନୋ କାରୁଆନା ବିଜୟୀ ହୋଇ ସ୍କୋରକୁ ସମାନ ସ୍ଥିତିକୁ ଆଣିଥିଲେ । ତେବେ ତୃତୀୟ ବ୍ଲିଟ୍ଜ ଗେମରେ ପ୍ରଜ୍ଞାନାନନ୍ଦ ପୁଣି ବିଜୟ ହାସଲ କରି ଆଗୁଆ ହୋଇଥିଲେ । ଫାଇନାଲର ୬ଟି ମୁକାବିଲାରେ ପ୍ରଜ୍ଞାନାନନ୍ଦ ୩ଟିରେ ବିଜୟ, ୨ଟିରେ ଡ୍ର' ଏବଂ ଗୋଟିଏରେ ପରାଜୟର ସାମ୍ନା କରିଥିଲେ। ବିଜୟ ପରେ ପ୍ରଜ୍ଞାନାନନ୍ଦ କହିଛନ୍ତି, ୬ ପଏଣ୍ଟର ବଡ଼ ଗ୍ୟାପ୍କୁ ପୂରଣ କରିବା ସହଜ ନଥିଲା । ତଥାପି ଏହା ହୋଇପାରିଛି । ଏହି ବିଜୟ ପରେ ମୁଁ ବହୁତ ଖୁସି । ଗ୍ରାଣ୍ଡ ଚେସ୍ ଟୁର୍ ଟାଇଟଲ ଜିତିବା ପରେ ବିଜେତା ଭାବେ ୨ ଲକ୍ଷ ଡଲାର, ଅର୍ଥାତ୍ ପ୍ରାୟ ୧.୯୧ କୋଟି ଟଙ୍କା ପୁରସ୍କାର ପାଇଛନ୍ତି । ଏହା ସହିତ ୨୦୨୭ ଟୁର୍ ପାଇଁ ସେ ସିଧାସଳଖ କ୍ୱାଲିଫାଇ ମଧ କରିଛନ୍ତି ।



## ସବୁଠୁ ଅଧିକ ଟେଷ୍ଟ ରନ୍ କରିଥିବା ଟପ୍-୧୦ ଭାରତୀୟ ଅଧିନାୟକ

# କୋହଲି ନମ୍ବର ୱାନ; ତାଲିକାରେ ରୋହିତ, ସଚିନ ଏବଂ ଦ୍ରାବିଡ



**ନୂଆଦିଲ୍ଲୀ :** ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତର ଶ୍ରୀଲଙ୍କା ଗସ୍ତ ଭଲ ରହିଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଭାରତ ୧-୦ରେ ଜିତିଛି। ଏବେ ୨୦୨୫-୨୭ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନସିପ୍ ଚକ୍ରରେ ଭାରତକୁ ଆହୁରି ୭ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ଅଛି। ଡବ୍ଲୁଟିସି ଫାଇନାଲ୍‌ରେ ପହଞ୍ଚିବାକୁ ହେଲେ ଭାରତକୁ ପ୍ରାୟ ସମସ୍ତ ମ୍ୟାଚ୍ ଜିତିବାକୁ ପଡ଼ିବ। ଗିଲଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଫାଇନାଲ୍‌ରେ ପହଞ୍ଚିବା ପାଇଁ ଜୋରଦାର ପ୍ରୟାସ କରିବ। ତେବେ ଟେଷ୍ଟ କ୍ରିକେଟ୍‌ରେ ଭାରତ ପାଇଁ ଅଧିନାୟକ ଭାବେ ସବୁଠାରୁ ଅଧିକ ରନ୍ କରିଥିବା ଟପ୍-୧୦ ଖେଳାଳିଙ୍କ ତାଲିକାରେ ଶୁଭମନ ଗିଲ୍ ନାହାନ୍ତି। ଭାରତ ପାଇଁ ଟେଷ୍ଟ କ୍ରିକେଟ୍‌ରେ ଅଧିନାୟକ ଭାବେ ସବୁଠାରୁ ଅଧିକ ରନ୍ କରିଥିବା ଖେଳାଳିଙ୍କ ତାଲିକାରେ ବିରାଟ କୋହଲି ନମ୍ବର-୧ରେ ଅଛନ୍ତି। ସେ ଅଧିନାୟକ ଭାବେ ଟେଷ୍ଟରେ ୫୪.୮୦ ହାରାହାରିରେ ମୋଟ ୫୮୬୪ ରନ୍ କରିଛନ୍ତି। ଏହି ତାଲିକାରେ ଏମ୍‌ଏସ୍ ଧୋନି ୩୪୫୪ ରନ୍ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ସୁନୀଲ ଗାଭାସ୍କର ୩୪୪୯ ରନ୍ ସହ ତୃତୀୟ ସ୍ଥାନରେ ଅଛନ୍ତି। ଗାଭାସ୍କର ଅଧିନାୟକ ଭାବେ ୫୦.୭୨ ହାରାହାରିରେ ରନ୍ କରିଛନ୍ତି। ମହମ୍ମଦ ଅଜହରୁଦ୍ଦିନ ୨୮୫୬ ରନ୍ ସହ ଚତୁର୍ଥ ସ୍ଥାନରେ ଅଛନ୍ତି। ସେହିପରି ସୌରଭ ଗାଙ୍ଗୁଲି ୨୫୬୧ ରନ୍ ସହ ପଞ୍ଚମ ଏବଂ ନବାବ ପଟୌଦି ୨୪୨୪ ରନ୍ ସହ ଷଷ୍ଠ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ସଚିନ ତେନ୍ଦୁଲକର ୨୦୫୪ ରନ୍ ସହ ସପ୍ତମ ସ୍ଥାନରେ ଅଛନ୍ତି। ସଚିନ ଅଧିନାୟକ ଭାବେ ଟେଷ୍ଟରେ ୫୧.୩୫ ହାରାହାରିରେ ରନ୍ କରିଛନ୍ତି। ରାହୁଲ ଦ୍ରାବିଡ଼ ୧୭୩୬ ରନ୍ ସହ ଅଷ୍ଟମ, କପିଲ ଦେବ ୧୩୬୪ ରନ୍ ସହ ନବମ ସ୍ଥାନରେ ଅଛନ୍ତି। ତାଲିକାର ଶେଷରେ ଅର୍ଥାତ୍ ଦଶମ ସ୍ଥାନରେ ରୋହିତ ଶର୍ମା ଅଛନ୍ତି। ସେ ଅଧିନାୟକ ଭାବେ ଟେଷ୍ଟରେ ୩୦.୫୮ ହାରାହାରିରେ ୧୨୫୪ ରନ୍ କରିଛନ୍ତି।

ଭାରତ ପାଇଁ ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ରନ୍ : ୫୮୬୪ ରନ୍ – ବିରାଟ କୋହଲି (୫୪.୮୦), ୩୪୫୪ ରନ୍ – ଏମ୍‌ଏସ୍ ଧୋନି (୪୦.୬୩), ୩୪୪୯ ରନ୍ – ସୁନୀଲ ଗାଭାସ୍କର (୫୦.୭୨), ୨୮୫୬ ରନ୍ – ମହମ୍ମଦ ଅଜହରୁଦ୍ଦିନ (୪୩.୯୩), ୨୫୬୧ ରନ୍ – ସୌରଭ ଗାଙ୍ଗୁଲି (୩୭.୬୬), ୨୪୨୪ ରନ୍ – ନବାବ ପଟୌଦି (୩୪.୧୪), ୨୦୫୪ ରନ୍ – ସଚିନ ତେନ୍ଦୁଲକର (୫୧.୩୫), ୧୭୩୬ ରନ୍ – ରାହୁଲ ଦ୍ରାବିଡ଼ (୪୪.୫୧), ୧୩୬୪ ରନ୍ – କପିଲ ଦେବ (୩୧.୭୨), ୧୨୫୪ ରନ୍ – ରୋହିତ ଶର୍ମା (୩୦.୫୮)। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପରେ ସର୍ବାଧିକ ରନ୍ କରିଥିବା ବ୍ୟାଟରଙ୍କ ତାଲିକାରେ ଦେବଦତ୍ତ ପଡିକ୍କଲ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଧ୍ରୁବ ଜୁରେଲ ଋଷଭ ପନ୍ତଙ୍କଠାରୁ ଅଧିକ ରନ୍ କରିଛନ୍ତି। ବୋଲିଂରେ ସର୍ବାଧିକ ୱିକେଟ୍ ନେଇଥିବା ଖେଳାଳି ହେଉଛନ୍ତି ମାନବ ସୁତାର। ଭାରତ-ଶ୍ରୀଲଙ୍କା ଟେଷ୍ଟ ସିରିଜ୍‌ରେ ଟପ୍-୫ ବ୍ୟାଟର ଓ ବୋଲରଙ୍କ ମଧ୍ୟରେ ଅନେକ ଯୁବ ଖେଳାଳି ନିଜ ପ୍ରଦର୍ଶନରେ ପ୍ରଭାବିତ କରିଛନ୍ତି।

# ପର୍ତ୍ତୁଗୀଜ୍ କ୍ଲବ୍ ଗୁଆର୍ଡା ଏଫ୍‌ସି ସହ ୟୋହାନ୍‌ଙ୍କ ଚୁକ୍ତି



**ନୂଆଦିଲ୍ଲୀ:** ମୁମ୍ବାଇଜନ୍ମିତ ଭାରତୀୟ ଯୁବ ଅନ୍ତର୍ଜାତୀୟ ଫୁଟ୍‌ବଲର ୟୋହାନ ବେଞ୍ଜାମିନ୍ ନିଜର ୟୁରୋପୀୟ ସ୍ୱପ୍ନ ପୂରଣ କରିବାକୁ ଯାଉଛନ୍ତି। ସେ ପର୍ତ୍ତୁଗୀଜ କ୍ଲବ୍ ଗୁଆର୍ଡା ଏଫ୍‌ସି ସହ ଚୁକ୍ତି କରିଛନ୍ତି। ଅନ୍ତର୍ଜାତୀୟ ଅନୁମୋଦନ ଓ ଭିସା ସମ୍ବନ୍ଧୀୟ କାର୍ଯ୍ୟ ପରେ ସେ ଦଳ ସହ ଯୋଗଦେବେ। ଗୁଆର୍ଡା ଏଫ୍‌ସି ସହ ଚୁକ୍ତି କରିବା ମୋ ପାଇଁ ବହୁତ ଖୁସିର ବିଷୟ। ୟୁରୋପୀୟ ଯାତ୍ରା ପାଇଁ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ଖେଳି ନିଜକୁ ପ୍ରମାଣିତ କରିବାର ଏହା ଏକ ବଡ଼ ସୁଯୋଗ ହେବ। ମୋ ଉପରେ ବିଶ୍ୱାସ ରଖି ସୁଯୋଗ ଦେଇଥିବାରୁ ଗୁଆର୍ଡା ଏଫ୍‌ସି ନିକଟରେ କୃତଜ୍ଞ ବୋଲି ଚୁକ୍ତି ପରେ ବେଞ୍ଜାମିନ୍ କହିଛନ୍ତି। ଏହି ମିଡ୍‌ଫିଲ୍ଡରଙ୍କ ଫୁଟ୍‌ବଲ୍ ଯାତ୍ରର ସ୍କୁଲ୍ ଓ ଏକାଡେମୀରୁ ଆରମ୍ଭ କରିଥିଲେ। ୨୦୨୨ରେ ସିଲଙ୍ଗ ଲାଜୋଙ୍ଗରେ ଯୋଗଦେବା ପୂର୍ବରୁ ସେ କନ୍‌ସାଏଣ୍ଟ ଫୁଟ୍‌ବଲ୍ ମୁମ୍ବାଇ, ଫୁଟ୍‌ବଲ୍ ଏକାଡେମୀ ବେଙ୍ଗାଲୁରୁ ଓ ମିନର୍ଭା ଫୁଟ୍‌ବଲ୍ ଏକାଡେମୀରେ ଖେଳିଥିଲେ। ଏହି କ୍ଲବ୍ ସହ ୩ ବର୍ଷ ରହିବା ମଧ୍ୟରେ ୟୋହାନ ଅନେକ ଅଭିଜ୍ଞତା ହାସଲ କରିଥିଲେ। ସେ ୨୦୨୪ ସିଲଙ୍ଗ ପ୍ରିମିୟର ଲିଗ୍‌ରେ ୯ ଗୋଲ୍ କରିଥିଲା ବେଳେ ସିଲଙ୍ଗ ଲାଜୋଙ୍ଗର ଟ୍ରଫି ବିଜୟରେ ପ୍ରମୁଖ ଅବଦାନ ରଖିଥିଲେ। ଏଥି ସହ ମେଘାଳୟ ଷ୍ଟେଟ୍ ଲିଗ୍‌ରେ ମଧ ଦଳକୁ ଉପବିଜେତା କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କ ସହ ଚୁକ୍ତି କରିବା ପରେ ଗୁଆର୍ଡା ଫୁଟ୍‌ବଲ୍ କ୍ଲବ୍‌ର ସିଇଓ ଜୟ ଅଗ୍ରୱାଲ କହିଛନ୍ତି ଯେ ''ଆମେ ଯେପରି ଖେଳାଳି ଚାହୁଁଥିଲୁ ୟୋହାନ ସେପରି ଜଣେ ଖେଳାଳି। ସେ ଉଚ୍ଚାଭିଳାଷୀ, ଉତ୍ସର୍ଗୀକୃତ ଏବଂ ସଫଳତା ଲାଗି ଭୋକିଲା ଅଛନ୍ତି। ଆମେ ତାଙ୍କ ସହ ୨ ବର୍ଷିଆ ଚୁକ୍ତି କରି ବହୁତ ଖୁସି। ଅନ୍ତର୍ଜାତୀୟ ଅନୁମୋଦନ, ଭିସା ଔପଚାରିକତା ଉପରେ ତାଙ୍କ ଯୋଗଦାନ ନିର୍ଭରଶୀଳ''।

# ଖୁବ୍‌ଶୀଘ୍ର ଟିମ୍ ଇଣ୍ଡିଆକୁ ଫେରିବେ ସୂର୍ଯ୍ୟକୁମାର



**ନୂଆଦିଲ୍ଲୀ :** ଟି-୨୦ ବିଶ୍ୱକପ୍ ୨୦୨୬ରେ ଭାରତକୁ ଚାମ୍ପିୟନ କରିଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ପରବର୍ତ୍ତୀ ଟି-୨୦ ସିରିଜ୍‌ରୁ ବାଦ୍ ଦିଆଯିବା ନେଇ କ୍ରିକେଟ୍ ଜଗତରେ ଚର୍ଚ୍ଚା ଜୋର ଧରିଛି । ବିଶ୍ୱକପ୍ ପରେ ମଧ ସୂର୍ଯ୍ୟ ଭାରତୀୟ ଦଳର ନେତୃତ୍ୱ ନେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଚୟନକର୍ତ୍ତାମାନେ ଶ୍ରେୟସ ଆୟରଙ୍କୁ ନୂଆ ଟି-୨୦ ଅଧିନାୟକ ଭାବେ ବାଛିଛନ୍ତି। ଦଳରୁ ବାଦ୍ ପଡ଼ିଥିଲେ ମଧ ସୂର୍ଯ୍ୟକୁମାର ଯାଦବ ହାର୍ ମାନିନାହାନ୍ତି । ନିକଟରେ ଏକ ନୂଆ ଲିଗ୍‌ର ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେଇ ସେ ଟିମ୍ ଇଣ୍ଡିଆକୁ କମ୍‌ବ୍ୟାକ୍ କରିବା ନେଇ ନିଜ ମତ ରଖିଛନ୍ତି ।ସୂର୍ଯ୍ୟ କହିଛନ୍ତି ଯେ, ସେ ନିଜ ପକ୍ଷରୁ ସମ୍ପୂର୍ଣ୍ଣ ପରିଶ୍ରମ କରୁଛନ୍ତି ଏବଂ ଯାହା କରିବା ସମ୍ଭବ, ସେସବୁ କରୁଛନ୍ତି । ପରିସ୍ଥିତି ଠିକ୍ ରହିଲେ ସବୁକିଛି ଭଲ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ତାଙ୍କ ଏହି ବୟାନରୁ ସ୍ପଷ୍ଟ ଯେ ଭାରତୀୟ ଦଳକୁ ଫେରିବାର ଆଶା ସେ ଛାଡ଼ିନାହାନ୍ତି। ସୂର୍ଯ୍ୟକୁମାରଙ୍କ ଫର୍ମ ଗତ କିଛି ସମୟ ଧରି ଚିନ୍ତାର କାରଣ ରହିଥିଲା। ଆଇପିଏଲ୍ ୨୦୨୬ରେ ମଧ ସେ ୧୩ଟି ଇନିଂସ୍‌ରେ ମାତ୍ର ୨୭୦ ରନ୍ କରିଥିଲେ। ତଥାପି ଟି-୨୦ ବିଶ୍ୱକପ୍ ଜିତିବା ପରେ ତାଙ୍କୁ ତୁରନ୍ତ ଦଳରୁ ବାଦ୍ ଦିଆଯିବ ବୋଲି ଅଧିକାଂଶ କ୍ରିକେଟ୍ ପ୍ରଶଂସକ ଆଶା କରିନଥିଲେ। ଆୟରଲ୍ୟାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍ ପାଇଁ ଦଳ ଘୋଷଣା ବେଳେ ସୂର୍ଯ୍ୟଙ୍କ ନାମ ନଥିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା ।ସୂର୍ଯ୍ୟକୁମାରଙ୍କ ସ୍ଥାନରେ ଶ୍ରେୟସ ଆୟରଙ୍କୁ ଭାରତୀୟ ଟି-୨୦ ଦଳର ଅଧିନାୟକ କରାଯାଇଛି। ଆୟରଲ୍ୟାଣ୍ଡ ଓ ଇଂଲଣ୍ଡ ଗସ୍ତରେ ଭାରତ ମୋଟ ୭ଟି ଟି-୨୦ ମ୍ୟାଚ୍ ଖେଳିଥିଲା, ଯେଉଁଥିରୁ ୬ଟିରେ ପରାଜୟ ହୋଇଥିଲା। ଆୟରଲ୍ୟାଣ୍ଡ ବିପକ୍ଷରେ ଭାରତ ୨-୦ରେ ସିରିଜ୍ ହାରିଥିଲା। ପରେ ଜିମ୍ବାୱେ ବିପକ୍ଷ ୩ ମ୍ୟାଚ୍‌ର ଟି-୨୦ ସିରିଜ୍‌ରେ ଭାରତ ୩-୦ରେ ବିଜୟୀ ହୋଇ ପରାଜୟ ଧାରା ଭାଙ୍ଗିଥିଲା।

# ଡାଇମଣ୍ଡ ଲିଗ୍ ଫାଇନାଲ୍‌କୁ ନୀରଜଙ୍କ ଯୋଗ୍ୟତା

**ନୂଆଦିଲ୍ଲୀ :** ଭାରତୀୟ ଜାଭ୍‌ଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଋତୁ ଶେଷ ଡାଇମଣ୍ଡ ଲିଗ୍ ଫାଇନାଲ୍ ଲାଗି ନିଜ ସ୍ଥାନ ପକ୍କା କରିଛନ୍ତି। ଡାଇମଣ୍ଡ ଲିଗ୍ ଫାଇନାଲ୍ ଆସନ୍ତା ମାସ ୪ ଓ ୫ ତାରିଖରେ ବ୍ରସେଲ୍ସରେ ଅନୁଷ୍ଠିତ ହେବ। ୨ ଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚଳିତ ଋତୁରେ ୨ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିଛନ୍ତି। ଦୋହାରେ ଜୁନ୍ ୧୯ ତାରିଖରେ ଆୟୋଜିତ ପ୍ରତିଯୋଗିତାରେ ସେ ୮୫.୬୯ ମିଟର ଜାଭ୍‌ଲିନ୍ ଫିଙ୍ଗି ଚତୁର୍ଥ ସ୍ଥାନରେ ରହିଥିଲେ। ଏହାପରେ ଅଗଷ୍ଟ ୨୧ ତାରିଖରେ ଲେସାନେରେ ଆୟୋଜିତ ପ୍ରତିଯୋଗିତାରେ ସେ ନିଜ ଥ୍ରୋରେ ଉନ୍ନତି ଆଣି ୮୮.୦୫ ମିଟର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ମାସ ୨୭ ତାରିଖରେ ଜୁରିକ୍‌ରେ ସେ ଅଂଶଗ୍ରହଣ କରି ନଥିଲେ। ହେଲେ ତାଙ୍କ ପୂର୍ବ ପ୍ରଦର୍ଶନ ଫାଇନାଲ୍ ଖେଳିବା ଲାଗି ପର୍ଯ୍ୟାପ୍ତ ହୋଇଥିଲା। ନୀରଜ ଚଳିତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୮୫.୮୩ ମିଟର ଜାଭ୍‌ଲିନ୍ ଫିଙ୍ଗି ରୌପ୍ୟ ପଦକ ଜିତିଥିଲେ।

# ଟେଷ୍ଟ ମଝିରେ ଇମ୍ରାନ ଖାନଙ୍କୁ ନେଇ ମ୍ୟାଚ୍ ବନ୍ଦ କରିବାକୁ ପିସିବିର ଧମକ




**ନୂଆଦିଲ୍ଲୀ :** ଇଂଲଣ୍ଡ ଏବଂ ପାକିସ୍ତାନ କ୍ରିକେଟ୍ ଦଳ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯାଉଛି । ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଦୁଇ ଦଳ ମଧ୍ୟରେ ସିରିଜର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି । ଏହି ମ୍ୟାଚର ପ୍ରଥମ ଦିନରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ମ୍ୟାଚ୍ ବନ୍ଦ କରିବାକୁ ଧମକ ଦେବା ପରେ ହାଇଡ୍ରାମା ଦେଖିବାକୁ ମିଳିଛି । ମଧ୍ୟାହ୍ନ ଭୋଜନ ବିରତି ସମୟରେ ଏହି ଘଟଣା ଘଟିଥିଲା, ଯାହା ପରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କିମ୍ବଦନ୍ତୀ ଅଧିନାୟକ ଇମ୍ରାନ ଖାନଙ୍କ ପୁଅଙ୍କର ଏକ ସ୍ୱତନ୍ତ୍ର ସାକ୍ଷାତକାର ହୋଇଥିଲା । ପାକିସ୍ତାନ କ୍ରିକେଟ୍ ବୋର୍ଡର ଏହି ଧମକ ନୂଆ ନୁହେଁ । ଅନେକ ଥର ଏପରି ମ୍ୟାଚ୍ ବଏକଟର ଧମକ ଦେଇଛି । ୨୦୨୫ ଏସିଆ କପ୍ - ରେଫରି ବିବାଦ ପାଇଁ ମ୍ୟାଚ୍ ବର୍ଜନ କରିବାକୁ ଧମକ ଦେଇଥିଲା କିନ୍ତୁ ଶେଷରେ ପଡ଼ିଆକୁ ଓହ୍ଲାଇଥିଲେ। ସେହିପରି ୨୦୨୬ ଟି୨୦ ବିଶ୍ୱକପ୍ - ଭାରତ ବିପକ୍ଷରେ ସରକାର-ସମର୍ଥିତ ବର୍ଜନର ଧମକ ଦେଇଥିଲା କିନ୍ତୁ ଶେଷରେ ଖେଳିବାକୁ ବାଧ ହୋଇଥିଲା । ଏବେ ଲର୍ଡ୍ସ ଟେଷ୍ଟକୁ ବଏକଟ ଧମକ ଦେଇଛି ପାକିସ୍ତାନ କ୍ରିକେଟ୍ ବୋର୍ଡ । ଲର୍ଡସ୍ ଟେଷ୍ଟରେ ଡ୍ରାମା- ଇଂଲଣ୍ଡର ପୂର୍ବତନ ଅଧିନାୟକ ତଥା ସ୍କାଏ ସ୍ପୋର୍ଟସର ଭାଷ୍ୟକାର ମାଇକେଲ ଆଥର୍ଟନ ଲର୍ଡସ୍ ରାଇଟର୍ସ ରୁମରେ ଇମ୍ରାନ ଖାନଙ୍କ ଦୁଇ ପୁଅ ସୁଲେମାନ ଏବଂ କାସିମ ଖାନଙ୍କ ସହ ୧୮ ମିନିଟର ସାକ୍ଷାତକାର ନେଇଥିଲେ । ବ୍ରଡକାଷ୍ଟର ସ୍କାଏ ସ୍ପୋର୍ଟସ୍ ମଧ୍ୟାହ୍ନ ଭୋଜନ ବିରତି ସମୟରେ ଏହି ସାକ୍ଷାତକାର ପ୍ରସାରଣ କରିଥିଲା । ଏହା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ଏହାକୁ ତୀବ୍ର ବିରୋଧ କରିଥିଲା । ଏହି ବିବାଦ ମଧ୍ୟରେ ପରିସ୍ଥିତି ଏତେ ଖରାପ ହୋଇଯାଇଥିଲା ଯେ ମଧ୍ୟାହ୍ନ ଭୋଜନ ପରେ ପିସିବି ନିଜ ଦଳକୁ ଫିଲ୍ଡିଂ ନକରିବାର ବିକଳ୍ପ ମଧ ଖୋଜି ନେଇଥିଲା । ତେବେ ଆଲୋଚନା ପରେ ପାକିସ୍ତାନୀ ଖେଳାଳିମାନେ ଅପରାହ୍ନ ୨.୪୦ରେ ଦ୍ୱିତୀୟ ଅଧିବେଶନ ପାଇଁ ପଡ଼ିଆରେ ଓହ୍ଲାଇଥିଲେ । ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ପିସିବି ସ୍କାଏ ସ୍ପୋର୍ଟସ ସହ ଯୋଗାଯୋଗ କରି ସାକ୍ଷତକାରକୁ ନ ଦେଖାଇବାକୁ ଚାପ ପକାଇଥିଲା । ମ୍ୟାଚ୍ ବହିଷ୍କାର କରିବାକୁ ଧମକ ଦେଇଥିଲା । ଏହି ସାକ୍ଷାତକାରରେ ଇମ୍ରାନଙ୍କ ଦୁଇ ପୁଅ ଜେଲରେ ଥିବା ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ । ତାଙ୍କ ଜୀବନ ପ୍ରତି ବିପଦ ଥିବା କହିଥିଲେ । ଯାହାକୁ ନେଇ ଡ୍ରମା ଦେଖିବାକୁ ମିଳିଥିଲା । ୭୧ ବର୍ଷୀୟ ଇମ୍ରାନ ଖାନ ଗତ ତିନି ବର୍ଷ ଧରି ଜେଲରେ ଅଛନ୍ତି ଏବଂ ଗତ କିଛି ଦିନ ମଧ୍ୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଚିନ୍ତା ଦେଖାଦେଇଛି । ଗତ ସପ୍ତାହରେ ପାକିସ୍ତାନର ସୁପ୍ରିମକୋର୍ଟ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଚେକଅପ୍ ପରେ ତୁରନ୍ତ ତାଙ୍କୁ ସରକାରୀ ପିଆଇଏମ୍‌ଏସ୍ କୁ ନିଆଯାଇଥିଲା ଏବଂ ଜେଲକୁ ପଠାଇ ଦିଆଯାଇଥିଲା । ଇମ୍ରାନଙ୍କ ସମର୍ଥନରେ ବାହାରିଥିଲେ ଭାରତୀୟ କ୍ରିକେଟର୍ । ୨୧ ଜଣ ପୂର୍ବତନ ଅନ୍ତର୍ଜାତୀୟ ଅଧିନାୟକ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ଚିଠି ଲେଖି ଇମ୍ରାନ ଖାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଦାବି କରିଥିଲେ। ଦ୍ୱିତୀୟ ଟେଷ୍ଟ: ଇଂଲଣ୍ଡ ୯/୨୪୮- ଘରୋଇ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଐତିହାସିକ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ ରୋମାଞ୍ଚକର ସ୍ଥିତି ଦେଇ ଗତି କରୁଛି । ପ୍ରଥମ ଟେଷ୍ଟ ପରାଜିତ ହୋଇଥିବା ପାକିସ୍ତାନ ଲର୍ଡ୍ସରେ ପ୍ରତ୍ୟାବର୍ତ୍ତନ ପାଇଁ ଜୋରଦାର ପ୍ରୟାସ ଚଳାଇଛି । ଭ୍ରମଣକାରୀ ଦଳର ଶୃଙ୍ଖଳିତ ବୋଲିଂ ଜାରି ରହିଛି । ଇଂଲଣ୍ଡ ପ୍ରଥମ ଇନିଂସରେ ୯ ୱିକେଟ୍ ହରାଇ ୨୪୮ ରନ ସଂଗ୍ରହ କରିଛି । ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ପକ୍ଷରୁ ଗସ ଆଟକିନସନ ୩୪ ଓ ଜୋସ ଟଙ୍ଗ ୧ ରନ କରି ଅପରାଜିତ ରହିଛନ୍ତି । ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ପାକିସ୍ତାନ ପାଇଁ ଫଳପ୍ରଦ ରହିଥିଲା । ମହମ୍ମଦ ଆବାସ ଓ ମହମ୍ମଦ ଅଲି ପ୍ରାରମ୍ଭରୁ ଘାତକ ବୋଲିଂ କରିଥିଲେ । ଇଂଲଣ୍ଡ ୩୬ ରନ୍‌ରେ ୩ଟି ୱିକେଟ୍ ହରାଇଥିଲା । ପରେ ପରେ ହ୍ୟାରୀ ବ୍ରୁକ୍ ୧୫ ରନ ଓ ଡାନ ଲରେନ୍ସ ୧୭ କରି ବିଦାୟ ନେବା ସହ ଇଂଲଣ୍ଡ ୧୨୦ ରନ୍‌ରେ ୫ଟି ୱିକେଟ୍ ହରାଇ ସଂକଟରେ ପଡ଼ି ଯାଇଥିଲା । ପ୍ରଥମ ୱିକେଟର ପତନ ପରେ ବ୍ୟାଟିଂ କରିବାକୁ ଆସିଥିବା ଜୋର୍ଡା କକ୍ସଙ୍କ ସହ ଜାମି ସ୍ମିଥ୍ ମିଶି ପାଳି ସୁଧାରିଥିଲେ । ଦଳୀୟ ସ୍କୋର ୧୮୭ ବେଳେ କକ୍ସ ବ୍ୟକ୍ତିଗତ ୫୫ ରନ କରି ବିଦାୟ ନେଇଥିଲେ । ସ୍ମିଥ୍‌ଙ୍କ ସହ ଗସ ଆଟକିନସନ ମିଶି ଦଳୀୟ ସ୍କୋରକୁ ୨୨୨ରେ ପହଞ୍ଚାଇଥିଲେ । ସ୍ମିଥ୍ ବ୍ୟକ୍ତିଗତ ୬୧ ରନ କରି ଆଉଟ୍ ହୋଇଥିଲେ । ଓଲି ରବିନସନ ଖାତା ଖୋଲି ପାରି ନଥିଲେ । ଘରୋଇ ଦଳ ୨୨୨ ରନ୍‌ରେ ୮ଟି ୱିକେଟ୍ ହରାଇଥିଲା । ଏହାପରେ ଗସ ଆଟକିନସନ ଓ ଜୋଫ୍ରା ଆର୍ଚର(୧୪) ଆଉ ୨୧ ରନ ଯୋଗ କରି ଦଳୀୟ ସ୍କୋରକୁ ୨୪୩ରେ ପହଞ୍ଚାଇଥିଲେ । ଆର୍ଚରଙ୍କ ୱିକେଟ୍‌ର ପତନ ପରେ ଆଉ ମାତ୍ର ୩ଟି ବଲ୍ ଖେଳ ହୋଇଥିଲା ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**

# ଓରିକ୍ଲିନ୍ କମ୍ପାନୀର ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଧାରଣା



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଟାଙ୍ଗୀ ଅଂଚଳରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛୋଟବଡ଼ କାରଖାନା ଚାଲୁଥିବା ବେଳେ ମୁଖ୍ୟତଃ ୧୬ନମ୍ବର ଜାତୀୟ ରାଜପଥ ବଇଁଚୁଆ ଛକ ନିକଟରେ ଥିବା ଓରିକ୍ଲିନ୍ କମ୍ପାନୀରେ ପ୍ରତିବର୍ଷ ଶ୍ରମିକମାନେ ଆନ୍ଦୋଳନ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ବର୍ଷକ ପୂର୍ବରୁ ଏହି କମ୍ପାନୀରେ କାର୍ଯ୍ୟ କରୁଥିବା ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ବିନା କାରଣରେ ଛଟେଇ କରିବା ପରେ ଶ୍ରମିକମାନଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ସେହିପରି ବର୍ତ୍ତମାନ କାର୍ଯ୍ୟ କରୁଥିବା ୨୧୭ଜଣ ଶ୍ରମିକଙ୍କୁ କିଛି ବର୍ଷ ହେବ ଏକ ଠିକାସଂସ୍ଥା ଜରିଆରେ କାର୍ଯ୍ୟ କରାଇ ବର୍ତ୍ତମାନ ସେମାନଙ୍କୁ ଛଟେଇ କରିବାର ହୀନ ପ୍ରୟାସ କରିବା ବିରୁଦ୍ଧରେ ଆଜି କମ୍ପାନୀର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକମାନେ ଏହାର ପ୍ରତିବାଦରେ ଓରିକ୍ଲିନ୍, ଓରିଫୁଡ ଓ ଓରିବେକରର ମୁଖ୍ୟ ଫାଟକ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସି ରହିଛନ୍ତି। ଏହି କମ୍ପାନୀରେ କାର୍ଯ୍ୟ କରୁଥିବା ୨୫ବର୍ଷରୁ ଊର୍ଦ୍ଧ୍ୱ ଶ୍ରମିକମାନଙ୍କୁ ହଠାତ୍ କମ୍ପାନୀ କର୍ତ୍ତୃପକ୍ଷ ବାହାର କରିବା ପାଇଁ ଠିକାସଂସ୍ଥା ଏକ ନୋଟିସ୍ ଜାରି କରିଥିଲା। ଏହି ନୋଟିସ୍ ପାଇବା ପରେ ଶ୍ରମିକମାନେ ଟାଙ୍ଗୀ ଥାନାରେ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସି ରହିବା ପାଇଁ ଅନୁମତି ଆଣି ପ୍ରତିବାଦ କରିଛନ୍ତି। ପୂର୍ବରୁ ଏହି କମ୍ପାନୀରେ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ଧରି କାର୍ଯ୍ୟ କରୁଥିବା ମକରା ବେହେରା କମ୍ପାନୀରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ତାଙ୍କ ପରିବାରକୁ ପ୍ରତିଶ୍ରୁତି ମୁତାବକ ଅର୍ଥରାଶି ପ୍ରଦାନ କରାଯାଇନଥିବା ବେଳେ ଟାଙ୍ଗୀ ହାଟସାହିର ପ୍ରଦେଶ ସାହୁ କମ୍ପାନୀରେ କାର୍ଯ୍ୟରତ ଅବସ୍ଥାରେ ନିଜର ଜୀବନ ହାରିବା ପରେ ତାଙ୍କ ପରିବାରଲୋକେ ପ୍ରତିଶ୍ରୁତି ମୁତାବକ ଭରଣପୋଷଣ ପାଇଁ ପ୍ରାୟ ବର୍ଷେ ହେବ କମ୍ପାନୀ ମାଲିକଙ୍କ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇସାରିଲେଣି। ଏହି କମ୍ପାନୀର ଏଭଳି ଶ୍ରମିକମାରଣ ନୀତି ଅଭିଯୋଗରେ କମ୍ପାନୀର କର୍ମଚାରୀମାନେ ଚୌଦ୍ୱାର ସ୍ଥିତ ଶ୍ରମ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କଲେ ମଧ ସେମାନଙ୍କୁ ଏପର୍ଯ୍ୟନ୍ତ କୌଣସି ସାନ୍ତ୍ୱନାମୂଳକ ପ୍ରତିଶ୍ରୁତି ମିଳିପାରିନାହିଁ। ଯାହାଫଳରେ ଶ୍ରମିକମାନେ ଆଜି ଗୁରୁବାର ଠାରୁ କମ୍ପାନୀ ଫାଟକ ସମ୍ମୁଖରେ ବସି ଧାରଣା ଦେବାର ଚରମ ନିଷ୍ପତ୍ତି ନେଇଛନ୍ତି। ଯଦି ସେମାନଙ୍କର ଦାବି ପୂରଣ ନ ହୁଏ ତେବେ ସେମାନେ କମ୍ପାନୀକୁ ଚଳେଇ ଦେବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଧାରଣାସ୍ଥଳରେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ସେଠୀ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଧାରଣାରତ କର୍ମଚାରୀଙ୍କୁ ବୁଝାସୁଝା କରିଥିବା ବେଳେ ସଂଧ୍ୟା ସମୟରେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଶ୍ରମିକମାନଙ୍କ ନିକଟକୁ ଯାଇ ଆସନ୍ତା ସୋମବାର ଦିନ ଶ୍ରମିକମାନଙ୍କର ଥିବା ସମସ୍ତ ଦାବି ବିଷୟରେ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରାଇ ଏହାର ଏକ ଆଶୁ ସମାଧାନ କରିବା ପାଇଁ କହିଥିଲେ ମଧ ଶ୍ରମିକମାନେ ସୋମବାର ପର୍ଯ୍ୟନ୍ତ ନିଜର ଶାନ୍ତିପୂର୍ଣ୍ଣ ଧାରଣା ଜାରି ରଖିବେ ବୋଲି ତହସିଲଦାରଙ୍କ ନିକଟରେ ନିଜ ଜିଦିରେ ଅଡ଼ି ବସିଥିଲେ।

# ନିର୍ବାଚନୀ ସାକ୍ଷରତା କ୍ଲବ୍‌ର ପୁନରୁଦ୍ଧାର ଓ ସୁଦୃଢ଼ୀକରଣ



**ସାହାରପଡା (ଅମୃତ ମିଡ଼ିଆ) :** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁରସ୍ଥିତ ଯୁକ୍ତ ଦୁଇ ମହାବିଦ୍ୟାଳୟ ପରିସରରେ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରରେ ନିର୍ବାଚନୀ ସାକ୍ଷରତା କ୍ଲବ୍‌ର ପୁନରୁଦ୍ଧାର ଓ ସୁଦୃଢ଼ୀକରଣ କାର୍ଯ୍ୟକ୍ରମ ଅଗଷ୍ଟ ୨୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାହାରପଡା ବ୍ଲକ ଉନ୍ନୟନ ଅଧିକାରୀ ରଣଜିତ କୁମାର ମହାନ୍ତ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ନିର୍ବାଚନୀ ସଚେତନତା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଥିଲେ। ମତଦାନର ଗୁରୁତ୍ୱ, ମତଦାତାଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୁବପିଢ଼ିଙ୍କ ସକ୍ରିୟ ଭୂମିକା ରହିବା ଆବଶ୍ୟକ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ନିର୍ବାଚନ ସମ୍ପର୍କିତ ସଚେତନତା ବୃଦ୍ଧି, ମତଦାତାଙ୍କ ଅଧିକାର ଓ କର୍ତ୍ତବ୍ୟ, ମତଦାନର ଗୁରୁତ୍ୱ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନାଗରିକଙ୍କ ସକ୍ରିୟ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ନୂତନ ଓ ଯୁବ ମତଦାତା ମାନଙ୍କୁ ନିର୍ବାଚନ ପ୍ରକ୍ରିୟା ସହିତ ଯୋଡ଼ିବା, ନିର୍ଭୟ ଓ ସଚେତନ ଭାବେ ମତଦାନ କରିବା ପାଇଁ ପ୍ରେରିତ କରିବା ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ, ଛାତ୍ରଛାତ୍ରୀ ଓ ସମ୍ପୃକ୍ତ ଅଧିକାରୀମାନେ ଯୋଗଦେଇ ନିର୍ବାଚନୀ ସାକ୍ଷରତାକୁ ତୃଣମୂଳ ସ୍ତରରେ ଅଧିକ ବ୍ୟାପକ କରିବା ସହ ଯୁବପିଢ଼ିଙ୍କୁ ଗଣତନ୍ତ୍ରର ମୂଲ୍ୟବୋଧ ସମ୍ପର୍କରେ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସଚେତନ ଓ ଦାୟିତ୍ୱବାନ ମତଦାତା ହିଁ ଏକ ସୁଦୃଢ଼ ଗଣତନ୍ତ୍ରର ମୂଳ ଆଧାର ବୋଲି ମତପ୍ରକାଶ ପାଇଥିଲା।

# ସାମାନ୍ୟ ବଚସାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



**ବେଗୁନିଆପଡା (ଅମୃତ ମିଡିଆ) :** ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଶାଳବଣ ଗାଁରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସାମାନ୍ୟ କଥା କଟାକଟିକୁ ନେଇ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ମାରାତ୍ମକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ସେହି ଗାଁର କାହ୍ନା ବାରିକ। ବାଦଲ ଦତ୍ତ ନାମକ ସେହି ଗ୍ରାମର ଯୁବକ କାହ୍ନୁକୁ ଆକ୍ରମଣ କରିଥିବା ସୂଚନା ମିଳିଛି। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ଜଣାପଡ଼ିଛି। ଗାଁର ଅନ୍ୟ ଜଣେ ଯୁବକଙ୍କ ସହ କାହ୍ନାଙ୍କର କୌଣସି ସାମାନ୍ୟ କାରଣରୁ ବଚସା ହୋଇଥିଲା। ତେବେ ଏହି ବଚସା ଉଗ୍ର ରୂପ ନେଇଥିଲା ଏବଂ ଅପରପକ୍ଷର ଯୁବକ ଜଣକ ଉତ୍ତ୍ୟକ୍ତ ହୋଇ ଧାରୁଆ ଅସ୍ତ୍ରରେ କାହ୍ନାଙ୍କୁ ମାରାତ୍ମକ ପ୍ରହାର କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ କୋଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ କୋଦଳା ଥାନା ପୋଲିସ ତୁରନ୍ତ ଶାଳବଣ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆକ୍ରମଣ କରିଥିବା ଯୁବକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ, ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ଅନନ୍ତବଳିଆ ଆଶ୍ରମରେ ରକ୍ଷାବନ୍ଧନ ଉତ୍ସବ

**ତେଲେଙ୍ଗାପେଣ୍ଠ (ଅମୃତ ମିଡିଆ) :** ରାକ୍ଷୀପୂର୍ଣ୍ଣିମା ଅବସରରେ ତେଲେଙ୍ଗାପେଣ୍ଠ ସ୍ଥିତ ପଦ୍ମଶ୍ରୀ ବାବା ବଳିଆଙ୍କ ଅନନ୍ତବଳିଆ ଆଶ୍ରମରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ନଛିପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଅନାମ ଚରଣ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ଗୁରୁମା ପ୍ରଣତି ସିଂହ, ସୁନିତା ନାୟକ, ଜୀବନଜୟୀ ମହାନ୍ତି, ସୋନାଲି ସେନାପତି, ନୀତାଞ୍ଜଳି ମହାନ୍ତି, ରୂପାଲି ସାସମଲ, ରଂଜିତା ପ୍ରଧାନ, ମହେଶ୍ୱେତା ସ୍ୱାଇଁ, ସ୍ମୃତିରେଖା ଜେନାଙ୍କ ସମେତ ବିଦ୍ୟାଳୟର ଛାତ୍ରୀମାନେ ଆଶ୍ରମ ପରିସରରେ ଅନନ୍ତବଳିଆ ବୈଦିକ ବିଦ୍ୟାପୀଠମ୍ ବେଦାନୁଷ୍ଠାନରେ ଶିକ୍ଷା ଗ୍ରହଣ କରୁଥିବା ବିଦ୍ୟାର୍ଥୀମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ସେମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏତଦ୍ ବ୍ୟତୀତ ବାବାଜୀ ପ୍ରଣବାନନ୍ଦ ଦାସ, ଅଂଚଳର ବରିଷ୍ଠ ମୁରବୀ ପୀତବାସ ମହାପାତ୍ର ଏବଂ ଆଶ୍ରମର ଅନ୍ତେବାସୀଙ୍କ ହସ୍ତରେ ରକ୍ଷା ବନ୍ଧନ କରାଯାଇଥିଲା। ଶେଷରେ ଆଶ୍ରମ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀ ଓ ଗୁରୁମାଗୁରୁଜୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ ଭାଇଭଉଣୀର ର ପର୍ବକୁ ଅତି ସୁନ୍ଦର ଭାବରେ ପା କରାଯାଇଥିଲା।

# କେନ୍ଦ୍ରାପଡାରେ ବିକଶିତ ଭାରତ ଖେଲୋ ଇଣ୍ଡିଆ ଯୁବା କନେକ୍ଟ କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ରେ ଜାତୀୟ ସେବା ଯୋଜନା ଓ ଯୁବ ଭାରତର ମିଳିତ ଆନୁକୂଲ୍ୟରେ ବିକଶିତ ଭାରତ ଯୁବା କନେକ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧକ୍ଷା ଆଦ୍ୟାରଶ୍ମୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଦ୍ୱାରା ପ୍ରେରିତ ଆନ୍ତର୍ଜାତୀୟ ଭଲିବଲ୍ ଖେଳାଳି ଶିବାନୀ ପ୍ରିୟଦର୍ଶିନୀ ପରିଡ଼ା, ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଭାରୋତ୍ତୋଳନ ଖେଳାଳି ରୋନିତ ରୋଶନ ସ୍ୱାଇଁ, କେନ୍ଦ୍ରାପଡ଼ାର ସୁନାମଧନ୍ୟ କ୍ରୀଡ଼ାବିତ୍ ନାରାୟଣ ଚନ୍ଦ୍ର ବାରିକ, ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତ୍ ଅରବିନ୍ଦ ମହାପାତ୍ର, ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ପ୍ରାକ୍ତନ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଶିଶିର କାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିକଶିତ ଭାରତ ଯୁବ କନେକ୍ଟ ସ୍ପୋର୍ଟସ ଏଡିସନ୍ ଦେଶ ବ୍ୟାପୀ ଆୟୋଜିତ ହୋଇଛି। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଦେଶର ଯୁବା ପିଢ଼ି କ୍ରୀଡ଼ାବିତ୍ ମାନଙ୍କୁ ଏକ ସାଧାରଣ ମଞ୍ଚରେ ଏକତ୍ରିତ କରିବା। ସମଗ୍ର ଭାରତ ତଥା ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଚାଲିଥିଲାବେଳେ କେନ୍ଦ୍ରାପଡା ଜିଲ୍ଲାରେ ୨ଟି ସ୍ଥାନରେ କାର୍ଯ୍ୟକ୍ରମ ଚାଲିଥିଲା ଏବଂ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ନୋଡାଲ ସେଣ୍ଟର ଭାବେ କାର୍ଯ୍ୟ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା,ମାଇଁ ଭାରତ, ଜିଲ୍ଲାର ଅନ୍ୟାନ୍ୟ ଯୁବ କ୍ଲବ୍ ଓ କ୍ରୀଡ଼ା ସଂସ୍ଥା ମାନଙ୍କରୁ ପ୍ରାୟ ୧୫୦ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଙ୍କ ସମ୍ଭାଷଣ ପରେ ପରେ ସମ୍ବର୍ଦ୍ଧନା ଉତ୍ସବ, ନିଶାମୁକ୍ତ ଶପଥ ପାଠ କରାଯାଇ ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଇ କ୍ରୀଡ଼ା ମୋଟିଭେଟର ସୁଭ୍ର ଶୁଭଙ୍କର ବିଶ୍ୱାଳ ଓ ରାଜକିଶୋର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା ଅଧିକାରୀ ଅଧାପକ ମୃତ୍ୟୁଞ୍ଜୟ ମହାନ୍ତି ଓ ମେରା ଭାରତ ଯୁବ ଭାରତର କର୍ମଚାରୀ ଲକ୍ଷ୍ମୀକାନ୍ତ ଜେନାଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଚାଲିଥିଲା ବେଳେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ରାଜା ମଳିକ ଓ ଅଙ୍କିତା ମିଶ୍ର, ଜଗନ୍ କୁମାର ଦାସ, ଆସ୍ପୃହା ସାହୁ, ଜସ୍ମିନ ଭୂୟାଁ, କୈବଲ୍ୟ ବେହେରା, ଶିଖା ନାଥ ଓ ମାଇଁ ଭାରତ ଯୁବା ଭାରତର ସ୍ୱେଚ୍ଛାସେବୀ ସ୍ୱସ୍ତିକ ଶ୍ରୀବାସ୍ତବ, ଶିବ ନାରାୟଣ ଦାସ, ଲକ୍ଷ୍ମୀପ୍ରିୟା ରାଉତ, ବେଦଜ୍ୟୋତୀ ଦାଶ, ଜଗନ୍ନାଥ ସାମଲ, ଇଶା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ସିଦ୍ଧ ବଳଦେବଜିଉ ଗୋମଙ୍ଗଳ ସମିତିରେ ଗୋପୂଜନ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ଓ ବଟକୃଷ୍ଣ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଗତ ୨୦୦୬ ମସିହାରୁ ଗଢିଉଠିଥିବା ଶ୍ରୀ ଶ୍ରୀ ସିଦ୍ଧବଳଦେବଜୀଉ ଗୋମଙ୍ଗଳ ସମିତିରେ ଆଜି ହିନ୍ଦୁ ରୀତିନୀତି ଅନୁଯାୟୀ ଗୋପୁଜନ କାର୍ଯ୍ୟକ୍ରମ କରାଯାଇଛି। ପ୍ରତିବର୍ଷ ପରି ପ୍ରଥମେ ଗୋମାତାଙ୍କୁ କଜ୍ୱଳ, ଚନ୍ଦନ, ସିନ୍ଦୁର ଓ ଫୁଲହାର ଦିଆଯାଇ ପୁଜା କରାଯାଇଥିଲା। ଏହାପରେ ଗୋମାତାଙ୍କୁ ଚକୁଳି ପିଠା ଓ କଦଳୀ ଖାଇବାକୁ ଦିଆଯାଇଥିଲା। ସଭାପତି ଫକୀରଚରଣ ଖଟୁଆ, କସ୍ତୁରୀ ଚରଣ ପାତ୍ର, ସମ୍ପାଦକ ସୁଶୀଲ କୁମାର ସାମଲ, ବିଧୁଭୂଷଣ ମହାପାତ୍ର, ଖିରୋଦଚନ୍ଦ୍ର ଦାସ, ସାରଦା ପ୍ରସାଦ ସିଂ, ଅଶୋକ ମୋହନ ଜେନା, ରାମନାରାୟଣ ପ୍ରଧାନ, ବିଧାନ ଚନ୍ଦ୍ର ସାମଲ, ବିଶ୍ୱ ମୋହନ ଦାସ, ଶ୍ରୀନିବାସ ବରାଳ, ପ୍ରଶାନ୍ତ କୁମାର ପ୍ରଧାନ, ଖଗେଶ୍ୱର ଲେଙ୍କା, ଭାସ୍କର ଚନ୍ଦ୍ର ସାହୁ, ଭାରତୀ ସାହୁ, ଗୋବିନ୍ଦ ମଲିକଙ୍କ ଉପସ୍ଥିତିରେ ଗୋପୁଜନ ଓ ଗୋମାତାଙ୍କୁ ରାଖୀ ବନ୍ଧାଯାଇ ପବିତ୍ର ଗହ୍ମା ପୁର୍ଣିମା ଓ ପ୍ରଭୁ ବଳଦେବଜୀଉଙ୍କ ଜନ୍ମଦିନ ଗୋଶାଳା ପରିସରରେ ପାଳନ କରାଯାଇଥିଲା।

# ପୂର୍ବତନ ଡିଜିପି ୱାଇବି ଖୁରାନିଆଙ୍କୁ ହାଇକୋର୍ଟଙ୍କ କାରଣଦର୍ଶାଅ ନୋଟିସ୍

**କଟକ (ବ୍ୟୁରୋ) :** ପୂର୍ବତନ ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ତାଙ୍କ ବିରୋଧରେ କାହିଁକି ଅଦାଲତ ଅବମାନନା ମାମଲା ରୁଜୁ କରାଯିବ ନାହିଁ, ସେନେଇ କୈଫିୟତ ତଲବ କରିଛନ୍ତି କୋର୍ଟ। ବାରମ୍ବାର ସୁଯୋଗ ସତ୍ତ୍ୱେ କୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ନକରିବା ଏବଂ ମାମଲା ସମ୍ପର୍କରେ ବିଭ୍ରାନ୍ତିକର ତଥ୍ୟ ଥିବା ସତ୍ୟପାଠ ଦାଖଲ କରିବା ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇଛନ୍ତି। ୨୦୨୫ ସେପ୍ଟେମ୍ବର ୨୫ରେ ଜାରି ହୋଇଥିବା ନିର୍ଦ୍ଦେଶକୁ ଖୁରାନିଆ ଜାଣିଶୁଣି ଉଲ୍ଲଂଘନ କରିଥିବା ନେଇ ଅଭିଯୋଗ ରହିଛି। ଅଦାଲତ ଅବମାନନା ଆଇନର ଧାରା ୧୨ ଅନୁଯାୟୀ, ତାଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆନଯିବ, ସେନେଇ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଖୁରାନିଆ ଅବସର ନେଇସାରିଥିବାରୁ ପୁଲିସ ଆଇଜି (ପର୍ସନାଲ) ତାଙ୍କୁ ଏହି ନୋଟିସ୍ ପ୍ରଦାନ କରିବେ। ନୋଟିସ୍ ପାଇବାର ୭ ଦିନ ମଧ୍ୟରେ ଖୁରାନିଆଙ୍କୁ ଜବାବ ଦେବାକୁ ପଡ଼ିବ। ଚାକିରିରୁ ଛଟେଇ ହୋଇଥିବା ମହିଳା ପୁଲିସ ଅଧିକାରୀ ସାଗରିକା ପରିଡ଼ାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ହାଇକୋର୍ଟ ଏହି ପଦକ୍ଷେପ ନେଇଛନ୍ତି। ସାଗରିକାଙ୍କୁ ପୁନଃ ଚାକିରିରେ ଅବସ୍ଥାପିତ କରିବାକୁ ଗତବର୍ଷ ସେପ୍ଟେମ୍ବରରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଆଦେଶ କାର୍ଯ୍ୟକାରୀ ନକରି ତତ୍କାଳୀନ ଡିଜିପି ୱାଇବି ଖୁରାନିଆ କୋର୍ଟରେ ବିଭ୍ରାନ୍ତିକର ତଥ୍ୟ ସତ୍ୟପାଠ ଜରିଆରେ ଦେଇଥିବା ଅଭିଯୋଗ ହୋଇଛି। ଖୁରାନିଆ ଗତ ୧୬ ତାରିଖରେ ଡିଜିପି ପଦରୁ ଅବସର ନେଇଥିଲେ ମଧ ତାଙ୍କ ବିରୋଧରେ ଅଦାଲତ ଅବମାନନା ପ୍ରକ୍ରିୟା ଜାରି ରହିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ୪ ସପ୍ତାହ ମଧ୍ୟରେ ସାଗରିକା ପରିଡ଼ାଙ୍କୁ ଚାକିରିରେ ପୁନଃସ୍ଥାପନ ସମ୍ପର୍କିତ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କୋର୍ଟ କହିଛନ୍ତି। ଏଥିରେ ଅବହେଳା ହେଲେ ଭାରପ୍ରାପ୍ତ ଡିଜିପି ଓ ଆଇଜି (ପର୍ସନାଲ)ଙ୍କୁ ସେପ୍ଟେମ୍ବର ୨୮ରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ବୋଲି ହାଇକୋର୍ଟ ଚେତାବନୀ ଦେଇଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ବଡ଼ଚଣା ବ୍ଲକ ଅନ୍ତର୍ଗତ ନିଶ୍ଚିମାଳା ଗାଁର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ନେନାଙ୍କ ତାଙ୍କ ବାସଭବନରେ ସ୍ମୃତିଚାରଣ ସଭା ବାହାଦୁର କ୍ଲବ ସଭାପତି ରଞ୍ଜନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିବା ସହିତ ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଆମ ଅଞ୍ଚଳରେ ସୁନାମ ଅର୍ଜନ କରିପାରିଛନ୍ତି ବୋଲି କହିଥିଲେ। ତାଙ୍କ ନାମରେ ଲିଖିତ ଏକ ପୁସ୍ତକ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କଂଗ୍ରେସ ନେତା ସନ୍ତୋଷ ବଳ, ହୋଲିଯେସସ ସ୍କୁଲରେ ଅଧକ୍ଷା କାମିନୀ ନାୟକ, ମନୋରମା ଆଚାର୍ଯ୍ୟ, ସାମ୍ବାଦିକ ଅଭିମନ୍ୟୁ ଧଳ, ଧର୍ମଶାଳା ବ୍ଲକ ପୂର୍ବତନ ଅଧକ୍ଷ କିଶାନ ପଣ୍ଡା, ଚଣ୍ଡିଖୋଲ ବାର ଆସୋସିଏସନ ସଭାପତି ଦେବରାଜ ବେହେରା, ବୃନ୍ଦାବନ ରାଉତ, ପଲ୍ଲୀମାଙ୍ଗଳ ସଭାପତି ସଞ୍ଜୟ କୁମାର ସ୍ୱାଇଁ, ସମରକେତନ ଲେଙ୍କା, ଶିକ୍ଷକ ନେତା ଆର୍ତ୍ତତ୍ରାଣ ସେଠି, ସରପଞ୍ଚ ଫକୀର ମୋହନ ମିଶ୍ର, ଜୀବନବିମା ନିଗମ କଟକ ଶାଖା ପରିଚାଳକ ସନ୍ତୋଷ କୁମାର ସାମନ୍ତରାୟ, ବରିଷ୍ଠ ନାଗରିକ ଈଶ୍ୱର ସାମଲ, କାହ୍ନୁଚରଣ ଦାସ, ଜଗନ୍ନାଥ ସାମନ୍ତରାୟ, ଅଜୟ କୁମାର ଜେନା, ଚନ୍ଦ୍ରମଣି ଜେନା, ଅନିଦ୍ୟ ସାମଲ, ଅବିନାଶ ଜେନା, ବିଭୁତି ଭୂଷଣ ଜେନା, ବସନ୍ତ ପରିଡା, ସାମ୍ବାଦିକ ବେଣୁଧର ପଣ୍ଡା ଉପସ୍ଥିତ ରହି ସ୍ୱର୍ଗତ କୃଷ୍ଣଚନ୍ଦ୍ର ଜେନାଙ୍କ ସ୍ମୃତି ଚାରଣ କରିଥିଲେ। ତାଙ୍କ ପରିବାର ଅନିଲ, ସୁନୀଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ବିକଶିତ ଭାରତ ଯୁବା କନେକ୍ଟ ସ୍ପୋର୍ଟସ୍ ଏଡିସନ୍'



**ଯାଜପୁର (ଅମୃତ ମିଡିଆ) :** ଜାତୀୟ କ୍ରୀଡ଼ା ଦିବସ ଅବସରରେ 'ବିକଶିତ ଭାରତ ଯୁବା କନେକ୍ଟ–ସ୍ପୋର୍ଟସ୍ ଏଡିସନ୍' କାର୍ଯ୍ୟକ୍ରମ ଭାରତୀ ବିହାର ମହାବିଦ୍ୟାଳୟ, ହରିପୁର, ଯାଜପୁର ପରିସରରେ ମେରା ଯୁବା ଭାରତ, ଜାତୀୟ ସେବା ଯୋଜନା ସହ ସମନ୍ୱୟରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଭିର୍ଚୁଆଲ୍ ମାଧ୍ୟମରେ ଯୁବମାନଙ୍କ ସହ ଆଲୋଚନା କରିଥିଲେ ଏବଂ କ୍ରୀଡ଼ାର ଗୁରୁତ୍ୱ ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଯୁବମାନଙ୍କୁ ସମ୍ବୋଧିତ କରିବା ସହ କ୍ରୀଡ଼ା, ଶୃଙ୍ଖଳା, ନେତୃତ୍ୱ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବମାନଙ୍କ ସକ୍ରିୟ ଭୂମିକାର ଗୁରୁତ୍ୱ ଉପରେ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ କ୍ରୀଡ଼ାବିତ୍ ତଥା ସ୍ପୋର୍ଟସ୍ ଆଇକନ୍ ଓଇନାମ ଦିବ୍ୟା ଦେବୀ ମଧ ଉପସ୍ଥିତ ଥିଲେ। ସେ କ୍ରୀଡ଼ା ଏବଂ ଜୀବନରେ ସଫଳତା ହାସଲ କରିବାରେ କଠିନ ପରିଶ୍ରମ, ଆତ୍ମବିଶ୍ୱାସ, ଦୃଢ଼ତା ଏବଂ ସଂକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରି ଯୁବମାନଙ୍କୁ ପ୍ରେରିତ କରିଥିଲେ। ପ୍ରଫେସର ତ୍ରିଲୋଚନ ସାହୁ, ଅଧକ୍ଷ, ଏବଂ ଏନ୍.ଏସ୍.ଏସ୍. ଅଧିକାରୀ ପ୍ରଦୀପ ପ୍ରଧାନ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ। ମାଁଇଁ ଭାରତ ଏବଂ ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀ, ଯୁବ ଅଂଶଗ୍ରହଣକାରୀ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଗତ ୧୨ ବର୍ଷ ମଧ୍ୟରେ ଭାରତର କ୍ରୀଡ଼ା ଭିତ୍ତିଭୂମିରେ ଘଟିଥିବା ପରିବର୍ତ୍ତନ, ଦେଶର କ୍ରୀଡ଼ା ପରିବେଶର ବିକାଶ, କ୍ରୀଡ଼ା କ୍ଷେତ୍ରରେ ଯୁବମାନଙ୍କ ପାଇଁ ଉପଲବ୍ଧ ସୁଯୋଗ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବମାନଙ୍କ ଭୂମିକା ଉପରେ ଆଲୋଚନା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲେ। ଏହା ପରେ 'ଯୁବ ସମ୍ବାଦ' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ମେରା ଯୁବା ଭାରତ, ଯାଜପୁରର ଜିଲ୍ଲା ଯୁବ ଅଧିକାରୀ କୁମାର ଗୌରବଙ୍କ ସମନ୍ୱୟ ଏବଂ ପ୍ରୟାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏଥିରେ ଏକ ଲାଇଭ୍ କୁଇଜ୍ ପ୍ରତିଯୋଗିତା ମଧ ରହିଛି, ଯାହା ୨୦୨୭ ମସିହା ଫେବୃଆରୀରେ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ବିକଶିତ ଭାରତ ଯୁବ ନେତା ସଂଳାପ ୨୦୨୭ର ଅଂଶ ହେବାର ସୁଯୋଗ ପ୍ରଦାନ କରୁଛି।

# ଶାଳଗାଁ ଉଚ୍ଚ ବିଦ୍ୟାଳୟରେ ରକ୍ଷାବନ୍ଧନ ପାଳିତ



**ବେତନଟୀ (ଅମୃତ ମିଡିଆ) :** ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ତରଫରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଅଛି। ଇକୋକ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ରକ୍ଷାବନ୍ଧନରେ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ବେହେରା ପ୍ରଧାନଶିକ୍ଷକ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ବିଜୟ ଭାସ୍କର ମହାଳିକ ପ୍ରଧାନଶିକ୍ଷକ ବୁଢ଼ାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ, ମୁଖ୍ୟବକ୍ତା ହରୀମୋହନ କର ପ୍ରଧାନଶିକ୍ଷକ ମାନବୀର ଉଚ୍ଚ ବିଦ୍ୟାଳୟ, ସମ୍ମାନନୀୟ ଅତିଥି-କାଳୀଚରଣ ସିଂ ପୂର୍ବତନ ସରପଞ୍ଚ ଯୋଗ ଦେଇଥିଲେ। ଛାତ୍ର-ଛାତ୍ରୀମାନେ ବୃକ୍ଷକୁ ପୂଜାର୍ଚ୍ଚନା କରି ପ୍ରତ୍ୟେକ ବୃକ୍ଷକୁ ରାଖୀ ବାନ୍ଧିଥିଲେ। ବିଜ୍ଞାନ ଯୁଗରେ ରାସ୍ତା, ଶିଳ୍ପ ଓ ଗୃହ ନିର୍ମାଣ ପାଇଁ ଯେଉଁ ଭଳି ଭାବେ ଅବାଧରେ ଗଛକଟା ଯାଉଅଛି ଏହା ଫଳରେ ପରିବେଶ ବିଗିଡ଼ିବା ସହିତ ଜୀବଜଗତ ପାଇଁ ବିପଦର କାରଣ ହେଉଅଛି। ପରିବେଶର ସୁରକ୍ଷା ନିମନ୍ତେ ଗଛକୁ ମା ଭାବି ଛାତ୍ର - ଛାତ୍ରୀ ମାନେ ନିଜ ପରିବାରର ଜନ୍ମ, ବିବାହ, ମୃତ୍ୟୁ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ଭବିଷ୍ୟତରେ ପରିବେଶର ଭାରସାମ୍ୟ ରକ୍ଷା ହୋଇପାରିବା ସହିତ ନିଜ ନିଜ ବାଡ଼ିରେ ଆଜି ଦିନରେ ଗୋଟିଏ ବୃକ୍ଷ ଲଗାଇବା ପାଇଁ ଅତିଥି ବୃନ୍ଦ ଛାତ୍ର-ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅନ୍ତେବାସୀମାନଙ୍କୁ ଛାତ୍ରୀମାନେ ରାଖୀ ବାନ୍ଧିବା ସହିତ ଶୁଭକାମନା କରିଥିଲେ। ସମସ୍ତେ ନିଶାମୁକ୍ତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ସର୍ବଶେଷରେ ମନୋଜ କୁମାର ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଧର୍ମ ସମ୍ମିଳନୀ

## ପୈଗମ୍ବର ମହମ୍ମଦ ବିଶ୍ୱ ପାଇଁ କରୁଣାର ସାଗର ହୋଇ ଆସିଥିଲେ



**ଭଦ୍ରକ (ଅମୃତ ମିଡିଆ) :** ବିଶ୍ୱର ଏକ-ପଞ୍ଚମାଂଶରୁ ଅଧିକ ନର-ନାରୀଙ୍କ ହୃଦୟ ଜୟ କରିଥିଲେ ଏପରି ଏକ ମହାନ ପୁରୁଷ ଯେକି ଥିଲେ ଏକାଧାରରେ ଜଣେ ଧର୍ମପ୍ରାଣ ମହର୍ଷି,ଧର୍ମ ପ୍ରବର୍ତ୍ତକ, ସୁଦକ୍ଷ ଶାସକ, ବିଜ୍ଞ ବିଚାରପତି, ପ୍ରବୀଣ ରାଜନୀତିଜ୍ଞ, ଦକ୍ଷ ସେନାପତି ଏବଂ ଜଣେ ମହାନ ସମାଜ ସଂସ୍କାରକ। ଇତିହାସର ସର୍ବାଧିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସେ ଥିଲେ, ସର୍ବଶ୍ରେଷ୍ଠ। ସେ ସମଗ୍ର ସଂସାରବାସୀଙ୍କ ପାଇଁ କରୁଣାର ସାଗର ହୋଇ ଆସିଥିଲେ। ସେ ଥିଲେ ମହାମାନବ ପୈଗମ୍ବର ମୁହମ୍ମଦ। ସେହି ମହାପୁରୁଷଙ୍କ ଆଦର୍ଶରେ ବିଶ୍ୱର ପ୍ରାୟ ୧୮୦କୋଟିରୁ ଊର୍ଦ୍ଧ୍ୱ ନରନାରୀ ଅନୁପ୍ରଣୀତ। ବିଶ୍ୱ ଇତିହାସରେ ଏଭଳି କୌଣସି ବ୍ୟକ୍ତିର ଦୃଷ୍ଟାନ୍ତ ନାହିଁ, ଯାହାର ଅତି ସରଳ ଓ ସାଧାରଣ ଆଦର୍ଶକୁ ମଧ୍ୟ କୋଟି କୋଟି ନରନାରୀ ପୁଣ୍ୟ ମନେକରି ଅନୁକରଣ କରନ୍ତି। ସମଗ୍ର ବିଶ୍ୱରେ ଭକ୍ତି ଓ ଭାବାବେଗ ସ?ହିତ ମହାମାନବ ହଜରତ ମୁହମ୍ମଦ ସଲ୍ଲମଙ୍କ ଆଦେଶ ପାଳନ କରା ଯାଇଥାଏ। ଏହାର ଦୃଷ୍ଟାନ୍ତ ବିଶ୍ୱରେ ବିରଳ। ଏହିଭଳି ମତପ୍ରକାଶ ପାଇଛି, ଭଦ୍ରକ ପୁରୁଣା ବଜାର ସ୍ଥିତ ଅହମଦୀୟା ମୁସଲିମ ମସଜିଦରେ ଅନୁଷ୍ଠିତ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଧର୍ମ ସମ୍ମିଳନୀରେ। ଏହି ସମ୍ମିଳନୀରେ ଭଦ୍ରକ ଓ ଯାଜପୁରର ଜିଲ୍ଲାସଭାପତି ସେକ ଅବ୍ଦୁଲ କାଦର ପୌରହିତ୍ୟ କରିଥିଲେ। ପବିତ୍ର କୋରାନ ପାଠ ମହମ୍ମଦ ଶକୁର ସାଦିକ କରିଥିବା ବେଳେ ଉର୍ଦ୍ଦୁ ନଜମ ଇରଫାନ ଅଲ୍ଲି ପରିବେଷଣ କରିଥିଲେ। ପ୍ରଥମ ବକ୍ତା ଭାବେ ଯୋଗଦେଇ ମୌଲାନା ସେକ ଏଜାଜ ପୈଗମ୍ବର ମହମ୍ମଦଙ୍କ ପବିତ୍ର ଜୀବନୀର ପ୍ରଭୁଭକ୍ତି ବିଷୟରେ ମତାମତ ରଖିଥିଲେ। ଦ୍ୱିତୀୟ ବକ୍ତା ଭାବେ ମୌଲାନା ଅକବର ଖାନ୍ ଯୋଗଦେଇ ମହାଭାଗ୍ୟ ମହମ୍ମଦଙ୍କ ଜୀବନୀର ନିଷ୍ଠାପୂର୍ଣ୍ଣ ନ୍ୟାୟ ସଂପର୍କରେ ଆଲୋକପାତ କରିଥିଲେ। ତୃତୀୟ ବକ୍ତା ଭାବେ ଯୋଗଦେଇ ସେକ ଜମାଲ, ମହମ୍ମଦଙ୍କ ବିଶ୍ୱଶାନ୍ତିର ବାର୍ତ୍ତା ବିଷୟରେ ମତାମତ ରଖିଥିଲେ। ଉର୍ଦ୍ଦୁ ନଜମ ସନାଓ୍ୱର ଅହମଦ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ଜିଲ୍ଲା ସଭାପତି ମୌଲାନା ହାରୁନ ରସିଦ ପୈଗମ୍ବର ମହମ୍ମଦଙ୍କ ଆଦର୍ଶ ଓ ଆରବରେ ଏକ ବିପ୍ଲବ ଓ ସଂସ୍କାର ଆଣିବା ସଂବନ୍ଧରେ ବ୍ୟାଖ୍ୟା କରିଥିଲେ। ଫଜଲୁର ରହମାନ ପୈଗମ୍ବର ମହମ୍ମଦଙ୍କ ପବିତ୍ର ଜୀବନୀ ଉପରେ ଏକ ଉର୍ଦ୍ଦୁ ନଜମ ପଢି ଶୁଣାଇଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜିଲ୍ଲା ପ୍ରଭାରୀ ମୌଲାନା ମିର ଅବ୍ଦୁଲ ହଫିଜ ମହାମାନବ ମହମ୍ମଦଙ୍କ ଈଶ୍ୱରଙ୍କ ପ୍ରତି ଦୃଢ ବିଶ୍ୱାସ ସ୍ଥାପନା ବିଷୟରେ ମତାମତ ରଖିଥିଲେ। ପୂର୍ବରୁ ହୋଇଥିବା କୁଇଜ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀମାନଙ୍କୁ ସଭାପତି ଓ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭାପତିତ୍ୱ ଭାଷଣରେ ଜିଲ୍ଲା ସଭାପତି ସେକ ଅବ୍ଦୁଲ କାଦର କହିଲେ, ପୈଗମ୍ବରଙ୍କ ଜୀବନ ଅତି ସରଳ, ଶାନ୍ତ ଓ ସକାରାତ୍ମକ। ସେ ବିନା ଭେଦଭାବ ଓ ବିନା ବୈରିରେ ବିଶ୍ୱର କଲ୍ୟାଣ ପାଇଁ କରୁଣାର ସାଗର ହୋଇଆସିଥିଲେ। ଏହି ସମ୍ମିଳନୀରେ କଟକ, ଯାଜପୁର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲ୍ଲାରୁ ବହୁ ପ୍ରତିନିଧିମାନେ ଯୋଗଦେଇଥିଲେ।

# ଅବୈଜ୍ଞାନିକ ପାଠ୍ୟକ୍ରମ ବାତିଲ କରି ଗତବର୍ଷର ପାଠ୍ୟପୁସ୍ତକରେ ଶିକ୍ଷାଦାନ ଦାବିରେ ଅଭିଭାବକ ସମାବେଶ




**କଟକ (ବ୍ୟୁରୋ) :** ଚଳିତ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଗୁଡିକରେ ଅସଂଖ୍ୟ ଗୁରୁତର ତ୍ରୁଟି ସହ ଅବୈଜ୍ଞାନିକ, ଅଯୌକ୍ତିକ ଓ ମୌଳିକ ଧାରଣା ବିହୀନ ବିଷୟବସ୍ତୁକୁ ସ୍ଥାନ ଦିଆଯାଇଛି। ସଂଶୋଧିତ ଓ ବିଜ୍ଞାନ ସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବା ପରିବର୍ତ୍ତେ ସେହି ତ୍ରୁଟିପୂର୍ଣ୍ଣ ବହି ପଢିବା ପାଇଁ ସରକାର ପିଲାମାନଙ୍କୁ ବାଧ କରିଛନ୍ତି। ଏହାଦ୍ୱାରା ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସରକାର ନଷ୍ଟ କରୁଛନ୍ତି। ଏହା ସଙ୍ଗେସଙ୍ଗେ କୋମଳମତି ଶିଶୁ ମାନଙ୍କର ଚିନ୍ତା କରିବାର କ୍ଷମତା ମାରିଦେବା ସହ କୁସଂସ୍କାର ଓ ଅନ୍ଧବିଶ୍ୱାସର ପ୍ରସାର ପାଇଁ ଷଡ଼ଯନ୍ତ୍ର କରାଯାଉଛି। ତେଣୁ ବିଦ୍ୟାଳୟ ସ୍ତରରେ ଅବୈଜ୍ଞାନିକ ପାଠ୍ୟକ୍ରମ ପ୍ରଚଳନ କରି ସମଗ୍ର ଦେଶର ସରକାରୀ ବିଦ୍ୟାଳୟ ଶିକ୍ଷାକୁ ଧ୍ୱଂସ କରିବାର ଷଡଯନ୍ତ୍ର କରାଯାଇଛି। ଏହାବ୍ୟତୀତ ସରକାରଙ୍କର ତ୍ରୁଟିପୂର୍ଣ୍ଣ ଭାଷା ନୀତି ଇଂରାଜୀ ଓ ମାତୃଭାଷାକୁ ଇଚ୍ଛାଧୀନ ବିଷୟରେ ପରିଣତ କରିଛି। ଏହାଦ୍ୱାରା ପିଲାମାନଙ୍କ ଭାଷା ଶିକ୍ଷା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ। ଏହାକୁ ବିରୋଧ କରି ଅଭିଭାବକ ସମିତି ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଅଭିଭାବକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ତ୍ରୁଟିପୂର୍ଣ୍ଣ ଓ ଅବୈଜ୍ଞାନିକ ଭାବରେ ରଚନା କରାଯାଇଥିବା ପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା, ଚଳିତ ଶିକ୍ଷାବର୍ଷ ପାଇଁ ଗତବର୍ଷର ପାଠ୍ୟପୁସ୍ତକରେ ଶିକ୍ଷାଦାନ କରିବା ଓ ଇଂରାଜୀ ଓ ମାତୃଭାଷାକୁ ଇଚ୍ଛାଧୀନ ବିଷୟ କରି ପିଲାମାନଙ୍କ ଭାଷା ଶିକ୍ଷାକୁ ଧ୍ୱଂସ କରିବାର ଚକ୍ରାନ୍ତ ବନ୍ଦ କରିବା ସହ ପ୍ରଥମ ଶେଣୀରୁ ବାଧ୍ୟତାମୂଳକ କରାଯିବା ପ୍ରମୁଖ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ଦିଆଯାଇଛି। ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ଆନ୍ଦୋଳନ ସ୍ଥଳରେ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ପ୍ରଶାନ୍ତ ଦାସ, ଲକ୍ଷ୍ମୀ ମହାନ୍ତି, ବିଶ୍ୱଜିତ ଘୋଷ, ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି ରାଜ୍ୟ ସମ୍ପାଦକ ସୁବାସ ନାୟକ, ବିଶ୍ୱାବସୁ ଦାସ, ଆଇନଜୀବୀ ସୁକାନ୍ତ ନାୟକ, ଯୁଗଳ ନାୟକ, ପୁଷ୍ପିତା ମହାନ୍ତି, ରାଜକିଶୋର ମଲ୍ଲିକ, ବବି ବଳବନ୍ତ ରାୟ, ଦିପକ ଦାସ, ସ୍ୱାଧିନୀ ବେହେରା ସୁକାନ୍ତ ନାୟକ, ନୟନା ନାୟକ, ନାରାୟଣ ମହାରଣା, ସୁଜାତା ମହାପାତ୍ର, ରାଧାରାଣୀ ସାହୁ ପ୍ରମୁଖ ସରକାର ଦାବି ଗୁଡିକୁ ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ବକ୍ତବ୍ୟରେ କହିଥିଲେ।

# ଜାୱା ୟେଜଦି ପକ୍ଷରୁ ଜାୱା ଅଲ୍ ଷ୍ଟାର୍ସ ୪୨ ଏଫ୍‌ଜେ ଶୁଭାରମ୍ଭ

**ଭୁବନେଶ୍ୱର (ବ୍ୟୁରୋ) :** ଜାୱା ୟେଜଦି ମୋଟରସାଇକେଲ୍ ପକ୍ଷରୁ ଜାୱା ଅଲ୍ ଷ୍ଟାର୍ସ ୪୨ ଏଫଜେର ଲଂଚ୍ ଘୋଷଣା କରାଯାଇଛି। ଏହି ନୂତନ ଅଧ୍ୟାୟର ପ୍ରଥମ ସଫଳତା ଜାୱା ୪୨ ଏଫଜେ ମାଧ୍ୟମରେ ଆସିଛି, ଯାହା ବ୍ରାଣ୍ଡର ନିଓ-କ୍ଲାସିକ୍ ଡିଜାଇନ୍ ଭାଷାର ଏକ ନୂତନ ଓ ଆଧୁନିକ ବ୍ୟାଖ୍ୟା ଆଣିଛି। ବର୍ଷ ବର୍ଷ ଧରି, ଜାୱାର ଅଗ୍ରଣୀ ଉତ୍ସାହ ଏକ ନିର୍ଦ୍ଦିଷ୍ଟ ପ୍ରକାରର ରାଇଡରଙ୍କ ସହିତ ପ୍ରତିଧ୍ୱନିତ ହୋଇଛି, ଯିଏ ଧ୍ୟାନ ଅପେକ୍ଷା ବ୍ୟକ୍ତିତ୍ୱ ଓ ଆତ୍ମବିଶ୍ୱାସକୁ ଗୁରୁତ୍ୱ ଦେଇଥାନ୍ତି। ଏହି ରାଇଡରମାନେ ସବୁବେଳେ ଏକ ଅବ୍ୟକ୍ତ କୋଡ୍ ସେୟାର କରନ୍ତି, ଯାହା ସେମାନେ ଯାହା କୁହନ୍ତି ତାହା ମାଧ୍ୟମରେ ନୁହେଁ, ବରଂ ସେମାନେ କରୁଥିବା ପସନ୍ଦ ଓ ନିଜକୁ ବହନ କରିବାର ଉପାୟ ମାଧ୍ୟମରେ ପ୍ରକାଶିତ ହୋଇଥାଏ। ଜାୱା ଅଲ୍ ଷ୍ଟାର୍ସ ଏହି କୋଡ୍‌କୁ ଏକ ନାମ ଦେଇଛି, ତାହା ହେଉଛି ଜାୱା ଅଲ୍ ଷ୍ଟାର୍ସ କୋଡ୍ - ଚରିତ୍ର, ଆଚରଣ ଏବଂ ସାହସ। ଜାୱା ଅଲ୍ ଷ୍ଟାର୍ସ ୪୨ ଏଫଜେ ୨୦୧,୯୪୨ ଟଙ୍କା (ଏକ୍ସଶୋ'ରୁମ ଦିଲ୍ଲୀ)ର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏହା ୬ଟି ସ୍ୱତନ୍ତ୍ର କଲରରେ ଦେଶବ୍ୟାପୀ ଜାୱା ୟେଜ୍‌ଦି ଡିଲରସିପଗୁଡିକରେ ଉପଲବ୍ଧ ହେବ। ଏହାର ଆରମ୍ଭ ପରଠାରୁ, ଜାୱା ୪୨ ଏଫଜେ ଏହାର ସ୍ୱତନ୍ତ୍ର ନିଓ-କ୍ଲାସିକ୍ ଡିଜାଇନ୍, ମଜବୁତ ସଡକ ଉପସ୍ଥିତି ଏବଂ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ବ୍ୟାପକ ପ୍ରଶଂସା ହାସଲ କରିଛି। ଜାୱା ୪୨ ଏଫଜେକୁ ଭ୍ୟୁୟର୍ସ ଚଏସ ବାଇକ୍ ଅଫ୍ ଦି ଇୟର (୨୦୨୪) ଏବଂ ଭ୍ୟୁୟର୍ସ ଚଏସ ମୋଟରସାଇକେଲ୍ ଅଫ୍ ଦି ଇୟର (୨୦୨୫)ରେ ସମ୍ମାନିତ କରାଯାଇଥିଲା, ଯାହା ଉତ୍ସାହୀଙ୍କ ମଧ୍ୟରେ ଏହାର ବ୍ୟାପକ ଆକର୍ଷଣକୁ ପ୍ରଦର୍ଶିତ କରିବା ସହ ଭାରତର ଅନ୍ୟତମ ସର୍ବାଧିକ ପ୍ରଶଂସିତ ନିଓ-କ୍ଲାସିକ୍ ମୋଟରସାଇକେଲ୍ ଭାବେ ଏହାର ପ୍ରତିଷ୍ଠାକୁ ସୁଦୃଢ କରିଥିଲା। ଏହି ଲଂଚ ଅବସରରେ କ୍ଲାସିକ୍ ଲିଜେଣ୍ଡସ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, “ଜାୱା ସର୍ବଦା ଏପରି ରାଇଡରଙ୍କୁ ଆକର୍ଷିତ କରିଆସିଛି ଯେଉଁମାନେ ପ୍ରକୃତରେ ଜାଣିଛନ୍ତି ଯେ ସେମାନେ କିଏ। ସେମାନେ କେବେ ଏଥିପାଇଁ ଟ୍ରେଣ୍ଡ ଅନୁସରଣ କରିନାହାଁନ୍ତି, କିମ୍ବା ଭିନ୍ନ ପସନ୍ଦ ପାଇଁ ଧ୍ୟାନ ଆକର୍ଷିତ କରିନାହାଁନ୍ତି। ସମୟ ସହିତ, ଆମେ ଅନୁଭବ କରିଥିଲୁ ଯେ ଏହି ରାଇଡରଙ୍କୁ ଏକ ମିଳିତ ଆଗ୍ରହ ସଂଯୋଗ କରୁଛି।

# ‘ବିଶ୍ୱାସ ଅର୍ଜନ ପାଇଁ ଦାବି ସମାଧାନ ଗୁରୁତ୍ୱପୂର୍ଣ୍ଣ’

**ଭୁବନେଶ୍ୱର (ବ୍ୟୁରୋ) :** ଏକ ଜୀବନ ବୀମା ପଲିସି ଆକର୍ଷଣୀୟ ଲାଭ, ପ୍ରତିଯୋଗିତାମୂଳକ ମୂଲ୍ୟ ଏବଂ ଏକ ସହଜ ଡିଜିଟାଲ୍ ଯାତ୍ରା ପ୍ରଦାନ କରିପାରେ। କିନ୍ତୁ ଯେତେବେଳେ ଏକ ପରିବାର ଜଣେ ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଥାଏ, ସେତେବେଳେ କେବଳ ଗୋଟିଏ ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ତାହା ହେଉଛି: ବୀମା ପ୍ରଦାନକାରୀ ସଂସ୍ଥା ନିଜର ପ୍ରତିଶ୍ରୁତି ପାଳନ କରିବେ କି ? ଏହି ପ୍ରଶ୍ନର ମହତ୍ୱ ବୃଦ୍ଧି ପାଉଛି କାରଣ ଭାରତର ବୀମା ବଜାର ବିସ୍ତାର ହେଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ଜୀବନ ବୀମା ଶିଳ୍ପ ୮.୮୬ ଲକ୍ଷ କୋଟି ଟଙ୍କାର ପ୍ରିମିୟମ୍ ସଂଗ୍ରହ କରିଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୬.୭୩% ବୃଦ୍ଧି ପାଇଛି। ଏହାସତ୍ତ୍ୱେ, ଜୀବନ ବୀମା ଗ୍ରହଣ ଜିଡିପିର ୨.୭% କୁ ହ୍ରାସ ପାଇଛି। ଏହା ଆମକୁ କିଛି ଗୁରୁତ୍ୱପୂର୍ଣ୍ଣ କଥା କହୁଛି। ଗ୍ରାହକମାନେ କେବଳ ସେମାନେ କିଣୁଥିବା ଉତ୍ପାଦ ଉପରେ ନୁହେଁ, ବରଂ ଏହା ପଛରେ ରହିଥିବା ସଂସ୍ଥା ଉପରେ ମଧ୍ୟ ବିଶ୍ୱାସ କରିବା ଉଚିତ। ଗ୍ରାହକଙ୍କ ପାଇଁ ଏକ ଉଚ୍ଚ ଦାବି ପୈଠ ଅନୁପାତ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଅଟେ। କିନ୍ତୁ ସ୍ଥିରତା ଗୋଟିଏ ବର୍ଷର ପ୍ରଦର୍ଶନ ଭଳି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଗ୍ରାହକମାନେ ବୀମା ପ୍ରଦାନକାରୀ ସଂସ୍ଥାର ଅନେକ ବର୍ଷର ରେକର୍ଡ ସହିତ ପଇଠ କରିଥିବା ଦାବିର ସଂଖ୍ୟା ଓ ମୂଲ୍ୟ, ସମାଧାନର ବେଗ, ପ୍ରକ୍ରିୟାର ସହଜତା ଏବଂ ପରିବାରକୁ ପ୍ରଦାନ କରାଯାଇଥିବା ସହାୟତାର ଗୁଣବତା ଦେଖିବା ଉଚିତ। ଆକ୍ସିସ୍ ମ୍ୟାକ୍ସ ଲାଇଫ୍‌ରେ, ଆମର ବ୍ୟକ୍ତିଗତ ମୃତ୍ୟୁ ଦାବି ପୈଠ ଅନୁପାତ ଗତ ୫ ବର୍ଷ ହେବ ୯୯% ଉପରେ ରହିଛି। ଏହା ୨୦୨୧-୨୨ ଆର୍ଥିକ ବର୍ଷରେ ୯୯.୩୪%ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୯୯.୮%କୁ ସ୍ଥିର ଭାବରେ ଉନ୍ନତ ହୋଇଛି, ଯାହା ଶିଳ୍ପର ଅଗ୍ରଣୀ ଦାବି ଦେୟ ଅନୁପାତ ମଧ୍ୟରୁ ଗୋଟିଏ। କେବଳ ୨୦୨୫-୨୬ରେ, ଆମେ ୧୬୪୧ କୋଟି ଟଙ୍କା ମୂଲ୍ୟର ୨୦,୫୨୯ଟି ସ୍ୱାଧୀନ ମୃତ୍ୟୁ ଦାବିର ସମାଧାନ କରିଛୁ। ଏହି ସଂଖ୍ୟା ପ୍ରତିଶ୍ରୁତି ପାଳନ କରିବାର ସଂସ୍କୃତିର ପ୍ରତିନିଧିତ୍ୱ କରୁଛି। ଦାବିଗୁଡିକ ଜଣେ ବୀମା ପ୍ରଦାନକାରୀଙ୍କ ସମଗ୍ର ସଂସ୍ଥାର ଶକ୍ତିକୁ ମଧ୍ୟ ଉନ୍ମୋଚନ କରିଥାଏ। ଏକ ଭଲ ଦାବି ଅଭିଜ୍ଞତା ଦାୟିତ୍ୱପୂର୍ଣ୍ଣ ଅଣ୍ଡରରାଇଟିଂ ସହିତ ଆରମ୍ଭ ହୋଇଥାଏ। ଏଥିପାଇଁ ସଠିକ୍ ରେକର୍ଡ, ମଜବୁତ ଟେକ୍ନୋଲୋଜି, ସ୍ପଷ୍ଟ ଯୋଗାଯୋଗ, ଦୃଢ଼ ଠକେଇ ନିୟନ୍ତ୍ରଣ ଓ ସୁ-ପ୍ରଶିକ୍ଷିତ ଲୋକଙ୍କ ଆବଶ୍ୟକ କରିଥାଏ। ଯେତେବେଳେ ଏକ ପରିବାର ସବୁଠାରୁ ସମ୍ବେଦନଶୀଳ ଅବସ୍ଥାରେ ଥାଏ ସେତେବେଳେ ଏହାକୁ ସହାନୁଭୂତିର ଆବଶ୍ୟକ ହୋଇଥାଏ। ଏହି କାରଣରୁ ଦାବିଗୁଡିକ ଜୀବନ ବୀମା ପ୍ରଦାନକାରୀଙ୍କ ଦକ୍ଷତା ପରିମାପର କେନ୍ଦ୍ରରେ ଅବସ୍ଥାପିତ ହେବା ଉଚିତ। ଦାବି ଦର୍ଶାଇଥାଏ ଯେ ବୀମା ପ୍ରଦାନକାରୀ ସଂସ୍ଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ସହଯୋଗ ପ୍ରଦାନ କରିଥିଲେ କି ନାହିଁ। ଦାବିଗୁଡିକ ଏଭଳି ଉପାୟରେ ବ୍ରାଣ୍ଡର ପ୍ରତିଷ୍ଠା ନିର୍ମାଣ କରିଥାନ୍ତି ଯାହା ବିଜ୍ଞାପନ ଏକାକି କରିପାରିନଥାଏ। ପରିବାରଗୁଡିକ ସେହି ବୀମା ପ୍ରଦାନକାରୀଙ୍କୁ ମନେ ରଖନ୍ତି ଯିଏ ଏକ ଜଟିଳ ସମୟରେ ସେମାନଙ୍କୁ ସମର୍ଥନ କରିଥିଲେ। ସେମାନେ ସେହି ଅଭିଜ୍ଞତାକୁ ସମ୍ପର୍କୀୟ, ବନ୍ଧୁ ଏବଂ ସହକର୍ମୀଙ୍କ ସହିତ ବାଂଟନ୍ତି। ତେବେ କେବଳ ଶବ୍ଦ ମାଧ୍ୟମରେ ବିଶ୍ୱାସ ସୃଷ୍ଟି କରାଯାଇପାରିବ ନାହିଁ। ଏହାକୁ କାର୍ଯ୍ୟ ମାଧ୍ୟମରେ, ଗୋଟିଏ ପରିବାର ଏବଂ ଗୋଟିଏ ସମୟରେ ଗୋଟିଏ ଦାବି ସମାଧାନ ମାଧ୍ୟମରେ ଅର୍ଜନ କରାଯାଇଥାଏ।

# ନେକ୍ସସ ଏସପ୍ଲାନେଡରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

**ଭୁବନେଶ୍ୱର (ବ୍ୟୁରୋ) :** ନେକ୍ସସ ଏସପ୍ଲାନେଡ଼, ସହରର ସବୁଠାରୁ ଅଗ୍ରଣୀ ଲାଇଫଷ୍ଟାଇଲ ଏବଂ ସପିଙ୍ଗ ଗନ୍ତବ୍ୟସ୍ଥଳ, ଆସନ୍ତା ୨୯ ଅଗଷ୍ଟରେ ‘ବିୟଣ୍ଡ ଦି ସ୍କ୍ରିନ-ରିକ୍ଲେମିଙ୍ଗ ରିୟଲ କନେକ୍ସନ୍ସ’ ଅର୍ଥାତ୍ ପରଦାରୁ ଦୂରରେ ରହି – ବାସ୍ତବ ସମ୍ପର୍କର ପୁନରୁଦ୍ଧାର ବିଷୟବସ୍ତୁକୁ ନେଇ ଏହି ଆନ୍ତର୍ଜାତୀୟ ଯୁବ ଦିବସ ମହାଆଡ଼ମ୍ବ ସହିତ ପାଳିତ ହେବ। ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ଡ଼ିଜିଟାଲ ପରଦାରୁ କିଛି ସମୟ ଦୂରେଇ ରଖି ବାସ୍ତବ ଜୀବନର ଅନୁଭୂତି, କଥାବାର୍ତ୍ତା ଏବଂ ଆଲୋଚ଼ନା ମାଧ୍ୟମରେ ପରସ୍ପର ସହ ଯୋଡ଼ି ହେବାକୁ ଉତ୍ସାହିତ କରିବ। ଏହି ସାଂସ୍କୃତିକ ସନ୍ଧ୍ୟାରେ ବ୍ୟାଣ୍ଡ ପ୍ରଦର୍ଶନ, ନୃତ୍ୟକଳା, ବିଷୟବସ୍ତୁ ଭିତ୍ତିକ ନାଟକ, ଦର୍ଶକମାନଙ୍କ ସହ ଭାବବିନିମୟ, ଖେଳ ଏବଂ ପୁରସ୍କାର ବିତରଣ ଭଳି ଅନେକଗୁଡ଼ିଏ ଲାଇଭ କାର୍ଯ୍ୟକ୍ରମ ରହିଛି, ଯାହା ଛାତ୍ରଛାତ୍ରୀ ଏବଂ ଆଗନ୍ତୁକ ଅତିଥିମାନଙ୍କ ପାଇଁ ଏକ ମନୋରଞ୍ଜନଧର୍ମୀ ଅନୁଭୂତି ସୃଷ୍ଟି କରିବ। କେବଳ ମନୋରଞ୍ଜନ ନୁହେଁ, ଏହି ମଞ୍ଚ ଯୁବ ପ୍ରତିଭାମାନଙ୍କୁ ବାସ୍ତବ ସମ୍ପର୍କର ଗୁରୁତ୍ୱ ଉପରେ ନିଜ ଚ଼ିନ୍ତାଧାରା ପ୍ରକାଶ କରିବା ସହ ଏଭଳି ଏକ ସନ୍ଦେଶକୁ ଅତି ନିଆରା ଏବଂ ଆକର୍ଷଣୀୟ ଢ଼ଙ୍ଗରେ ଉପସ୍ଥିତ ଜନସାଧାରଣଙ୍କ ନିକଟରେ ବ୍ୟାପକ ଭାବରେ ପହଞ୍ଚାଇବାର ସୁଯୋଗ ଦେବ। ଏହା କେବଳ ଗୋଟିଏ ଉତ୍ସବ ନୁହେଁ, ବରଂ ଯୁବପିଢ଼ିଙ୍କୁ ସେମାନଙ୍କ ଫୋନଗୁଡ଼ିକୁ କିଛି ସମୟ ପାଇଁ ପାଖରେ ରଖି ନୂଆ ଲୋକଙ୍କୁ ଭେଟିବା, ଲାଇଭ ପ୍ରଦର୍ଶନର ଆନନ୍ଦ ନେବା ଏବଂ ବିଭିନ୍ନ କାର୍ଯ୍ୟକଳାପରେ ଏକାଠି ଭାଗ ନେବାର ସୁଯୋଗ ପ୍ରଦାନ କରୁଛି। ନେକ୍ସସ ଏସପ୍ଲାନେଡ଼ର ମୂଳ ଲକ୍ଷ୍ୟ ହେଉଛି ବାସ୍ତବ ସମ୍ପର୍କର ଏହି ଆଲୋଚ଼ନାକୁ ପ୍ରାସଙ୍ଗିକ, ସକାରାତ୍ମକ ଏବଂ ସହଜବୋଧ କରିବା ସହିତ ପରିବାର, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଦର୍ଶକମାନଙ୍କୁ ବାସ୍ତବ ଦୁନିଆରେ ପରସ୍ପର ସହ ଅଧିକ ସମୟ ବିତାଇବାକୁ ପ୍ରୋତ୍ସାହିତ କରିବା।

# ଏନ୍‌ଡିଆର୍‌ଏଫ୍ ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ




**ଭୁବନେଶ୍ୱର (ବ୍ୟୁରୋ) :** ଡିଏଭି ପୋଖରୀପୁଟରେ ଜାତୀୟ ବିପର୍ଯ୍ୟୟ ସୁରକ୍ଷା ବାହିନୀ ମୁଣ୍ଡୁଳି, କଟକଙ୍କ ଦ୍ୱାରା ବିଭିନ୍ନ ବିପର୍ଯ୍ୟୟ ଦୁର୍ଘଟଣା ସମୟରେ କିପରି ନିଜକୁ ତଥା ଅନ୍ୟମାନଙ୍କୁ ସୁରକ୍ଷିତ ରଖାଯାଇପାରିବ ସେ ସମ୍ବନ୍ଧରେ ବିସ୍ତୃତ ଭାବେ ପ୍ରତ୍ୟକ୍ଷ ଜ୍ଞାନ ବିଦ୍ୟାର୍ଥୀମାନଙ୍କୁ ପ୍ରଦାନ କରାଯାଇଥିଲା। ଡିଏଭି ଓଡ଼ିଶା ଜୋନ୍‌ଏଫ୍‌ର ସହ ଆଞ୍ଚଳିକ ଅଧିକାରୀ ତଥା ବିଦ୍ୟାଳୟର ଅଧକ୍ଷ ବିପିନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନିରୀକ୍ଷକ ଶିତିକଣ୍ଠ ପତି ଓ ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ବା ଆକସ୍ମିକ ଦୁର୍ଘଟଣା ଘଟିଲେ କେଉଁ କେଉଁ ପଦକ୍ଷେପ ଗ୍ରହଣ କରିବା ଉଚିତ ସେ ସମ୍ପର୍କୀୟ ତଥ୍ୟ ଇନିସ୍‌ପେକ୍ଟର, (ଏନ୍.ଡି.ଆର୍.ଏଫ୍) ଦେବାଶିଷ ପରିଡ଼ା ଦର୍ଶାଇଥିଲେ। ବନ୍ୟା, ବାତ୍ୟା, ଭୂକମ୍ପ ସମୟରେ ବିପନ୍ନମାନଙ୍କୁ କିପରି ଉଦ୍ଧାର କରାଯାଇପାରିବ ଏବଂ ଏହି ସମୟରେ ନିଜକୁ କିପରି ସୁରକ୍ଷିତ ରଖିହେବ ସେ ସମ୍ପର୍କରେ ସବିଶେଷ ତଥ୍ୟ ଏନ୍‌ଡିଆର୍‌ଏଫ୍ ଟିମ୍ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏନ୍‌ସିସି, ସ୍କାଉଡ୍, ଗାଇଡ୍‌ର ଛାତ୍ରଛାତ୍ରୀମାନେ ଏହି ବିପର୍ଯ୍ୟୟ ପରିଚାଳନାର ନାନାବିଧ କୌଶଳ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନଲାଭ କରିଥିଲେ। ସମାଜବିଜ୍ଞାନ ବିଭାଗର ମୁଖ୍ୟ ଅଖିଳ ରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସହଯୋଗୀ ଶିକ୍ଷକଗଣ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

# ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଅବଧି ଅକ୍ଟୋବର ଯାଏଁ ବଢ଼ାନ୍ତୁ ସରକାର

## ଓଜେସି ଖରିଫ ଧାନବିକ୍ରି ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ଓଜେସିର ଦାବି




**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟରେ ଜାରି ରହିଥିବା ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣରେ ସମସ୍ୟା ଓ ସାରା ରାଜ୍ୟରୁ ଆସୁଥିବା ପୁଳାପୁଳା ଅଭିଯୋଗ, ଅସନ୍ତୋଷକୁ ନେଇ ସରକାରଙ୍କ ଉପରେ ବର୍ଷିଛି ଓଡ଼ିଶା ଜନତା କଂଗ୍ରେସ ପାର୍ଟି। ଚାଷର ଅସଲ ସମୟରେ ଅନ୍ନଦାତାଙ୍କୁ ବିଭିନ୍ନ ନିୟମର ଭେଳିକି ଦେଖାଇ ପଞ୍ଜିକରଣ ପାଇଁ ଲାଇନରେ ଛିଡ଼ା କରାଇଥିବା ରାଜ୍ୟ ସରକାରଙ୍କ ଏ କେଉଁ ପ୍ରକାର ମାନସିକତା ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏନେଇ ଓଜେସି ପକ୍ଷରୁ ଭୁବନେଶ୍ୱର ସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଅଛି। ଏଥିରେ ଓଡ଼ିଶା କୃଷକ ଜନତା କଂଗ୍ରେସର ଅଧକ୍ଷ ସଂଗ୍ରାମ କିଶୋର ମାଝୀ କହିଥିଲେ ଯେ, ଓଡ଼ିଶାରେ ବାରମ୍ବାର ବର୍ଷା ଓ ବନ୍ୟା ହୋଇ ଚାଷୀମାନଙ୍କର ଦୁଃଖକୁ ବଢ଼ାଇ ଦେଇଛି। ଏଥିରେ ଅତିଷ୍ଠ ହୋଇ ଚାଷୀମାନେ ଦୁଃଖରେ ଥିବାବେଳେ ସରକାର ଚାଷୀ ମାନଙ୍କ ପ୍ରତି ଯେଉଁଭଳି ଭାବେ ବ୍ୟବହାର ଦେଖାଇଛନ୍ତି, କୌଣସି ରାଜ୍ୟରେ ଏପରି ଦେଖାଯାଏ ନାହିଁ। ସରକାର ଚାଷୀମାନଙ୍କ ଦୁଃଖରେ ଦୁଃଖୀ ହେବା ବଦଳରେ ଚାଷୀମାନଙ୍କୁ ଲାଇନରେ ଠିଆ କରାଉଛନ୍ତି। ଯେମିତି ନୋଟ୍ ବଦଳାଇ ଲୋକଙ୍କୁ ଲାଇନରେ ଠିଆ କଲେ, ପେଟ୍ରୋଲ ପାଇଁ ଲୋକଙ୍କୁ ଲାଇନରେ ଠିଆ କଲେ, ସେଭଳି ଭାବେ ଧାନ ବିକ୍ରି ପାଇଁ ଲାଇନରେ ରେଜିଷ୍ଟ୍ରେସନ ପାଇଁ ଠିଆ କରୁଛନ୍ତି। ସରକାରଙ୍କ ଏତାଦୃଶ ନିଷ୍ପତ୍ତି ପାଇଁ ଆଜି ଚାଷୀମାନେ ଖରିଫ ଧାନ ବିକ୍ରି ପାଇଁ ପ୍ରତ୍ୟେକ ପ୍ୟାକସ, ଲ୍ୟାମ୍ପସ, ସୋସାଇଟିରେ ରାତିରୁ ଲାଇନରେ ଲାଗିଛନ୍ତି। ଏହାସତ୍ତ୍ୱେ ମଧ୍ୟେ ସମସ୍ତେ ରେଜିଷ୍ଟ୍ରେସନ କରିପାରୁନାହାନ୍ତି। ରେଜିଷ୍ଟ୍ରେସନ ଅବଧି, ଅଗଷ୍ଟ ୬ରୁ - ଅଗଷ୍ଟ ୩୧ ମାତ୍ର ୨୫ ଦିନ ପର୍ଯ୍ୟାପ୍ତ ସମୟ ନୁହେଁ। ଗୋଟିଏ ଗୋଟିଏ ସୋସାଇଟି, ପିଏସିଏସ୍, ଏଲଏଏମସରେ ୭ରୁ ୮ଜଣ ଚାଷୀ ଗୋଟିଏ ଦିନରେ ରେଜିଷ୍ଟ୍ରେସନ କରୁଛନ୍ତି। କେଉଁଠି ଇଣ୍ଟରନେଟ୍ ସ୍ଲୋ ରହୁଛି ତ କେଉଁଠି କରେଣ୍ଟ ରହୁନି। ଯାହାଦ୍ୱାରା ରେଜିଷ୍ଟ୍ରେସନ ହୋଇପାରୁନାହିଁ। ରେଜିଷ୍ଟ୍ରେସନ ପାଇଁ ସରକାର ଯେଉଁ କାଗଜପତ୍ର ଫନ୍ଦି କରିଛନ୍ତି ସେଥିରେ ଚାଷୀମାନେ ଆରଆଇ ଅଫିସ, ତହସିଲ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ସେପଟେ ଆରଆଇ ଓ ତହସିଲ ଅଫିସରେ କର୍ମଚାରୀ ଅଭାବରୁ କାମ ହୋଇପାରୁନାହିଁ। ରେଜିଷ୍ଟ୍ରେସନ ପ୍ରକ୍ରିୟା ସରଳୀକରଣ କରିବାପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ, କିନ୍ତୁ ତାହା କେବଳ କଥାରେ ରହିଗଲା। ବିଭାଗ କୌଣସି ନୋଟିସ୍ ନ କରିବା ଦ୍ୱାରା ଅଫିସରମାନେ କେହି ମାନୁନାହାନ୍ତି। ଗାଁ ଗାଁରେ ଚାଷୀଭାଇମାନେ କହୁଛନ୍ତି, ଏ ବାହାପିଆ, କଥାକୁହା, ମିଛୁଆ ଓ ମହଙ୍ଗା ସରକାର। ତେବେ କୌଣସି ବିଳମ୍ବ ନ କରି ସରକାର ତୁରନ୍ତ ଖରିଫ ଧାନ ପାଇଁ ପଞ୍ଜିକରଣ ସମୟ ଅବଧି ଅକ୍ଟୋବର ପର୍ଯ୍ୟନ୍ତ ବୃଦ୍ଧି କରନ୍ତୁ। ପଞ୍ଜିକରଣ ପାଇଁ ପ୍ରକ୍ରିୟା ସରଳିକରଣ କରନ୍ତୁ ଏବଂ ନିୟମକୁ ସମସ୍ତ ସୋସାଇଟି, ପିଏସି ଓ ଲାମପସକୁ ମାନିବାକୁ ବାଧ୍ୟତାମୂଳକ କରନ୍ତୁ। ଡିଜିଟାଲ ଇଣ୍ଡିଆ ପ୍ରଚାର କରୁଥିବା ସରକାର ସବୁ ରେଜିଷ୍ଟ୍ରେସନ ହେଉଥିବା ସ୍ଥାନକୁ ହାଇ-ସ୍ପିଡ୍ ଇଣ୍ଟରନେଟ୍ ଓ ପର୍ଯ୍ୟାପ୍ତ କମ୍ପ୍ୟୁଟର ସିଷ୍ଟମ ଯୋଗାଇ ଦିଅନ୍ତୁ। କରେଣ୍ଟ ରହୁନଥିବା ସ୍ଥାନରେ ଜେନେରେଟର ବ୍ୟବସ୍ଥା କରନ୍ତୁ। ଭାଗଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ ଓ ଯେଉଁମାନେ ଠାକୁରଙ୍କ ଜମି ଚାଷ କରୁଛନ୍ତି, ସେମାନଙ୍କୁ ସୁବିଧାରେ ଓ ସରଳ ପଞ୍ଜିକରଣ ଅନ୍ତର୍ଭୁକ୍ତ କରନ୍ତୁ। ଗୋଟିଏ ଖାତା, ଗୋଟିଏ ପ୍ଲଟ୍ ଯଦି ଜେଜେ କିମ୍ବା ଅଣଜେଜେଙ୍କ ନାମରେ ଅଛି ଏବଂ ସେ ଚାଷଜମି ଉପରେ ଏକମାତ୍ର ଦାବିଦାର ଭାବରେ ଜଣେ ଚାଷୀ ପଞ୍ଜିକରଣ କରିବାପାଇଁ ଚାହୁଁଛନ୍ତି, ତେବେ ଆରଆଇ ରିପୋର୍ଟ କଣ ପାଇଁ ଆବଶ୍ୟକ ? ଏଭଳି କ୍ଷେତ୍ରରେ ବିନା ଆରଆଇ ରିପୋର୍ଟରେ ପଞ୍ଜିକରଣ ବ୍ୟବସ୍ଥା କରାଯାଉ ବୋଲି କୃଷକ ଜନତା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଜେସି ଉପସଭାପତି ନଜିବୁର ରେହେମାନ ଖାନ, କୃଷକ ନେତା ଦିପ୍ତୀରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ସମସ୍ୟା ସମାଧାନ ସମ୍ପର୍କରେ ସରକାର ସ୍ପଷ୍ଟ କରନ୍ତୁ : ସମନ୍ୱୟ ସମିତି



**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ଲୋୟର୍ ପି.ଏମ୍.ଜି. ଛକର ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ଦ୍ୱାଦଶ ଦିନରେ ପହଞ୍ଚିଛି । ଶହ ଶହ ଶିକ୍ଷକ, ଅଧ୍ୟାପକ, ଶିକ୍ଷାକର୍ମଚାରୀ ରାଜଧାନୀର ରାଜରାସ୍ତାରେ ଖୋଲା ଆକାଶ ତଳେ ତୁହାକୁ ତୁହା ଲଘୁଚାପ ଜନିତ ବର୍ଷା ଓ ଥଣ୍ଡା କୋହଲା ପାଗରେ ଥରି ଥରି ଦିନରାତି ବିତାଉଛନ୍ତି । ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ କହିଛନ୍ତି ସରକାର ତୁରନ୍ତ ଶିକ୍ଷକ କର୍ମଚାରୀମାନଙ୍କ ସମସ୍ୟା ସମାଧାନ କରନ୍ତୁ । ନଚେତ୍ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ଦୃଢ଼ ଜବାବ ଦିଆଯିବା ସହିତ ସବୁ କ୍ଷେତ୍ରରେ ସରକାରଙ୍କୁ ଅସହଯୋଗ କରାଯିବ । ସରକାର ଆଉ କାଳବିଳମ୍ବ ନକରି ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଶିକ୍ଷକ କର୍ମଚାରୀମାନଙ୍କର ସମସ୍ୟା ସମାଧାନ ଦିଗରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ । ସୂଚନାଥାଉକି, ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନେ ସେମାନଙ୍କ ନ୍ୟାୟୋଚିତ ଦାବୀ ହାସଲ ପାଇଁ ଦୀର୍ଘ ୧୨ ଦିନଧରି ଅହୋରାତ୍ର ଗଣଧାରଣାରେ ବସି ରହିଛନ୍ତି । ସେମାନଙ୍କ ଦାବୀ ଆଇନ ସମ୍ମତ ଓ ଯୁକ୍ତିଯୁକ୍ତ ହୋଇଥିଲେ ମଧ୍ୟ ଏହାକୁ ହେୟ ମନେକରି ସରକାର ସମସ୍ୟା ସମାଧାନ ଦିଗରେ ଠୋସ୍ ପଦକ୍ଷେପ ନେଉ ନାହାଁନ୍ତି ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ଦୀର୍ଘ ତିରିଶ ବର୍ଷ ହେଲା ବିନା ପାରିଶ୍ରମିକରେ କାର୍ଯ୍ୟ କରିଆସୁଥିବା ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡିକୁ ଅନୁଦାନ ପରିସରଭୁକ୍ତ ନ କରି ସରକାର ସେମାନଙ୍କୁ ମାନସିକ ଯନ୍ତ୍ରଣା ଦେଇ ଚାଲିଛନ୍ତି । ତେଣୁ ସରକାର ତୁରନ୍ତ ସମ୍ବେଦନଶୀଳ ହୋଇ ଅନୁଦାନ ଯୋଗ୍ୟ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରନ୍ତୁ । ସେହିପରି ପେନସନ୍ ପ୍ରଦାନ ସମ୍ପର୍କରେ ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ୧୯୮୧ ପେନସନ୍ ରୁଲ୍‌କୁ ଲାଗୁ କରନ୍ତୁ । ଏହା ଫଳରେ ଅବସର ନେଇଥିବା ଓ ନେବାକୁ ଯାଉଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ଉପକୃତ ହୋଇ ପାରିବେ । ଅନ୍ୟାନ୍ୟ ଦାବିଗୁଡ଼ିକ ମଧ୍ୟରୁ ରାଜ୍ୟରେ ସମସ୍ତ ବିଦ୍ୟାଳୟକୁ ସରକାରୀକରଣ ଏବଂ ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ନୂତନ ପେନ୍‌ସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା, ଗ୍ରେଡ଼ ପେରେ ଥିବା ଅସଙ୍ଗତି ଦୂର କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସ୍‌ନାଲ ଇନ୍‌କ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ କରିବା, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ମାନଙ୍କୁ ଚାକିରି ସର୍ତ୍ତାବଳୀ ସହିତ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଇତ୍ୟାଦି । ଯେଉଁ ରାଜ୍ୟରେ ସରକାର ଲୋକଙ୍କର ସରକାର ଏବଂ ମୁଖ୍ୟମନ୍ତ୍ରୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ବୋଲି ଡିଣ୍ଡିମ ପିଟୁଛନ୍ତି ସେହି ରାଜ୍ୟର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନେ ଶ୍ରେଣୀଗୃହ ଛାଡ଼ି ରାଜରାସ୍ତାରେ ପଡ଼ି ରହିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ଅହୋରାତ୍ର ଧାରଣାର ଦ୍ୱାଦଶ ଦିବସରେ ଆନ୍ଦୋଳନ ସ୍ଥଳରେ ଶିକ୍ଷକମାନଙ୍କ ଦାବି ଯଥାର୍ଥ ବୋଲି ମତବ୍ୟକ୍ତ କରିଥିଲେ । ସୂଚନାଥାଉ କି, ଶିକ୍ଷକ ଶିକ୍ଷୟତ୍ରୀମାନେ ରାଜରାସ୍ତାରେ ରକ୍ଷାବନ୍ଧନ ଉତ୍ସବ ପାଳନ ପୂର୍ବକ ରାଜନେତା ଓ ଶିକ୍ଷକଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ସରକାରଙ୍କର ଏଭଳି ଶିକ୍ଷା ଏବଂ ଶିକ୍ଷକ ବିରୋଧୀ ନୀତିକୁ ବିରୋଧ କରି ଅନେକ ବୁଦ୍ଧିଜୀବୀ, ଶିକ୍ଷାପ୍ରେମୀ ଜନଗଣ, ପରିଚାଳନା କମିଟିର ସଦସ୍ୟ, ବିଭିନ୍ନ ଗଣସଂଗଠନ ଓ ଭିନ୍ନ ଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଆନ୍ଦୋଳନକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ସମର୍ଥନ କରୁଛନ୍ତି । ସରକାର ତୁରନ୍ତ ଶିକ୍ଷକ କର୍ମଚାରୀମାନଙ୍କର ନ୍ୟାଯ୍ୟ ଦାବୀକୁ ମାନି ନିଅନ୍ତୁ ଓ ଘୋଷଣା କରିଥିବା ନିଷ୍ପତ୍ତିର ପୁନର୍ବିଚାର କରି ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ପେନ୍‌ସନ୍ ଏବଂ ଅନୁଦାନ ପ୍ରଦାନ କରନ୍ତୁ । ସରକାର ତାଙ୍କର ଆଭିମୁଖ୍ୟ ନ ବଦଳାଇଲେ ଆଗାମୀ ଦିନରେ ଶିକ୍ଷକ ଆନ୍ଦୋଳନ ଗଣଆନ୍ଦୋଳରେ ପରିଣତ ହୋଇ ଚରମ ସ୍ଥିତିକୁ ଯିବ । ଫଳରେ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟିହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ, ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଶଳିଳ ରାଜନନ୍ଦନ ମହାନ୍ତି, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି ।

# ଅତ୍ୟାଧୁନିକ ଚିକିତ୍ସା ବଳରେ ମହିଳାଙ୍କ ଜୀବନ ରକ୍ଷା କଲେ ସମ୍ ହସ୍ପିଟାଲର ଡାକ୍ତରୀ ଟିମ୍

**ଭୁବନେଶ୍ୱର (ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨, ଫୁଲନଖରାର ଏକ ବହୁବିଭାଗୀୟ ଚିକିତ୍ସକ ଦଳ ଜଣେ ଗୁରୁତର ଭାବେ ଅସୁସ୍ଥ ଥିବା ମହିଳାଙ୍କର ଏକ ବିରଳ ତଥା ଜୀବନ ପ୍ରତି ବିପଦଜନକ ମାମଲାକୁ ସଫଳତାର ସହ ଚିହ୍ନଟ ଓ ଚିକିତ୍ସା କରି ତାଙ୍କ ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି । ସଂପୃକ୍ତ ମହିଳାଙ୍କର ଜୀବନ ପ୍ରତି ବିପଦ ଥିବା ବେଳେ ସେ ପ୍ରସବ ପରବର୍ତ୍ତୀ ବିଳମ୍ବିତ ରକ୍ତସ୍ରାବ ଯାହାକୁ କି ୟୁଟେରାଇନ୍ ଆର୍ଟେରୀ ସ୍ୟୁଡୋଆନ୍ୟୁରିଜମ୍ ସମସ୍ୟାରେ ପୀଡ଼ିତ ଥିବାର ଜଣାପଡ଼ିଥିଲା । ସିଜରିଆନ୍ ପ୍ରକ୍ରିୟାରେ ପ୍ରସବର ତିନି ଦିନ ପରେ ମହିଳା ଜଣଙ୍କ ପରିସ୍ରାଦ୍ୱାରରେ ଅତ୍ୟଧିକ ଯନ୍ତ୍ରଣା ଓ ରକ୍ତସ୍ରାବର ସମସ୍ୟା ନେଇ ହସ୍ପିଟାଲରେ ପହଂଚିଥିଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ଶାରୀରିକ ସ୍ଥିତି ଅସ୍ଥିର ହୋଇପଡ଼ିଥିବାରୁ ତୁରନ୍ତ ଚିକିତ୍ସା ଆବଶ୍ୟକ ହୋଇଥିଲା । ତାଙ୍କୁ ତୁରନ୍ତ ଆଇସିୟୁରେ ଭର୍ତ୍ତି କରାଯାଇ ସ୍ଥିର କରାଯାଇଥିଲା । ତାଙ୍କୁ କ୍ରିଟିକାଲ୍ କେୟାର ବିଭାଗର ଡାକ୍ତର ଶୁଭଙ୍କର, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଅଭିଜିତ୍ ଓ ନେଫ୍ରୋଲୋଜି ବିଭାଗର ଡାକ୍ତର ହାପି ପାତ୍ରଙ୍କ ନେତୃତ୍ୱରେ ଚିକିତ୍ସକମାନେ ମିଳିତ ଭାବେ ଚିକିତ୍ସା କରିବା ସହ ତାଙ୍କର ଜଟିଳ ପରିସ୍ଥିତିର ନିୟନ୍ତ୍ରଣ କରିଥିଲେ । ୟୁଟେରାଇନ୍ ଆର୍ଟେରୀ ସ୍ୟୁଡୋଆନ୍ୟୁରିଜମ୍ ଏକ ବିରଳ ଓ ଗୁରୁତର ରକ୍ତନାଳୀଜନିତ ସମସ୍ୟା । ଏଥିରେ ଜରାୟୁ ଧମନୀର ପ୍ରାଚୀରରେ କ୍ଷତ ସୃଷ୍ଟି ହେବା ଫଳରେ ରକ୍ତ ଆଖପାଖର ଟିସ୍ୟୁରେ ଲିକ୍ ହୋଇଥାଏ, ଯାହା ଗୁରୁତର ଓ ଜୀବନ ପ୍ରତି ବିପଦଜନକ ରକ୍ତସ୍ରାବର କାରଣ ହୋଇପାରେ । ହସ୍ପିଟାଲରେ ଉପଲବ୍ଧ ଅତ୍ୟାଧୁନିକ ରୋଗ ନିରୂପଣ ସୁବିଧା ଓ ବିଶେଷଜ୍ଞ ଚିକିତ୍ସା ସେବା ଯୋଗୁଁ ରକ୍ତସ୍ରାବର ମୂଳ କାରଣକୁ ଶୀଘ୍ର ଚିହ୍ନଟ କରାଯାଇପାରିଥିଲା । ସିଟି ଆଞ୍ଜିଓଗ୍ରାଫି ପରୀକ୍ଷାରେ ୟୁଟେରାଇନ୍ ଆର୍ଟେରୀ ସ୍ୟୁଡୋଆନ୍ୟୁରିଜମ୍ ହିଁ ରକ୍ତସ୍ରାବର କାରଣ ବୋଲି ନିଶ୍ଚିତ ହୋଇଥିଲା । ସେହିପରି ଡାକ୍ତର ଶ୍ରୀକାନ୍ତ ସୁନ୍ଦରାଙ୍କ ନେତୃତ୍ୱରେ ଇଂଟରଭେନସନାଲ୍ ରେଡିଓଲୋଜି ବିଭାଗର ଏକ ଟିମ୍ ତୁରନ୍ତ ୟୁଟେରାଇନ୍ ଆର୍ଟେରୀ ଏମ୍ବୋଲାଇଜେସନ୍ ପ୍ରକ୍ରିୟା ସଫଳତାର ସହ ସଂପାଦନ କରିଥିଲେ । ଏହି ଅତ୍ୟାଧୁନିକ ଓ ଅଳ୍ପ ଆକ୍ରମଣାତ୍ମକ ପ୍ରକ୍ରିୟା ମାଧ୍ୟମରେ ରକ୍ତସ୍ରାବକୁ ସଫଳତାର ସହ ନିୟନ୍ତ୍ରଣ କରାଯିବା ସହ ବଡ଼ ଧରଣର ଅସ୍ତ୍ରୋପଚାରର ଆବଶ୍ୟକତାକୁ ଏଡ଼ାଯାଇପାରିଥିଲା । ଚିକିତ୍ସା ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ଘଟିଥିଲା ଏବଂ କୌଣସି ଜଟିଳତା ବିନା ସେ ସୁସ୍ଥ ହୋଇଥିଲେ । ପ୍ରାୟ ଏକ ସପ୍ତାହ ମଧ୍ୟରେ ସେ ସୁସ୍ଥ ଓ ସ୍ଥିର ଅବସ୍ଥାରେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ ।

# ସ୍ୱାମୀ-ସ୍ତ୍ରୀଙ୍କୁ ସମାନ ମୁଖ୍ୟାଳୟରେ ପଦାୟନ ପାଇଁ ନୀତି ଦାବିକଲା ଓଡିଶା ସରକାରୀ କର୍ମଚାରୀ ମିଳିତସଂଘ

**ଭୁବନେଶ୍ୱର (ବ୍ୟୁରୋ) :** ଓଡିଶା ସରକାରୀ କର୍ମଚାରୀ ମିଳିତ ସଂଘ ପ୍ରଶାସନିକ ଭାବେ ସମ୍ଭବ ଥିବା ସ୍ଥାନରେ ସ୍ୱାମୀ-ସ୍ତ୍ରୀଙ୍କୁ ସମାନ ମୁଖ୍ୟାଳୟ/ କାର୍ଯ୍ୟସ୍ଥଳରେ ପଦାୟନ କରିବା ପାଇଁ ସାରା ରାଜ୍ୟରେ ଏକ ସମାନ ନୀତି ପ୍ରଣୟନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛି । ଓଡିଶା ସରକାରୀ କର୍ମଚାରୀ ମିଳିତ ସଂଘ କହିଛି ଯେ ବିଭିନ୍ନ ବିଭାଗ, କ୍ୟାଡର ଓ ଜିଲ୍ଲାରେ କାର୍ଯ୍ୟରତ ଅନେକ ସରକାରୀ କର୍ମଚାରୀ ଦମ୍ପତିଙ୍କୁ ଦୀର୍ଘ ସମୟ ଧରି ପୃଥକ ରହିବାକୁ ପଡୁଛି । ଏହାର ପ୍ରଭାବ ପରିବାରିକ ଜୀବନ, ସନ୍ତାନମାନଙ୍କ ଶିକ୍ଷା, ନିର୍ଭରଶୀଳ ବୃଦ୍ଧ ପିତାମାତାଙ୍କ ଯତ୍ନ ଓ କାର୍ଯ୍ୟ-ଜୀବନ ସମତୁଳନ ଉପରେ ପଡୁଛି । ସଂଘ ପ୍ରସ୍ତାବ ଦେଇଛି ଯେ ବଦଳି ଓ ପଦାୟନ ପ୍ରକ୍ରିୟାରେ ସ୍ୱାମୀ-ସ୍ତ୍ରୀଙ୍କୁ ଏକାଠି ପଦାୟନକୁ ପ୍ରାଥମିକତା ଦିଆଯାଉ । ଏଥିପାଇଁ ଉପଯୁକ୍ତ ଖାଲି ପଦ ଚିହ୍ନଟ କରିବାରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ କରାଯାଉ । ଅବୟସ୍କ ସନ୍ତାନ, ବିଶେଷ ଆବଶ୍ୟକତା ଥିବା ସନ୍ତାନ, ନିର୍ଭରଶୀଳ ପିତାମାତା ଓ ଅନ୍ୟାନ୍ୟ ପ୍ରକୃତ ପରିବାରିକ ଦାୟିତ୍ୱ ଥିବା ପରିବାରକୁ ବିଶେଷ ବିଚାର ଦିଆଯାଉ । ଓଡିଶା ସରକାରୀ କର୍ମଚାରୀ ମିଳିତ ସଂଘ ଏହାସହିତ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା ଓଡ଼ିଶା ଅଧୀନରେ 'ସ୍ପାଉସ୍ ପୋଷ୍ଟିଂ ମଡ୍ୟୁଲ୍' ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଛି । ଏହା ମାଧ୍ୟମରେ ଅନଲାଇନ୍ ଆବେଦନ, ଖାଲି ପଦର ମ୍ୟାପିଂ, ଆବେଦନ ଟ୍ରାକିଂ, ସମୟବଦ୍ଧ ନିଷ୍ପତ୍ତି ଓ ସ୍ୱଚ୍ଛ ସମୀକ୍ଷା ବ୍ୟବସ୍ଥା କରାଯାଇପାରିବ । ସଂଘର ମତାନୁସାରେ, ପରିବାର-ଅନୁକୂଳ ପଦାୟନ ନୀତି କର୍ମଚାରୀଙ୍କ ମନୋବଳ, ଉତ୍ପାଦକତା, କାର୍ଯ୍ୟ-ଜୀବନ ସମତୁଳନ ଓ ସରକାରୀ ସେବା ପ୍ରଦାନର ଗୁଣବତ୍ତା ବୃଦ୍ଧି କରିବ । ଏହା ଅନାବଶ୍ୟକ ପରିବାରିକ ବିଚ୍ଛିନ୍ନତା ଓ ପୁନଃପୁନଃ ଦାବିପତ୍ର ଦାଖଲକୁ ମଧ୍ୟ କମାଇବ । ଓଡିଶା ସରକାରୀ କର୍ମଚାରୀ ମିଳିତ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇ ସମସ୍ତ ବିଭାଗରେ ସମାନ ଭାବେ କାର୍ଯ୍ୟକାରୀ ହେବା ପାଇଁ ଏକ ସମଗ୍ର ନୀତି ପ୍ରସ୍ତୁତ ଓ ଅଧିସୂଚିତ କରିବାକୁ ଅନୁରୋଧ କରିଛି ।

# ଦାନବୀର ଗ୍ରାମ ପଞ୍ଚାୟତର ଡିଜିଟାଲ୍ ଭିତ୍ତିଭୂମି ସୁଦୃଢ଼ ପାଇଁ ଜନସହଭାଗିତାକୁ ଆହ୍ୱାନ

**ଭୁବନେଶ୍ୱର (ବ୍ୟୁରୋ) :** 'ମେରୀ ପଞ୍ଚାୟତ' ଆପ୍ ମାଧ୍ୟମରେ ସରଳ, ସୁରକ୍ଷିତ ଓ ସ୍ୱଚ୍ଛ ଉପାୟରେ ଗ୍ରାମ ପଞ୍ଚାୟତକୁ ସିଧାସଳଖ କମ୍ପ୍ୟୁଟର ଦାନ ତୃଣମୂଳ ସ୍ତରରେ ଡିଜିଟାଲ୍ ଭିତ୍ତିଭୂମିକୁ ମଜବୁତ୍ କରିବା ପାଇଁ 'ଦାନବୀର' ସାଜି ଜନ ଭାଗୀଦାରୀରେ ସାମିଲ ହେବାକୁ ପଞ୍ଚାୟତ ରାଜ ମନ୍ତ୍ରାଳୟ ନିବେଦନ କରିଛି । ଏହି କମ୍ପ୍ୟୁଟର କ୍ରାଉଡ୍‌ସୋର୍ସିଂ ଅଭିଯାନ ମାଧ୍ୟମରେ ସାଧାରଣ ନାଗରିକ ଏବଂ ଅନୁଷ୍ଠାନଗୁଡ଼ିକ ଏକ ସରଳ, ସ୍ୱଚ୍ଛ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ବ୍ୟବସ୍ଥା ଦ୍ୱାରା ନିଜର ଡେସ୍କଟପ୍ କମ୍ପ୍ୟୁଟର ସିଧାସଳଖ ଯୋଗ୍ୟ ଗ୍ରାମ ପଞ୍ଚାୟତଗୁଡ଼ିକୁ ଦାନ କରିପାରିବେ । ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ଭଳି ସରକାରୀ ଯୋଜନା ଜରିଆରେ ଯୋଗାଇ ଦିଆଯାଉଥିବା ଭିତ୍ତିଭୂମି ସହାୟତାକୁ ଆହୁରି ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରେ ଡିଜିଟାଲ୍ ଶାସନ ଓ ସେବା ଯୋଗାଣ ପ୍ରକ୍ରିୟାକୁ ଗତିଶୀଳ କରିବା ଏହି ସ୍ୱେଚ୍ଛାକୃତ ଜନ ଭାଗୀଦାରୀ ଅଭିଯାନର ମୁଖ୍ୟ ଲକ୍ଷ୍ୟ । 'ଦାନବୀର' ଗ୍ରାମ ପଞ୍ଚାୟତକୁ କମ୍ପ୍ୟୁଟର ଦାନ କରିବା ଅନଲାଇନ୍ କ୍ରୟ ପରି ସରଳ ଏବଂ ସୁବିଧାଜନକ କରିଥାଏ । 'ମେରୀ ପଞ୍ଚାୟତ' ଆପ୍ ମାଧ୍ୟମରେ ନାଗରିକମାନେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଯାଞ୍ଚ ହୋଇଥିବା ଏବଂ ଡେସ୍କଟପ୍ କମ୍ପ୍ୟୁଟର ଆବଶ୍ୟକ କରୁଥିବା ଗ୍ରାମ ପଞ୍ଚାୟତଗୁଡ଼ିକୁ ଦେଖିପାରିବେ । ନିଜ ଗ୍ରାମ ପଞ୍ଚାୟତ କିମ୍ବା ଅନ୍ୟ କୌଣସି ଯୋଗ୍ୟ ଗ୍ରାମ ପଞ୍ଚାୟତକୁ ନିଜ ମୋବାଇଲ୍ ଫୋନ୍‌ରୁ ହିଁ ସହାୟତା କରିପାରିବେ । 'ଡୋନେଟ୍ କମ୍ପ୍ୟୁଟର' ଉପରେ କ୍ଲିକ୍ କରିବା ପରେ ଦାତାଙ୍କୁ କୌଣସି ପୃଥକ ପଞ୍ଜୀକରଣର ଆବଶ୍ୟକତା ବିନା ସୁରକ୍ଷିତ ଭାବେ ଓଏନ୍‌ଡିସି ସକ୍ଷମ ଡିଜିଟାଲ୍ ବଜାର 'ଡିଜିହାଟ୍'କୁ ପଠାଇ ଦିଆଯାଏ । ଚୟନ କରାଯାଇଥିବା ପଞ୍ଚାୟତର ଠିକଣା ଓ ପ୍ରାପ୍ତକର୍ତ୍ତାଙ୍କ ବିବରଣୀ ସ୍ୱୟଂଚାଳିତ ଭାବେ ପୂରଣ ହୋଇଯାଏ, ଫଳରେ ହାତରେ ତଥ୍ୟ ଭରିବାର ଆବଶ୍ୟକତା ପଡେ ନାହିଁ । ଦାତାମାନେ ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ ଅନୁଯାୟୀ ପ୍ରସ୍ତୁତ ମାନକ କମ୍ପ୍ୟୁଟର ପ୍ୟାକେଜ୍ ମଧ୍ୟରୁ ଚୟନ କରି, ଡିଜିଟାଲ୍ ମାଧ୍ୟମରେ ଅର୍ଥ ପୈଠ କରିପାରିବେ ଏବଂ ଅର୍ଡର ନିଶ୍ଚିତକରଣ, ପ୍ରେରଣ ଠାରୁ ଆରମ୍ଭ କରି ଡେଲିଭରି ଓ ପ୍ରାପ୍ତି ସ୍ୱୀକୃତି ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାକୁ ଟ୍ରାକ୍ କରିପାରିବେ । ଗ୍ରାମ ପଞ୍ଚାୟତ ସଚିବଙ୍କ ଦ୍ୱାରା ପ୍ରାପ୍ତି ସ୍ୱୀକୃତି ଦିଆଯିବା ପରେ ଦାତାଙ୍କୁ ଡିଜିଟାଲ୍ ଭାବେ ପ୍ରସ୍ତୁତ 'ପ୍ରଶଂସାପତ୍ର' ପ୍ରଦାନ କରାଯିବ । ଏହିପରି, ଏହି ପଦକ୍ଷେପ ଅଧୀନରେ ଅର୍ଡର ଦେବାଠାରୁ ଆରମ୍ଭ କରି କମ୍ପ୍ୟୁଟର ଡେଲିଭରି ପର୍ଯ୍ୟନ୍ତ ଦାନ ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ 'ରିଅଲ୍ ଟାଇମ୍‌ରେ ଟ୍ରାକ୍ କରାଯାଇପାରିବ', ଯାହା ସଂପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରିବ । 'ଦାନବୀର' ମାଧ୍ୟମରେ ଦାନ କରାଯାଇଥିବା ଏକ କମ୍ପ୍ୟୁଟର ଗ୍ରାମ ପଞ୍ଚାୟତର ଯୋଜନା ପ୍ରସ୍ତୁତି, ଆର୍ଥିକ ପରିଚାଳନା, ରେକର୍ଡ ସଂରକ୍ଷଣ ଏବଂ ନାଗରିକଙ୍କୁ ସେବା ପ୍ରଦାନ ଭଳି କାର୍ଯ୍ୟରେ ଡିଜିଟାଲ ଶାସନ ପ୍ଲାଟଫର୍ମଗୁଡ଼ିକର ପ୍ରଭାବଶାଳୀ ବ୍ୟବହାର କ୍ଷମତାକୁ ସୁଦୃଢ଼ କରିପାରିବ । ଏହି ପଦକ୍ଷେପ ଏହି ପ୍ରଭାବ ସହ ଏକ ସ୍ୱଚ୍ଛ ଦାନ ପ୍ରକ୍ରିୟାକୁ ଯୋଡ଼ିଛି । ଏହା ମାଧ୍ୟମରେ ଜନସାଧାରଣ ନିଜ ଗ୍ରାମ ପଞ୍ଚାୟତର ଦାନର ସ୍ଥିତି ଦେଖିପାରିବା ସହ ଦାତାମାନେ ନିଜ ଅବଦାନକୁ ଡିଜିଟାଲ ଭାବେ ଟ୍ରାକ୍ କରିପାରିବେ ।

# ସାଓମୀ ପକ୍ଷରୁ ପୋକୋ ଏମ୮ଏକ୍ସ ୫ଜି ଶୁଭାରମ୍ଭ

**ଭୁବନେଶ୍ୱର (ବ୍ୟୁରୋ) :** ସାଓମି ଇଣ୍ଡିଆ ପକ୍ଷରୁ ପୋକୋ ଏମ୮ ?ଏକ୍ସ ୫ଜିର ଶୁଭାରମ୍ଭ କରାଯାଇଛି । ଯେଉଁଥିରେ ରହିଛି ନୂତନ କ୍ୱାଲକମ୍ ସ୍ନାପଡ୍ରାଗନ ୪ ଜେନ ୫ ପ୍ରୋସେସର ସହ ବିଶାଳ ୭୯୦୦ଏମଏଏଚ ବ୍ୟାଟେରୀ । ଯାହା ବ୍ୟବହାରକାରୀଙ୍କୁ ଲମ୍ବା ସମୟ ବ୍ୟବହାର କରିବାର ସ୍ୱାଧୀନତା ଦେଇଥାଏ । ଏହାର ୪୫ୱାଟ ଦ୍ରୁତ ଚାର୍ଜିଙ୍ଗ ଦ୍ୱାରା ମୋବାଇଲକୁ ଖୁବ ଶୀଘ୍ର ସମ୍ପୂର୍ଣ୍ଣ ଚାର୍ଜ କରାଯାଇ ପାରୁଥିବାବେଳେ, ୨୨.୫ୱାଟର ରିଭର୍ସ ଚାର୍ଜିଙ୍ଗ ଦ୍ୱାରା ମୋବାଇଲରୁ ଅନ୍ୟାନ୍ୟ ଉପକରଣ କିମ୍ବା ଅନ୍ୟ ସ୍ମାର୍ଟଫୋନକୁ ମଧ୍ୟ ଚାର୍ଜ କରିହେବ । ଅନ୍ୟାନ୍ୟ ମୁଖ୍ୟ ଫିଚର ଗୁଡିକ ମଧ୍ୟରେ ରହିଛି ଆଇପି୬୪ ରେଟିଙ୍ଗ, କର୍ଣ୍ଣିଙ୍ଗ ଗୋରିଲା ଗ୍ଲାସ୭ଆଇ ସୁରକ୍ଷିତ ଡ଼ିସପ୍ଲେ, ବୃହତ ୬.୯-ଇଞ୍ଚ ୧୨୦ଏଚଜେଡ଼ ଯୁକ୍ତ ଡ଼ିସପ୍ଲେ । ଏହା ୬ଜିବି ରାମ ଏବଂ ୧୨୮ଜିବି ଷ୍ଟୋରେଜ ସହ ଉପଲବ୍ଧ ହେଉଥିବା ବେଳେ, ଏହାର ଷ୍ଟୋରେଜକୁ ୧ଟିବି ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । ପୋକୋ ଏମ୮ଏକ୍ସ ୫ଜିର ଅନ୍ୟ ବିଶେଷତା ମଧ୍ୟରେ ଫ୍ଲିକର ସେନସର ସହିତ ୫୦ଏମପି ଏଆଇ ଡୁଆଲ-କ୍ୟାମେରା ସେଟ୍‌ଅପ ଯେବେକି ସେଲଫି ଏବଂ ଭିଡ଼ିଓ କଲ ପାଇଁ ଏଥିରେ ରହିଛି ୮ଏମପି ସମ୍ମୁଖଭାଗ କ୍ୟାମେରା ରହିଛି । ଏହାର ପଛ ପାନେଲରେ ଚମଡ଼ା ପରି ଫିନିସ ରହିଛି, ଯାହା ସ୍ମାର୍ଟଫୋନକୁ ପ୍ରିମିଅମ ଲୁକ ପ୍ରଦାନ କରିଥାଏ । ଏହି ପୋକୋ ଏମ୮ଏକ୍ସ ୫ଜି ଦୁଇଟି ଭାରିଏଣ୍ଟରେ ଉପଲବ୍ଧ ହେବ, ୪ଜିବି+୧୨୮ଜିବି ଯୁକ୍ତ ଭାରିଏଂଟର ମୂଲ୍ୟ ୨୦,୯୯୯ ଟଙ୍କା ରହିଥିବା ବେଳେ ୬ଜିବି+୧୨୮ଜିବି ଭାରିଏଣ୍ଟର ମୂଲ୍ୟ ୨୨,୯୯୯ ଟଙ୍କା ରହିଛି । ବଜାର ପ୍ରବେଶ ଅଫରର ଅଂଶବିଶେଷ ଭାବରେ ଗ୍ରାହକମାନେ ବିକ୍ରୟର ପ୍ରଥମ ଦିନରେ ୨,୦୦୦ ଟଙ୍କାର କୁପନ ମୂଲ୍ୟ ସହିତ ଏହି ସ୍ମାର୍ଟଫୋନର ନୂତନ ପ୍ରଭାବୀ ମୂଲ୍ୟ କ୍ରମାନ୍ୱୟରେ ୧୮,୯୯୯ ଟଙ୍କା ଏବଂ ୨୦,୯୯୯ ଟଙ୍କାରେ ପାଇପାରିବେ ।

# ଓଡ଼ିଶା ସବୁଜବାହିନୀ ଅଧ୍ୟକ୍ଷଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ



**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶାର ବରିଷ୍ଠ ସମାଜସେବୀ, ଶିଶୁ ଅନନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ପ୍ରାଧ୍ୟାପକ ତଥା ଓଡ଼ିଶା ସବୁଜ ବାହିନୀର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଶ୍ରୀଯୁକ୍ତ ସହଦେବ ମଲ୍ଲିକଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରାଯାଇଅଛି । ଆମେରିକାର ପ୍ରସିଦ୍ଧ ଲୁଇସିଆନ୍ ଗବେଷଣା ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ରୀ ମଲ୍ଲିକଙ୍କ ଉଲ୍ଲେଖନୀୟ କାର୍ଯ୍ୟ ସାମାଜିକ ସେବା, ପରିବେଶ ସୁରକ୍ଷା ଓ ଶିକ୍ଷା କ୍ଷେତ୍ରରେ ସମ୍ମାନିତ କରାଯାଇ ଏହି ଉପାଧି ନୂଆଦିଲ୍ଲୀଠାରେ ପ୍ରଦାନ କରାଯାଇଅଛି । ଦୀର୍ଘ ୩୨ ବର୍ଷର ନିଷ୍ଠାର ସହ ବିଭିନ୍ନ କଲେଜରେ ଶିକ୍ଷା ପ୍ରଦାନ, ବିଭିନ୍ନ ସମୟରେ ବନ୍ୟା, ବାତ୍ୟା ଯୋଗୁଁ ସମସ୍ୟାରେ ପଡ଼ିଥିବା ଲୋକଙ୍କ ପାଖରେ ପହଞ୍ଚି ରିଲିଫ୍ ବଣ୍ଟନ, ଯୋଗ ଅଭ୍ୟାସରେ ଲୋକଙ୍କୁ ସାମିଲ୍ କରାଇବା, ବିଭିନ୍ନ ଦୂରାରୋଗରେ ପଡ଼ିଥିବା ଲୋକଙ୍କୁ ସହାୟତା ପ୍ରଦାନ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବା ସଂଗେସଂଗେ ସୁନ୍ଦର ସବୁଜ ଭାରତ ଗଠନ ଲକ୍ଷ୍ୟରେ ବୃକ୍ଷରୋପଣ, ଜୀବନ ଜୀବିକା କୌଶଳ ଶିଖାଇବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଆସୁଥିବା ଶ୍ରୀ ମଲ୍ଲିକ ଡକ୍ଟରେଟ୍ ଉପାଧିରେ ସମ୍ମାନିତ ହୋଇଥିବାରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ତାଙ୍କର ଶୁଭେଚ୍ଛୁ ଓ ସମର୍ଥକଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳିଯାଇଅଛି । ପିତା ସ୍ୱର୍ଗତ ରାଜ କିଶୋର ମଲ୍ଲିକ, ମାତା ସ୍ୱର୍ଗତ କୋଇଲି ମଲ୍ଲିକଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀ ସହଦେବ ମଲ୍ଲିକ ଡକ୍ଟରେଟ୍ ଉପାଧି ସମ୍ମାନରେ ସମ୍ମାନିତ ହୋଇଥିବାରୁ କେନ୍ଦ୍ରାପଡ଼ା, ଢେଙ୍କାନାଳ, ବାଲିପାଟଣା ଓ ସର୍ବୋପରି ରାଜଧାନୀର ବହୁ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ସାଙ୍ଗସାଥୀମାନେ ବହୁ ଗର୍ବିତ ଆନନ୍ଦିତ ହୋଇଛନ୍ତି ।

# ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୬





**ଭୁବନେଶ୍ୱର (ବ୍ୟୁରୋ) :** ସୃଜନ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାୟ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହଯୋଗରେ, ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆସନ୍ତା ରୁ ୯ ସେପ୍ଟେମ୍ବର ୨୯୨୬, ପ୍ରତ୍ୟେକ ସନ୍ଧ୍ୟା ୭ଟାରୁ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଆୟୋଜନ କରିବାକୁ ଯାଉଛି । ବିଶେଷ ଉଲ୍ଲେଖଯୋଗ୍ୟ ଯେ, ଏହି ୩୨ତମ ଜିକେସିଏମ୍ ପୁରସ୍କାର ଉତ୍ସବ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ପାଳନ ବର୍ଷ ଅବସରରେ ଆୟୋଜିତ ହେଉଥ?ିବାରୁ ଚଳିତ ସଂସ୍କରଣ ଏକ ସ୍ୱତନ୍ତ୍ର ମାରକୀ ମହତ୍ତ୍ୱ ବହନ କରୁଛି । ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାସମ୍ପନ୍ନ ବାର୍ଷିକ ସାଂସ୍କୃତିକ ଉତ୍ସବ ଭାବେ ପରିଚିତ ଏହି ପାଞ୍ଚଦିନିଆ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ରଙ୍କ ଚିରନ୍ତନ ଐତିହ୍ୟକୁ ସମ୍ମାନ ଜଣାଇବା ସହ ଭାରତର ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ନାଟକ ଓ ସିନେମା କ୍ଷେତ୍ରର କେତେକ ଶ୍ରେଷ୍ଠ କଳାସାଧକଙ୍କୁ ଏକତ୍ରିତ କରିବ । ବିଶିଷ୍ଟ ଗୁରୁ ତଥା କଳାକାର ଗୁରୁ ରତିକାନ୍ତ ମହାପାତ୍ର, ବିର୍ଦ୍ଦେଶକ, ସୃଜନ ଏବଂ ଡିନ୍, ଫ୍ୟାକଲ୍ଟି ଅଫ୍ ଆର୍ଟସ୍, କମ୍ୟୁନିକେସନ୍ ଆଣ୍ଡ ଇଣ୍ଡିକ୍ ଷ୍ଟଡିଜ୍, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟଙ୍କ ସକ୍ଷମ ମାର୍ଗଦର୍ଶନରେ ଏହି ଉତ୍ସବ ସୁଚିନ୍ତିତ ଭାବେ ପରିବର୍ଦ୍ଧିତ ଓ ସଂଯୋଜିତ ହୋଇଆସୁଛି । ତାଙ୍କ କଳାତ୍ମକ ଦୃଷ୍ଟିକୋଣ ବିଗତ ୩୧ ବର୍ଷ ଧରି ଉତ୍ସବର ଉତ୍କର୍ଷ, ପରମ୍ପରା ଓ ନବସୃଜକ ପ୍ରତି ଅଙ୍ଗୀକାରକୁ ଅକ୍ଷୁଣ୍ଣ ରଖିଆସିଛି । ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୨ ଭାରତର ବିବିଧ ସାଂସ୍କୃତିକ ପରିମଣ୍ଡଳର ଚାରିଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ପ୍ରଦାନ କରାଯିବ । ୧୧,୦୦,୦୦୦ ନଗଦ ରାଶି ଓ ମାନପତ୍ର ସମ୍ବଳିତ ଏହି ସମ୍ମାନ ଚଳିତ ବର୍ଷ ବରିଷ୍ଠ କଳାକାର ଶରନ୍ ଲୋ ନେ୍ (ଓଡ଼ିଶୀ ନୃତ୍ୟ), କେଶବ ଚନ୍ଦ୍ର ରାଉତ (ଓଡ଼ିଶୀ ସଙ୍ଗୀତ), ଧୀରେନ୍ଦ୍ରନାଥ ମଲ୍ଲିକ (ନାଟକ) ଏବଂ ମହାଶ୍ୱେତା ରାୟ (ସିନେମା)ଙ୍କୁ ସେମାନଙ୍କ ଜୀବନବ୍ୟାପୀ ସାଧନା ଓ ନିଜ ନିଜ କ୍ଷେତ୍ରରେ ଅସାମାନ୍ୟ ଅବଦାନ ପାଇଁ ପ୍ରଦାନ କରାଯିବ । ପ୍ରତିଷ୍ଠାର ତୃତୀୟ ବର୍ଷରେ ପଦାର୍ପଣ କରିଥିବା, ୪୦ରୁ ୫୫ ବର୍ଷ ବୟସର ପ୍ରତିଷ୍ଠିତ କଳାକାରଙ୍କ ପାଇଁ ପ୍ରବର୍ତ୍ତିତ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ ୨୦୨୭ରେ ଶ୍ରୀ ଅଗ୍ନିମିତ ବେହେରା (ଯନ୍ତ୍ର ସଙ୍ଗୀତ – ବେହେଲା । ଏବଂ ସୁଶ୍ରୀ ନାହିଁଆ ଆଲମ୍ (କଣ୍ଠ ସଙ୍ଗୀତ)କୁ ପ୍ରତ୍ୟେକ ୪୫୦,୦୦୦ ଓ ମାନପତ୍ର ପ୍ରଦାନ କରାଯିବ । ସେହିପରି ୨୫,୦୦୦ ନଗଦ ରାଶି ଓ ମାନପତ୍ର ସମ୍ବନ୍ଧିତ ସ୍ମର କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ଚାରିଜଣ ପ୍ରତିଭାବାନ ଯୁବ କଳାକାର– ସୁଶ୍ରୀ ବୃନ୍ଦା ଚଢ଼ା ଓ ସୁଶ୍ରୀ ଐଶ୍ୱର୍ଯ୍ୟା ସଂହଦେବ ଓଡ଼ିଶୀ ନୃତ୍ୟ), ସୁଖୀ ଚିକିତା ବଜାଓ୍ୱାଲିକର (କଥକ) ଏବଂ ସୌମ୍ୟ ରଞ୍ଜନ ନାୟକ (ଓଡ଼ିଶୀ ସଙ୍ଗୀତ—ମର୍ଦ୍ଦଳ)ଙ୍କୁ ପ୍ରଦାନ କରାଯିବ । ୫ ସେପ୍ଟେମ୍ବରରେ ବିଦୁଷୀ ଶୁଭା ମୁଦ୍ଗଲଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣ ସହ ଉତ୍ସବର ଶୁଭାରମ୍ଭ ହେବ । ତାଙ୍କୁ ତବଲାରେ ଡ. ଅନୀଶ ପ୍ରଧାନ ଏବଂ ହାରମୋନିୟମରେ ଶ୍ରୀ ସୁଧୀର ନାୟକ ସହଯୋଗ କରିବେ । ୬ ସେପ୍ଟେମ୍ବରରେ ବିଶିଷ୍ଟ ସରୋଦ ବାଦକ ପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାର ସରୋଦ ବାଦନ ପରିବେଷଣ କରିବେ ଏବଂ ତାଙ୍କୁ ତବଲାରେ ଶ୍ରୀ ସତ୍ୟଜିତ ତଲଓ୍ୱାଲକର ସହଯୋଗ କରିବେ । ଏହାପରେ ଶ୍ରୀମନ୍ତୀ ଲିପ୍ସା ଶତପଥୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ । ୬ ସେପ୍ଟେମ୍ବର ସନ୍ଧ୍ୟାରେ ଚିଦାକାଶ ବଳାଳୟ ସେଣ୍ଟର ପକ୍ଷରୁ ମାଗନାଟ୍ୟ ଆଧାରିତ ନୃତ୍ୟାଭିନୟ "ସୌଗନ୍ଧିକା ହରଣମ୍' ପରିବେଷିତ ହେବ । ଏହାର ନୃତ୍ୟ ସଂରଚନା ଡ, ପିୟାଲ ଭଟ୍ଟାଚାର୍ଯ୍ୟ ଏବଂ ସଙ୍ଗୀତ ସାୟକ ମିତ୍ରଙ୍କର ୮ ସେପ୍ଟେମ୍ବରରେ ପ୍ରସିଦ୍ଧ ଭରତନାଟ୍ୟମ୍ ନୃତ୍ୟଶିଳ୍ପୀ ଡ. ଜାନକୀ ରଙ୍ଗରାଜନ ନୃତ୍ୟ ପରିବେଷଣ କରିବେ । ଏହାପରେ ଅଭିରାମ ନନ୍ଦ ଓ ଶ୍ରୀନିବାସ ଶତପଥୀଙ୍କ ବଂଶୀ ଯୁଗଳବନ୍ଦୀ ଅନୁଷ୍ଠିତ ହେବ ଏବଂ ତବଲାରେ ଯଶାନ୍ତ ବୈଷ୍ଣବ ସହଯୋଗ କରିବେ । ୯ ସେପ୍ଟେମ୍ବରରେ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ସମାରୋହ ୨୦୨୬ ସହିତ ଉତ୍ସବ ଉଦ୍‌ଯାପିତ ହେବ । ଏହାପରେ ବହୁ ପ୍ରତୀକ୍ଷିତ ତଥା ବିଭାକର୍ଷକ ସମାପକୀ ପ୍ରସ୍ତୁତି ପରିବେଷଣ କରିବ ସୃଜକ ଏନସେମ୍ବଲ୍ । ପ୍ରଖ୍ୟାତ ଓଡ଼ିଆ କବି ରାଧାମୋହନ ଗଡ଼ନାୟକଙ୍କ ଭାବୋଦ୍ଦୀପକ କବିତାରୁ ପ୍ରେରିତ 'ମାଟି'କୁ ସୃଜନ ଏନ୍‌ସେମ୍ବଲ୍ ପରିବେଷଣ କରିବ । ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନା, ଗୁରୁ ଲକ୍ଷ୍ମୀକାନ୍ତ ପାଲିତଙ୍କ ସଙ୍ଗୀତ ରଚନା ଏବଂ ସ୍ୱର୍ଗତ ଜୟଦେବ ଦାସଙ୍କ ନାଟ୍ୟରୂପାନ୍ତରରେ ପ୍ରସ୍ତୁତ 'ମାଟି ସୃଜନଶୀଳ ନୂତନତ୍ୱକୁ ଆପଣାଇବା ସହ ପାରମ୍ପରିକ ଓଡ଼ିଶୀ ନୃତ୍ୟ ସଂରଚକାର ସ୍ୱତନ୍ତ୍ର ଚରିତ୍ର ଓ ଭାଷାକୁ ଅକ୍ଷୁଣ୍ଣ ରଖୁଛି । ଅଜବ୍ୟ ଦୃଶ୍ୟାତ୍ମକ ଅଳଙ୍କରଣ ଓ କନ୍ଧତାଶୀଳ ନୃତ୍ୟ ସଂରଚନାରେ ସମୃଦ୍ଧ ଏହି ପ୍ରଯୋଜନା ଦର୍ଶକଙ୍କ ପାଇଁ ଏକ ମନୋମୁଗ୍ଧକର କାନ୍ଦନିକ ଅନୁଭୂତି ସୃଷ୍ଟି କରିବାକୁ ପ୍ରୟାସ କରେ । ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗ ପ୍ରଦାନ କରୁଛନ୍ତି । ଏମଜିଏମ୍ ମିନେରାଲ୍ ଲିମିଟେଡ୍ ଏବଂ ଶାଲିମାର କେମିକାଲ୍ ୱାର୍ଲ୍ ପ୍ରାଇଭେଟ୍ ଲିମିଟେଡ୍ ସେମାନଙ୍କ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପଦକ୍ଷେପ ଅଧୀନରେ ସହଯୋଗ ପ୍ରଦାନ କରୁଛନ୍ତି । ଓଡ଼ିଶା ଖଣି ନିଗମ ଲିମିଟେଡ୍ ଏବଂ ଓଡ଼ିଶା ପର୍ଯ୍ୟଟନ ଏହି ଉତ୍ସବର ସ୍ୱର୍ଣ୍ଣ ପ୍ରାୟୋଜକ, ଯେତେବେଳେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ରୌପ୍ୟ ପ୍ରାୟୋଜକ । ନାଲ୍‌କୋ, ଏମ୍‌ସିଏଲ୍, ଲମ୍ପା ଏବଂ ପ୍ରିୟଦର୍ଶିନୀ ହେଉଛନ୍ତି ଉତ୍ସବ ପ୍ରାୟୋଜକ । ଧରିତ୍ରୀ ଏବଂ ଓରିସାପୋଷ୍ଟ ଗଣମାଧ୍ୟମ ସହଯୋଗୀ, ଦି ରୟାଲ୍ ମିଡ଼ଟାଉନ୍ ଆତିଥ୍ୟ ସହଯୋଗୀ ଏବଂ ନର୍ଭକୀ ୱେବ୍ ସହଯୋଗୀ ଭାବେ ଏହି ଉତ୍ସବ ସହ ଯୋଡି ହୋଇଛନ୍ତି ।

# ନବୀନ ପଟ୍ଟନାୟକଙ୍କୁ ରାକ୍ଷୀ ବାନ୍ଧିଲେ ବ୍ରହ୍ମାକୁମାରୀ ଭଉଣୀ, ଛାତ୍ରୀ ଓ ବିଜେଡି ନେତ୍ରୀ



**ଭୁବନେଶ୍ୱର(ବ୍ୟୁରୋ) :** ରକ୍ଷା ବନ୍ଧନ ଅବସରରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଖୀ ବାନ୍ଧିଲେ ବ୍ରହ୍ମାକୁମାରୀ ଭଉଣୀ, ଛାତ୍ରୀ ଓ ବିଜେଡି ନେତ୍ରୀ । ନବୀନ ନିବାସରେ ଦେଖିବାକୁ ମିଳିଥିଲା ଭିଡ଼। ନବୀନ ପଟ୍ଟନାୟକଙ୍କୁ ବ୍ରହ୍ମାକୁମାରୀ ଭଉଣୀ, ସ୍କୁଲ ଛାତ୍ରୀ, ଗାଇଡ୍, କୁନି ପିଲା ଓ ବିଜେଡି ନେତ୍ରୀମାନେ ରାଖୀ ବାନ୍ଧିଛନ୍ତି । ନବୀନ ନିବାସର ବାରଣ୍ଡାରେ ବସିଥିବା ନବୀନଙ୍କ ନିକଟକୁ ଜଣକ ପରେ ଜଣେ ଆସି ରାଖୀ ବାନ୍ଧିବା ସହ ଶୁଭେଚ୍ଛା ଜଣାଇଥିଲେ। ବ୍ରହ୍ମାକୁମାରୀ ଭଉଣୀମାନେ ନବୀନଙ୍କୁ ରାଖୀ ବାନ୍ଧିଥିଲେ । ଏହି ଅବସରରେ ତାଙ୍କୁ ଏକ ସ୍ମୃତିଫଳକ ମଧ୍ୟ ପ୍ରଦାନ କରାଯାଇଥିଲା । ସ୍କୁଲ ଛାତ୍ରୀ ଓ ଗାଇଡ୍ ମାନେ ମଧ୍ୟ ନବୀନଙ୍କ ହାତରେ ରାଖୀ ବାନ୍ଧିଥିଲେ। କୁନି ପିଲାମାନେ ମଧ୍ୟ ରାଖୀ ବାନ୍ଧିବାକୁ ନବୀନ ନିବାସରେ ପହଞ୍ଚିଥିଲେ। ନବୀନ ସେମାନଙ୍କ ସହ କଥା ହୋଇ ଶୁଭେଚ୍ଛା ବିନିମୟ କରିଥିଲେ। ଅନେକ ତାଙ୍କ ସହ ଫଟୋ ମଧ୍ୟ ଉଠାଇଥିଲେ। ବିଜେଡିର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ ଓ ଟୁକୁନି ସାହୁ ମଧ୍ୟ ନବୀନ ନିବାସରେ ପହଞ୍ଚି ନବୀନଙ୍କୁ ରାଖୀ ବାନ୍ଧିଥିଲେ। ଏହାସହ ଅନ୍ୟ ମହିଳାମାନେ ମଧ୍ୟ ରକ୍ଷା ବନ୍ଧନ ଅବସରରେ ନବୀନଙ୍କୁ ଭେଟି ରାକ୍ଷୀ ବାନ୍ଧିଥିଲେ। ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଭାଇ-ଭଉଣୀଙ୍କ ସମ୍ପର୍କର ପର୍ବ ରକ୍ଷା ବନ୍ଧନ ପାରମ୍ପରିକ ଭାବେ ପାଳନ କରାଯାଉଛି।

# ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ଖୋଲାହୋଇଛି ୫୯.୦୯ କୋଟି ବ୍ୟାଙ୍କ ଖାତା

**ଭୁବନେଶ୍ୱର(ବ୍ୟୁରୋ):** ଦେଶର ପ୍ରତ୍ୟେକ ନାଗରିକଙ୍କୁ ଔପଚାରିକ ଆର୍ଥିକ ବ୍ୟବସ୍ଥା ସହ ଯୋଡ଼ିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୮ ଅଗଷ୍ଟ ୨୦୧୪ରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମଜେଡିୱାଇ)ର ଶୁଭାରମ୍ଭ କରିଥିଲେ। ଯୋଜନାଟି ଏବେ ୧୨ ବର୍ଷ ପୂରଣ କରିଛି। ଏହି ଅବଧିରେ ପିଏମଜେଡିୱାଇ ଦେଶର ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ସହ ବିଶ୍ୱସ୍ତରରେ ଏକ ଅନୁକରଣୀୟ ମଡେଲ ଭାବେ ପରିଚିତ ହୋଇଛି। ଏହି ଯୋଜନା ମାଧ୍ୟମରେ ବ୍ୟାଙ୍କିଂ ସୁବିଧାରୁ ବଞ୍ଚିତ ପ୍ରତ୍ୟେକ ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କୁ ମୌଳିକ ବ୍ୟାଙ୍କ ଖାତା ଖୋଲିବାର ସୁବିଧା ମିଳୁଛି। ଖାତା ଖୋଲିବା ପାଇଁ ସର୍ବନିମ୍ନ ଜମା ରାଶିର ଆବଶ୍ୟକତା ନଥିବା ସହ ଖାତା ରକ୍ଷଣାବେକ୍ଷଣ ପାଇଁ କୌଣସି ଶୁଳ୍କ ନାହିଁ। ଖାତାଧାରୀଙ୍କୁ ମାଗଣା ରୁପେ ଡେବିଟ୍ କାର୍ଡ, ଦୁର୍ଘଟଣାଜନିତ ବୀମା ସୁରକ୍ଷା ଏବଂ ଯୋଗ୍ୟତା ଅନୁସାରେ ଓଭରଡ୍ରାଫ୍ଟ ସୁବିଧା ମିଳୁଛି। ୧୯ ଅଗଷ୍ଟ ୨୦୨୬ ସୁଦ୍ଧା ଉପଲବ୍ଧ ତଥ୍ୟ ଅନୁସାରେ, ପିଏମଜେଡିୱାଇ ଅଧୀନରେ ମୋଟ ୫୯.୦୯ କୋଟି ବ୍ୟାଙ୍କ ଖାତା ରହିଛି। ଏଥିରୁ ୩୨.୯୨ କୋଟି, ଅର୍ଥାତ୍ ୫୫.୭ ପ୍ରତିଶତ ଖାତା ମହିଳାଙ୍କର। ସେହିପରି ୪୫.୯୫ କୋଟି, ଅର୍ଥାତ୍ ୭୭.୮ ପ୍ରତିଶତ ଖାତା ଗ୍ରାମୀଣ ଓ ଅର୍ଦ୍ଧ-ସହରାଞ୍ଚଳରେ ରହିଛି। ଏହା ଯୋଜନାର ମହିଳା ସଶକ୍ତୀକରଣ ଓ ଦୁର୍ଗମ ଅଞ୍ଚଳର ଲୋକଙ୍କୁ ଔପଚାରିକ ଆର୍ଥିକ ବ୍ୟବସ୍ଥା ସହ ଯୋଡ଼ିବାର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ପିଏମଜେଡିୱାଇ ଖାତାଗୁଡ଼ିକରେ ମୋଟ ୩,୧୬,୫୧୪ କୋଟି ଟଙ୍କା, ଅର୍ଥାତ୍ ପ୍ରାୟ ୩.୧୭ ଲକ୍ଷ କୋଟି ଟଙ୍କା ଜମା ରହିଛି। ଅଗଷ୍ଟ ୨୦୧୫ରୁ ଅଗଷ୍ଟ ୨୦୨୬ ମଧ୍ୟରେ ଜମା ରାଶି ପ୍ରାୟ ୧୨.୮ ଗୁଣ ବଢ଼ିଥିବାବେଳେ ଖାତା ସଂଖ୍ୟା ୨.୩ ଗୁଣ ବୃଦ୍ଧି ପାଇଛି। ଏହାଛଡ଼ା, ପ୍ରତି ଖାତାରେ ହାରାହାରି ଜମା ରାଶି ୫,୩୫୬ ଟଙ୍କା




ରହିଛି, ଯାହା ଗତ ୧୨ ବର୍ଷରେ ୩.୪ ଗୁଣ ବଢ଼ିଛି। ଏହା ଖାତାର ବ୍ୟବହାର ବୃଦ୍ଧି ଓ ଲୋକଙ୍କ ମଧ୍ୟରେ ସଞ୍ଚୟ ପ୍ରବୃତ୍ତି ବଢ଼ିବାର ସଙ୍କେତ ଦେଉଛି। ଏହି ସମୟ ମଧ୍ୟରେ ପିଏମଜେଡିୱାଇ ଖାତାଧାରୀଙ୍କୁ ୪୧.୨୯ କୋଟି ରୁପେ କାର୍ଡ ଜାରି କରାଯାଇଛି। ଏହା ଡିଜିଟାଲ୍ ଆର୍ଥିକ କାରବାରକୁ ଅଧିକ ସହଜ କରିବା ସହ ଆର୍ଥିକ ସେବାର ପହଞ୍ଚ ବଢ଼ାଇଛି। ଯୋଜନାର ସଫଳତାରେ ଜନଧନ-ଆଧାର-ମୋବାଇଲ୍ (ଜେଏଏମ୍) ତ୍ରିରତ୍ନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହା ମାଧ୍ୟମରେ ସରକାର ମଧ୍ୟସ୍ଥତା ଓ ବିଳମ୍ବ କମାଇ ଲାଭାର୍ଥୀଙ୍କ ଖାତାକୁ ସିଧାସଳଖ ସରକାରୀ ସହାୟତା ପହଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଏଥିସହ ପିଏମଜେଡିୱାଇ ଖାତାଧାରୀମାନେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଭଳି ଜନ ସୁରକ୍ଷା ଯୋଜନା ସହ ଯୋଡ଼ିହେବାର ସୁଯୋଗ ପାଉଛନ୍ତି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ, ପିଏମଜେଡିୱାଇର ସଫଳତାକୁ କେବଳ ଖାତା ସଂଖ୍ୟା କିମ୍ବା ଜମା ରାଶିରେ ମାପିବା ଉଚିତ୍ ନୁହେଁ; ବରଂ ଦେଶର ବ୍ୟାଙ୍କିଂ ଓ ଆର୍ଥିକ ବ୍ୟବସ୍ଥାରେ ଏହା ଆଣିଥିବା ପରିବର୍ତ୍ତନ ହିଁ ଏହାର ପ୍ରକୃତ ସଫଳତା। ଆର୍ଥିକ ଅନ୍ତର୍ଭୁକ୍ତୀକରଣର ପ୍ରଥମ ପାହାଚ ଭାବେ ପିଏମଜେଡିୱାଇ ଏବେ ସଞ୍ଚୟ, ବୀମା, ପେନ୍ସନ୍ ଓ ଋଣ ସୁବିଧା ସହ ଲୋକଙ୍କୁ ଯୋଡ଼ିବାରେ ସହାୟକ ହେଉଛି। ନିୟମିତ ସଞ୍ଚୟ ମାଧ୍ୟମରେ ଖାତାଧାରୀମାନେ ମୁଦ୍ରା ଋଣ ସମେତ ବିଭିନ୍ନ ଋଣ ସୁବିଧା ପାଇବାକୁ ଯୋଗ୍ୟ ହେଉଛନ୍ତି। ଫଳରେ ଆୟ ବୃଦ୍ଧି, ଉଦ୍ୟମିତା ଓ ଆର୍ଥିକ ସଶକ୍ତୀକରଣର ନୂଆ ସୁଯୋଗ ସୃଷ୍ଟି ହେଉଛି। ପିଏମଜେଡିୱାଇର ୧୨ ବର୍ଷର ଯାତ୍ରା ଏହି କଥା ସ୍ପଷ୍ଟ କରିଛି ଯେ, ଡିଜିଟାଲ୍ ଭିତ୍ତିଭୂମି, ବ୍ୟାଙ୍କିଂ ବ୍ୟବସ୍ଥା ଓ ସରକାରୀ ପଦକ୍ଷେପର ସମନ୍ୱୟ ମାଧ୍ୟମରେ ଆର୍ଥିକ ସେବାକୁ ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚାଇହେବ। ଆଗାମୀ ଦିନରେ ମଧ୍ୟ ସମାବେଶୀ ବିକାଶ ଓ ଆର୍ଥିକ ସଶକ୍ତୀକରଣ ଦିଗରେ ଏହି ଯୋଜନା ଏକ ପ୍ରମୁଖ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି।

# ଭରତପୁରରେ ଆତଙ୍କ, ବଟି ନଦେବାରୁ ଖଣ୍ଡାରେ ଆକ୍ରମଣ

**ଭୁବନେଶ୍ୱର(ବ୍ୟୁରୋ):** ଗଣେଶ ପୂଜା ପୂର୍ବରୁ ରାଜଧାନୀ ଭୁବନେଶ୍ୱରରେ ଦାଦାବଟି ଆତଙ୍କ । ବଟି ନଦେବାରୁ ଖଣ୍ଡାରେ ଆକ୍ରମଣ । ଭରତପୁର ଥାନା ଅଞ୍ଚଳରେ ଦୋକାନୀଙ୍କଠାରୁ ବଟି ମାଗୁଥିବା ଅଭିଯୋଗ ହୋଇଛି । ରାସ୍ତାରେ ଯାଉଥିବା ଗାଡ଼ିକୁ ଅଟକାଇ ମଧ୍ୟ ଟଙ୍କା ମାଗୁଛନ୍ତି । ନଦେଲେ ଧମକ ଦେବା ସହ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଭରତପୁର ଥାନା ଦୁର୍ଗାମାଧବ ନଗର ଯୁବକ ଜଣଙ୍କ ହେଲେ ଅଂଶୁମାନ ପଟ୍ଟନାୟକ । ତାଙ୍କର ଏକ ସେଲ୍ଫଡ୍ରାଇଭ କାର ସୋରୁମ ରହିଛି । ଗତକାଲି ରାତି ପ୍ରାୟ ସାଢେ ୯ ଟା ସମୟରେ ଅଂଶୁମାନ ଆୟୁର୍ବେଦିକ ହସ୍ପିଟାଲ ନିକଟରେ ଛିଡା ହୋଇଥିବା ବେଳେ ଅତର୍କିତ ଆକ୍ରମଣ କରିଥିଲେ ୪ ଜଣ ଦୁର୍ବୃତ୍ତ । ବଞ୍ଚେଇବାକୁ ଯାଇ ଅଂଶୁମାନଙ୍କ ମାମୁଁ ମଧ୍ୟ ଖଣ୍ଡା ଚୋଟ ପକାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଭରତପୁର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଆଖପାଖ ଅଞ୍ଚଳର ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି ।

# ରାତ୍ରିକାଳୀନ ନାକାବନ୍ଦୀରେ ଫସିଲେ ଅମାନିଆ: ୭୦କାର୍, ୧୩୪ବାଇକ୍, ୮ଅଟୋ ଜବତ

**ଭୁବନେଶ୍ୱର(ବ୍ୟୁରୋ):** ପାର୍ବଣକୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ପକ୍ଷରୁ ଦ୍ୱୈତନଗରୀରେ ରାତ୍ରିକାଳୀନ ନାକାବନ୍ଦୀ ଆରମ୍ଭ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚାଳନା, ରାତିରେ କର୍ମଜୀବୀ ମହିଳାଙ୍କୁ ସୁରକ୍ଷା, ନିଶା କାରବାର ଓ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ବୁଧବାର ରାତିରେ ଭୁବନେଶ୍ୱର ଓ କଟକ ସହରାଞ୍ଚଳ ପୁଲିସ ଜିଲ୍ଲା ପକ୍ଷରୁ ଫୁଟ୍ ପାଟ୍ରୋଲିଂ ଓ ନାକାବନ୍ଦୀ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚଳାଉଥିବା ୨୧୨ ଜଣ ଚାଳକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ଏବଂ ୭୦ଟି ଚାରିଚକିଆ, ୮ଟି ତିନିଚକିଆ ଓ ୧୩୪ଟି ଦୁଇଚକିଆ ଜବତ କରାଯାଇଛି। ଏହାବ୍ୟତୀତ ମୋଟରଯାନ ଆଇନ୍ ଓ ଖୋଲାସ୍ଥାନରେ ମଦ୍ୟପାନ କରୁଥିବା ବ୍ୟକ୍ତିମାନଙ୍କଠାରୁ ମୋଟ୍ ୮୩ ହଜାର



୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚନ୍ଦ୍ରଶେଖରପୁର ଥାନା ପୁଲିସ ଯାଞ୍ଚ ସମୟରେ ବାଲିବୋଝେଇ ୨ଟି ହାଇୱା ଜବତ କରିଛି। ସେହିପରି ମଞ୍ଚେଶ୍ୱର ଥାନା ପୁଲିସ ୨ଟି କାରରୁ ଚୋରାମଦ ଜବତ କରି ଉଭୟ ଗାଡ଼ି ଜବତ କରିଛି। ଏହାସହ ବିକଟାଳ ସାଇଲେନ୍ସର ଲଗାଇଥିବା ଦୁଇଟି ବାଇକ୍‌କୁ ଜବତ କରି ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ଖଣ୍ଡଗିରି ଥାନା ପୁଲିସର ତପୋବନ ବସ୍ତିରେ ଫୁଟ୍ ପାଟ୍ରୋଲିଂ କରୁଥିଲା। ସେହି ସମୟରେ ଦୁଇଭାଇ ତୋଫାନ ଦଳେଇ ଓ ସୁରଜଙ୍କ ସମେତ ରାଜେନ୍ଦ୍ର ଦିଗାଲ ଏକ ନିଛାଟିଆ ସ୍ଥାନରେ ଖୋଲାଖୋଲି ମଦ୍ୟପାନ କରୁଥିଲେ। ତାଗିଦ୍ କରିବାରୁ ୩ ଜଣ ଯାକ ମିଶି ପୁଲିସକୁ ଠେଲାପେଲା କରିଥିଲେ। ଏହାସହିତ ବସ୍ତିର କିଛି ଲୋକେ ମଧ୍ୟ ପୁଲିସକୁ ପ୍ରତିରୋଧ କରିବାକୁ ଉଦ୍ୟମ କରିଥିଲେ। ହେଲେ ପୁଲିସ ଟିମ୍ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା। ସେହିଭଳି କଟକ ସହରାଞ୍ଚଳ ପୁଲିସ ୨ଟି ଅବକାରୀ ମାମଲା ରୁଜୁ କରି ୩୫ ଲିଟର ମଦ ଜବତ କରିଛି। ବିକଟାଳ ସାଇଲେନ୍ସର ପାଇଁ ୨ଟି ଗାଡ଼ି ଜବତ କରିବା ସହିତ ୪ଟି ମୋବାଇଲ୍ ଜବତ କରାଯାଇଛି। ପୁଲିସ ଡିଜି ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅସାମାଜିକଙ୍କ ବିରୋଧରେ ଏହି ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯାଇଛି। ସମୁଦାୟ ୩୩୬ଜଣ ସବ୍‌ଇନ୍ସପେକ୍ଟରଙ୍କୁ ନେଇ ଗଠିତ ଏହି ଡ୍ରାଇଭ୍ ରାତ୍ରିକାଳୀନ ଅପରାଧ ଓ ଅସାମାଜିକ କାର୍ଯ୍ୟକଳାପ ରୋକିବା ସହ ମଦ୍ୟପ ଡ୍ରାଇଭରଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ କରାଯାଉଛି।

# ହାଇସିକ୍ୟୁରିଟି ଜୋନ୍‌ରେ ମାଓ ପୋଷ୍ଟର, ଜାଳିଲେ ପୋକ୍‌ଲିନ୍ ମେସିନ୍

**ଭୁବନେଶ୍ୱର(ବ୍ୟୁରୋ):** ୟୁନିଟ୍-୨ ନିକଟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରୁ ମାତ୍ର ୫୦ ମିଟର ଦୂରରେ ପୋଷ୍ଟର ଲଗାଇଲେ। କେବଳ ପୋଷ୍ଟର ଲଗାଇଲେନି, ନିଆଁ ଲଗାଇ ଲକ୍ଷାଧିକ ଟଙ୍କାର ଚେନ୍‌ମାଉଣ୍ଟିଂ ପୋକ୍‌ଲିନ୍ ମେସିନ୍ ବି ଜାଳିଲେ। ଆଉ ନିଜକୁ ମାଓବାଦୀ ବୋଲି ଦାବି କରି ୫୦ ଲକ୍ଷ ଟଙ୍କା ନଦେଲେ ତାଣ୍ଡବ ରଚିବେ ବୋଲି ଲାଲ୍ ରଙ୍ଗରେ ଲେଖି ଚେତାବନୀ ଦେଲେ। କମିସନରେଟ୍ ପୁଲିସର କଡ଼ା ସୁରକ୍ଷା ବଳୟ ଭେଦ କରି ମାଓ ପୋଷ୍ଟର ମାରିବା ଏବଂ ନିଆଁ ଲଗାଇ ତାଣ୍ଡବ ରଚିବାକୁ ସହଜରେ ଲୋକେ ଗ୍ରହଣ କରିପାରୁ ନାହାନ୍ତି। ଏଥିରେ ପୁଲିସର ଦୁର୍ବଳତା ପଦାରେ ପଡ଼ିଛି ଓ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାକ, ପାଖାପାଖି ୩ମାସ ହେବ ୟୁନିଟ୍-୨ ଅଞ୍ଚଳରେ ଥିବା ସରକାରୀ କ୍ୱାର୍ଟର୍ସଗୁଡ଼ିକୁ ଭାଙ୍ଗି ସେଠାରେ ଜନାଶ୍ରୟ ଭବନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ଏକ ଠିକାସଂସ୍ଥା ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ତେବେ ଠିକା ସଂସ୍ଥା କ୍ୟାମ୍ପରୁ ମଝିରେ ମଝିରେ କିଛି ଜିନିଷ ଚୋରି ହେଉଥିଲା। କେତେକ ଘଟଣାରେ ଚୋର ଧରାପଡ଼ିଥିବା ବେଳେ ସେମାନଙ୍କୁ ତାଗିଦ କରି ଛଡ଼ାଯାଇଥିଲା। ଗତକାଲି କାମ ବନ୍ଦଥିବାରୁ ପୋକ୍‌ଲିନ୍ ମେସିନ୍‌କୁ ସେଠାରେ ରଖାଯାଇଥିଲା। ବୁଧବାର ରାତି ପାଖାପାଖି ୪ଟା ସମୟରେ କେହି ଦୁର୍ବୃତ୍ତ ମେସିନ୍‌ରେ ନିଆଁ ଲଗାଇଇ ଲାଲ୍ ରଂଗରେ ଧମକପୂର୍ଣ୍ଣ ଚିଠି ଲେଖିଥିଲେ। ଚିଠିରେ ନିଜକୁ ମାଓବାଦୀ ବୋଲି ଲେଖି ମୁଖ୍ୟମନ୍ତ୍ରୀ ଓ ଠିକା ସଂସ୍ଥାକୁ ଗାଳିଗୁଲଜ କରିବା ସହ ବଟି ବାବଦକୁ ୫୦ଲକ୍ଷ ଟଙ୍କା ଦାବି କରିଛନ୍ତି। ବଟି ନଦେଲେ ୨୮ ତାରିଖରେ ତାଣ୍ଡବ ରଚିବେ ବୋଲି ଚିଠିରେ ଲେଖିଛନ୍ତି। ଏନେଇ ଠିକା ସଂସ୍ଥାର କର୍ମଚାରୀ ରଂଜନ ଦାସ କ୍ୟାପିଟାଲ୍ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଏଣିକି ଗୋଟିଏ ଛାତତଳେ କୁକୁର କାମୁଡ଼ା ଆହତଙ୍କ ପାଇଁ ମିଳିବ ସବୁ ସୁବିଧା




**ଭୁବନେଶ୍ୱର(ବ୍ୟୁରୋ):** ଏଣିକି କ୍ୟାପିଟାଲ ହସ୍ପିଟାଲରେ କୁକୁର କାମୁଡ଼ା ଆହତଙ୍କୁ ମିଳିବ ସ୍ୱତନ୍ତ୍ର ଚିକିତ୍ସା ସୁବିଧା । ଗୋଟିଏ ଛାତ ତଳେ ସବୁ ସୁବିଧା ମିଳିବ । ହସ୍ପିଟାଲରେ ଆଉ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଧାଇଁବାକୁ ପଡ଼ିବ ନାହିଁ । ସେଥିପାଇଁ ହସ୍ପିଟାଲରେ ନିର୍ମାଣ ଚାଲିଛି ସ୍ୱତନ୍ତ୍ର କ୍ଲିନିକ୍ । ଏହି କ୍ଲିନିକ୍‌ରେ ଡାକ୍ତର ବସିବେ । ଇଞ୍ଜେକ୍ସନ ଦେବା ପାଇଁ ନର୍ସ ବି ରହିବେ । ଆଉ ଡ୍ରେସିଂ କରିବା ପାଇଁ ମଧ୍ୟ ଡ୍ରେସର ରହିବେ । ଏହାଛଡ଼ା ସେଠାରେ ପଞ୍ଜିକରଣ ବ୍ୟବସ୍ଥା ସହ ସମସ୍ତ ଔଷଧ ଦିଆଯିବ । ଆହତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ଅଣ୍ଟା ଭିଡ଼ିଛନ୍ତି କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ । ସାଧାରଣତଃ କୁକୁର କାମୁଡ଼ା ଆହତଙ୍କ ସଂସ୍ପର୍ଶରେ ଆସିଲେ ସଂକ୍ରମଣର ଆଶଙ୍କା ଥାଏ । ତେଣୁ ଅନ୍ୟମାନଙ୍କୁ ସଂକ୍ରମଣରୁ ସୁରକ୍ଷିତ ରଖିବା ଲାଗି ଏପରି ବ୍ୟବସ୍ଥା ଗ୍ରହଣ କରାଯାଉଛି । ପୂର୍ବରୁ କୁକୁର କାମୁଡ଼ା ଆହତ ହସ୍ପିଟାଲକୁ ଆସି ପ୍ରଥମେ କାଉଣ୍ଟରରେ ପଞ୍ଜୀକରଣ କରୁଥିଲେ । ତା'ପରେ ଓପିଡିରେ ଯାଇ ଡାକ୍ତରଙ୍କ ପରାମର୍ଶ ନେଉଥିଲେ । ଏହାପରେ ଡାକ୍ତର ଲେଖିଥିବା ଇଞ୍ଜେକ୍ସନ୍ ନେବା ପାଇଁ ନର୍ସଙ୍କ ପାଖକୁ ଯାଉଥିଲେ । ବିଭିନ୍ନ ସ୍ଥାନରେ ଆହତଙ୍କୁ ଅପେକ୍ଷା କରିବାକୁ ପଡୁଥିଲା । ଯାହାକି ସଂକ୍ରମଣର ଆଶଙ୍କା ବୃଦ୍ଧି କରୁଥିଲା । ମିଳିଥିବା ସୂଚନା ଅନୁଯାୟୀ, ହସ୍ପିଟାଲ୍‌କୁ ଦୈନିକ ୬୦ ପାଖାପାଖି ଆହତ ଆସୁଛନ୍ତି । ଏଥିରେ କେବଳ କୁକୁର କାମୁଡ଼ାଠାରୁ ଆରମ୍ଭ କରି ବିଲେଇ ଓ ମାଙ୍କଡ଼ କାମୁଡ଼ା ଆହତ ମଧ୍ୟ ଅଛନ୍ତି । ପୂର୍ବ ମାସ ଅପେକ୍ଷା ଚଳିତ ମାସରେ କୁକୁର କାମୁଡ଼ା ଆହତଙ୍କ ସଂଖ୍ୟା ଅଧିକ ରହିଛି ।

# ନେପାଳ ପ୍ରଳୟଙ୍କରୀ ବନ୍ୟା; ୫ ଓଡ଼ିଆ ନିଖୋଜ, ଜଣଙ୍କର ମିଳିଲା ପତ୍ତା

**ଭୁବନେଶ୍ୱର(ବ୍ୟୁରୋ) :** ନେପାଳ ପ୍ରଳୟଙ୍କରୀ ବନ୍ୟାରେ ଫସିଛନ୍ତି ଅନେକ ଓଡ଼ିଆ । ଓଡ଼ିଶାରୁ ବର୍ତ୍ତମାନ ସୁଦ୍ଧା ୫ ଜଣ ନିଖୋଜ ଥିବା ବେଳେ ଜଣଙ୍କ ପତ୍ତା ମିଳିଛି । ନେପାଳକୁ ଯାଇଥିବା ଖୋର୍ଦ୍ଧାର ଜେମାଦେଇ ଅଞ୍ଚଳର ସନ୍ଦୀପ ମହାପାତ୍ର ଓ ତାଙ୍କ ପତ୍ନୀ ସିଦ୍ଧାର୍ଥୀ କୁମାରୀ ସାହୁଙ୍କ ସହ ଏପର୍ଯ୍ୟନ୍ତ କୌଣସି ଯୋଗାଯୋଗ ହୋଇପାରିନାହିଁ । ସେମାନେ ୨୦୧୮ ମସିହାରୁ ଅଷ୍ଟ୍ରେଲିଆରେ ରହି ଆସୁଥିବା ବେଳେ ଗତ ୨୨ ତାରିଖରେ ନେପାଳ ବୁଲିବାକୁ ଯାଇଥିଲେ । ୨୫ ତାରିଖ ନେପାଳ ପଶୁପତିନାଥ ଭ୍ରମଣ କରି କୈଳାସ ସରୋବରକୁ ଯାଇଥଲେ । ଏହାପରେ ଭୟଙ୍କର ବନ୍ୟା ଆସିଥିବା ବେଳେ ଏବେ ଉଭୟଙ୍କ ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ ରହିଛି । ସେହିପର ବରଗଡ଼ ନୁନିଆଜାମପାଲିର ଗୁନ୍ନାମ ଜୟକ୍ରିଷ୍ଣା, ଗୁନ୍ନାମ ସାଇ ବିନ୍ଦୁ କୁମାରୀ ଓ ଗୁନ୍ନାମ ହରେକ୍ସା ନିଖୋଜ ଅଛନ୍ତି ସେହିପରି ପୁରୀ ଜିଲ୍ଲାର ରାକେଶ କୁମାର ପଣ୍ଡା, ଆକାଶ ପଣ୍ଡା ଓ ଶଙ୍କର ପଣ୍ଡା ନେପାଳ ଯାଇଥିଲେ । ଗତକାଲି ସମସ୍ତେ ସୁରକ୍ଷିତ ଭାବେ ସ୍ୱଦେଶ ଫେରିଛନ୍ତି । ସେମାନେ ରକ୍ସୌଲ୍ ସୀମା ଚେକ୍ ପୋଷ୍ଟ ଅତିକ୍ରମ କରି ଭାରତକୁ ଫେରିଛନ୍ତି । ନେପାଳ ଯାଇଥିବା ଓଡ଼ିଶାର ୬ ଜଣ ଫୁଟବଲ୍ ଖେଳାଳିଙ୍କୁ ନେଇ ମଧ୍ୟ ଚିନ୍ତାର କାରଣ ନାହିଁ। କୋଚ୍ ହଲିମଙ୍କ ସହ ଏହି



ଖେଳାଳିମାନେ ନେପାଳର ପୋଖରାରେ ଏକ ଫୁଟବଲ୍ ମ୍ୟାଚ୍ ଖେଳିବାକୁ ଯାଇଥିଲେ । କୋଚଙ୍କ ସୂଚନା ଅନୁଯାୟୀ ସମସ୍ତ ୬ ଖେଳାଳି ସୁରକ୍ଷିତ ଅଛନ୍ତି । ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସେମାନଙ୍କୁ ଫେରାଇ ଆଣିବାକୁ ଦାୟିତ୍ୱ ଦିଆଯାଇଛି । ଏନେଇ ଓଡ଼ିଶା ସରକାର ନେପାଳ ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି । ତେବେ ବାରିପଦାର ଝିଅ କୁଲସମ୍ ନିଗାରଙ୍କ ସହ ଶେଷରେ ପରିବାର ଲୋକଙ୍କ ଯୋଗାଯୋଗ ହୋଇଛି । ସେ ସୁରକ୍ଷିତ ଥିବା ପରିବାର ଲୋକ ସୂଚନା ଦେଇଛନ୍ତି ।

## ବେଦାନ୍ତ ଆଲୁମିନିୟମ ରକ୍ଷାବନ୍ଧନ ଅବସରରେ

# ସୀମାନ୍ତରେ ଯବାନଙ୍କୁ ସମ୍ମାନ ଜଣାଇବା ସହିତ ଗ୍ରାମୀଣ ମହିଳା କାରିଗରଙ୍କୁ ସଶକ୍ତ କରିଛି

**ଭୁବନେଶ୍ୱର(ବ୍ୟୁରୋ):** କୃତଜ୍ଞତା, ସୁରକ୍ଷା ଓ ଏକତାର ମୂଲ୍ୟବୋଧର ପ୍ରତୀକ ରକ୍ଷାବନ୍ଧନ ପର୍ବକୁ ଅର୍ଥପୂର୍ଣ୍ଣ ଭାବରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପାଳନ କରିଛି। ଲାଞ୍ଜିଗଡ଼, ଝାରସୁଗୁଡ଼ା, ବାଙ୍କୋ ଓ କୋଇଲା ଖଣି ଅଂଚଳରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ କମ୍ପାନୀ ରକ୍ଷାବନ୍ଧନର ପରମ୍ପରାକୁ ଏକ ବ୍ୟାପକ ସାମାଜିକ ବାର୍ତ୍ତାରେ ପରିଣତ କରିଛି। ଦେଶର ଦୁର୍ଗମ ସୀମାନ୍ତ ଅଂଚଳରେ କାର୍ଯ୍ୟରତ ୧,୦୦୦ରୁ ଅଧିକ ଯବାନଙ୍କ ପାଇଁ ହସ୍ତନିର୍ମିତ ରାଖି ଓ ପର୍ବ ଉପହାର ପଠାଯାଇଥିବା ବେଳେ ଗ୍ରାମୀଣ ମହିଳା କାରିଗରଙ୍କୁ ସେମାନଙ୍କ ହସ୍ତଶିଳ୍ପ ପ୍ରଦର୍ଶନର ସୁଯୋଗ ଦିଆଯାଇଛି। ଏଥିସହ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଆଗଧାଡ଼ିର କର୍ମଚାରୀଙ୍କ ଅବଦାନକୁ ମଧ୍ୟ ସମ୍ମାନିତ



କରାଯାଇଛି। ଲାଞ୍ଜିଗଡ଼ରେ ରକ୍ଷାବନ୍ଧନ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ଓ ଘରଠାରୁ ଦୂରରେ ଥିବା ଯବାନଙ୍କ ପ୍ରତି କୃତଜ୍ଞତା ଜଣାଯାଇଥିଲା। ବେଦାନ୍ତ ପକ୍ଷରୁ ୧,୦୦୦ରୁ ଅଧିକ ହସ୍ତନିର୍ମିତ ରାଖି, ପାରମ୍ପରିକ ମିଠା, ପର୍ବ ସମ୍ବନ୍ଧୀୟ ବ୍ୟାନର ଓ ସ୍ଥାନୀୟ ଭାବେ ପ୍ରସ୍ତୁତ କଳାକୃତି ଯବାନମାନଙ୍କ ପାଖକୁ ପଠାଯାଇଥିଲା। ଏହି କଳାକୃତିଗୁଡ଼ିକ ଅଂଚଳର ସମୃଦ୍ଧ ଆଦିବାସୀ କଳା ଓ ସାଂସ୍କୃତିକ ଐତିହ୍ୟର ପ୍ରତିଫଳନ ଥିଲା। ସିଆଚେନ, ସିକ୍କିମ, ଅରୁଣାଚଳ ପ୍ରଦେଶ ଓ ରାଜସ୍ଥାନ ସୀମା ଅଂଚଳରେ ନିୟୋଜିତ ଯବାନଙ୍କ ପାଖକୁ ସ୍ଥାନୀୟ ସମୁଦାୟର କୃତଜ୍ଞତା ଓ ଏକତାର ବାର୍ତ୍ତା ମଧ୍ୟ ପହଂଚାଯାଇଥିଲା। ଏହା ସହିତ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍‌ଏଫ), ସିକ୍ୟୁରିଟି ଇଂଟେଲିଜେନ୍ସ ସର୍ଭିସେସ୍ (ଏସଆଇଏସ) ଓ ଲାଞ୍ଜିଗଡ଼ ଥାନାର ପ୍ରତିନିଧିମାନଙ୍କୁ କର୍ମଚାରୀମାନେ ରାଖି ବାନ୍ଧି ସମଗ୍ର ଅଂଚଳର ସୁରକ୍ଷା ଓ ନିରାପତା ରକ୍ଷାରେ ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, 'ରକ୍ଷାବନ୍ଧନ ସୁରକ୍ଷା, କୃତଜ୍ଞତା ଓ ସାମୁଦାୟିକ ବନ୍ଧନର ପ୍ରତୀକ ଅଟେ। ଏହି ମୂଲ୍ୟବୋଧ ଆମ ସାଂଗଠନିକ ଦର୍ଶନର ମୂଳଭିତି ମଧ୍ୟ ଅଟେ। ଚଳିତବର୍ଷ ଆମେ ଉତ୍ସବକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରି ଦୁର୍ଗମ ସୀମାନ୍ତରେ ଦେଶର ସୁରକ୍ଷା କରୁଥିବା ଆମ ସଶସ୍ତ୍ର ବାହିନୀର ଯବାନଙ୍କୁ ସମ୍ମାନ ଜଣାଇବା ସହ ସ୍ଥାନୀୟ ମହିଳା କାରିଗରଙ୍କ ପାଇଁ ଆର୍ଥିକ ସୁଯୋଗ ସୃଷ୍ଟି କରିଛୁ। ପାରମ୍ପରିକ ହସ୍ତଶିଳ୍ପକୁ ସ୍ଥାୟୀ ଜୀବିକା ସହ ଯୋଡ଼ିବା ଏବଂ ଯୁବପିଢ଼ିକୁ ପରିବେଶ ସୁରକ୍ଷା ସହ ସାମିଲ କରିବା ମାଧ୍ୟମରେ ଆମେ ଆମ ସହଭାଗୀ ସମୁଦାୟଗୁଡ଼ିକରେ ଦୀର୍ଘସ୍ଥାୟୀ ସାମାଜିକ ମୂଲ୍ୟ ସୃଷ୍ଟି କରିବାକୁ ଚାହୁଁଛୁ।

# ଘୂର୍ଣ୍ଣିବଳୟ ସକ୍ରିୟ, ବିଜୁଳି-ଘଡ଼ଘଡ଼ି ସହ ଅତିପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର(ବ୍ୟୁରୋ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଏବେ ଉପର ବାୟୁ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ୨୯ ତାରିଖ ବେଳକୁ ଘୂର୍ଣ୍ଣିବଳୟଟି ସମାନ ଅଞ୍ଚଳରେ ଘନୀଭୂତ ହୋଇ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ଆଶଙ୍କା ରହିଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ସାରା ରାଜ୍ୟରେ ବର୍ଷାର ପ୍ରଭାବ ରହିବ। ଏହି ବର୍ଷା ୨ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ପ୍ରାୟ ୭ ଦିନ ଧରି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବ। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ପାଇଁ ଅତି ପ୍ରବଳ ବର୍ଷା ଆଶଙ୍କାରେ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିପରି କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି ଓ ନବରଙ୍ଗପୁର ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କଟକ, ସମ୍ବଲପୁର,



ଝାରସୁଗୁଡ଼ା, ବରଗଡ଼ ଓ ମାଲକାନଗିରିରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପବନ ହେବ। ଏଥିପାଇଁ ଏହି ଜିଲାଗୁଡିକୁ ମଧ୍ୟ ସତର୍କ କରାଯାଇଛି । ଅନ୍ୟପକ୍ଷରେ ଲଘୁଚାପ ପ୍ରଭାବରେ ଉପକୂଳ ଓଡ଼ିଶାରେ ପବନର ବେଗ ବଢ଼ିବ। ସମୁଦ୍ରରେ ଘଣ୍ଟାପ୍ରତି ୪୦ରୁ ୫୦, ସର୍ବାଧିକ ୬୦ କିଲୋମିଟର ବେଗରେ ପବନ ବହିବା ଆଶଙ୍କା ରହିଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବ। ମତ୍ସ୍ୟଜୀବୀମାନଙ୍କୁ ୩୦ ଓ ୩୧ ତାରିଖରେ ସମୁଦ୍ର ମଧ୍ୟକୁ ନ ଯିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ପାଣିଡଙ୍ଗରର ଜଳ ପ୍ରକଳ୍ପ ଦାବିରେ ଗଣପ୍ରତିବାଦ

**ଗୁଣପୁର(ଅମୃତ ମିଡିଆ):** ସିପିଆଇ (ଏମ୍‌ଏଲ) ଲିବରେଶନ ପକ୍ଷରୁ ବଂଶଧାରା ନଦୀ ଗୁଡ଼ାରୀର ପାଣି ଡଙ୍ଗରଠାରେ ଜଳ ପ୍ରକଳ୍ପ ନିର୍ମାଣ ଦାବିରେ ଶୁକ୍ରବାର ଗୁଣପୁର ନୂଆ ବସ୍‌ଷ୍ଟାଣ୍ଡଠାରେ ଏକ ଗଣ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଗତ ସରକାରଙ୍କ ବଂଶଧାରା ଓ ଋଷିକୁଲ୍ୟା ସଂଯୋଗୀକରଣ ଯୋଜନାରେ ଗୁଡ଼ାରୀର ପାଣି ଠାରେ ଜଳ ପ୍ରକଳ୍ପ ନିର୍ମାଣ ପ୍ରସ୍ତାବକୁ ଭୋଟ୍ ରାଜନୀତି ମନେକରି ଦୀର୍ଘ ୧୫ ବର୍ଷ ହେଲା ଦାବି ଅଣଦେଖା କରାଯାଇଛି । କୈଣସି ସରକାର କର୍ଣ୍ଣପାତ କରୁନାହାନ୍ତି । ବଂଶଧାରା ପାଣିକୁ ନେଇ ବହୁ ଦିନର ବିବାଦ ଅନ୍ତ ଘଟିଛି । ଶେଷରେ ଆନ୍ଧ୍ରର କାଟ୍ରାଗାଡ଼ାଠାରେ ୨ ପର୍ଯ୍ୟାୟ ପ୍ରକଳ୍ପକୁ ମାନ୍ୟବର ସୁପ୍ରିମକୋର୍ଟ ଟ୍ରିବ୍ୟୁନାଲ ଟିମ୍ ସବୁଜ ସଂକେତ ଦେଇଛନ୍ତି । ବିବାଦ ଭିତରେ ଆନ୍ଧ୍ର ସରକାର ବଂଶଧାରା ନଦୀର




ପାଣିକୁ ସଦ ବିନିଯୋଗ କରିବା ପାଇଁ ତାର ସମସ୍ତ କାର୍ଯ୍ୟ ଶେଷ କରିଛି । ଆମେ ଆନ୍ଧ୍ରର ପ୍ରକଳ୍ପକୁ ବିରୋଧ କରୁନାହୁଁ । ସରକାରଙ୍କ ପ୍ରତାବିତ ଯୋଜନା ଉପରେ ଦାବି କରୁଛୁ । ବଂଶଧାରା ନଦୀ ଉପର ମୁଣ୍ଡ ଗୁଡ଼ାରୀ ପାଣିଠାରେ ପ୍ରକଳ୍ପ କରାଗଲେ ରାୟଗଡା ଜିଲା ସମେତ ଗଞ୍ଜାମ, ଗଜପତି ଚାଷୀକୁଳ ଉପକୃତ ହେବା ସାଙ୍ଗକୁ ଅଞ୍ଚଳରେ ବିଦ୍ୟୁତ ଉତ୍ପନ୍ନ ହୋଇପାରିବ । ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଋଷିକୁଲ୍ୟା – ହରଭଙ୍ଗି – ବାଂଶଧାରା ନଦୀ ସଂଯୋଗୀ କରଣ ପାଇଁ ଘୋଷଣା କରିବା ପରେ ରାଜ୍ୟ ସରକାର ମଧ ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ କରିବା ନିମନ୍ତେ ଗୁଡାରୀ ଠାରେ କାର୍ଯ୍ୟାଳୟ ନିର୍ମାଣ ସହ ଉଦ୍‌ଘାଟନ କରି ତିନି ତିନି ଥର ସର୍ଭେ କରାଯାଇ ସରକାର ତହବିଲରୁ ପ୍ରାୟ ୪ରୁ ୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ୨୦୦୭ରୁ ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ଆଡ଼କୁ ଠେଲି ହୋଇଯାଉଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନମୁଖୀ କାମ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ଅଣଦେଖା ସହିତ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ପ୍ରକଳ୍ପ ଆଉ ଆଗେଇ ପାରିଲା ନାହିଁ । କେନ୍ଦ୍ର ଓ ରାଜ୍ୟ ସରକାର ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ କରିବା ପାଇଁ ଅତିଶୀଘ୍ର ଘୋଷଣା କରନ୍ତୁ ନଚେତ ସେପ୍ଟେମ୍ବର ମାସରେ ଗୁଣପୁର ବନ୍ଦ ପାଳନ କରିବାକୁ ବାଧ ହେବୁ ବୋଲି ସିପିଆଇ (ଏମ୍‌ଏଲ) ଲିବରେଶନର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ଆଜିର ପ୍ରତିବାଦ ସଭାରେ ଚେତାବନୀ ଦେଇଛନ୍ତି । ଏହି ପ୍ରତିବାଦ ସଭାରେ ସଂଜୀବ ଶବର, ସିଦ୍ଧାର୍ଥ ଗମାଙ୍ଗ, ମନୋଜ ନିମାଲା, ମୋଜେସ ବିଡିକା, ରାଜୁ ପାଡିକା, ଜଗନ୍ନାଥ ଶବର,ଗିରିଧର ଶବର, ଓସମା ବିନ୍ ଶବର ପ୍ରମୁଖ ଯୋଗଦେଇ ପ୍ରତିବାଦ କରିଥିଲେ ।

# ପ୍ରତିବାଦ ଯୋଗୁଁ ନେରେଡି ଅଞ୍ଚଳରେ ଯୁଗ୍ମ ଯାଞ୍ଚ କମିଟିର ଗସ୍ତ ବାତିଲ

**ପାରଳାଖେମୁଣ୍ଡି(ଅମୃତ ମିଡିଆ):** ନେରେଡି ବ୍ୟାରେଜ୍ ପ୍ରକଳ୍ପ ପାଇଁ କାଶୀନଗର ତହସିଲଅଞ୍ଚଳରେ ଜମି ଚିହ୍ନଟ ଓ ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ପ୍ରତିବାଦ ତୀବ୍ର ହେବା ପରେ ଆଜି ହେବାକୁ ଥିବା ଉଭୟ ରାଜ୍ୟର ଯୁଗ୍ମ ଯାଞ୍ଚ କମିଟିର କ୍ଷେତ୍ର ପରିଦର୍ଶନ ବାତିଲ ହୋଇଛି । ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ସମ୍ପୃକ୍ତ ଅଧିକାରୀଙ୍କୁ ନେଇ ଗଠିତ ଯାଞ୍ଚ କମିଟି ନେରେଡି ପ୍ରକଳ୍ପ ଅଞ୍ଚଳ ଗସ୍ତ କରି ଜମିର ସ୍ଥିତି ଓ ଆବଶ୍ୟକତା ଯାଞ୍ଚ କରିବାର କାର୍ଯ୍ୟକ୍ରମ ଥିଲା । ତେବେ ଜମି ଅଧିଗ୍ରହଣକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ପ୍ରତିବାଦ କରିବାରୁ ଗସ୍ତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି । ଆଗାମୀ ଦିନରେ ପୁଣି ଥରେ ତାରିଖ ଧାର୍ଯ୍ୟ କରି ଯୁଗ୍ମ ଯାଞ୍ଚ କମିଟି ଅଞ୍ଚଳ ପରିଦର୍ଶନ କରିବ ବୋଲି ସୂଚନା ମିଳିଛି । ତେବେ ଯାଞ୍ଚ କମିଟିର ପରବର୍ତ୍ତୀ ଗସ୍ତ ପୂର୍ବରୁ ପ୍ରଭାବିତ ଅଞ୍ଚଳର ଲୋକଙ୍କ ସହ



ସରକାରଙ୍କ ପ୍ରତିନିଧି ଦଳ ଆଲୋଚନା କରିବାକୁ ଦାବି ରଖିଛି ବଂଶଧାରା ସଂଗ୍ରାମ ସମିତି । ଜମି ଅଧିଗ୍ରହଣ ଯୋଗୁଁ ପ୍ରଭାବିତ ହେବାକୁ ଥିବା ଲୋକଙ୍କ ଆପତ୍ତି, ସମସ୍ୟା ଓ ଦାବି ଶୁଣିବା ପରେ ପରବର୍ତ୍ତୀ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେବାକୁ ମତ ରଖିଛନ୍ତି ପ୍ରତିବାଦ ସଭାରେ ଯୋଗ ଦେଇଥିବା ବିଭିନ୍ନ ସଂଗଠନର ପ୍ରତିନିଧି ଓ ଗ୍ରାମବାସୀ । ନେରେଡି ପ୍ରକଳ୍ପ ପାଇଁ ଓଡ଼ିଶାରୁ ୧୦୬ ଏକର ଜମି ଆନ୍ଧ୍ରପ୍ରଦେଶକୁ ହସ୍ତାନ୍ତର କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏହାକୁ ନେଇ କାଶୀନଗର ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ନିଜ ଭିଟାମାଟି ଓ ଚାଷଜମି ହରାଇବା ନେଇ ଲୋକେ ଚିନ୍ତା ପ୍ରକାଶ କରିବା ସହ ପ୍ରଥମେ ସେମାନଙ୍କ ସହ ଆଲୋଚନା କରିବାକୁ ଦାବି କରୁଛନ୍ତି । ଏହି ପରିସ୍ଥିତିରେ ଯୁଗ୍ମ ଯାଞ୍ଚ କମିଟିର ଗସ୍ତ ବାତିଲ ହେବା ଘଟଣା ନେରେଡି ପ୍ରକଳ୍ପ ପ୍ରସଙ୍ଗକୁ ଆହୁରି ଚର୍ଚ୍ଚାକୁ ଆଣିଛି ।

# ଷଣ୍ଢପଲ ଯୋଗୁଁ ଥାନାରେ ପହଞ୍ଚିଲେ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ



**ବଳଙ୍ଗା(ଅମୃତ ମିଡିଆ):** ଦିନ ହେଉ କି ରାତି । କୁଆଡେ ଚାଷ ଜମିରେ ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି ଷଣ୍ଢ ପଲ । ପନିପରିବା ବିଲ ହେଉ, କି ଅମଳ ଅପେକ୍ଷାରେ ଥିବା ଧାନ ଫସଲ । ଯୁଆଡ଼େ ଚାହିଁଲେ, ସିଆଡ଼େ ପଶି ଯାଉଛନ୍ତି ଷଣ୍ଢ । ମାଡ଼ି ଦଳି ନଷ୍ଟ କରୁଛନ୍ତି ଚାଷୀଙ୍କ ମାସ ମାସର ପରିଶ୍ରମ । ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳରେ ଏବେ ଷଣ୍ଢ ଓ ଅଣ୍ଡିରା ବାଛୁରୀଙ୍କ ଉତ୍ପାତ ଚାଷୀଙ୍କ ପାଇଁ ବଡ଼ ମୁଣ୍ଡବ୍ୟଥା ପାଲଟିଛି । ଉଛୁପୁର, ଗୋପୀନାଥପୁର, ବଳଙ୍ଗା, ଚନ୍ଦ୍ରଦେଇପୁର ଓ ରୁପୁଦେଇପୁର ପଞ୍ଚାୟତର ଶହ ଶହ ଚାଷୀ ଏଥିରେ ପ୍ରଭାବିତ । ଅଭିଯୋଗ ହେଉଛି, ଅଞ୍ଚଳରେ ନାହିଁ କାଞ୍ଜିଆ ଖସ ବ୍ୟବସ୍ଥା । ଫଳରେ ମାଳ ମାଳ ଷଣ୍ଢ ଓ ଅଣ୍ଡିରା ବାଛୁରୀ ରାସ୍ତାଘାଟରୁ ଆରମ୍ଭ କରି ଚାଷ ଜମି ଯାଏଁ ସବୁଠି ଘୁରି ବୁଲୁଛନ୍ତି । ଚାଷୀ ରାତିରେ ଶୋଇବ କେମିତି ? ବିଲରେ ଫସଲ ରହିବ କେମିତି ? ଏମିତି ଅନେକ ପ୍ରଶ୍ନ ଏବେ ଚାଷୀଙ୍କ ମନରେ । ବର୍ଷକର ପରିଶ୍ରମକୁ କେଇ ମିନିଟରେ ମାଟିରେ ମିଶାଇ ଦେଉଛନ୍ତି ଷଣ୍ଢ ପଲ । କ୍ଷତି ସହୁଛି ଚାଷୀ, ହେଲେ ସମାଧାନ କେବେ ? ତେବେ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ବଳଙ୍ଗା ଥାନାରେ ପହଞ୍ଚିଲେ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ । ଷଣ୍ଢ ଓ ଅଣ୍ଡିରା ବାଛୁରୀଙ୍କ ଉତ୍ପାତରୁ ଚାଷ ଜମିକୁ ସୁରକ୍ଷା ଦେବାକୁ ଦାବି କରିଛନ୍ତି ।

# ଅଧାଗଢ଼ା ଅବସ୍ଥାରେ ୨୮୦୦ ଆବାସ ଘର

**ଅନୁଗୋଳ(ଅମୃତ ମିଡିଆ):** ଆବାସ ପାଇଁ ଖାତାକୁ ଟଙ୍କା ଆସିଛି । ହେଲେ, ହିତାଧିକାରୀ ଘର ତିଆରି କରି ନାହାନ୍ତି । ଏହି ଟଙ୍କାକୁ ଅନ୍ୟ କାମରେ ଖର୍ଚ୍ଚ କରି ଦେଇଛନ୍ତି । ଫଳରେ ଆବାସ ଅଧାଗଢ଼ା ହୋଇପଡ଼ିଛି । ଗତ ୧୦ ବର୍ଷରେ ଅନୁଗୋଳ ଜିଲ୍ଲାରେ ଏମିତି ୨୮୦୦ ଆବାସ ଅଟକି ରହିଥିଲା ବେଳେ ଏହା ପ୍ରଶାସନର ମୁଣ୍ଡବ୍ୟଥା ବଢ଼ାଇଛି । ଏହି ଅଧାଗଢ଼ା ଘରଗୁଡ଼ିକୁ ତୁରନ୍ତ ସାରିବା ପାଇଁ ଗୁରୁତ୍ୱ ଦିଆଯାଉଛି । କିନ୍ତୁ, ଅଧିକାଂଶ ଘର ଆଉ ଶେଷ ହେବା ଅବସ୍ଥାରେ ନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୨୦୧୬-୧୭ରୁ ୨୦୨୪-୨୫ ଆର୍ଥିକ ବର୍ଷ ଭିତରେ ମୋଟ ୫୮,୯୫୪ଟି ଘର ନିର୍ମାଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା । ଏହି ଘର ନିର୍ମାଣ ପାଇଁ ହିତାଧିକାରୀ ଚୟନ କରାଯିବା ପରେ ସେମାନଙ୍କ ବ୍ୟାଙ୍କଖାତାକୁ ସିଧା ଟଙ୍କା ପଠା ଯାଇଥିଲା । କିନ୍ତୁ, କିଛି ହିତାଧିକାରୀ ଟଙ୍କା ଉଠାଇବା ପରେ ଘର କରିବାକୁ ଗୁରୁତ୍ୱ ଦେଇନାହାନ୍ତି । ଏଥିପାଇଁ କିଛି ସ୍ଥାନରେ କାନ୍ଥ ଉଠିବା ପରେ ଘର ନିର୍ମାଣ ବନ୍ଦ ହୋଇପଡ଼ିଛି ତ କିଛି ସ୍ଥାନରେ ପ୍ଲିନ୍ଥ ପାଖରେ ଅଟକି ଯାଇଛି । ଏମିତି ଅନୁଗୋଳ ଜିଲ୍ଲାରେ ୨୮୦୦ ଘର କାମ ଅସଂପୂର୍ଣ୍ଣ



ଅବସ୍ଥାରେ ଅଛି । ଏଣୁ, ଅସମ୍ପୂର୍ଣ୍ଣ ଘର ଭିତରୁ ୯୦ଟି ଘର ସାରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଅନୁଗୋଳ ବ୍ଲକ୍‌ରେ ଆବାସ ଯୋଜନା ଅଧିକ ଧିମେଇଛି । ଏହି ବ୍ଲକ୍‌ରେ ୧୧,୬୪୯ଟି ଘର କରିବାକୁ ଲକ୍ଷ୍ୟ ରହିଥିଲେ ମଧ ୧୦,୯୪୦ଟି ଘର ଶେଷ ହୋଇଛି । ଏବେ ବି ୭୦୯ଟି ଘର ନିର୍ମାଣ ବାକି ରହିଛି । କଣିହାଁ ବ୍ଲକ୍‌ରେ କିନ୍ତୁ ୯୯ ପ୍ରତିଶତ ଘର ନିର୍ମାଣ ଶେଷ ହୋଇଛି । ଏଠାରେ ୨୫୫୦ଟି ଘର ନିର୍ମାଣ କରିବାକୁ ଲକ୍ଷ୍ୟ ରହିଥିଲା ବେଳେ ମାତ୍ର ୨୮ଟି ଘର ଅଧାଗଢ଼ା ହୋଇ ପଡ଼ିଛି । ଆଠମଲ୍ଲିକ ବ୍ଲକ୍‌ରେ ୬୧୧, ବଁଅରପାଳ ବ୍ଲକ୍‌ରେ ୨୬୭, ଛେଣ୍ଡିପଦା ବ୍ଲକ୍‌ରେ ୨୫୮, କିଶୋରନଗର ବ୍ଲକ୍‌ରେ ୨୯୯, ପାଲଲହଡ଼ା ବ୍ଲକ୍‌ରେ ୫୮୧ ଓ ତାଳଚେର ବ୍ଲକ୍‌ରେ ୩୮ଟି ଆବାସ ଅସମ୍ପୂର୍ଣ୍ଣ ହୋଇପଡ଼ିଛି । ଆବାସ ଅଟକି ରହିବା ପଛର କାରଣ ଅନୁଧ୍ୟାନ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅଧିକାଂଶ କ୍ଷେତ୍ରରେ ହିତାଧିକାରୀ ଟଙ୍କା ଉଠାଇ ଅନ୍ୟତ୍ର ଖର୍ଚ୍ଚ କରିଦେବାରୁ ଘର କାମ କରି ପାରିନାହାନ୍ତି ବୋଲି ଜଣାପଡ଼ିଛି । ଏପରିକି କିଛି ସ୍ଥାନରେ ବଡ଼ ଘର କରିବା ପାଇଁ ହିତାଧିକାରୀମାନେ କାମ ଆରମ୍ଭ କରିଥିଲେ ମଧ ଅର୍ଥ ଅଭାବରୁ ଏହାକୁ ସାରି ପାରି ନାହାନ୍ତି । ତେବେ, ଅସମ୍ପୂର୍ଣ୍ଣ ଥିବା ଘର ଭିତରୁ ଆଠମଲ୍ଲିକରେ ୩୧ଟି, ଅନୁଗୋଳରେ ୨୮ଟି ଓ କିଶୋରନଗର ବ୍ଲକ୍‌ରେ ୧୦ଟି ଘର ନିର୍ମାଣ ଶେଷ କରିବାକୁ ବିଡିଓମାନଙ୍କୁ ଟାର୍ଗେଟ୍ ଦିଆଯାଇଛି । ଏନେଇ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ କହିଛନ୍ତି, ହିତାଧିକାରୀମାନେ ଟଙ୍କା ଉଠାଇବା ପରେ ଘର ନିର୍ମାଣ ସଂପୂର୍ଣ୍ଣ କରି ନାହାନ୍ତି । ଅସମ୍ପୂର୍ଣ୍ଣ ଘରଗୁଡ଼ିକର ସ୍ଥିତି ଅନୁଧ୍ୟାନ କରାଯିବା ପରେ ଏଥିରୁ ୯୦ଟି ଘର ସାରିବାକୁ ଲକ୍ଷ୍ୟ ରଖାଯାଇଛି ।

## ସଙ୍କୁଚିତ ହେଉଛି ସାଳନ୍ଦୀ

# ଜବରଦଖଲ ହେଉଛି ନଦୀବନ୍ଧ



**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକ ଜିଲ୍ଲାର ଜୀବନରେଖା କୁହାଯାଉଥିବା ସାଳନ୍ଦୀ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ନଦୀବନ୍ଧ, ନଈପଠାରେ ଜବରଦଖଲ ବଢୁଛି । ଫଳରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ସହ ପ୍ରତିବର୍ଷ ବନ୍ୟା ସ୍ଥିତି ଗମ୍ଭୀର ହେଉଛି । କେନ୍ଦୁଝର ଜିଲ୍ଲାର ହଦଗଡ଼ରୁ ଉତ୍ପତ୍ତି ଲାଭ କରିଥିବା ସାଳନ୍ଦୀ ଭଦ୍ରକ ସହର ଦେଇ ପ୍ରବାହିତ ହୋଇ ଚାନ୍ଦବାଲି ବ୍ଲକ୍ ?ର ଆରଡ଼ି ନିକଟ ତିନିତର ଘାଟଠାରେ ବୈତରଣୀ ସହ ମିଶିଛି । ତେବେ, ଗତ ଦୁଇ ଦଶନ୍ଧି ହେବ ସାଳନ୍ଦୀ ନଦୀବନ୍ଧ ଓ ପଠାର ବିଭିନ୍ନ ସ୍ଥାନରେ ଜବରଦଖଲ ବଢ଼ିବାରେ ଲାଗିଛି । ବିଶେଷକରି ବନ୍ତ ବ୍ଲକ୍‌ର ବିଟିପୁର, ମହାନ୍ତିପଡ଼ା, ଗୋପୀନାଥପୁର, ଚାରିଗାଁ ଓ ଅଣିଜ, ଭଦ୍ରକ ବ୍ଲକ୍‌ର କାଉପୁର, ବଉଦପୁର, ଗବସାହି, ଜଗନ୍ନାଥପୁର, ସାହାପୁର, ଅସ୍ଥଳ, କୁଆଁସ, ସନ୍ଥିଆ, ଧନାଟୋଲା, ଭଦ୍ରକାଳୀ ସାହି, ଆହାରପଦା, ଉତ୍ତରବାହିନୀ, ଗୁଜିଦରଡ଼ା, ଅର୍ଣ୍ଣପାଳ ଓ ରାଜୁଆଳିବିନ୍ଧା, ତିହିଡ଼ି ବ୍ଲକ୍‌ର ବିଲଣା ଓ ତଳଗୋପବିନ୍ଧା ସହ ଚାନ୍ଦବାଲି ବ୍ଲକ୍‌ର ଆରଡ଼ି ଓ ଭୂଇଁବୃତିରେ ନଦୀପଠା ଜବରଦଖଲରେ ରହିଛି । ଜବରଦଖଲ ବଢୁଥିବାରୁ ନଦୀପଠା କ୍ରମଶଃ ସଙ୍କୁଚିତ ହେଉଛି । ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ପ୍ରତିବର୍ଷ ବନ୍ୟା ଆସି ବାସ ଓ ଚାଷ କ୍ଷତିଗ୍ରସ୍ତ ହେବାରେ ଲାଗିଛି । ଉଲ୍ଲେଖ ଥାଉ କି, ପୂର୍ବତନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଅର୍ଜ୍ଜୁନ ଚରଣ ସେଠୀଙ୍କ ସମୟରେ ସାଳନ୍ଦୀ ସଂସ୍କାର ପାଇଁ ପ୍ରାୟ ୧୦୦ କୋଟି ଟଙ୍କାରେ ନଦୀବନ୍ଧ ସୁଦୃଢ଼ୀକରଣ ଓ ସୌନ୍ଦର୍ଯ୍ୟୀକରଣ କାମ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ମଧ ଦେଢ଼ଶହ କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯାଇଥିଲା । ସେହିପରି ଦେଢ଼ ବର୍ଷ ତଳେ ଜଳସମ୍ପଦ ବିଭାଗର ବିଧାନସଭା କମିଟି ବୈଠକରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ନଦୀବନ୍ଧରୁ ଜବରଦଖଲ ହଟାଇବା ଓ ପୋତିଯାଇଥିବା ଅଂଶର ପୁନରୁଦ୍ଧାର ପାଇଁ ପ୍ରସ୍ତାବ ରଖିଥିଲେ । ହେଲେ ଏଯାଏଁ ଏହାର ବାସ୍ତବ ରୂପାୟନ ହୋଇନାହିଁ । ସେହିପରି ବର୍ତ୍ତମାନ ୨୬ କୋଟିର ନଦୀବନ୍ଧ ସୌନ୍ଦର୍ଯ୍ୟୀକରଣ କାମ ଚାଲିଥିଲେ ମଧ ମଞ୍ଜୁର ଟଙ୍କା ପର୍ଯ୍ୟାପ୍ତ ନୁହେଁ ବୋଲି ଅଭିଯୋଗ ଆସିଛି । ସାଳନ୍ଦୀ ବଞ୍ଚାଅ ସମିତିର କର୍ମକର୍ତ୍ତାମାନେ କହିଛନ୍ତି, ସଳନ୍ଦୀର ପ୍ରକୃତ ପୁନରୁଦ୍ଧାର ପାଇଁ ଜବରଦଖଲ ଉଚ୍ଛେଦ, ପୋତି ଯାଇଥିବା ଅଂଶର ଖନନ ଓ ନଦୀବନ୍ଧର ସୁଦୃଢ଼ୀକରଣ ନିହାତି ଆବଶ୍ୟକ । ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ ।

# ଖାଦ୍ୟ ସୁରକ୍ଷା ବିଭାଗ ଓ ପୌରପାଳିକାର ମିଳିତ ଚଢ଼ଉ



**ଜୟପୁର(ଅମୃତ ମିଡିଆ):** ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ ଜୟପୁର ସହରର ବିଭିନ୍ନ ହୋଟେଲ, ମିଠା ଓ ବେକେରୀ ଦୋକାନଗୁଡ଼ିକରେ ଖାଦ୍ୟ ସୁରକ୍ଷା ବିଭାଗ ଏବଂ ଜୟପୁର ପୌରପାଳିକା ତରଫରୁ ମିଳିତ ଭାବେ ବୁଧବାର ଜୋରଦାର ଯାଞ୍ଚ କରାଯାଇଥିଲା । ସହରର ମୁଖ୍ୟ ରାସ୍ତାରେ ଥିବା ଓମ୍‌ଫେଡ୍ ଷ୍ଟଲରେ ଥିବା ଓମ୍‌ଫେଡ୍ ପନିରରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପରେ ସହରରେ ଥିବା ବିଭିନ୍ନ ହୋଟେଲ ଓ ମିଠା ଦୋକାନରେ ପୃଥକ ପୃଥକ ଭାବେ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ କେତେକ ହୋଟେଲ୍ ଓ ମିଠା ଦୋକାନର ରୋଷେଇ ଗୃହ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଓ ଅପରିଷ୍କାର ପରିବେଶ ସହ ଖାଦ୍ୟ ଲାଇସେନ୍ସ ନବୀକରଣ ହୋଇନଥିବା ଦେଖିବାକୁ ମିଳିଥିଲା । ଏଥିପାଇଁ ଖାଦ୍ୟ ସୁରକ୍ଷା ବିଭାଗ ଓ ପୌରପାଳିକା ପକ୍ଷରୁ ୧୦୦୦ ଟଙ୍କାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଇଥିଲା । ମିଠା ତିଆରିରେ ବ୍ୟବହୃତ ହେଉଥିବା ଖୁଆ, ଛେନା, ପନିର ଏବଂ ବିଭିନ୍ନ ମିଠାର ସାମ୍ପୁଲ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯାଇଛି । ପ୍ରାଥମିକ ଯାଞ୍ଚ ପ୍ରକ୍ରିୟାରେ ପନିରରେ କୌଣସି କେମିକାଲ୍ ମିଶ୍ରଣ ମିଳିନଥିବା ବେଳେ ପରୀକ୍ଷା ରିପୋର୍ଟ ଆସିବା ପରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଖାଦ୍ୟସୁରକ୍ଷା ଅଧିକାରୀ ପଙ୍କଜିନୀ ଦେହୁରୀ ସୂଚନା ଦେଇଛନ୍ତି । ଏହି ମିଳିତ ଚଢ଼ଉରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସମେତ ଜୟପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ନିର୍ଦ୍ଦେଶ କ୍ରମେ ଭୁବନୀ ହାଲ୍‌ବା, ସତ୍ୟନାରାୟଣ ପାତ୍ର ଓ ଜଗଦୀଶ ରାଓ ପ୍ରମୁଖ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟା ପରିଚାଳନା କରିଥିଲେ ।

# ତେଜରାତି ଦୋକାନରୁ ଚୋରାମଦ ଜବତ, ୨ ଯୁବକ ଗିରଫ



**ରାହାମା(ଅମୃତ ମିଡିଆ):** ଜଗତସିଂହପୁରଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଅଗପାଳ ପଞ୍ଚାୟତ ଓ ଆଦର୍ଶ ବିଦ୍ୟାଳୟ ଅଗପାଳ ନିକଟଲାଗି ଏକ ତେଜରାତି ଦୋକାନରୁ ମଦ ଜବତ ହୋଇଛି । ସକାଳ ୧୧ଟା ସମୟରେ ତିର୍ତୋଲ ଥାନା ଅଧିକାରୀ ବଂଶୀଧର ପ୍ରଧାନ, କୁଜଙ୍ଗ ଥାନାର ଅତିରିକ୍ତ ଦାୟିତ୍ୱ ତୁଲାଉ ଥିବାରୁ ଏକ ବିଶେଷ ସୂତ୍ରରୁ ଖବର ପାଇ ବଂଶୀଧର ପ୍ରଧାନ ଓ ପୁଲିସ ଟିମଙ୍କ ସହିତ କୁଜଙ୍ଗ ଅତିରିକ୍ତ ତହସିଲଦାର ବ୍ୟୋମକେଶ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲେ । ସେଠାରୁ ମଦ କାର୍ଯ୍ୟରେ ବ୍ୟବହୃତ ଦୁଇଟି ବାଇକ ହିରୋ ଗ୍ଲାମର ନମ୍ବର ଇଚ୦୫ଡଉ୪୭୫୮ ଅନ୍ୟଟି ହିରୋ ଡନ ଙଡ ୦୬ଏ୧୩୯୫ ଏବଂ ନଗଦ ୨୨୬୦ ଟଙ୍କା ଅର୍ଥରାଶି ଜବତ କରିଛନ୍ତି । ଏଥିସହିତ ପୁଲିସ୍ ୨ଜଣ ଯୁବକ ଜ୍ୟୋତିରଞ୍ଜନ ନାଥ ଓ ଅଭୟ କୁମାର ମହାପାତ୍ରଙ୍କୁ ଗିରଫ କରିବା ସହିତ ଦୋକାନଟିକୁ ସିଲ୍ କରିଥିବା ଜଣାଯାଇଛି ।

# ଲମତାପୁଟରେ ଭାଲୁ ଆତଙ୍କ

**ଲମତାପୁଟ(ଅମୃତ ମିଡିଆ):** କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକର ଗୁନେଇପଡା ସେବାଶ୍ରମ ସ୍କୁଲ ବାରଣ୍ଡାରେ ଭାଲୁ ରହିଥିଲା । ସକାଳୁ ସକାଳୁ ଭାଲୁକୁ ଦେଖି ଛାତ୍ରଛାତ୍ରୀ ଏପରିକି ଶିକ୍ଷକମାନେ ବି ସ୍କୁଲ କୁ ଯାଇନଥିଲେ । ସ୍କୁଲ ପିଲାମାନେ ଭୟରେ ସ୍କୁଲକୁ ଯାଇପାରିନଥିଲେ । ଗ୍ରାମବାସୀଙ୍କ ସହାୟତାରେ ଭାଲୁକୁ ସେଠାରୁ ଘଉଡ଼ାଇବା ପରେ ସମସ୍ତେ ସ୍କୁଲକୁ ଯାଇଥିଲେ । ସ୍କୁଲ ପରିସରରେ ଭାଲୁ ଶୋଇଥିବା ଦୃଶ୍ୟ ଦେଖି ଆତଙ୍କିତ ହୋଇପଡ଼ିଥିଲେ ସମସ୍ତେ । ବିଶେଷକରି ହଷ୍ଟେଲରେ ଛାତ୍ରଛାତ୍ରୀ ରହୁଥିବାରୁ ସେମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକଙ୍କ ଚିନ୍ତା ବଢ଼ିଛି । ସ୍ଥାନୀୟ ଅଞ୍ଚଳଟି ଜଙ୍ଗଲ ନିକଟରେ ହୋଇଥିବାରୁ ଖାଦ୍ୟ ସନ୍ଧାନରେ ଭାଲୁଟି ସ୍କୁଲ ପରିସରକୁ ପଶି ଆସିଥିବା ଅନୁମାନ କରାଯାଉଛି । ତେବେ ଭାଲୁଟି କେଉଁଠାରୁ ଆସିଲା ଏବଂ ବର୍ତ୍ତମାନ କେଉଁଠି ରହିଛି, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ ।

# ଆଦିବାସୀ ଗବେଷଣା ଓ ଉନ୍ନୟନ କେନ୍ଦ୍ରରେ ଓୟୁଏଟି ଅସ୍ଥାୟୀ କ୍ୟାମ୍ପ

**ରାଇରଙ୍ଗପୁର(ଅମୃତ ମିଡିଆ):** ରାଇରଙ୍ଗପୁରରେ ଓୟୁଏଟି ଖୋଲାଯିବା ନେଇ ଗତ ଜୁଲାଇ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁର ଗସ୍ତରେ ଆସିଥିବା ସମୟରେ ଶିଳାନ୍ୟାସ କରିଥିଲେ । ତେବେ ବର୍ତ୍ତମାନ ଓୟୁଏଟି କ୍ୟାମ୍ପସ ନିର୍ମାଣ କରାଯାଇନଥିବାରୁ ଅସ୍ଥାୟୀ କ୍ୟାମ୍ପ ପ୍ରତିଷ୍ଠା କରାଯିବ । ଉକ୍ତ ଅସ୍ଥାୟୀ କ୍ୟାମ୍ପରେ ଆସନ୍ତା ସେପ୍ଟେମ୍ବର ୨୦୨୬ରୁ ଶିକ୍ଷାଦାନ ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ଚିଠି କରାଯାଇଛି । ସୂଚନା ଅନୁଯାୟୀ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ଏକ ନୂତନ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ – ଯାହା ମୂଳତଃ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ଅତିରିକ୍ତ ସଚିବଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ତାହାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ସରକାରଙ୍କ ଅନୁମୋଦନ ମିଳିସାରିଛି । ଉକ୍ତ ଅନୁଷ୍ଠାନ ପାଇଁ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ପ୍ରକ୍ରିୟାଧୀନ ରହିଛି । ଏହି ପରିପ୍ରେକ୍ଷୀରେ, ଉପଯୁକ୍ତ ଜମି ଚିହ୍ନଟ, ନିର୍ଦ୍ଦିଷ୍ଟ ବୈଷୟିକ ଦଳ ଦ୍ୱାରା ସ୍ଥାନ ପରିଦର୍ଶନ ଏବଂ ଭିତ୍ତିଭୂମି ବିକାଶ ପାଇଁ ବଜେଟ୍ ବ୍ୟବସ୍ଥା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।ସରକାର ୨୦୨୬-୨୭ ଶିକ୍ଷାବର୍ଷରୁ ଅସ୍ଥାୟୀ ବ୍ୟବସ୍ଥା ମାଧ୍ୟମରେ ପ୍ରସ୍ତାବିତ ମହାବିଦ୍ୟାଳୟ ପାଇଁ ବି. ଏସ ସି (କୃଷି)ର ପ୍ରଥମ ବ୍ୟାଚ୍‌ର ଶିକ୍ଷାଦାନ ଆରମ୍ଭ କରିବାକୁ ଯୋଜନା କରିଛନ୍ତି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ନାମଲେଖା ପ୍ରକ୍ରିୟା ପୂର୍ବରୁ ଆରମ୍ଭ ହୋଇସାରିଛି ଏବଂ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ସେପ୍ଟେମ୍ବର ୨୦୨୬ ମାସରୁ ଆରମ୍ଭ ହେବ ବୋଲି ଦର୍ଶାଯାଇଛି । ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଓୟୁଏଟିର ବୈଷୟିକ ଦଳ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅଣ୍ଡର ସେକ୍ରେଟାରୀ ପକ୍ଷରୁ ତିନୋଟି ସ୍ଥାନ ପରିଦର୍ଶନ କରିଥିଲେ । ଉକ୍ତ ଟିମ୍‌ର ସର୍ବସମ୍ମତି କ୍ରମେ ମୟୂରଭଞ୍ଜ କୃଷି ମହାବିଦ୍ୟାଳୟକୁ ତୁରନ୍ତ ଚଳାଇବା ପାଇଁ



ରାୟରଙ୍ଗପୁରସ୍ଥ ଆଦିବାସୀ ଗବେଷଣା ଓ ଉନ୍ନୟନ କେନ୍ଦ୍ର ପରିସରକୁ ସବୁଠାରୁ ଉପଯୁକ୍ତ ଏବଂ ସୁରକ୍ଷିତ ସ୍ଥାନ ଭାବରେ ସୁପାରିଶ କରିଛି, କାରଣ ଏଠାରେ ସମସ୍ତ ଆବଶ୍ୟକୀୟ ସୁବିଧା ଗୋଟିଏ ପରିସର ମଧ୍ୟରେ ଉପଲବ୍ଧ ଅଛି । ଏହି ପରିସରରେ ଥିବା ଭିତ୍ତିଭୂମିକୁ ଛାତ୍ର ଓ ଛାତ୍ରୀଙ୍କ ପାଇଁ ଛାତ୍ରାବାସ, ଶ୍ରେଣୀଗୃହ ପାଇଁ ଦୁଇଟି ହଲ୍, ଅଧ୍ୟାପକଙ୍କ କକ୍ଷ, କାର୍ଯ୍ୟାଳୟ ଏବଂ ପରୀକ୍ଷାଗାର ଇତ୍ୟାଦି କାର୍ଯ୍ୟରେ ବ୍ୟବହାର କରାଯାଇପାରିବ । ମୁଖ୍ୟାଳୟରୁ ଆସୁଥିବା ପ୍ରଫେସରମାନଙ୍କ ରହଣି ପାଇଁ ଗୋଟିଏ କର୍ମଚାରୀ ଆବାସ (ଷ୍ଟାଫ୍ କ୍ୱାର୍ଟ) କୁ ମହାବିଦ୍ୟାଳୟର ଅତିଥି ଭବନ (ଗେଷ୍ଟ ହାଉସ୍) ଭାବରେ ବ୍ୟବହାର କରାଯାଇପାରିବ । କମିଟି ଗବେଷଣା କେନ୍ଦ୍ର ନିକଟରେ ଥିବା କ୍ରୀଡ଼ା କମ୍ପ୍ଲେକ୍ସକୁ ମଧ ଚିହ୍ନଟ କରାଯାଇଛି । ଯାହାକୁ ଶାରୀରିକ ଶିକ୍ଷା କ୍ଲାସ୍ ଏବଂ ମହାବିଦ୍ୟାଳୟର ଇନଡୋ/ଆଉଟଡୋର୍ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ ପାଇଁ ବ୍ୟବହାର କରାଯାଇପାରିବ ।ତେଣୁ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଆଦିବାସୀ ଗବେଷଣା ଓ ଉନ୍ନୟନ କେନ୍ଦ୍ରକୁ ଚିହ୍ନଟ କରି ଉପଲବ୍ଧ କରାଇବାକୁ ଅନୁରୋଧ କରାଯାଇଛି । ଯାହାଦ୍ୱାରା ଶ୍ରେଣୀ ପରିଚାଳନା ପାଇଁ ପ୍ରସ୍ତୁତି ସୁନିଶ୍ଚିତ କରିବା ନିମନ୍ତେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ହଲ୍/କକ୍ଷଗୁଡ଼ିକରେ ଆବଶ୍ୟକୀୟ ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଲଗାଯାଇପାରିବ । ସେନେଇ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ (କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ)ଙ୍କ ଅବଗତି ନିମନ୍ତେ ଯଥାକ୍ରମେ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ତାହାର ନକଲ ପଠାଯାଇଛି ।

## ପୁରୀ ପୌରସଦନ ଠାରେ ପଞ୍ଚମକିସ୍ତି ସୁଭଦ୍ରା ଟଙ୍କା ବଣ୍ଟନ କରାଯାଉଛି
















## ଶ୍ରୀମନ୍ଦିର ସମ୍ମୁଖରେ ଥିବା ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଭଙ୍ଗା ଯାଉଛି











# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.130, Saturday, 29 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୦, ଶନିବାର, ୨୯ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



